# ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ
# ପାୟୋନିଅର୍ ଏଭାଞ୍ଜେଲିସମ୍

ନୂତନ ନିୟମ ପ୍ରଣାଳୀ ବ୍ୟବହାର କରୁଥିବା
ଆତ୍ମନିର୍ଭରଶୀଳ, ବୃଦ୍ଧି ଲାଭ କରୁଥିବା ଓ ନୂତନ ମଣ୍ଡଳୀ
ରୋପଣକାରୀ ମଣ୍ଡଳୀ ସମୂହ


ଥୋମାସ୍ ୱେଡ୍ ଏବଂ ବାର୍‌ବାରା ଆକିନ୍‌ସ୍

Copy right : Junta de Missoes Nacionaais
Convencao Batista Brasileira
Rua Gonzaga Gastos, 300
Rio de janeiro, R.J. 20-541-000. Brazil
All rights reserved.
Paritial or entire copying of this book is permitted as long
as its content is not modified.

**ପର୍ତ୍ତୁଗୀଜରେ ପୂର୍ବ ପ୍ରକାଶନ :**

୧୯୯୧ ୧.୨୦୦ ନକଲ
୧୯୯୨ ୨.୮୦୦ ନକଲ
୧୯୯୩ ୨.୦୦୦ ନକଲ
୧୯୯୪ ୧୦.୦୦୦ ନକଲ
୧୯୯୫ ୧୦.୦୦୦ ନକଲ
୧୯୯୭ ୧୦.୦୦୦ ନକଲ
୧୯୯୯ ୧୦.୦୦୦ ନକଲ
୨୦୦୬ ୧୫.୦୦୦ ନକଲ
ମୋଟ୍ : ୬୧.୦୦୦ ନକଲ

ସର୍ବପ୍ରଥମେ ପର୍ତ୍ତୁଗୀଜ୍ ଭାଷାରେ ଏହି ପ୍ରସଙ୍ଗରେ ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ

# ଉପସ୍ଥାପନା

*"କାରଣ ସମୟ ଆସିବ, ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତିମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷାନୁସାରେ ଆପଣାମାନଙ୍କ ନିମନ୍ତେ ବହୁସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ । ପୁଣି ସତ୍ୟବାକ୍ୟରେ କର୍ଣ୍ଣ ନ ଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ । କିନ୍ତୁ ତୁମ୍ଭେ ସମସ୍ତ ବିଷୟରେ ସଚେତନ ହୁଅ, କ୍ଲେଶ ସହ୍ୟ କର, ସୁସମାଚାର ପ୍ରଚାର କର, କାର୍ଯ୍ୟ ସାଧନ କର, ତୁମ ସେବାର କାର୍ଯ୍ୟ ସମ୍ପନ୍ନ କର'' (୨ ତୀମଥି ୪:୩-୫) ।*

ଜଗତ ଆଜି ବିଗତ ଦୁଇ ହଜାର ବର୍ଷ ଯେପରି ହୋଇଆସିଛି, ଠିକ୍ ସେହିପରି ଅଭିନବତ୍ୱ ଦ୍ୱାରା ପୂର୍ବାଧିକୃତ ଅଟେ । ସୁସମାଚାର ପ୍ରଚାର ବିଷୟରେ ଏକ ପୁସ୍ତକ ଲେଖିବା – ଯୀଶୁଖ୍ରୀଷ୍ଟଙ୍କ ସମ୍ମୁଖରେ ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱର ବାସ୍ତବତା, ନିଜେ ଏକାକୀ ଏହା କରିବା ଏକ କଷ୍ଟକର କାର୍ଯ୍ୟ । "ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ" ପ୍ରସଙ୍ଗ ଉପରେ ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ, ଏପରିକି ଅଧିକ କଷ୍ଟକର ହୋଇଯାଏ । ଏଥିରେ କିଛି ଦର୍ଶନୀୟ ସମ୍ବଳମାନ ଅନ୍ତର୍ଗତ ନୁହେଁ, କୌଣସି ବିସ୍ମୟକର ମତବାଦମାନ କିଅବା ଗବେଷଣାତ୍ମକ ପ୍ରବନ୍ଧ ବା ସନ୍ଦର୍ଭ କେବେହେଲେ ପୂର୍ବେ ଶୁଣାଯାଇନାହିଁ । ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀର ଉଦ୍ଦେଶ୍ୟ ହେଉଛି, ଯୀଶୁଖ୍ରୀଷ୍ଟଙ୍କୁ ଜୀବନରେ ପ୍ରଥମ ଅଗ୍ରାଧିକାରୀଭାବେ ଜାଣିବାକୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଣିବା ।

**ଡକ୍ଟର ଆକ୍‌ନିସ୍ ଏହି ମିଶନ (କାର୍ଯ୍ୟ)ର ଅନୁଧାବନରେ ଉତ୍ତମ ଫଳାଫଳ ହାସଲ କରିଅଛନ୍ତି । ସେ ତାଙ୍କର ଅନନ୍ୟ ଶୈଳୀ ମାଧ୍ୟମରେ ଓ ତାଙ୍କର ପ୍ରତ୍ୟକ୍ଷବାଦୀର ଅଧିକାର ଥିବାରୁ ସେ ଏହା ସମ୍ପନ୍ନ କରିଛନ୍ତି ।**

ବାଇବଲ ଅନୁଯାୟୀ ସମାନ ପ୍ରଗାଢ଼ତା ସହିତ ଆଦେଶ ଆମ୍ଭମାନଙ୍କ ପାଖକୁ ଆସେ, ଯେପରି ତୀମଥିଙ୍କ ଦ୍ୱାରା ଏହା ଶୁଣାଗଲା, "ସୁସମାଚାର ପ୍ରଚାର କର କାର୍ଯ୍ୟ କର" ।

ଏହା ସରଳ ଓ ସିଧାସଳଖ ଅଟେ, ସୁସମାଚାର ନିଜେ ଯେପରି ।

**ପ୍ରଫେସର ଇଭୋ ଅଗଷ୍ଟୋ ସେଇଟ୍‌ଜ୍, ସାଧାରଣ ସମ୍ପାଦକ**
**ବ୍ରାଜିଲୀୟ ବାପ୍‌ଟିଷ୍ଟ ଜାତୀୟ ମିଶନ ବୋର୍ଡ଼**

# ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ

## ସୂଚୀପତ୍ର


ଉପସ୍ଥାପନା ........................................................ ୩
ସ୍ୱୀକୃତି ............................................................ ୭
ସଂଜ୍ଞାମାନ ........................................................ ୮
ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ ପୁସ୍ତକକୁ କିପରି ବ୍ୟବହାର କରିବ .. ୯

ନିୟମାବଳୀ : ସୁସମାଚାର ପ୍ରଚାରର ବାଇବଲ ଅନୁଯାୟୀ ନିୟମମାନ,
ଶିଷ୍ୟତ୍ୱ ଓ ମଣ୍ଡଳୀରୋପଣ .......................................... ୧୦

ବ୍ୟବହାରିକ ବିଷୟମାନ : ତୁମର ଦଳକୁ କିପରି ତାଲିମ ଦେବ ....... ୩୮

ଯୋଜନା : ସଂଖ୍ୟାବୃଦ୍ଧିର କୌଶଳ .................................. ୬୨

**ପରିଶିଷ୍ଟ** ...................................................... ୭୬

ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ ଓ କିପରି ଏକ
ଗୃହ ବାଇବଲ ଅଧ୍ୟୟନ ଚଳାଇବ ବାଇବଲ ଅଧ୍ୟୟନ
ଉପକରଣ ବ୍ୟତୀତ .......................................... ୮୮

# ସ୍ମୃତିଚାରଣ

**ଶେରୀ ଡିକିନ୍‌ସ୍ ଆକିନ୍‌ସ୍** ମୁଖ୍ୟ ବ୍ୟକ୍ତି ଥିଲେ, ଯେ କି ଥୋମାସ୍ ୱେ୍ୱଡ୍ ଆକିନ୍‌ସ୍‌ଙ୍କୁ ଉତ୍ସାହିତ କରିବାକୁ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲେ । ବ୍ରାଜିଲ୍‌ରେ ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ କାର୍ଯ୍ୟକ୍ରମ ଉଭୟଙ୍କ ଦ୍ୱାରା ଆରମ୍ଭ ହେଲା ଓ ବୃଦ୍ଧି ଲାଭ କଲା । କାର୍ଯ୍ୟକ୍ରମ ଲେଖିବା, ବୃଦ୍ଧି କରିବା ଓ ଚାଳକ ହେବା ଅନେକ ଘଣ୍ଟା ଆବଶ୍ୟକ କରିବ । ପରିବାରଠାରୁ ଦୂରରେ ଓ ଏକାକୀ ରହିବାକୁ ପ୍ରୟୋଜନ ହେବ ଉପଲବ୍ଧ କରି ଥୋମାସ୍ ୱେ୍ୱଡ୍ ଗୁରୁତରଭାବେ ଚିନ୍ତା କଲେ, ସେ ଯୋଜନାନୁସାରେ ଯିବା ତାଙ୍କର ଉଚିତ କି ନୁହେଁ । ସେ ତାଙ୍କ ସନ୍ଦେହମାନ ଥରେ ସନ୍ଧ୍ୟା ସମୟରେ ତାଙ୍କ ସ୍ତ୍ରୀଙ୍କୁ କହୁଥିଲେ । ଶେରୀ ତାଙ୍କୁ କହିଲେ, "ଥୋମାସ୍ ୱେ୍ୱଡ୍, ତୁମକୁ ଏହା କରିବାକୁ ନିତାନ୍ତ ପଡ଼ିବ । ଏହି ସେବାକାର୍ଯ୍ୟ ପବିତ୍ରଆତ୍ମାଙ୍କର ଅଟେ । ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ କାର୍ଯ୍ୟକ୍ରମ ଧୀରେ ଧୀରେ ବୃଦ୍ଧି ବା ଉନ୍ନତି ଲାଭ କଲା ଓ ବିସ୍ତାରିତ ହେଲା କେବଳ ମିନାସ୍ ଗେରାଇସ୍ ପ୍ରଦେଶରେ ନୁହେଁ, ଯେଉଁ ବ୍ରାଜିଲ୍‌ରେ ସେମାନେ ବାସ କରୁଥିଲେ ଓ ସେ ସମୟରେ କାର୍ଯ୍ୟ କରୁଥିଲେ କେବଳ ସେଠାରେ ନୁହେଁ, ମାତ୍ର ବ୍ରାଜିଲ୍‌ର ସମୁଦାୟ ଦେଶସାରା ବ୍ୟାପୃତ ହେବାକୁ ୧୯୮୯ରେ ଆରମ୍ଭ କଲା । ସେ ତାଙ୍କ ଜୀବନକୁ ଏହି ସେବାକାର୍ଯ୍ୟ ପାଇଁ ଉତ୍ସର୍ଗ କରିଦେଲେ ।

ଶେରୀ, ସ୍କେଲେରୋଡେର୍‌ମା ନାମକ ଏକ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଲେ, ଯାହାକି ତାଙ୍କର ଫୁସ୍‌ଫୁସ୍, ଅନ୍ତନାଳୀ ଓ ପ୍ରଧାନ ଅଙ୍ଗପ୍ରତ୍ୟଙ୍ଗ (ଯନ୍ତ୍ରପାତି)ରେ ତନ୍ତୁମାନ ସୃଷ୍ଟି କଲା । ଏହା ୧୯୯୨ ସେପ୍ଟେମ୍ବର ମାସରେ ଆବିଷ୍କାର କରାଗଲା ।

ଯେତେବେଳେ ତାଙ୍କୁ ପଚରାଗଲା, ସେ ସବୁଦିନ ପାଇଁ ବ୍ରାଜିଲ୍ ପରିତ୍ୟାଗ କରି ତାଙ୍କ ପରିବାର ସହିତ ରହିବାକୁ ଯୁକ୍ତରାଷ୍ଟ୍ର ଆମେରିକାକୁ ଫେରିବାକୁ ଚାହିଁବେ କି, ସେ ଉତ୍ତର ଦେଲେ, "ମୋର ଜୀବନ ଓ ମୋର ମରଣ ଉଭୟରେ ଯୀଶୁଖ୍ରୀଷ୍ଟଙ୍କୁ ଗୌରବ ଦେବା ମୋ' ଜୀବନର ଉଦ୍ଦେଶ୍ୟ ଅଟେ । ଈଶ୍ୱର ବ୍ରାଜିଲ୍‌କୁ ଆହ୍ୱାନ କରିଅଛନ୍ତି ଏବଂ ମୁଁ ଏଠାରେ ରହିବାକୁ ଚାହେଁ ।"

୧୯୯୩ ଡିସେମ୍ବର ୪ରେ ହଠାତ୍ ଶେରୀ, ସଞ୍ଜ୍ଞାହୀନ ହୋଇପଡ଼ିଲେ ଓ ସେମାନଙ୍କ ଗୃହରେ ବ୍ରାଜିଲ୍‌ର ମିନାସ୍ ଗେରାଇସ୍‌ର ବେଲୋ ହୋରିଯୋଣ୍ଟେରେ ସେ ମୃତ୍ୟୁଭୋଗ କଲେ । **ଶେରୀ ପ୍ରକୃତରେ ଈଶ୍ୱରଙ୍କ ଇଚ୍ଛା ମଧ୍ୟରେ ଉଭୟ ବଞ୍ଚିଥିଲେ ଓ ମୃତ୍ୟୁଭୋଗ କରିଥିବାର ଏକ ବ୍ୟକ୍ତି ଥିଲେ ।**

এবং তুমি ?

## ଉତ୍ସର୍ଗୀକରଣ

*ମୁଁ ଏହି ହସ୍ତଲିପିର ଏହି ସଂକଳନଟି ମୋର ଚମତ୍କାର ଓ ପ୍ରେମୀ ସହଧର୍ମିଣୀ* ***ବାର୍‌ବାରା ଆନ୍ ହାଓଥୋର୍ଣ୍ଣଙ୍କ*** *ନିମନ୍ତେ ଉତ୍ସର୍ଗ କରୁଅଛି । ଯେ କି ଥିଲେ ମୋ' ନିମନ୍ତେ ଈଶ୍ୱରଙ୍କର ଅନୁଗ୍ରହର ଏକ ଦାନ । ଏହି ସଂକଳନର ଲେଖା ବାର୍‌ବାରାଙ୍କ ପାଇଁ ମତବାଦ ନୁହେଁ, କାରଣ ସେ ଉଭୟ ଆତ୍ମାଲାଭ ଓ ମଣ୍ଡଳୀରୋପଣରେ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହୋଇ ଆସିଅଛନ୍ତି । ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ ମହାସଭାଗୁଡ଼ିକରେ ସମୁଦାୟ ବ୍ରାଜିଲ ଓ ଜଗତର ଅନ୍ୟାନ୍ୟ ଦେଶମାନଙ୍କରେ ଈଶ୍ୱର ଆମ୍ଭମାନଙ୍କୁ ଏକତ୍ର ସେବା କରିବାକୁ ଅନୁମତି ଦେଇଥିଲେ ଓ ଆଶୀର୍ବାଦ କରିଅଛନ୍ତି ।*

ଥୋମାସ୍ ୱେଡ୍ ଆକିନ୍‌ସ୍

# ସ୍ୱୀକୃତି ପ୍ରଦାନ

ଏହି ତାଲିମଦାନକାରୀ ହସ୍ତଲିପି, ମୋର ମିଶନସମୂହର ଅଧକ୍ଷମାନଙ୍କ ଜୀବନ ଓ ପ୍ରଭାବ ବ୍ୟତୀତ କେବେହେଲେ ପ୍ରସ୍ତୁତ ଓ ଉନ୍ନତ ହୋଇପାରି ନ ଥାଆନ୍ତା । **ଡକ୍ଟର କଲ୍ ଗାୟ** ଓ ତାଙ୍କର ଶିକ୍ଷା ମୋ ଜୀବନକୁ ଏପରିଭାବେ ନାଟକୀୟ ରୂପରେ ପ୍ରଭାବିତ କଲା ଯେ, ତାଙ୍କ ପଦତଳେ ତିନିବର୍ଷ ଦକ୍ଷିଣ ପାଶ୍ଚାତ୍ୟ ସେମିନାରୀରେ ଅଧ୍ୟୟନ କରିବା ପରେ ମୁଁ ଦେଶର ପ୍ରଧାନ ସ୍ଥାନରେ ଏକ ଉଚ୍ଚତର ସଫଳପ୍ରଦ ସେବାକାର୍ଯ୍ୟକୁ ଛାଡ଼ି ବ୍ରାଜିଲ୍‌ର ମିଶନ କ୍ଷେତ୍ରକୁ ଗଲି । ତାଙ୍କର ଅବିରତ ଓ ବାରମ୍ବାର ଆସୁଥିବା ପତ୍ରମାନ ଓ ପ୍ରାର୍ଥନାମାନ ମୋ'ପ୍ରତି ମୁଖ୍ୟ ଆଶୀର୍ବାଦ ହୋଇ ଆସିଅଛି ଏବଂ କଷ୍ଟକର ଓ କଠିନ ସମୟମାନଙ୍କରେ ଈଶ୍ୱରଙ୍କଠାରୁ ଆଗତ ଉତ୍ସାହବାଣୀଭାବେ ବ୍ୟବହୃତ ହୋଇ ଆସିଛି । ଏହି ସଂକଳିତ ହସ୍ତଲିପିରେ ତାଙ୍କର ଭାବଧାରାମାନ ଓ ଚିନ୍ତାକଳ୍ପ ବାରମ୍ବାର ପ୍ରତିଫଳିତ ହୋଇଅଛି । ଆହୁରି ମଧ୍ୟ ଲୁଇସିଆନା କଲେଜ, ନିଉ ଓରଲିନସ୍ ସେମିନାରୀ ଓ ସାଉଥ୍ ୱେଷ୍ଟର୍ଣ୍ଣ ସେମିନାରୀର ଯେଉଁ ଅଧକ୍ଷମାନେ ମୋତେ ଶିକ୍ଷାଦାନ କରିଥିଲେ, ମୁଁ ସେମାନଙ୍କ ନିକଟରେ ଗଭୀରଭାବେ କୃତଜ୍ଞ ଅଟେ । ତାଲିମ ଦ୍ୱାରା ଏହି ସମସ୍ତ ଅନୁଷ୍ଠାନଗୁଡ଼ିକରେ ମୁଁ ଶିଖିଲି କିପରି ଗବେଷଣା କରିବ ଓ ବ୍ୟବହାରିକ ପ୍ରୋଜେକ୍ଟଗୁଡ଼ିକ କିପରି ଲେଖିବ ।

ମୁଁ **ଡକ୍ଟର ଡେନିସ୍ ବ୍ଲାକ୍‌ମୋନ**ଙ୍କ ନିକଟରେ ବହୁତ କୃତଜ୍ଞ, ଏହି ପୁସ୍ତକରେ ମିଳୁଥିବା ଅନେକ ଭାବଧାରାର ଉନ୍ନତିକରଣରେ ସେ ମୋତେ ସାହାଯ୍ୟ କରିଥିବା ହେତୁ ଏବଂ ମଣ୍ଡଳୀରୋପଣ ଉପରେ ତାଙ୍କର ଟିପ୍ପଣୀମାନ ମୋତେ ପ୍ରଦାନ କରିଥିବା ହେତୁ । ସେ ଥିଲେ ଡକ୍ଟର ବ୍ଲାକ୍‌ମୋନ ଯେ କି ମୋତେ ଅନେକଥର ଡକାଇଥିଲେ ଓ ଲେଖିବା ପାଇଁ ଓ ଏହି ପ୍ରୋଜେକ୍ଟକୁ ଆରମ୍ଭରୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉଭୟରେ ଉତ୍ସାହିତ କରିଥିଲେ । ତାଙ୍କର ପରାମର୍ଶ ଓ ପ୍ରସ୍ତାବମାନ ଚୂଡ଼ାନ୍ତ ସାହାଯ୍ୟ ପ୍ରଦାୟକ ଏବଂ ମୂଲ୍ୟବାନ ପ୍ରମାଣିତ । ଏଥିରେ ଯୋଗ କରି ଡକ୍ଟର ବ୍ଲାକ୍‌ମୋନଙ୍କ ଟିପ୍ପଣୀରୁ ଲେଖାମାନ ଏହି ପୁସ୍ତକରେ ବ୍ୟବହାର କରିବା ସହିତ ମେଲଭିନ୍ ହେଡଗେସ୍‌ଙ୍କ ଦ୍ୱାରା ଲିଖିତ ସ୍ୱଦେଶୀ ମଣ୍ଡଳୀ ଏବଂ ଚାର୍ଲସ୍ ବ୍ରୋକ୍‌ଙ୍କ ଓ ଅନ୍ୟମାନଙ୍କ ଦ୍ୱାରା ଲିଖିତ ସ୍ୱଦେଶୀ ମଣ୍ଡଳୀରୋପଣ ପୁସ୍ତକମାନଙ୍କରୁ ମୁଁ ଲେଖାମାନ ଏହି ପୁସ୍ତକରେ ବ୍ୟବହାର କରିଅଛି ।

ଡକ୍ଟର ଚାର୍ଲସ୍ ବ୍ରୋକ୍ ଫିଲିପାଇନ୍‌ସରେ ଜଣେ ପୂର୍ବତନ ମିଶନେରୀ ଅଟନ୍ତି । ତାଙ୍କର ସ୍ୱଦେଶୀ ମଣ୍ଡଳୀରୋପଣ ପୁସ୍ତକର ଭାଗଟି ଯାହା ବ୍ରଡ୍‌ମାନ ଛାପାକଳରେ ଛପାଗଲା । ମୋ' ଜୀବନରେ ଏହା ଜୀବନ ଉପରେ ଏକ ମୁଖ୍ୟ ପ୍ରଭାବ ପକାଇଲା ଏବଂ ଯାହାର ଭାବଧାରାମାନ ଏହି ପ୍ରୋଜେକ୍ଟ ପାଇଁ ମୂଳଭିତ୍ତି ଅଟେ । **ଡକ୍ଟର ୱେଲୋନ୍ ମୁର୍** "ଈଶ୍ୱରଙ୍କଠାରୁ ଉତ୍ତମ

ସମାଚାର” ବାଇବଲ ଅଧ୍ୟୟନ ଲେଖିଥିଲେ, ଯାହା ଯୋହନଙ୍କ ସୁସମାଚାର ଉପରେ ପର୍ଯ୍ୟବେସିତ, ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ ନିମନ୍ତେ ଲେଖା ହୋଇଥିଲା । ଡକ୍ଟର ମୁର୍ ମୋତେ ଶିଷ୍ୟରେ ପରିଣତ କରିବାକୁ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହୋଇ ଆସିଥିଲେ ଏବଂ ଯେଉଁମାନେ ତାଙ୍କର ଜୀବନ ଓ ଯୀଶୁଙ୍କ ସେବାକାର୍ଯ୍ୟ ପାଇଁ ତାଙ୍କୁ ଜାଣନ୍ତି, ସେମାନଙ୍କ ସମ୍ମୁଖରେ ସେ ଜଣେ ଆଦର୍ଶ ଅଟନ୍ତି ।

ମୁଁ ମୋର ଖ୍ରୀଷ୍ଟଙ୍କଠାରେ ଭ୍ରାତା **ମାରିଓ ଇକେଡା**ଙ୍କୁ ପରିଚିତ କରାଇବାକୁ ଚାହେଁ, ଯେ କି ବ୍ରାଜିଲ ଜାତୀୟ ମହାସଭାରେ ସୁସମାଚାର ପ୍ରଚାର ବିଭାଗର ପୂର୍ବତନ ପରିଚାଳକ ଅଟନ୍ତି । ସେ ଏହି ହସ୍ତଲିପି ଲେଖିବାରେ ଓ ଏହି କାର୍ଯ୍ୟକ୍ରମକୁ ଚାଳନା ଦେବାରେ ଅତ୍ୟଧିକ ଭାବରେ ମୋତେ ସାହାଯ୍ୟ କରିଥିଲେ । ମୁଁ ଯେତେବେଳେ ଏହି କାର୍ଯ୍ୟକ୍ରମକୁ ମିନାସ୍ ଗେରାଇସ୍‌ର ପ୍ରଦେଶରେ ଚଳାଉଥିଲି, ମାରିଓ ଏହା ପାରା ପ୍ରଦେଶରେ ଚଳାଉଥିଲେ । ମାରିଓଙ୍କ ବିନା ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ ସେବାକାର୍ଯ୍ୟ ବ୍ରାଜିଲ୍ ଦେଶୀୟ ସ୍ତରକୁ କେବେହେଲେ ନିଆଯାଇ ନ ଥାଆନ୍ତା ।

ମୁଁ ପାଳକ **ଆଲୋଇଯିଓ ପେନଡୋ ବେର୍ଥୋ**, ମିନାଇସ୍ ଗେରାଇସ ପ୍ରାଦେଶିକ ମହାସଭାର କାର୍ଯ୍ୟନିର୍ବାହୀ ସମ୍ପାଦକଙ୍କୁ ମଧ୍ୟ ଧନ୍ୟବାଦ ଦେବାକୁ ଇଚ୍ଛା କରେ । ପାଳକ ଆଲୋଇଯିଓ ବ୍ରାଜିଲ୍‌ର ସମୁଦାୟ ଦେଶରେ ତାଲିମ ନେବା କ୍ଲିନିକ୍‌ମାନଙ୍କରେ ମୋ’ ସହିତ ଶିକ୍ଷାଦାନ କରିଅଛନ୍ତି । ସେ ମୋତେ ଏହି ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ ସେବାକାର୍ଯ୍ୟ ମିନାସ୍ ଗେରାଇସ୍ ପ୍ରଦେଶରେ କରିବାକୁ ସଂପୂର୍ଣ୍ଣ ସପକ୍ଷତା ଦେଇଅଛନ୍ତି, ବିଶେଷତଃ ଆଦ୍ୟ ଅବସ୍ଥାରେ ଯେତେବେଳେ କେତେକ ଭାବଧାରା ଯାହା ଏଥିରେ ପ୍ରସ୍ତାବିତ ହୋଇଥିଲା, ତାହା କେତେକ ପାଳକ ଓ ନେତାମାନଙ୍କ ମଧ୍ୟରେ ଲୋକପ୍ରିୟ ହୋଇ ନ ଥିଲା ବାଇବଲ ସମ୍ବନ୍ଧୀୟ ନ ହୋଇଥିବା ପରମ୍ପରା ହେତୁ । ଉଦାହରଣ ସ୍ୱରୂପ, କେଉଁଠାରେ ବାଇବଲ କହେ ଯେ ତୁମେ ଏକ ମଣ୍ଡଳୀ ଗଠନ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ମଣ୍ଡଳୀର ଜଣେ ଅଭିଷିକ୍ତ ପାଳକ, ମଣ୍ଡଳୀ ସମ୍ପତ୍ତି ଓ ଏକ ଗୃହ ନ ହୋଇଛି ?

ଏକ କୃତଜ୍ଞତାର ବାକ୍ୟ, ଚାଳିଶଜଣ ପ୍ରଥମ ପ୍ରାରମ୍ଭକାରୀ ପ୍ରଚାରକମାନଙ୍କୁ ସମସ୍ତଙ୍କୁ ଦେବା ଆବଶ୍ୟକ । ଯେଉଁମାନେ ମୋ’ ସହିତ ପ୍ରୋଜେକ୍ଟର ପରୀକ୍ଷାମୂଳକ କାର୍ଯ୍ୟ କରାଯାଉଥିବା ଅବସ୍ଥାରେ ମିନାସ୍ ଗେରାଇସ୍ ପ୍ରଦେଶରେ କାର୍ଯ୍ୟ କରିଥିଲେ । ଏହା ଥିଲା ପ୍ରତ୍ୟେକଙ୍କ ପାଇଁ ବା ପକ୍ଷରେ ଦୁଇଟି ଲମ୍ବା କଠିନ ବର୍ଷର କଷ୍ଟକର କାର୍ଯ୍ୟ । କିନ୍ତୁ ତେଷଠିଟି ନୂତନ ମିଶନ କାର୍ଯ୍ୟ ଏହାର ଫଳାଫଳ ରୂପେ ଆରମ୍ଭ ହେଲା । ଏହି ପ୍ରଚାରକମାନେ ମାସିକ ଉତ୍ତମ ବିବରଣୀମାନ ଓ ପ୍ରୋଜେକ୍ଟର ପ୍ରତ୍ୟେକ ଅବସ୍ଥାର ମୂଲ୍ୟାୟନ କରି ରିପୋର୍ଟ ରଖୁଥିଲେ । ତେଣୁ କାର୍ଯ୍ୟକ୍ରମ ବିଷୟରେ ସଚେତନ ହୋଇପାରୁଥିଲେ ଏବଂ ଉନ୍ନତି କରିପାରୁଥିଲେ । ସେମାନଙ୍କ କାର୍ଯ୍ୟ ହେତୁ ଅନେକ ପରିବର୍ତ୍ତନ, ପ୍ରାରମ୍ଭିକ ପୁସ୍ତକ ଓ କାର୍ଯ୍ୟକ୍ରମ ମଧ୍ୟରୁ କରାଗଲା ।

ଏଥିସହିତ ମୁଁ **ଡକ୍ଟର ବିଲ୍ ରିଚାର୍ଡସନ୍**ଙ୍କ ବିଷୟ ସ୍ୱୀକାର କରେ । ସେ ଏହି ପ୍ରୋଜେକ୍ଟ ବ୍ରାଜିଲ୍‌ରେ ପ୍ରଥମ ପହଞ୍ଚିବା ସମୟରେ ବ୍ରାଜିଲର ଆଞ୍ଚଳିକ ଚାଳକ ଥିଲେ ଓ ପ୍ରୋଜେକ୍ଟକୁ ଅନୁମୋଦନ କଲେ ଏବଂ ମୋତେ ପ୍ରଥମ ଦୁଇବର୍ଷ ପର୍ଯ୍ୟନ୍ତ ପ୍ରଥମ ଦଳକୁ ଚଳାଇବାକୁ ସକ୍ଷମ କରିଥିଲେ । ମୋର ସ୍ୱଳ୍ପ ବାକ୍ୟମାନ **କର୍ଟିସ୍ ସର୍ଜେଣ୍ଟ**ଙ୍କ ପାଇଁ କୃତଜ୍ଞତାର ପ୍ରଶଂସା ପ୍ରକାଶ କରି ନ ପାରେ । ସେ ସିଙ୍ଗାପୁରରେ ମିଶନେରୀ ଥିଲେ । କର୍ଟିସ୍ ଓ ମୁଁ ବ୍ରାଜିଲର ସାଓ ପାଉଲୋରେ ଯୋଜନା ପରିଚାଳକମାନଙ୍କ ତାଲିମ ମହାସଭାରେ ବନ୍ଧୁରେ ପରିଣତ ହୋଇଗଲୁ । କର୍ଟିସ୍ ଏସିଆରେ ସେବାକାର୍ଯ୍ୟ କରନ୍ତି ଏବଂ ତାଙ୍କର ଅନୁମୋଦନ ଏବଂ ପ୍ରସ୍ତାବମାନ ମୂଲ୍ୟବାନ ହୋଇ ଆସିଛି । ମୁଁ ଜେ ଓ ଟେରୀଙ୍କୁ ଏବଂ ଜାକ୍‌ସନ୍ ଡେଙ୍କୁ ଧନ୍ୟବାଦ ମଧ୍ୟ ଦେବାକୁ ଚାହେଁ । ଯେଉଁମାନେ ଗଳ୍ପ ବନାଇବା ବିଭାଗମାନରେ ସେମାନଙ୍କ ଅବଦାନ ପ୍ରଦାନ କରିଅଛନ୍ତି ।

ପରିଶେଷରେ ମୁଁ କେତେକ ପ୍ରିୟ ଓ ବିଶେଷ ବନ୍ଧୁଗଣଙ୍କୁ ଧନ୍ୟବାଦ ଦେବାକୁ ଚାହେଁ, ଯେଉଁମାନେ ଅଗଣିତ ବାଟରେ ମୋର ସେବାକାର୍ଯ୍ୟରେ ମୋତେ ସାହାଯ୍ୟ କରିଅଛନ୍ତି ଏବଂ ମୋର ବ୍ୟକ୍ତିଗତ ଜୀବନରେ କେତେକ କଷ୍ଟକର ଓ କଠିନ ପରିସ୍ଥିତି ମଧ୍ୟଦେଇ ଯିବାବେଳେ ମୋ' ସହିତ ଠିଆ ହୋଇଛନ୍ତି । ସେମାନେ ହେଉଛନ୍ତି **ଡକ୍ଟର ରାୟ ପି ରସ୍ଟ** । ମୋର ଯୁବାକାଳର ପାଳକ, ଯେ ମୋତେ ପ୍ରଥମେ ଶିଷ୍ୟରେ ପରିଣତ କଲେ । ଆନ୍ତର୍ଜାତୀୟ **ପ୍ରଚାରକ ସାମୀ ଟିପ୍‌ଟିସ୍,** ସାନ ଆଣ୍ଟୋନିଓ ଟେକ୍ସାସ୍ । **ଡକ୍ଟର ଫିଟ୍ ଜେଟ୍,** ଟେନେସିର ଜାକ୍‌ସନ୍‌ରେ ଏଞ୍ଜେଲ୍‌ଉଡ୍ ବାପ୍‌ଟିଷ୍ଟ୍ ମଣ୍ଡଳୀର ପାଳକ, **ଶ୍ରୀ ଓ ଶ୍ରୀମତୀ ଗାରୀ ଏ ଟେଲର,** ଜାକ୍‌ସନ୍‌ରେ ଉନ୍ନତିକାରୀ । **ଶ୍ରୀ ଓ ଶ୍ରୀମତି ରୋନି ମାକେ,** ଦକ୍ଷିଣ କାରୋଲିନାର ହେଲ୍‌ଥ୍ ସ୍ପ୍ରିଙ୍ଗ୍‌ସ୍‌ର ଗୃହ ନିର୍ମାଣ ଠିକାଦାର **ଶ୍ରୀ ଗାୟ ଓ୍ୱଲ୍‌କୋଟ୍,** ପୋର୍ଟଲ୍ୟାଣ୍ଡ, ଓରେଗନର ବ୍ୟବସାୟୀ ଏବଂ **ଡେଭିଡ୍ ଉଇଲ୍‌ସନ୍,** ଆନ୍ତର୍ଜାତୀୟ ମୁକ୍ତ ଆକାଶ ଶିବିରବାସୀମାନଙ୍କ ସଭାପତି ଓ ଚାଳକ । ଏମାନେ ପ୍ରତ୍ୟେକଜଣ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହୋଇ ଆସିଛନ୍ତି ଏବଂ ବିଶେଷ ଉପାୟରେ ମୋର ବ୍ୟକ୍ତିଗତ ଓ ଜୀବନ ଓ ସେବାକାର୍ଯ୍ୟରେ ସାହାଯ୍ୟ କରିଅଛନ୍ତି ।

ମୋର ଗଭୀର ପ୍ରେମ ମୋର ଦୁଇ ପୁତ୍ର **ଟିମ୍ ଓ ଜାସନ୍** ପ୍ରତି ଯାଏ । ମୁଁ ମୋର ପୁତ୍ର ବାଜ୍ୱାଇଁ **ଜେଫ୍ ବ୍ରାଓନର**ଙ୍କୁ ଧନ୍ୟବାଦ ଦେବାକୁ ଇଚ୍ଛା କରେ, ଯେ ଏହି ହସ୍ତଲିପି ଉପରେ କାର୍ଯ୍ୟ କରିଛନ୍ତି ଏବଂ ସେ ଏହି ପୁସ୍ତକର ଯୋଜନା ବିଭାଗରେ ରେଖା ମଧ୍ୟସ୍ଥ ଗ୍ରାଫ୍ ଯୋଗାଇ ଦେଲେ । ଶେଷରେ ମୋର ଝିଅକୁ ମୁଁ ଧନ୍ୟବାଦ ଦେବାକୁ ଚାହେଁ । ତାହାର ନାମ **ଖ୍ରୀଷ୍ଟି,** ଯେ ଏହି ପୁସ୍ତକକୁ ପର୍ତ୍ତୁଗୀଜରୁ ଇଂରାଜୀରେ ଅନୁବାଦ କରିଅଛି ଏବଂ "ଯୀଶୁଙ୍କ ସୁସମାଚାର" ଲେଖିଛି ଏବଂ "ଖ୍ରୀଷ୍ଟଙ୍କଠାରେ ଏକ ନୂତନ ଜୀବନର ଆରମ୍ଭ" ଗଳ୍ପମାନ ଲେଖିଅଛି ।

**ଖ୍ରୀଷ୍ଟି, ଟିମ୍ ଓ ଜାସନ୍, ତୁମ୍ଭମାନଙ୍କୁ ମୁଁ ପ୍ରେମ କରେ ।**

ଥୋମାସ୍ ଓ୍ୱେଡ୍ ଅକିନ୍‌ସ୍

# ସଜ୍ଞାମାନ ବା ଅର୍ଥ ବ୍ୟାଖ୍ୟା

**ପାୟୋନିଅର୍ –** ଏହି ଶବ୍ଦ ଆମ୍ଭେମାନେ ବ୍ୟବହାର କରୁ ଜଣେ ବ୍ୟକ୍ତିକୁ ଲକ୍ଷ୍ୟ କରି କିଅବା ଯେଉଁ ଲୋକମାନେ ନୂତନ କାର୍ଯ୍ୟମାନ ଉନ୍ମୁକ୍ତ କରନ୍ତି ଓ ନୂତନ ମଣ୍ଡଳୀମାନ ରୋପଣ କରନ୍ତି ।

**ଏଭାଞ୍ଜେଲିସମ୍ –** ଏହି ଶବ୍ଦ ବୁଝାଏ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାରର ସୁସମ୍ବାଦକୁ ଘୋଷଣା କରିବା । ସୁସମାଚାରର ଅର୍ଥ ୧ କରିନ୍ଥୀ ୧୫:୩,୪ରେ ବ୍ୟାଖ୍ୟା କରାଯାଇଅଛି । ଏହା କହେ, "ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।" ଏହା ହେଉଛି ସୁସମାଚାରର ସୁସମ୍ବାଦ । ଏହି ସୁସମ୍ବାଦମାନ ଜଗତର ବିନାଶପ୍ରାପ୍ତ ବା ହଜିଯାଇଥିବା ଲୋକମାନଙ୍କ ନିକଟରେ ଘୋଷଣା କରିବା ହେଉଛି ଏଭାଞ୍ଜେଲିସମ୍ (ପ୍ରଚାର ମତବାଦ) ।

# "ସୁସମାଚାର ପ୍ରଚାରମତ ପ୍ରାରମ୍ଭକାରୀ" ପୁସ୍ତକ କିପରି ବ୍ୟବହାର କରିବ

ଏହି ପୁସ୍ତକ ତିନି ଭାଗରେ ବିଭକ୍ତ : ୧. ନିୟମାବଳୀ
୨. ବ୍ୟବହାର ବିଷୟ
୩. ଯୋଜନା

**<u>ନିୟମାବଳୀ</u> :** ପ୍ରଚାରକାର୍ଯ୍ୟ ଶିଷ୍ୟତ୍ୱ ଓ ମଣ୍ଡଳୀ ରୋପଣ ପାଇଁ ବାଇବଲଭିତ୍ତିମୂଳ ପ୍ରଦାନ କରେ । ବାଇବଲ ଈଶ୍ୱରଙ୍କ ପବିତ୍ର ବାକ୍ୟ ଓ ସେଥିସକାଶେ ଆମ୍ଭମାନଙ୍କର କ୍ଷମତା ବା ଅଧିକାର, ଯାହାଦ୍ୱାରା ଈଶ୍ୱର ଆମ୍ଭମାନଙ୍କୁ ଜୀବନଯାପନ କରିବା ଓ ତାହାଙ୍କ ସେବାକାର୍ଯ୍ୟ କରିବା ବିଷୟକ ସତ୍ୟତା ଶିକ୍ଷା ଦିଅନ୍ତି । ଏହି ସମସ୍ତ ବାଇବଲ ଭିତ୍ତିକ ନିୟମାବଳୀ ସେ ଶିକ୍ଷା ଦିଅନ୍ତି, ଯେପରି କିଏ ସେବା କରିବ, ଯୀଶୁଙ୍କର ସେବାକାର୍ଯ୍ୟ ଓ ତାହାଙ୍କ ସେବାକାର୍ଯ୍ୟର ନମୁନାରେ ଆମର ସେବାକାର୍ଯ୍ୟ କିପରି ହେବ, ଯାହାକି ଏକ ମଣ୍ଡଳୀର ଉଦ୍ଦେଶ୍ୟ, ତାହାର ଏକ ମୌଳିକ ବୁଝାମଣା ସେ ପ୍ରଦାନ କରିବେ ।

**<u>ବ୍ୟବହାରିକ ବିଷୟ</u> :** ଦୁଇଟି କ୍ଷେତ୍ରରେ କିପରି ପାଦ ପରେ ପାଦ ପଦକ୍ଷେପ ସହିତ ଶିକ୍ଷା ଦେବ, ତାହା ବତାଇ ଦେବ ।

ସୁସମାଚାର ପ୍ରଚାର କାର୍ଯ୍ୟ : ତୁମର ମଣ୍ଡଳୀର ବୃଦ୍ଧି ସାଧନ କିଅବା ନୂତନ ମଣ୍ଡଳୀମାନ ଆରମ୍ଭ କରିବାକୁ କିପରି ନୂତନ ବାଇବଲ ଅଧ୍ୟୟନ ଦଳମାନ ଆରମ୍ଭ କରିବ । ଏହା ନିମ୍ନଲିଖିତ ଅନୁସାରେ ହେବ :

- ଈଶ୍ୱରଙ୍କ ଶାନ୍ତି ଅନ୍ୱେଷଣ କରୁଥିବା ଲୋକମାନଙ୍କୁ ପାଇବା ଦ୍ୱାରା ।
- ଏପରି ଲୋକମାନଙ୍କ ପାଖରେ ଈଶ୍ୱରଙ୍କ ପ୍ରେମ ପାଇ୍ ଓ ପ୍ରକାଶ କରିବ, ଯେଉଁମାନଙ୍କଠାରେ ପବିତ୍ରଆତ୍ମା କାର୍ଯ୍ୟ କରୁଅଛନ୍ତି, ସେମାନଙ୍କୁ ଖ୍ରୀଷ୍ଟଙ୍କ ପାଖକୁ ଆଣିବା ଦ୍ୱାରା ।
- ବାଇବଲ ଅଧ୍ୟୟନ ନିୟମାନୁଯାୟୀ କେତେଗୁଡ଼ିଏ, ସୁସମାଚାର ପ୍ରଚାର ସମ୍ବନ୍ଧୀୟ କରିବା ମାଧ୍ୟମରେ ସେମାନଙ୍କୁ ସୁସମାଚାର କହିବା ଦ୍ୱାରା ।
- ବାଇବଲ ଅଧ୍ୟୟନ ମାଧ୍ୟମରେ ନୂତନ ବିଶ୍ୱାସୀମାନଙ୍କ ଶିଷ୍ୟ ବନାଇବା ଦ୍ୱାରା ।

ଶିଷ୍ୟତ୍ୱ : ଆଧ୍ୟାତ୍ମିକ ଶୃଙ୍ଖଳାଗୁଡ଼ିକରେ ତୁମର ଦଳକୁ କିପରି ଶିଷ୍ୟ ବନାଇବ ?

**<u>ଯୋଜନା</u> :** ସଂଖ୍ୟାରେ ବଢ଼ିବା ମାଧ୍ୟମରେ କିପରି ବୃଦ୍ଧିଲାଭ କରିବ ତାହାର ଏକ କୌଶଳ ପ୍ରଦାନ କରେ । ନିୟମ ହେଉଛି, ଯେପରି ପାଉଲ ୨ ତୀମଥି ୨:୨ରେ କଲେ, ଅନ୍ୟମାନଙ୍କୁ ତାଲିମ ଦିଅ, ସେହି ଅନ୍ୟମାନେ ଆହୁରି ଅନ୍ୟମାନଙ୍କୁ ତାଲିମ ଦେବେ, ଏହିପରି ତାଲିମପ୍ରାପ୍ତ ବ୍ୟକ୍ତି ତାଲିମ ପ୍ରଦାନକାରୀ ହେବେ ଇତ୍ୟାଦି ।

# ବାଇବଲ ସମର୍ଥିତ
# ନିୟମାବଳୀ

# ସୁସମାଚାର ପ୍ରଚାରକାର୍ଯ୍ୟ
# ଶିଷ୍ୟତ୍ୱ
# ଓ
# ମଣ୍ଡଳୀରୋପଣ

# "ସୁସମାଚାର ପ୍ରଚାରକାର୍ଯ୍ୟ, ଶିଷ୍ୟତ୍ୱ ଓ ମଣ୍ଡଳୀରୋପଣର ବାଇବଲ ସମର୍ଥିତ ନିୟମାବଳୀ

## I. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାର କାର୍ଯ୍ୟ କଅଣ ?

ଏହି ସେବାକାର୍ଯ୍ୟ, ମଣ୍ଡଳୀରୋପଣ ପରିସ୍ଥିତି ଅଧ୍ୟୟନ ପରେ ବ୍ରାଜିଲ ଦେଶରେ ୧୯୯୮ରେ ଆରମ୍ଭ ହେଲା । ଦକ୍ଷିଣ ବାପ୍‌ଟିଷ୍ଟ୍ କନ୍‌ଭେନ୍‌ସନ୍‌ର ଆନ୍ତର୍ଜାତୀୟ ମିଶନ ବୋର୍ଡ଼ ଦ୍ୱାରା ଏକ ମିଶନେରୀ ରୂପେ ପ୍ରେରିତ ଥୋମାସ୍ ୱେଡ୍ ଆକିନ୍‌ସ୍‌ଙ୍କ ସେବାକାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ସମୟରେ, ସେ ବର୍ଷକ ପାଇଁ ଭାଷା ସ୍କୁଲକୁ ଯାଇଥିବାବେଳେ ଏବଂ କାର୍ଯ୍ୟକ୍ଷେତ୍ରକୁ ଆସି ପହଞ୍ଚିବା ପରେ ସେ ମଣ୍ଡଳୀ ରୋପଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ସମୟରେ ଏହା ଆରମ୍ଭ ହେଲା । ଏହି ସମୟରେ ସେ ବ୍ରାଜିଲ୍‌ର ମିନାସ୍ ଗେରାଇସ୍ ପ୍ରଦେଶରେ ବାରଟି ନୂତନ ବାପ୍‌ଟିଷ୍ଟ ମଣ୍ଡଳୀ ଆରମ୍ଭ କଲେ ।

ଛୁଟିରୁ ଫେରିବା ପରେ ଥୋମାସ୍ ୱାଡେ ଅନୁଭବ କଲେ ଯେ, କାର୍ଯ୍ୟ ଅତି ମନ୍ଥର ଗତିରେ ଅଗ୍ରଗତି କରୁଅଛି । ସେ ସୁସମାଚାର ପ୍ରଚାରର ଅନ୍ୟାନ୍ୟ ପଦ୍ଧତି ବିଷୟ ଅଧ୍ୟୟନ ଓ ପାଠ କରିବାକୁ ଆରମ୍ଭ କଲେ । ଡକ୍ଟର ଚାର୍ଲସ୍ ବ୍ରୋକ୍‌ଙ୍କ ପୁସ୍ତକ ସ୍ୱଦେଶୀ ମଣ୍ଡଳୀ ରୋପଣ, ଏହି ଅନ୍ୱେଷଣରେ ତାଙ୍କୁ ସର୍ବାଧିକ ଚାଳନା ଦେଲା । ସେହି ପ୍ରଣାଳୀ ମାଧ୍ୟମରେ, ଥୋମାସ୍ ୱେଡ୍ ବାଇବଲ ଉପରେ ପର୍ଯ୍ୟବେସିତ ଏକ ତାଲିମ ସେବାକାର୍ଯ୍ୟ ପ୍ରସ୍ତୁତ କଲେ, ଡକ୍ଟର ବ୍ରୋକ୍‌ଙ୍କ ପୁସ୍ତକ, ଏହି ହସ୍ତଲିପିରେ ପ୍ରକାଶିତ ଅନ୍ୟ ଉତ୍ପତ୍ତିସ୍ଥଳମାନଙ୍କର ସାହାଯ୍ୟ ଏବଂ ବ୍ରାଜିଲ୍‌ରେ ତାଙ୍କ ପ୍ରଥମ ପର୍ଯ୍ୟାୟରେ ମିଶନେରୀ ସେବା ସମୟର ମଣ୍ଡଳୀ ରୋପଣ ପ୍ରଣାଳୀ ଯାହା ପ୍ରସ୍ତୁତ କରାଯାଇଥିଲା ତାହାର ସାହାଯ୍ୟରେ ।

ଥରେ କାର୍ଯ୍ୟକ୍ରମ ଏହାର ଆଦ୍ୟ ଗଠନରେ ଲେଖା ହୋଇଥିଲା । ଏହି ଯୋଜନାରେ କାର୍ଯ୍ୟ କରିବାକୁ ଚାଳିଶ ଜଣ ପୁରୁଷ ଓ ସ୍ତ୍ରୀଙ୍କୁ ତାଲିମ ଦିଆଯାଇଥିଲା । ସେମାନେ ମିନାସ ଗେରାଇସ୍ ପ୍ରଦେଶରେ ତେଷଠିଟି ବିଭିନ୍ନ ସହରମାନଙ୍କରେ ପ୍ରବେଶ କରି ସେସବୁରେ ନୂତନ ମଣ୍ଡଳୀମାନ ଆରମ୍ଭ କଲେ ଦୁଇ ବର୍ଷ ସମୟ ମଧ୍ୟରେ । ଏହି ଦୁଇବର୍ଷରେ ପ୍ରତ୍ୟେକ ମାସ, ଏହି ଆଦ୍ୟ ପ୍ରାରମ୍ଭକାରୀ ପ୍ରଚାରକମାନେ ତାଙ୍କ ମୂଲ୍ୟାୟନ ବିବରଣୀ ମିନାସ ଗେରାସିସ୍ ବାପ୍‌ଟିଷ୍ଟ କନ୍‌ଭେନ୍‌ସନ୍‌ର ସୁସମାଚାର ପ୍ରଚାର ଓ ମିଶନ ବିଭାଗକୁ ପଠାଇଲେ । ଦୁଇବର୍ଷର ଶେଷରେ ସମୁଦାୟ ସେବାକାର୍ଯ୍ୟ ସମୀକ୍ଷା କରିବାକୁ ଏକ ମୂଲ୍ୟାୟନ ଦଳ ଗଠିତ ହେଲା । ପରବର୍ତ୍ତୀ ତିନିବର୍ଷ ସଂପୂର୍ଣ୍ଣ ହେବା ପରେ ବ୍ରାଜିଲ୍‌ର ଅନ୍ୟ ଅଂଶମାନଙ୍କରେ ଅନେକ ଅନ୍ୟଦଳମାନ

ଗଠନ କରାଗଲା । ପାଳକଗଣ, ସାଧାରଣ ଲୋକମାନେ, ପ୍ରଚାରକ ଓ କନ୍‌ଭେନ୍‌ସନ୍ ନେତାଗଣ ସେବାକାର୍ଯ୍ୟର ପ୍ରତ୍ୟେକ ବିଷୟ ମୂଲ୍ୟାୟନ କଲେ । ବାରବର୍ଷରେ, ୨୦୦ ମଣ୍ଡଳୀ ସଂଗଠିତ ହେଲା । ୧୭୯ ମଣ୍ଡଳୀ ଆରମ୍ଭ ହୋଇଥିଲା ଏବଂ ୩୮୩ ପ୍ରଚାରସ୍ଥଳୀମାନ ବ୍ରାଜିଲ୍‌ର ମିନାସ ଗେରାଇସ୍ ପ୍ରଦେଶରେ ଆରମ୍ଭ ହୋଇଥିଲା । ଅଧିକାଂଶ ଏହି ସମସ୍ତ କାର୍ଯ୍ୟ, ସୁସମାଚାର ପ୍ରଚାର ପ୍ରାରମ୍ଭକାରୀ କାର୍ଯ୍ୟକ୍ରମରେ ଅନ୍ତର୍ଗତ ହୋଇଥିଲା ଏବଂ ପର୍ଯ୍ୟବେକ୍ଷଣମାନ ଓ କନ୍‌ଭେନ୍‌ସନ୍ ବିବରଣସମୂହ ଦ୍ୱାରା ଶୃଙ୍ଖଳିତଭାବେ ସଂଖ୍ୟାନୁସକ୍ରମିକ ହିସାବ (ସାଂଖ୍ୟିକ ତଥ୍ୟ) ପ୍ରମାଣସିଦ୍ଧ ରୂପେ ସଂରକ୍ଷଣ କରାଯାଇଆସୁଛି । ୨୦୦୦ ସୁଦ୍ଧା ୨୦.୦୦୦ରୁ ଅଧିକ ବ୍ରାଜିଲ୍‌ବାସୀଗଣଙ୍କୁ ସମୁଦାୟ ଦେଶରେ ତାଲିମ ଦିଆଯାଇଆସୁଥିଲା ଏବଂ ୧୦୦୦ରୁ ଅଧିକ ନୂତନ କାର୍ଯ୍ୟମାନ ଆରମ୍ଭ ହୋଇ ଆସିଛି ଏହି ସର୍ବତ୍ର ବ୍ରାଜିଲ୍‌ରେ । ଆଜି ଅନେକ ସହ ସୁସମାଚାର ପ୍ରଚାର ପ୍ରାରମ୍ଭକାରୀ ଦଳମାନ ପ୍ରତ୍ୟେକ ବର୍ଷ ଜଗତବ୍ୟାପୀ ନୂତନ କାର୍ଯ୍ୟ ରୋପଣ କରାଯିବାକୁ ଆରମ୍ଭ ହୋଇଆସିଛି ।

ଏହି ତାଲିମ ହସ୍ତଲିପି ଓ ପଦ୍ଧତି ହେଉଛି ଶହ ଶହ ପୁରୁଷ ଓ ସ୍ତ୍ରୀମାନଙ୍କର ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟରେ ପରିଣତ କରିଥିବା କାର୍ଯ୍ୟର ଫଳାଫଳ । ସେମାନେ ସହସ୍ର ସହସ୍ର ସଂଖ୍ୟକ ଅପହଞ୍ଚ ଲୋକମାନଙ୍କ ନିକଟରେ ପହଞ୍ଚିବାକୁ ଓ ସହସ୍ର ସହସ୍ର ପାଳକ, ମିଶନେରୀ ଓ ସାଧାରଣ ଲୋକମାନଙ୍କୁ ମଧ୍ୟ ନୂତନ ମଣ୍ଡଳୀମାନ ଆରମ୍ଭ କରିବାକୁ ତାଲିମ ଦେବା ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହୋଇ ଆସୁଅଛନ୍ତି । ବ୍ରାଜିଲରେ ଲକ୍ଷ୍ୟ ହେଉଛି, ସହସ୍ର ସହସ୍ର ପାଳକ ଓ ସାଧାରଣ ଲୋକମାନଙ୍କୁ ନୂତନ ମଣ୍ଡଳୀମାନ ଆରମ୍ଭ କରବାକୁ ତାଲିମ ଦେବା । ସେମାନେ ସମସ୍ତେ ଏହି ହସ୍ତଲିପିରେ ଉପସ୍ଥାପିତ କରାଯାଇଥିବା ମୌଳିକ ନିୟମମାନ ଶିଖନ୍ତି । ଯେଉଁ ନିୟମ ସାର୍ବଜନୀନ ଓ ଜଗତର ଯେକୌଣସି ସଂସ୍କୃତି ଓ ଦେଶରେ ପ୍ରୟୋଗ କରାଯାଇପାରିବ । ଏହା ସରଳ ଭାଷାରେ କହିଲେ, **ସୁସମାଚାର ପ୍ରଚାର ପ୍ରାରମ୍ଭକାରୀ ପ୍ରଣାଳୀ, ସାଧାରଣ ପ୍ରଚାରକମାନଙ୍କୁ ତାଲିମ ଦେବାକୁ ନେଇ ଗଠିତ । ଯେଉଁ ପ୍ରଚାରକମାନେ ମଣ୍ଡଳୀ ନ ଥିବା ଅଞ୍ଚଳ (ପ୍ରଥମ କାର୍ଯ୍ୟ ଆରମ୍ଭ କରିବା ଅଞ୍ଚଳମାନ)କୁ ଯିବେ, ଖ୍ରୀଷ୍ଟଙ୍କ ପାଇଁ ଆତ୍ମାଲାଭ କରିବେ ଓ ନୂତନ କାର୍ଯ୍ୟମାନ ଆରମ୍ଭ କରିବେ ।**

ଆଜି ମୁଖ୍ୟ ପ୍ରଶ୍ନ ହେଉଛି, "ଆମ୍ଭେମାନେ କିପରି ଅଧିକ ଶୀଘ୍ର ସୁସମାଚାରକୁ ଅଗ୍ରଗତି କରାଇବା ଓ ନୂତନ ମଣ୍ଡଳୀ ଆରମ୍ଭ କରିବା ?" ମୋର ମତରେ ଉତ୍ତର ହେଉଛି, ନୂତନ କାର୍ଯ୍ୟମାନ କିପରି ଆରମ୍ଭ କରିବ ଓ ବୃଦ୍ଧି ସାଧନ କରିବ, ସେ ବିଷୟରେ ସମୁଦାୟ ଜଗତସାରା ସାଧାରଣ ପ୍ରଚାରକମାନଙ୍କୁ ତାଲିମ ଦେବା ଦ୍ୱାରା ସମ୍ଭବ ହେବ ।

ଆସ ଆମ୍ଭେମାନେ ବିଭିନ୍ନ ସମସ୍ୟାମାନ ହୃଦୟଙ୍ଗମ କରିବା, ଯାହା ଆଧୁନିକ ସମାଜରେ ନେତାମାନେ ସମ୍ମୁଖୀନ ହେଉଅଛନ୍ତି ।

୧. ଦର୍ଶନର ଅଭାବ

୨. ତାଲିମବିହୀନ ସାଧାରଣ ନେତାଗଣ

୩. ଆଗ୍ରହର ଅଭାବ

୪. ମଣ୍ଡଳୀ ସଭ୍ୟମାନଙ୍କୁ ହରାଇବା

୫. ମଣ୍ଡଳୀମାନଙ୍କ ମଧ୍ୟରେ ସହଯୋଗିତାର ଅଭାବ

୬. ବୃହତ ନଗରମାନଙ୍କରେ ବିଭକ୍ତ ଅଟ୍ଟାଳିକାଗୁଡ଼ିକରେ ପ୍ରବେଶ କରିବା କଷ୍ଟକର

୭. ଜମି ଓ ଗୃହନିର୍ମାଣର ମୂଲ୍ୟ ବହୁତ ବେଶୀ

ଆମ୍ଭେମାନେ ଏହି ସମସ୍ୟାଗୁଡ଼ିକୁ ଅତିକ୍ରମ କରିପାରିବା କି ? ନିଶ୍ଚିତଭାବେ ! ପ୍ରକୃତରେ ଖ୍ରୀଷ୍ଟ ଆମ୍ଭମାନଙ୍କ ପାଇଁ ସେଗୁଡ଼ିକ ଅତିକ୍ରମ କରିସାରିଛନ୍ତି । ଯାହାବି ହେଉ ଆମ୍ଭେମାନେ ବାଇବଲର ମୌଳିକ ପ୍ରଣାଳୀମାନ ପୁନର୍ବାର ଅଧ୍ୟୟନ କରିବା ଉଚିତ । ବିଶେଷତଃ ପ୍ରେରିତ ପାଉଲଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ପ୍ରଣାଳୀଗୁଡ଼ିକ, ଯେ କି ଆମର ଆଦର୍ଶ ମିଶନେରୀ ଅଟନ୍ତି ।

**ଡକ୍ଟର ଡେନିସ୍ ବ୍ଲାକ୍‌ମୋନ,** ବ୍ରାଜିଲ୍‌କୁ ମିଶନେରୀ, ନୂତନ ମଣ୍ଡଳୀମାନ ଆରମ୍ଭ କରିବାର ଚାରୋଟି ମୌଳିକ ଆଦର୍ଶ ପ୍ରଣାଳୀ ଚିହ୍ନିତ କରିଅଛନ୍ତି ।

**କ. ନୂତନ ମଣ୍ଡଳୀମାନ ରୋପଣ କରିବାର ଚାରୋଟି ଆଦର୍ଶ :**

**୧. ପାରମ୍ପାରିକ ଆଦର୍ଶ ବିଶ୍ୱାସୀମାନଙ୍କ ଏକ ବିଶେଷାଙ୍କ "ସହିତ" ।**

କ. କାର୍ଯ୍ୟ କରିବା ସ୍ଥାନ ମଣ୍ଡଳୀ ସ୍ଥିର କରେ ।

ଖ. ତତ୍ପରେ ମଣ୍ଡଳୀ ଜଣେ କାର୍ଯ୍ୟକାରୀକୁ ନିମନ୍ତ୍ରଣ ଦିଏ, ଯେ କି ଜଣେ ପାଳକ ହୋଇ ନ ଥାଇପାରେ, ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ।

ଗ. କାର୍ଯ୍ୟକାରୀ ଏକ ସାକ୍ଷାତ କରିବା ସ୍ଥାନ, ନୂତନ ଦଳ ଏକତ୍ର ହେବାକୁ ଓ ଲୋକମାନଙ୍କୁ ବାଇବଲ ଅଧ୍ୟୟନ ଓ ଉପାସନା କରିବାକୁ ପ୍ରାପ୍ତ ହେବ ।

ଘ. ମଣ୍ଡଳୀ ପାଞ୍ଚରୁ ଦଶଜଣ ବା ଅଧିକ ଖ୍ରୀଷ୍ଟିୟାନମାନଙ୍କ ସପକ୍ଷତା ପ୍ରାପ୍ତ ହୁଏ, ଯେଉଁମାନେ ସେହି ଅଞ୍ଚଳରେ ବାସ କରନ୍ତି ।

ଙ. ଏହି କେତେଜଣ ବିଶ୍ୱାସୀମାନେ ଓ କାର୍ଯ୍ୟକାରୀ, ମଣ୍ଡଳୀର ଆର୍ଥିକ ସପକ୍ଷତା ଦ୍ୱାରା ଏକ ଶ୍ରୋତା ମଣ୍ଡଳୀ ଆରମ୍ଭ କରନ୍ତି ।

ଚ. ମଣ୍ଡଳୀ ସାଧାରଣଭାବେ ସମସ୍ତ ବିଶେଷ ସିଦ୍ଧାନ୍ତମାନ ନିଏ ଓ ନୂତନ ମଣ୍ଡଳୀର ସମ୍ପତ୍ତି, ଗୃହ ଓ ଦରମା (ପାରିଶ୍ରମିକ) ବାବଦର ସମସ୍ତ ବ୍ୟୟଭାର ବହନ କରେ ।

## ୨. ପାରମ୍ପାରିକ ଆଦର୍ଶ ବିଶ୍ୱାସୀମାନଙ୍କ ଏକ ବିଶେଷାଙ୍କ "ବ୍ୟତୀତ" ।

ମଣ୍ଡଳୀ ସମସ୍ତ ବିଷୟ ଉପରେ କର୍ତ୍ତୃତ୍ୱ କରେ ପୂର୍ବ ଆଦର୍ଶ ଅନୁସାରେ, ଯେପର୍ଯ୍ୟନ୍ତ ନୂତନ କାର୍ଯ୍ୟ ଏକ ନୂତନ ମଣ୍ଡଳୀ ମଧ୍ୟକୁ ଆସି ବିଧିବଦ୍ଧଭାବେ ସଂଗଠିତ ନ ହୋଇଛି । ଏକମାତ୍ର ଭିନ୍ନତା ହେଉଛି, ସ୍ଥାନୀୟ ବିଶ୍ୱାସୀମାନଙ୍କୁ ନେଇ ଏକ ଆଦ୍ୟ ସପକ୍ଷତା ଦଳର ଅଭାବ ।

## ୩. ବିଶେଷ ପ୍ରୋଜେକ୍ଟ ଆଦର୍ଶ

ମଣ୍ଡଳୀ, ଅଞ୍ଚଳ ନିରୂପଣ କରେ ଓ ପ୍ରୋଜେକ୍ଟ ସ୍ଥିର କରେ, ଯାହା ବୃହତ୍ତମ ପ୍ରଭାବ ସୃଷ୍ଟି କରିବ । ସାମାଜିକ ପ୍ରୋଜେକ୍ଟମାନର କେତେକ ପ୍ରକାରଗତ ଉଦାହରଣ ବା ଆଦର୍ଶ ହେବ ବାଇବଲ ଅଧ୍ୟୟନ ବା ଅପହଞ୍ଚ ସମ୍ପ୍ରଦାୟ ପାଇଁ ସେବାକାର୍ଯ୍ୟ କରିବା । ଏହି ପ୍ରୋଜେକ୍ଟଗୁଡ଼ିକ ମନୋନୀତ କରାଯାଇଛି, ସଂଗଠନର ନିଜ ଆର୍ଥିକ ଓ ବିଶେଷ ବ୍ୟକ୍ତି ସମ୍ବଳ ଅନୁଯାୟୀ । ଉଦାହରଣଭାବେ, ୧୯୯୨ରେ ବ୍ରାଜିଲ୍‌ର ମିନାସ୍ ଗେରାଇସ୍ ପ୍ରଦେଶରେ ଏକ ବୃହତ୍ ବନ୍ୟା ହୋଇଥିଲା । ଶହ ଶହ ଲୋକମାନେ ସେମାନଙ୍କ ଗୃହସବୁ ହରାଇଲେ । ବାର୍‌ବାର ଆକିନ୍‌ସ୍ ସେହି ଲୋକମାନଙ୍କ ଗୃହ ପୁର୍ନନିର୍ମାଣରେ ସାହାଯ୍ୟ କରିବାକୁ ତାଙ୍କର ମିଶନେରୀ ସଂଗଠନରୁ ପାଣ୍ଠି ଯୋଗାଡ଼ କରିବାକୁ ସକ୍ଷମ ହୋଇଥିଲେ । ନଗରପାଳ (ମେୟର) ଜମି ସାହାଯ୍ୟଭାବେ ଦାନ କଲେ ଓ ସେମାନେ ସମୁଦାୟ ଏକ ନୂତନ ପ୍ରତିବାସୀ ଅଞ୍ଚଳ ଆରମ୍ଭ କଲେ । ଯାହାକୁ ସେମାନେ ବେଥେଲ-

ଈଶ୍ୱରଙ୍କ ନଗର ନାମ ଦେଲେ । ସେମାନେ ସେହି ଗୋଟିଏ ବର୍ଷରେ ୭୦ଟି ଗୃହ ନିର୍ମାଣ କଲେ ଓ ଗୃହ ବାଇବଲ ଅଧ୍ୟୟନ କଲେ । ଲୋକମାନେ ପରିତ୍ରାଣପ୍ରାପ୍ତ ହେଲେ ଓ ମଣ୍ଡଳୀ ଆରମ୍ଭ ହେଲା ।

ପ୍ରାୟ, ବିଶେଷ ପ୍ରୋଜେକ୍ଟ ପ୍ରଣାଳୀ ବ୍ୟବହାର କରି, ଜଣେ କାର୍ଯ୍ୟକାରୀ ପ୍ରୋଜେକ୍ଟ କାର୍ଯ୍ୟ କରିବାକୁ ନିମନ୍ତ୍ରଣ କରାଗଲେ ଏବଂ ସଂଗଠନ ବା ମଣ୍ଡଳୀ ଏକ ସଭା ଗୃହ ଯୋଗାଇଲେ ଏବଂ ଆନୁଷ୍ଠାନିକଭାବେ ଏକ ମିଶନେରୀ ପଠା ହେବା ସ୍ଥାନ ଉନ୍ମୁକ୍ତ କଲେ ।

ବିଶେଷ ପ୍ରୋଜେକ୍ଟ ପ୍ରଣାଳୀ ବ୍ୟବହାର କରୁଥିବାବେଳେ, ଜଣେ ସେହି ସମାନ ନିୟମମାନ କିଅବା ଚାରିତ୍ରିକଗୁଣକ ଯାହା ସୁସମାଚାର ପ୍ରଚାର ପ୍ରାରମ୍ଭକାରୀ ପ୍ରଣାଳୀରେ ବ୍ୟବହୃତ ହୋଇଛି, ତାହା ମଧ୍ୟ ବ୍ୟବହାର କରିପାରିବ । ପ୍ରାରମ୍ଭକାରୀ ଓ ମଣ୍ଡଳୀ ସଭ୍ୟମାନଙ୍କୁ ଗୃହମାନଙ୍କରେ ବାଇବଲ ଅଧ୍ୟୟନ କରିବାକୁ ତାଲିମ ଦେବାକୁ ହେବ । ଯେଉଁ ଗୃହଗୁଡ଼ିକ ବିଶେଷ ପ୍ରୋଜେକ୍ଟ ଦ୍ୱାରା ମଣ୍ଡଳୀ ଆରମ୍ଭ କରିବାକୁ ସାହାଯ୍ୟପ୍ରାପ୍ତ ହୋଇଥିଲେ ।

**୪. ସୁସମାଚାର ପ୍ରଚାର ପ୍ରାରମ୍ଭକାରୀ ଆଦର୍ଶ**

କ. ମଣ୍ଡଳୀ, ଅଞ୍ଚଳ ବା ସ୍ଥାନ ମନୋନୀତ କରିବ, ଯେଉଁସ୍ଥାନରେ ସୁସମାଚାର ପହଞ୍ଚାଇବାକୁ ହେବ ।

ଖ. କାର୍ଯ୍ୟ ଚଳାଇବା ପାଇଁ ପାଳକ ବା ନେତାମାନେ ପରିପକ୍ୱ ସାଧାରଣ ଲୋକଙ୍କୁ ବାଛିବେ ।

ଗ. ପାଳକ ବା ନେତା ସାଧାରଣ ଲୋକମାନଙ୍କୁ ତାଲିମ ଦେବେ ବା ପ୍ରସ୍ତୁତ କରିବେ । ଏହି ହସ୍ତଲିପିର ଉଦ୍ଦେଶ୍ୟ ହେଉଛି, ସେମାନଙ୍କୁ କିପରି ତାଲିମ ଦେବ ତାହା ପ୍ରଦର୍ଶନ କରିବ ।

ଘ. ସାଧାରଣ ଲୋକମାନେ ଅଣଖ୍ରୀଷ୍ଟିୟାନମାନଙ୍କ ଗୃହମାନଙ୍କରେ ବାଇବଲ ଅଧ୍ୟୟନମାନ କରିବା ଦ୍ୱାରା ନୂତନ କାର୍ଯ୍ୟ ଆରମ୍ଭ କରିବେ ।

ଙ. ବାଇବଲ ଅଧ୍ୟୟନରୁ ଉତ୍ପନ୍ନ ନୂତନ ବିଶ୍ୱାସୀମାନେ ଏକ ସ୍ୱୀକୃତିପ୍ରାପ୍ତ ସ୍ଥଳକୁ ଏକତ୍ର ଅଣାଯିବେ ଓ ନୂତନ ମଣ୍ଡଳୀ ଆରମ୍ଭ କରିବେ ଯାହାକି ସ୍ୱଶାସିତ, ସ୍ୱାବଲମ୍ବନଶୀଳ ଓ ଈଶ୍ୱରଙ୍କ ନେତୃତ୍ୱାଧିନରେ ଆତ୍ମ-ଘୋଷଣାକାରୀ ହେବେ ।

ଚ. ନୂତନ ଦଳ, ସେମାନଙ୍କ ନିଜର ସିଦ୍ଧାନ୍ତ ନେବାକୁ ଓ ଆରମ୍ଭରୁ ସେମାନଙ୍କ ବ୍ୟଭାର ଉଠାଇବାକୁ ସାହାଯ୍ୟ କରୁଥିବା ମଣ୍ଡଳୀକୁ ସେମାନଙ୍କ ନିଜ ବ୍ୟୟ ପାଇଁ ତାଙ୍କ ଉପରେ ନିର୍ଭର କରିବା ଲାଗି ପ୍ରାରମ୍ଭିକ ପ୍ରଚାରକମାନେ ସେମାନଙ୍କୁ ପଥ ଦେଖାଇବେ ।

## II. ବାଇବଲ ଓ ସଂସ୍କୃତି

ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ ଯେ, ବାଇବଲ ସମ୍ବନ୍ଧୀୟ ବିଷୟ ଏବଂ ଯାହା ସଂସ୍କୃତିଗତ ଏହା ମଧ୍ୟରେ ଆମେ ପାର୍ଥକ୍ୟ ବା ପ୍ରଭେଦ ଜାଣିବା ବା ପରସ୍ପରଠାରୁ ପୃଥକ୍ କରିବା । ଥୋମାସ୍ ୱେଡ୍ ଆକିନ୍ସ୍ ଜଣେ ଆମେରିକୀୟ । ମାତ୍ର ଈଶ୍ୱର ତାଙ୍କୁ ଜଣେ ମିଶନେରୀ ରୂପେ ଏସିଆ (ଭିଏତ୍‌ନାମ୍), ଯୁକ୍ତରାଷ୍ଟ୍ର (ୱାସିଙ୍ଗଟନ୍ ଡିସି), ଆଫ୍ରିକା (ଜିମ୍ବାୱେ), ବ୍ରାଜିଲ୍‌କୁ କାର୍ଯ୍ୟ କରିବାକୁ ଆହ୍ୱାନ କଲେ ଏବଂ ଆଜି ସେ ଜଗତର ଚାରିଆଡ଼େ ତାଲିମ ମହାସଭାମାନରେ ନେତୃତ୍ୱ ଦେଉଅଛନ୍ତି ।

ଜଗତର ପ୍ରତ୍ୟେକ ସ୍ଥାନର ନିଜ ଜିଲ୍ଲା ସଂସ୍କୃତି ଅଛି । ପ୍ରଭୁଙ୍କ କାର୍ଯ୍ୟ ବାଇବଲ ଉପରେ ଓ ନିଜ ଦେଶର ସଂସ୍କୃତି ଉପରେ ନିର୍ଭର କରିବା ଉଚିତ । ଏହା ଏକ ସଂସ୍କୃତିର ଧର୍ମପରମ୍ପରା ଉପରେ ନିର୍ଭର କରିବା ଅନୁଚିତ । ଉଦାହରଣ ସ୍ୱରୂପ, ଯୁକ୍ତରାଷ୍ଟ୍ରରେ ଅଧିକାଂଶ ମଣ୍ଡଳୀଗଣର ସେବା ଉପାସନାମାନ ରବିବାର ସକାଳ ୧୧ଟା ସମୟରେ ହୁଏ । ତାହା ବୁଝାଏ କି ଜଗତରେ ସମସ୍ତ ସେବା ଉପାସନା ୧୧ଟା ସମୟରେ ହେବା ଉଚିତ ? ନା! ଯୁକ୍ତରାଷ୍ଟ୍ରରେ, ଅନେକ ମଣ୍ଡଳୀଗୁଡ଼ିକ ସଙ୍ଗୀତ ବାଦ୍ୟ ବ୍ୟବହାର କରନ୍ତି । ଏହା କ'ଣ ବୁଝାଏ ଯେ, ଜଗତର ଅନ୍ୟ ଦେଶର ମଣ୍ଡଳୀଗଣ ଗୀତପୁସ୍ତକରୁ ସଙ୍ଗୀତ ବ୍ୟବହାର କରିବା ଉଚିତ ? ନା! ସେମାନେ ଯଦି ଏହା କରିବାକୁ ପସନ୍ଦ କରନ୍ତି ସେ କରିପାରନ୍ତି, ମାତ୍ର ସେମାନେ ସ୍ଥାନୀୟ ସଂସ୍କୃତି ଉପରେ ନିର୍ଭର କରି ଏବଂ ସ୍ଥାନୀୟ ବାଦ୍ୟଯନ୍ତ୍ର ବ୍ୟବହାର କରି ସଙ୍ଗୀତ ଗାନ କରିବା ଉଚିତ । ଏକ ମଣ୍ଡଳୀ ବ୍ୟବହାର କରିପାରେ ଉଦାହରଣ ସ୍ୱରୂପ, ଇଲେକ୍‌ଟ୍ରିକ୍ ଗୀଟାର, ତୂରୀମାନ, ଡ୍ରମ୍‌ବାଜା ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ଯାହାକିଛି ।

> **ସତର୍କବାଣୀ :** ସଙ୍ଗୀତ ପ୍ରଂଶସା ନୁହେଁ । ସଙ୍ଗୀତ ପ୍ରଶଂସାର ମାଧ୍ୟମମାନ ଅଟେ । ଏହା ହେଉଛି, ଆମର ଈଶ୍ୱରଙ୍କ ପ୍ରତି ଅନୁଭବକୁ ପ୍ରକାଶ କରିବାର ଏକ ପ୍ରଣାଳୀ । ଏହି କାରଣରୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ବ୍ୟବହାର କରାଯାଉଥିବା ସଙ୍ଗୀତ ଲୋକମାନଙ୍କ ସଂସ୍କୃତିକୁ ପ୍ରତିଫଳିତ କରିବ ଓ ପ୍ରାରମ୍ଭକାରୀର ସଂସ୍କୃତିକୁ ପ୍ରତିଫଳିତ କରିବା ଅନାବଶ୍ୟକ । ଆମ୍ଭେମାନେ ସ୍ଥାନୀୟ ସମ୍ପ୍ରଦାୟର ସଂସ୍କୃତିକୁ ନ ବୁଝିବା

ପର୍ଯ୍ୟନ୍ତ ଏକ ମିଶନେରୀ ବା ଏକ ପ୍ରଭାବଶାଳୀ ବା ଫଳପ୍ରଦ ପ୍ରାରମ୍ଭକାରୀ ହେବା ଅସମ୍ଭବ ।

ଅନେକ ସଂସ୍କୃତି ଅଛି ଓ ଉପସଂସ୍କୃତି ଅଛି ପ୍ରତ୍ୟେକ ଜାତି ମଧ୍ୟରେ । ଏହା ଗୁରୁତ୍ୱପୂର୍ଣ୍ଣ ଯେ, ପ୍ରାରମ୍ଭକାରୀ ଯେଉଁଠାରେ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା କରନ୍ତି, ସେହି ଅଞ୍ଚଳର ଲୋକମାନଙ୍କ ସଂସ୍କୃତି ଯେପରି ଜାଣନ୍ତି ଓ ବୁଝିପାରନ୍ତି । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ, ସେ ସଂସ୍କୃତିକୁ ପରିବର୍ତ୍ତନ କରିବାକୁ ଚେଷ୍ଟା ନ କରି ବରଂ ଲୋକମାନଙ୍କ ହୃଦୟ ପରିବର୍ତ୍ତନ କରିବାକୁ ଖ୍ରୀଷ୍ଟଙ୍କୁ ଅନୁମତି ଯେପରି ଦେବେ । ଗୋଟିଏ ସଂସ୍କୃତି ମଧ୍ୟରେ କେବଳ ବାଇବଲର ନିୟମଗୁଡ଼ିକର ବିରୋଧ କରୁଥିବା ସଂସ୍କୃତିଗତ ବିଷୟଗୁଡ଼ିକ କେବଳ ପରିବର୍ତ୍ତିତ ହେବା ଉଚିତ । ଉଦାହରଣ ସ୍ୱରୂପ କୌଣସି ବଣୁଆ ଅଞ୍ଚଳରେ ଜଗତର ଲୋକମାନେ ଶିଶୁମାନଙ୍କ ବଳି ଦେବା ଅଭ୍ୟାସ କରିଥାଇପାରନ୍ତି । ଏପରି ଅଭ୍ୟାସ ସ୍ପଷ୍ଟ ଭାବରେ ବାଇବଲର ମୌଳିକ ନୀତି ବିରୁଦ୍ଧ ଅଟେ । ଏହି କ୍ଷେତ୍ରରେ, ପ୍ରାରମ୍ଭକାରୀ ସୁସମାଚାର ସତ୍ୟ ପ୍ରଚାର କରିବା ଦ୍ୱାରା ସଂସ୍କୃତିକୁ ପରିବର୍ତ୍ତନ କରିବାକୁ ଈଶ୍ୱରଙ୍କୁ ଅନୁମତି ଦିଏ ।

ଥୋମାସ୍ ୱେଡ୍ ଆକିନ୍ସ୍ ଏହା ଅନୁବାଦ କରିଥିଲେ, ଯେତେବେଳେ ସେ ୱାସିଙ୍ଗ୍‌ଟନ୍ ଡିସିରେ ଏକ ସେବାକାର୍ଯ୍ୟ ବୃଦ୍ଧି କଲେ । ୧୯୭୦ରେ ସେ ଯୁକ୍ତରାଷ୍ଟ୍ରକୁ ଫେରିବା ପରେ ଦକ୍ଷିଣ ଭିଏତ୍‌ନାମରେ ଏକ ମିଶନେରୀ ରୂପେ ସେବା କରିବା ପରେ ଥୋମାସ୍ ୱେଡ୍, ବହୁସଂଖ୍ୟକ ଯୁବା ଲୋକମାନେ ରାସ୍ତା ଉପରେ ବାସ କରିବା ଦେଖିଲେ । ସେମାନେ ଗୃହ ପରିତ୍ୟାଗ କରି ଡ୍ରଗ୍‌ସ୍ ସେବନ କରି ଲମ୍ବାବାଳ ରଖି ଲୋକସଙ୍ଗୀତ ଗାନ କରୁଥିଲେ । ସେମାନେ ଆମେରିକୀୟ ଭାରତୀୟ ବସ୍ତ୍ର ପିନ୍ଧିଥିଲେ ଓ ଭିଏତ୍‌ନାମ୍ ଯୁଦ୍ଧକୁ ସୁରକ୍ଷା ଦେଉଥିଲେ । ସେମାନେ ହିପ୍ପି ନାମରେ ନାମିତ ହେଲେ ।

ଏହି ଯୁବାଲୋକମାନଙ୍କ ମଧ୍ୟରୁ କେହି କୌଣସି ପ୍ରକାରର ଏକ ସୁସମାଚାର ପ୍ରଚାରକାରୀ ମଣ୍ଡଳୀକୁ ଯାଇ ନ ଥିଲେ । ସେମାନଙ୍କୁ ଖ୍ରୀଷ୍ଟଙ୍କ ପାଇଁ ଯଦି ଲାଭ କରିବାକୁ ଯିବ, ତେବେ ମଣ୍ଡଳୀ ସେମାନଙ୍କ ନିକଟକୁ ଯିବାକୁ ହେବ । ଥୋମାସ୍ ୱେଡ୍ ଆମେରିକୀୟ ଭାରତୀୟ ପୋଷାକ ପିନ୍ଧୁଥିଲେ ଏବଂ ତାଙ୍କର କେଶ ବୃଦ୍ଧି ହେବାକୁ ଛାଡ଼ି ଦେଇଥିଲେ ଓ ସେମାନଙ୍କ ସଂସ୍କୃତି ମଧ୍ୟକୁ ଗଲେ । ଅବଶ୍ୟ ସେ ମଦ୍ୟପାନ ବା ଡ୍ରଗ୍‌ସ୍ ସେବନ କରୁ ନ ଥିଲେ । ସେ ଏକ ନୂତନ ଇଂଲଣ୍ଡ ନଗରରେ ଏକ କ୍ଷୁଦ୍ର ଭୋଜନାଳୟ ଖୋଲିଲେ । ସେମାନେ ସମସ୍ତ ଚୌକୀ ବାହାର କରିଦେଲେ । ସମସ୍ତ ଉଜ୍ଜ୍ୱଳ ଆଲୋକ ପରିବର୍ତ୍ତେ କଳା (ନୀଳ) ଆଲୋକର ବଲ୍‌ବ୍ ଲଗାଇଲେ । ଚୌକୀ ନ ଥିବାରୁ ଲୋକମାନେ ତଳେ ବସିବାକୁ ବାଧ୍ୟ ହେଲେ ଏବଂ ଏକ ବୃହତ୍ କ୍ରୁଶ ଯେଉଁଥିରୁ ଏକ ଲାଲ୍ ଆଲୋକ ବାହାରୁଥିଲା, ତାହାକୁ ସମ୍ମୁଖରେ ରଖିଲେ । ବାପ୍‌ଟିଷ୍ଟ ମଣ୍ଡଳୀ ଦୈନିକ ସାଣ୍ଡୱିଚ୍ ଓ କଫି ଯୋଗାଇଲେ ।

ପ୍ରତ୍ୟେକ ଦିନ ଥୋମାସ୍ ୱେଡ୍, ତାଙ୍କ ପତ୍ନୀ ଓ ଦଳ ଅପରାହ୍ନ ୩ରୁ ରାତ୍ର ୨ଟା ପର୍ଯ୍ୟନ୍ତ ଦ୍ୱାର ଖୋଲା ରଖିଥିଲେ ଓ ହିପ୍ପିମାନଙ୍କୁ ବସି ଖିଆପିଆ କରିବାବେଳେ ବିନାମୂଲ୍ୟରେ ସାଣ୍ଡୱିଚ୍

ଖାଇ କଫି ପିଇବାକୁ ଦେଉଥିଲେ । ହିପ୍ପିମାନେ ଆସି ତଳେ ବସି ଖିଆପିଆ କରିବାବେଳେ ଥୋମାସ୍ ୱେଡ୍ ଓ ତାଙ୍କ ପତ୍ନୀ ଓ ଦଳ ସେମାନଙ୍କ ସହିତ ତଳେ ବସିପଡ଼ି ସେମାନଙ୍କ ଜୀବନସବୁ ବିଷୟରେ ସେମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ । ସେମାନେ ଅନେକଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେଲେ, କାରଣ ସେମାନେ ମଣ୍ଡଳୀ ଗୃହ ବାହାରକୁ ଯିବାକୁ ଇଚ୍ଛୁକ ହେଲେ ଏବଂ ସେମାନଙ୍କୁ ସୁସମାଚାର ପ୍ରଚାରକାରୀ ମଣ୍ଡଳୀର ସଂସ୍କୃତି ମଧ୍ୟକୁ ସୁସମାଚାର ଶୁଣିବାକୁ ଆସିବାକୁ ଅପେକ୍ଷା ନ କରି ସେମାନଙ୍କ ସଂସ୍କୃତି ମଧ୍ୟକୁ ପ୍ରବେଶ କଲେ ।

**ମୁଖ୍ୟ ବିଷୟ ହେଉଛି, ପ୍ରତ୍ୟେକ ଅଞ୍ଚଳରେ ଗୋଟିଏ ଦେଶର ନିଜ ସଂସ୍କୃତି ରହିଛି । ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଜଣେ ପ୍ରାରମ୍ଭକାରୀର କାର୍ଯ୍ୟ ଏପରି ସ୍ଥାନୀୟ ସଂସ୍କୃତି ସହିତ ପୂର୍ବାପର ସମ୍ପର୍କ ରଖିବ, ମାତ୍ର ଅନ୍ୟ ଏକ ଅଞ୍ଚଳ ବା ଦେଶର ସଂସ୍କୃତି ଦ୍ୱାରା ପ୍ରଭାବିତ ହେବ ନାହିଁ । ପ୍ରାରମ୍ଭକାରୀ ନିଶ୍ଚୟ ସୁସମାଚାର ପ୍ରଚାର କରିବ, କାରଣ ସୁସମାଚାର ନିଜେ ଯାହା ବାଇବଲ ସମ୍ପର୍କୀୟ ନୁହେଁ, ତାହା ସଂସ୍କୃତିର ସେହି ସମସ୍ତ ବିଷୟକୁ ପରିବର୍ତ୍ତନ କରିଦେବ ।**

## III. ବାଇବଲ ଓ ତାହାର ଅଧିକାର

**ଜଗତରେ ପ୍ରତ୍ୟେକ ବ୍ୟକ୍ତିର ଅଧିକାରର ଏକ ଉତ୍ପତ୍ତିସ୍ଥଳ ଅଛି । ଡକ୍ଟର ରାଲ୍ଫ ନେବର, ଜର୍ମାନ, ତାଙ୍କର ପୁସ୍ତକ "ବଞ୍ଚିବାର ଉପକରଣ ପାକେଟ୍"ରେ (ବ୍ରଡ୍‌ମାନ ପ୍ରେସ୍) ବର୍ଣ୍ଣନା କରନ୍ତି, ଭଲ ଓ ମନ୍ଦ ସ୍ଥିର କରିବାକୁ ଅଧିକାରର ଉତ୍ପତ୍ତିସ୍ଥଳ ଚାରୋଟି ବିଷୟରେ ।**

୧. **ବୁଦ୍ଧି :** ଏହି ସମୟରେ ଜଣେ ବ୍ୟକ୍ତି ତାହାର ନିଜ ସକ୍ଷମତାରେ ଠିକ୍ ବା ଭୁଲ୍, ଉତ୍ତମ ବା ମନ୍ଦ, ସମ୍ଭବ ବା ଅସମ୍ଭବ ଇତ୍ୟାଦି ମଧ୍ୟରେ ଯୁକ୍ତିଯୁକ୍ତ ପାର୍ଥକ୍ୟ ଜାଣି ସତ୍ୟ ଜ୍ଞାତ ହୋଇଥାଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ତାହାର ବୁଦ୍ଧି ଉପରେ ନିର୍ଭର କଲେ ଯୀଶୁଙ୍କ ଆଶ୍ଚର୍ଯ୍ୟକ୍ରିୟାକୁ ନାସ୍ତି କରିପାରେ, କାରଣ ସେ ଏହା ବୈଜ୍ଞାନିକ ଉପାୟରେ ପ୍ରମାଣ କରିପାରେ ନାହିଁ । ଯିଶାଇୟ ୫୫:୮ "ଯେହେତୁ ଆମ୍ଭର ସଂକଳ୍ପ ସକଳ ତୁମ୍ଭମାନଙ୍କର ସଂକଳ୍ପ ପରି ନୁହେଁ କିଅବା ତୁମ୍ଭମାନଙ୍କର ମାର୍ଗ ସକଳ ଆମ୍ଭର ମାର୍ଗ ପରି ନୁହେଁ" ସଦାପ୍ରଭୁ କହନ୍ତି ।"

୨. **ଅନୁଭବ :** ଯେତେବେଳେ ଜଣେ ବ୍ୟକ୍ତି ତାହାର ଅନୁଭବ, ସୂକ୍ଷ୍ମଦର୍ଶନ ଓ ଭାବାବେଗ ଦ୍ୱାରା ଠିକ୍ ବା ଭୁଲ୍ ସ୍ଥିର କରେ, ତାହା ଅନୁଭବ କୁହାଯାଏ । ଉଦାହରଣ ସ୍ୱରୂପ : ଦିନେ ଥୋମାସ୍ ୱେଡ୍, ବ୍ରାଜିଲ୍‌ର ରିଓ ଡେ ଜାନେଇରୋ ନଗରରେ ଏକ ଭଡ଼ାଗାଡ଼ିକୁ ଧରିଲେ ଏବଂ ଗାଡ଼ି ଚାଳକ (ଡ୍ରାଇଭର୍) ସହିତ ସୁସମାଚାର ସମ୍ବନ୍ଧରେ କଥା ହେଲେ । ସେ ଥୋମାସ୍‌ଙ୍କୁ ଜଣାଇଲେ ଯେ,

ଡ୍ରାଇଭର୍‌ମାନଙ୍କ ଧର୍ମର ଏକ ସଭାରେ ଜଣେ ଅନ୍ଧ ବ୍ୟକ୍ତି ସୁସ୍ଥ ହେଲେ ଓ ପୁନର୍ବାର ଦେଖିବାକୁ ସକ୍ଷମ ହେଲେ । ଯେତେବେଳେ ଥୋମାସ୍ ସେହି ଡ୍ରାଇଭର୍‌ଙ୍କ ମଣ୍ଡଳୀର ନାମ ପଚାରିଲେ ସେ କହିଲେ ଯେ, ସେ ଜଣେ ଖ୍ରୀଷ୍ଟିୟାନ ନୁହଁନ୍ତି ଓ ପ୍ରକୃତରେ ତାଙ୍କ ଧର୍ମର ଖ୍ରୀଷ୍ଟଧର୍ମ ସହିତ କିଛି ସମ୍ପର୍କ ନାହିଁ ।

ଶୟତାନର ଆଶ୍ଚର୍ଯ୍ୟକର୍ମ କରିବା ଶକ୍ତି ଅଛି । କିନ୍ତୁ ସେ କୌଣସି ବ୍ୟକ୍ତିକୁ ପରିତ୍ରାଣ ଦେଇପାରେ ନାହିଁ କିଅବା ପ୍ରକୃତ ଶାନ୍ତି ଓ ସଂପୂର୍ଣ୍ଣ କ୍ଷମା ଦିଏ ନାହିଁ । ଅନେକ ସମୟରେ ସେ ଲୋକମାନଙ୍କୁ ପ୍ରତାରଣା କରିବାକୁ ଆଶ୍ଚର୍ଯ୍ୟକର୍ମ ବ୍ୟବହାର କରିଥାଏ । ବାଇବଲ ୨ ଥେସଲନୀକୀୟ ୨:୯-୧୨ରେ କହେ, **"ଶୟତାନ ଶକ୍ତି ଅନୁସାରେ ସମସ୍ତ ପ୍ରକାର ମିଥ୍ୟା ଶକ୍ତି, ଚିହ୍ନ ଓ ଅଦ୍ଭୁତକର୍ମ ପୁଣି ବିନାଶପ୍ରାପ୍ତମାନଙ୍କ ନିକଟରେ ସମସ୍ତ ପ୍ରକାର ଅଧର୍ମର ଛଳନା ସହକାରେ ସେହି ଅଧର୍ମପୁରୁଷର ଆଗମନ ହେବ । କାରଣ ସେମାନେ ପରିତ୍ରାଣପ୍ରାପ୍ତ ହେବା ନିମନ୍ତେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହିନାହାନ୍ତି...ସେମାନେ ସମସ୍ତେ ଦଣ୍ଡର ପାତ୍ର ହୁଅନ୍ତି ।"**

କେତେଜଣ କହନ୍ତି, "ମୁଁ ଡ୍ରଗସ୍ ଓ ନିଶାପାନୀୟମାନ ବିଶ୍ୱାସ କରେ, କାରଣ ମୁଁ ସେଗୁଡ଼ିକ ବ୍ୟବହାର କରିବାବେଳେ ତାହା ମୋତେ ଭଲ ଲାଗେ ।" ଏହି ବ୍ୟକ୍ତିର ଅଧିକାରର ଉତ୍ପତ୍ତିସ୍ଥଳ ହେଉଛି ସେ ଯାହା ଅନୁଭବ କରେ । ତୁମର ବିଶ୍ୱାସ ରୀତି ପ୍ରସ୍ତୁତ କରିବାର ଏହା ଏକ ବିପଦଜନକ ପଥ ଅଟେ । ଅନ୍ୟମାନେ କହନ୍ତି, "ମୁଁ ଏହି ନିର୍ଦ୍ଦିଷ୍ଟ ବିଶ୍ୱାସରେ ସୁସ୍ଥକାରୀଙ୍କୁ ବା ଔଷଧଦାତା ବ୍ୟକ୍ତିଙ୍କୁ ବିଶ୍ୱାସ କରେ, କାରଣ ସେ ଏକ ରୋଗ ସୁସ୍ଥ କରିପାରିଥିଲେ ।" ମାତ୍ର ଜଣେ ଆଶ୍ଚର୍ଯ୍ୟକ୍ରିୟାକାରୀ, ଯେ କି ବହୁ ଦୃଷ୍ଟିଆକର୍ଷଣୀୟ ବିଷୟମାନ କରିପାରେ, ଭବିଷ୍ୟତ୍‌ରେ ଲାଭବାନ୍ ବା ଖ୍ୟାତିସମ୍ପନ୍ନ ହୋଇପାରେ, ମାତ୍ର ସେସବୁ କାର୍ଯ୍ୟ ଆଦୌ ଈଶ୍ୱରଙ୍କଠାରୁ ହୋଇ ନ ଥାଇପାରେ । ଆତ୍ମମାନଙ୍କର ବିଶ୍ୱାସ ଆମର ଆଶ୍ଚର୍ଯ୍ୟକ୍ରିୟା, ଶାରୀରିକ ଅନୁଭବ ବା ଆମ ଅତୀତ ଅନୁଭୂତିମାନ ଉପରେ ନିର୍ଭର କରି ନ ପାରେ । ତାହ ପରିବର୍ତ୍ତେ ଆମେ ଯୀଶୁଖ୍ରୀଷ୍ଟ ଏହି ବ୍ୟକ୍ତିଙ୍କ ଉପରେ ନିର୍ଭର କରିବାକୁ ହେବ, ସେ କିଏ ଓ ଈଶ୍ୱରଙ୍କ ବାକ୍ୟରେ ତାହାଙ୍କ ପ୍ରତିଜ୍ଞା ସମୂହ ଉପରେ ଆମର ନିର୍ଭରତା ରହିବ ।

୩. **ପରମ୍ପରା :** ଏହା ଥିଲା ବୃହତ୍ତମ ସମସ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ ଯାହା ଖ୍ରୀଷ୍ଟ ସମ୍ମୁଖୀନ ହୋଇଥିଲେ । ସେ ଯିହୁଦୀମାନଙ୍କ ପରମ୍ପରାଗୁଡ଼ିକ ବିରୁଦ୍ଧରେ ଯୁଦ୍ଧ କରିଥିଲେ, କାରଣ ସେମାନେ ସର୍ବଦା ସେମାନଙ୍କ ପରମ୍ପରାକୁ ମନୁଷ୍ୟର ଆବଶ୍ୟକତାଠାରୁ ଉଚ୍ଚରେ ରଖୁଥିଲେ । ମାର୍କ ୩:୧-୬ରେ ଆମ୍ଭେମାନେ ଦେଖୁ, ଫାରୁଶୀମାନେ ଯୀଶୁଙ୍କୁ ପରୀକ୍ଷା କରୁଛନ୍ତି :

୧ମ ପଦ - ଯୀଶୁ ସମାଜଗୃହ ମଧ୍ୟକୁ ଚାଲିଯିବାବେଳେ କ'ଣ ଘଟୁଛି ଆମ୍ଭେମାନେ ଏଠାରେ ଦେଖୁ । ସମାଜଗୃହ ସମବେତ ଜନତାରେ ପରିପୂର୍ଣ୍ଣ ଏବଂ ଜନତାଙ୍କ ମଧ୍ୟସ୍ଥଳରେ ଏକ ଶୁଷ୍କାଙ୍ଗ ମନୁଷ୍ୟ ଅଛି ।

୨ୟ ପଦ - ଲୋକମାନେ ସେମାନଙ୍କ ମଧ୍ୟରେ ଏପରି କଥାବାର୍ତ୍ତା ଧୀର ସ୍ୱରରେ ହେବାକୁ ଲାଗିଲେ । କିଏ ଏବେ ଭିତରକୁ ଆସିଲେ ଦେଖୁଅଛ ? "ଯୀଶୁ" ସେଠାରେ କିଏ ବସିଅଛି ଦେଖୁଅଛ ? "ଶୁଷ୍କହସ୍ତ ମନୁଷ୍ୟ" । ଯୀଶୁ ତାହକୁ ସୁସ୍ଥ କରିବେ, ଭାବୁଛ କି ? "ମୁଁ ଜାଣେ ନାହିଁ, ଆଜି ତ ଶନିବାର ।"

୩ୟ ପଦ - ଯୀଶୁ ଲୋକଟିକୁ ଠିଆ ହେବାକୁ କହିଲେ, ସମ୍ମୁଖକୁ ଆସିବାକୁ କହିଲେ ଓ ତାହାପରେ ଜନତାଙ୍କୁ ଏକ ପ୍ରଶ୍ନ ପଚାରିଲେ, ଯାହା ମୂଳତଃ ଏପ୍ରକାର, "ଏହି ଲୋକକୁ ସୁସ୍ଥ କରିବା କ'ଣ ପାପ ?"

୪ର୍ଥ ପଦ - ସମସ୍ତେ ନୀରବ ହୋଇଗଲେ । ଯୀଶୁ କ୍ରୋଧରେ ସେମାନଙ୍କ ଆଡ଼କୁ ଚାହିଁଲେ, କାରଣ ସେମାନେ ଦାମ୍ଭିକ (କଠିନ) ହୃଦୟ ବିଶିଷ୍ଟ ଥିଲେ ।

୫ମ ପଦ - ଯୀଶୁ ଲୋକଟିକୁ କହିଲେ, "ତୁମ୍ଭର ହସ୍ତ ବଢ଼ାଅ" । ଲୋକଟି ହସ୍ତ ବଢ଼ାଇଲା ଏବଂ ତାହାର ହସ୍ତ ସଂପୂର୍ଣ୍ଣଭାବେ ସୁସ୍ଥ ହୋଇଥିଲା ।

"ପ୍ରଭୁଙ୍କ ପ୍ରଶଂସା କରୁ, ତାହାର ହସ୍ତ ସୁସ୍ଥ ହେଲା!" ମାତ୍ର ଏହି ଜନତା ଏପ୍ରକାର ପ୍ରତ୍ୟୁତ୍ତର ଦେଇ ନ ଥିଲେ ।

୬ଷ୍ଠ ପଦ - ହେରୋଦୀୟ ଓ ଫାରୁଶୀମାନେ ଏହି ସ୍ଥାନ ଛାଡ଼ି ଦେଇ ଯୀଶୁଙ୍କୁ କିପରି ବଧ କରିପାରିବେ, ତାହା ମନ୍ତ୍ରଣା କଲେ । ସେମାନେ ଯୀଶୁଙ୍କ

ସେବାକାର୍ଯ୍ୟର ଆରମ୍ଭରୁ ତାହାଙ୍କୁ ବଧ କରିବା ନିମନ୍ତେ ଷଡ଼ଯନ୍ତ୍ର କଲେ । ଶେଷରେ ନୁହେଁ, କାହିଁକି ?

୧. ଏଠାରେ କି ସମସ୍ୟା ଥିଲା ? ଏହା ବିଶ୍ରାମବାର ଥିଲା ।
୨. ବିଶ୍ରାମବାରରେ ଜଣେ ବ୍ୟକ୍ତିଙ୍କୁ ସୁସ୍ଥ କରିବାର ସମସ୍ୟା କ'ଣ ଥିଲା ? ଧର୍ମପରମ୍ପରାର ଏହା ବିରୁଦ୍ଧ ଥିଲା ।
୩. ତୁମେ କ'ଣ ବିଶ୍ୱାସ କରୁଅଛ ଯେ, ଯୀଶୁ ତ୍ରିବିଧ ପରମେଶ୍ୱରଙ୍କ ଏକ ଅଂଶ ଅଟନ୍ତି ଓ ସେ ଈଶ୍ୱରଙ୍କ ପୁତ୍ର ?
୪. ତୁମେ କ'ଣ ବିଶ୍ୱାସ କର, ଯୀଶୁ ବିଶ୍ରାମବାରର ପ୍ରଭୁ ଅଟନ୍ତି ?
୫. ତୁମେ କ'ଣ ବିଶ୍ୱାସ କର, ବିଶ୍ରାମବାରରେ ସେହି ଲୋକକୁ ସୁସ୍ଥ କରିବା ଦ୍ୱାରା ଯୀଶୁ ସ୍ୱର୍ଗସ୍ଥପିତାଙ୍କ ଆଜ୍ଞାଲଙ୍ଘନ କଲେ ?
୬. ତେବେ ସମସ୍ୟାଟା କ'ଣ ଥିଲା ?

ଧର୍ମନେତାମାନେ ଅଧିକା କିଛି ନିୟମ ଓ ପରମ୍ପରା ସୃଷ୍ଟି କରିଥିଲେ, ଯାହା ଈଶ୍ୱର ସୃଷ୍ଟି କରି ନ ଥିଲେ ।

**ପ୍ରାରମ୍ଭକାରୀ ସୁସମାଚାର ପ୍ରଚାର ଓ ମଣ୍ଡଳୀରୋପଣ ସହିତ ତାହାର କି ସମ୍ପର୍କ ଅଛି ? ସବୁକିଛି!!!**

ପାଳକ ଥୋମାସ୍ ୱେଡ୍ ଆକିନ୍‌ସ୍ ବ୍ରାଜିଲ୍‌କୁ ଯିବାବେଳେ ମଣ୍ଡଳୀ ରୋପଣକାରୀମାନଙ୍କର ଏକ ଦଳ ଗଠନ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ଥିଲେ ସାଧାରଣ ଲୋକମାନେ । ସେ ସେମାନଙ୍କୁ "କିପରି ସାକ୍ଷୀ ହେବେ ଓ କିପରି ନୂତନ ମଣ୍ଡଳୀମାନ ଆରମ୍ଭ କରିବେ" ଶିଖାଇଥିଲେ । ସେମାନେ ସହରମାନଙ୍କୁ ବାହାରିଗଲେ ଏବଂ ଖ୍ରୀଷ୍ଟଙ୍କ ପାଇଁ ଲୋକମାନଙ୍କୁ ଲାଭ କଲେ ଏବଂ ନୂତନ ଶ୍ରୋତାମଣ୍ଡଳୀମାନ ଆରମ୍ଭ କଲେ । ସେମାନେ ଦୁଇବର୍ଷରେ ୬୩ଟି ନୂତନ କାର୍ଯ୍ୟ ଆରମ୍ଭ କଲେ ।

ଯାହାବି ହେଉ, ଥୋମାସ୍ ଆକିନ୍‌ସ୍, ମନୁଷ୍ୟ ସୃଷ୍ଟି କରିଥିବା ତିନୋଟି ବଳିଷ୍ଠ ପରମ୍ପରାର ସମ୍ମୁଖୀନ ହୋଇଥିଲେ, ମାତ୍ର ତାଙ୍କର ବହୁତ ବେଶୀ ଶକ୍ତି ଥିଲା ଏବଂ ସେମାନେ ମଣ୍ଡଳୀରୋପଣର ଶୀଘ୍ର ବିସ୍ତୃତିକୁ ପ୍ରତିରକ୍ଷା କରୁଥିଲେ ।

**ପରମ୍ପରା # ୧ :** ସେମାନେ ଖ୍ରୀଷ୍ଟଙ୍କ ପାଇଁ ଲୋକମାନଙ୍କୁ ଲାଭ କରିବା ପରେ ପ୍ରଫେସର ଥୋମାସ୍ ୱେଡ୍ କହିଲେ, "ଏହି ସାଧାରଣ ପ୍ରଚାରକମାନେ ନୂତନ ପରିବର୍ତ୍ତିତ ବ୍ୟକ୍ତିମାନଙ୍କୁ ବାପ୍ତିସ୍ମ ଦେବା ଓ ପ୍ରଭୁଭୋଜ ଦେବା ଆମେ ଆବଶ୍ୟକ କରୁ ।" ଯାହାବି ହେଉ, କେତେକ

(ସମସ୍ତେ ନୁହଁନ୍ତି) ପାଳକ କହିଲେ, "ସେମାନେ ତାହା କରିପାରିବେ ନାହିଁ, କାରଣ ସେମାନେ ହସ୍ତାର୍ପିତ (ଅଭିଷିକ୍ତ) ହୋଇନାହାନ୍ତି ।"

ଥୋମାସ୍ ଏହି ପ୍ରଶ୍ନ ପଚାରି ପ୍ରତ୍ୟୁତ୍ତର ଦେଲେ, ତାହା ବାଇବଲରେ କେଉଁ ସ୍ଥାନରେ ଶିକ୍ଷା ଦିଆଯାଇଛି ? ସେଥିର ଉତ୍ତର ଥିଲା, "ବାଇବଲ ତାହା ଶିକ୍ଷା ଦିଏ ନାହିଁ, ମାତ୍ର ତାହା ହେଉଛି ଆମର "ପରମ୍ପରା" ବା ଏଠାରେ ନିୟମ" ।

ଆଧୁନିକ ହସ୍ତାର୍ପଣ ରୀତି ବାଇବଲରେ ନାହିଁ । ହସ୍ତାର୍ପଣ ବାଇବଲରେ ଏକ ବିଧିବଦ୍ଧ ସେବା ବା କାର୍ଯ୍ୟକ୍ରମ ନୁହେଁ । କୌଣସି ନିୟମାନୁଯାୟୀ ହସ୍ତାର୍ପଣ ସେବା ଉପାସନା ପ୍ରଥା ନ ଥିଲା । "ଅର୍ଡଏନ୍" ଶବ୍ଦର ଅର୍ଥ ହେଉଛି, "ନିଯୁକ୍ତ କରିବା, ଆଇନଗତ କରିବା, ଆଦେଶ କରିବା" । ଯୋହନ ୧୫:୧୬ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ନିଯୁକ୍ତ କଲେ (ଅର୍ଡଏନ୍) କଲେ, "ତୁମ୍ଭେମାନେ ମୋତେ ମନୋନୀତ କରିନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି । ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କର ଫଳ ସ୍ଥାୟୀ ହୁଏ, ଏଥିନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି ।"

ପ୍ରେରିତ ୧୪:୨୩ କହେ ଯେ, ପାଉଲ "ନିଯୁକ୍ତ କଲେ" (ଅର୍ଡଏନ୍) ପ୍ରାଚୀନମାନଙ୍କୁ । ପାଉଲ ଓ ବର୍ଣ୍ଣବ୍ବା ସେମାନଙ୍କ ସକାଶେ ପ୍ରାଚୀନମାନଙ୍କୁ ପ୍ରତ୍ୟେକ ମଣ୍ଡଳୀରେ ନିଯୁକ୍ତ କଲେ ପ୍ରାର୍ଥନା ଓ ଉପବାସ ସହିତ ଏବଂ ପ୍ରଭୁଙ୍କଠାରେ ସେମାନଙ୍କୁ ସମର୍ପଣ କଲେ, ଯାହା ଉପରେ ସେମାନଙ୍କ ଭରସା ବିଶ୍ୱାସ ସ୍ଥାପନ କରିଥିଲେ । ଏହି ପ୍ରାଚୀନମାନେ ସାଧାରଣ ନେତା ଥିଲେ ମଣ୍ଡଳୀମାନଙ୍କରେ ଯାହା ପାଉଲ ଆରମ୍ଭ କଲେ ।

ହସ୍ତାର୍ପଣ ବାଇବଲରେ ଈଶ୍ୱରଙ୍କର ଏକ କାର୍ଯ୍ୟ ଥିଲା, ମନୁଷ୍ୟର ନୁହେଁ । ଈଶ୍ୱର ନିଯୁକ୍ତ କରନ୍ତି, ମନୋନୀତ କରନ୍ତି ଓ ନେତାମାନଙ୍କୁ ବାଛନ୍ତି । ଆମର ଆଧୁନିକ ରୀତିରେ କେତେକ ଦେଶମାନଙ୍କରେ ଅର୍ଡିନେସନ୍ (ହସ୍ତାର୍ପଣ), ବାଇବଲ ବର୍ହିଭୂତରେ ପରିଣତ ହୋଇଅଛି । କେତେକ ଦେଶମାନଙ୍କରେ ବ୍ୟକ୍ତିଟି ଅର୍ଡେଇନ୍ ହେବା ପୂର୍ବରୁ ବାଇବଲ ବିଦ୍ୟାଳୟ ବା ସେମିନାରୀ ଶିକ୍ଷା ସଂପୂର୍ଣ୍ଣ କରିବାକୁ ହେବ । ଯୀଶୁ କେଉଁ ସେମିନାରୀରେ ଯୋଗଦାନ କରିଥିଲେ ? କେଉଁ ସେମିନାରୀରେ ପାଉଲ, ପିତର ଓ ଯୋହନ ଯୋଗଦାନ କରିଥିଲେ ?

ମୁଁ ପ୍ରଶ୍ନ ପଚାରେ, ପ୍ରେରିତ ପାଉଲଙ୍କୁ କିଏ ବାପ୍ତିସ୍ମ ଦେଲେ ? ଜଣେ ପାଳକ ? କି ଜଣେ ସାଧାରଣ ଲୋକ ? କେତେଜଣ ଲୋକ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ ?

ଆମ୍ଭେମାନେ କେଉଁଠାରୁ ଏହି ଭାବଧାରା ପାଇଲୁ ଯେ କେବଳ ପାଳକମାନେ ବାପ୍ତିସ୍ମ ଦେଇପାରନ୍ତି ଓ ପ୍ରଭୁଭୋଜ ଦେଇପାରନ୍ତି ? ମଣ୍ଡଳୀ ଜୀବନ କ୍ଷେତ୍ରରେ ଆମ୍ଭେମାନେ ମଣ୍ଡଳୀର ଏକ ପୁରାତନ ନିୟମ ରୀତି ଅଭ୍ୟାସ କରିଥାଉ, ଯେଉଁଠାରେ ଯାଜକ ଲୋକମାନଙ୍କ ପାଇଁ ସବୁକିଛି କରୁଥିଲେ । ଅନ୍ୟ ପ୍ରଭାବ ହେଉଛି, ରୋମାନ୍ କ୍ୟାଥଲିକ୍ ମଣ୍ଡଳୀ ।

**ପରମ୍ପରା # ୨ :** ଥୋମାସ୍ ତାହାପରେ କହିଲେ, ଆମ୍ଭେମାନେ ଏହି ଶ୍ରୋତାମଣ୍ଡଳୀକୁ ମଣ୍ଡଳୀଗୁଡ଼ିକରେ ସଂଗଠିତ କରିବା ଆବଶ୍ୟକ । କେତେକ କହିଲେ, ଆମ୍ଭେମାନେ ତାହା କରିପାରିବା ନାହିଁ ଯେପର୍ଯ୍ୟନ୍ତ ସେମାନଙ୍କର ଜମି ଓ ଗୃହ ନାହିଁ । ପ୍ରଫେସର ଥୋମାସ୍ ଏହା କହି ପ୍ରତ୍ୟୁତ୍ତର ଦେଲେ, ବାଇବଲ ତାହା କେଉଁଠାରେ ଶିକ୍ଷା ଦେଇଅଛି ? ପୁନଶ୍ଚ, ଉତ୍ତର ଥିଲା, "ବାଇବଲ ତାହା ଶିକ୍ଷା ଦିଏ ନାହିଁ, ମାତ୍ର ତାହା ଆମର ପରମ୍ପରା ଅଟେ ।"

**ପରମ୍ପରା # ୩ :** ଅନ୍ୟ ଏକ ଦେଶରେ ପାଳକମାନେ କହିଲେ, ଆମ୍ଭମାନଙ୍କ କନ୍‌ଭେନ୍‌ସନ୍ (ମହାସଭା) ସମ୍ବିଧାନ କହେ ଯେ, ଆମ୍ଭେମାନେ ଏଠାରେ ଏକ ମଣ୍ଡଳୀ ସଂଗଠିତ କରିପାରିବା ନାହିଁ ଅନ୍ତତଃ ୫୦ଜଣ ସଭ୍ୟ ଶ୍ରୋତା ମଣ୍ଡଳୀରେ ନ ଥିଲେ । ପୁନଶ୍ଚ ପ୍ରଫେସର୍ ଥୋମାସ୍ କହିଲେ, "ତାହା ବାଇବଲ କେଉଁଠାରେ ଶିକ୍ଷା ଦିଏ ?" ଉତ୍ତର ହେଉଛି, "ବାଇବଲ ଶିକ୍ଷା ଦିଏ ନାହିଁ, କିନ୍ତୁ ତାହା ଆମର ପରମ୍ପରା ଅଟେ ।"

ଅନେକ କ୍ଷେତ୍ରରେ ଆମର ପରମ୍ପରାସବୁର ଈଶ୍ୱରଙ୍କ ବାକ୍ୟଠାରୁ ଅଧିକ ଶକ୍ତି ଅଛି ଏବଂ ତାହାହିଁ ଖ୍ରୀଷ୍ଟ ସମ୍ମୁଖୀନ ହୋଇଥିଲେ । ଆମ୍ଭେମାନେ ଯଦି ଈଶ୍ୱରଙ୍କ ରାଜ୍ୟରେ ବୃଦ୍ଧି ଦେଖିବାକୁ ଯାଉଅଛୁ ଏବଂ ନୂତନ ମଣ୍ଡଳୀମାନ ଆରମ୍ଭ ହୋଇଅଛି, ଆମ୍ଭମାନଙ୍କୁ ବାଇବଲକୁ ଫେରିଯିବାକୁ ହେବ ଓ ଈଶ୍ୱରଙ୍କ ବାକ୍ୟର ଅନୁଗମନ କରି ବାଇବଲକୁ ମନୁଷ୍ୟ ନିର୍ମିତ ନିୟମ ଓ ପରମ୍ପରା ସବୁର ଉପରେ ସ୍ଥାପନ କର । ଆମ୍ଭେମାନେ ଯଦି ଆମର ଏହି ଜଗତରେ ଏକ ପ୍ରସ୍ତୁତ ମଣ୍ଡଳୀରୋପଣରେ ଅଗ୍ରଗତି ଦେଖିବାକୁ ଚାହୁଁ ଓ ନୂତନ ମଣ୍ଡଳୀ ଆରମ୍ଭ ହେବା ଦେଖିବାକୁ ଚାହୁଁ, ତେବେ ଆମ୍ଭମାନଙ୍କୁ ବାଇବଲକୁ ଫେରିଯିବାକୁ, ଈଶ୍ୱରଙ୍କ ବାକ୍ୟର ଅନୁଗମନ କରିବାକୁ ଓ ମନୁଷ୍ୟ ନିର୍ମିତ ନିୟମ ଓ ପରମ୍ପରା ଉପରେ ବାଇବଲକୁ ସ୍ଥାପନ କରିବାକୁ ହେବ । ଆମ୍ଭେମାନେ ଯଦି ଏକ ପ୍ରକୃତ ଗତିଶୀଳ ମଣ୍ଡଳୀ ଦେଖିବାକୁ ଚାହୁଁ ଆମ ଜଗତରେ, ତେବେ ଆମର ସାଧାରଣ ପ୍ରଚାରକମାନଙ୍କୁ ଈଶ୍ୱର ଯେଉଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଅଛନ୍ତି, ସେହି କାର୍ଯ୍ୟ କରିବାକୁ ଶକ୍ତିଶାଳୀ କରିବା ଉଚିତ ଏବଂ ବାଇବଲର ଶିକ୍ଷା ମଣ୍ଡଳୀ ଯେ କ'ଣ ସେ ବିଷୟରେ ଦେବା ଉଚିତ ଯେପରି ସେମାନେ ସେହି ଶିକ୍ଷାର ଅନୁଗାମୀ ହେବେ ।

ଆମ୍ଭେମାନେ ଯେତେବେଳେ ଈଶ୍ୱରଙ୍କ ବାକ୍ୟର ଉର୍ଦ୍ଧ୍ୱରେ ପରମ୍ପରାକୁ ସ୍ଥାପନ କରୁ, ଆମେ ତାହାଙ୍କ ବାକ୍ୟକୁ ମୂଲ୍ୟହୀନ କରିଦେଉ । ଯୀଶୁ ମାଥିଉ ୧୫:୬-୯ରେ କହିଲେ ଯେ, ସେପରି ଲୋକମାନେ କପଟୀ ବା ପ୍ରତାରକଗଣ ଅଟନ୍ତି । "ଏହିରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ପରମ୍ପରାଗତ ରୀତିନୀତି ଯୋଗୁ ଈଶ୍ୱରଙ୍କ ବାକ୍ୟ ବ୍ୟର୍ଥ କରିଅଛ । ରେ କପଟୀମାନେ, ଯିଶାଇୟ ତୁମ୍ଭମାନଙ୍କ ବିଷୟରେ ଯଥାର୍ଥ ରୂପେ ଏହି ଭାବବାଣୀ କହିଅଛନ୍ତି, ଏହି ଜାତି ମୁଖରେ ଆମକୁ ସମାଦର କରନ୍ତି, କିନ୍ତୁ ସେମାନଙ୍କ ହୃଦୟ ଆମଠାରୁ ଦୂରରେ ଥାଏ । ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି ।"

୪. **ଧର୍ମଶାସ୍ତ୍ର :** ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ଅଧିକାରର ଏକମାତ୍ର ଉତ୍ପତ୍ତିସ୍ଥଳ ଅଟେ । ଈଶ୍ୱର ତାହାଙ୍କ ଲିଖିତ ବାକ୍ୟ ମାଧ୍ୟମରେ ସତ୍ୟତାସବୁ ପ୍ରକାଶ କରନ୍ତି । ସେଗୁଡ଼ିକ ଅପରିବର୍ତ୍ତନୀୟ ଏବଂ ସଂପୂର୍ଣ୍ଣ ଜ୍ଞାନ ଅଟେ ।

ଯୋହନ ୮:୩୨ରେ ଯୀଶୁ କହିଲେ : "ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।"

ଯିଶାଇୟ ୪୦:୮ କହେ, "ତୃଣ ଶୁଷ୍କ ହୋଇଯାଏ, ପୁଷ୍ପ ମ୍ଳାନ ହୁଏ, ମାତ୍ର ଆମ୍ଭମାନଙ୍କ ପରମେଶ୍ୱରଙ୍କ ବାକ୍ୟ ଅନନ୍ତକାଳ ସ୍ଥାୟୀ ।"

ଗୀତସଂହିତା ୧୧୯:୧୦୫ କହେ, ""ତୁମ୍ଭ ବାକ୍ୟ ମୋ' ଚରଣ ପାଇଁ ପ୍ରଦୀପ ଓ ମୋ' ପଥ ପାଇଁ ଆଲୁଅ ଅଟେ ।"

ଗୀତସଂହିତା ୧୧୯:୧୪୦ କହେ, "ତୁମ୍ଭର ବାକ୍ୟ ଅତ୍ୟନ୍ତ ନିର୍ମଳ, ତହିଁ ପାଇଁ ତୁମ୍ଭ ଦାସ ତାହା ସ୍ନେହ କରେ ।"

ଗୀତସଂହିତା ୧୧୯:୧୬୦ କହେ, "ତୁମ୍ଭର ସମୁଦାୟ ବାକ୍ୟ ସତ୍ୟ ଓ ତୁମ୍ଭର ଧର୍ମମୟ ସମସ୍ତ ଶାସନ ନିତ୍ୟସ୍ଥାୟୀ ।"

ଯୋହନ ୧୪:୬ କହେ, "ଯୀଶୁ ତାଙ୍କୁ କହିଲେ, ମୁଁ ପଥ, ସତ୍ୟ ଓ ଜୀବନ ମୋ' ଦେଇ ନ ଗଲେ, କେହି ପିତାଙ୍କ ନିକଟକୁ ଯାଏ ନାହିଁ ।"

**ସତ୍ୟ କ'ଣ ?**

**କ. ଯୀଶୁଖ୍ରୀଷ୍ଟ**

**ଖ. ଈଶ୍ୱରଙ୍କ ବାକ୍ୟ**

## IV. ଜଣେ ପ୍ରାରମ୍ଭକାରୀ ପ୍ରଚାରକ କିଏ ହୋଇପାରେ ?

**ପ୍ରେରିତ ପାଉଲ ମଣ୍ଡଳୀ ରୋପଣରେ ନିମ୍ନଲିଖିତ ପ୍ରଣାଳୀର ଅନୁଗାମୀ ହୋଇଥିଲେ :**

୧. ସେ ନଗର ମଧ୍ୟକୁ ପ୍ରବେଶ କଲେ :
ପ୍ରେରିତ ୧୩:୫,୬,୧୪; ୧୪:୧,୬,୨୪,୨୫, ପ୍ରଥମ ମିଶନେରୀ ଯାତ୍ରା
ପ୍ରେରିତ ୧୬:୧୨; ୧୭:୧,୧୦,୧୫; ୧୮:୧,୧୯, ଦ୍ୱିତୀୟ ମିଶନେରୀ ଯାତ୍ରା
ପ୍ରେରିତ ୧୯:୧; ୨୦:୨, ତୃତୀୟ ମିଶନେରୀ ଯାତ୍ରା
୨. ସେ ସୁସମାଚାର ପ୍ରଚାର କଲେ : ପ୍ରେରିତ ୧୪:୩,୭,୨୧,୨୫
୩. ସେ ଖ୍ରୀଷ୍ଟଙ୍କ ନିକଟକୁ ହଜା ଆତ୍ମାମାନଙ୍କୁ ଆଣି ଲାଭ ବା ଜୟ କଲେ : ପ୍ରେରିତ ୧୪:୧,୨୧; ୧୯:୮
୪. ସେ ନୂତନ ବିଶ୍ୱାସୀମାନଙ୍କୁ ଶିକ୍ଷା ଦେଲେ : ପ୍ରେରିତ ୧୪:୨୨; ୧୮:୨୩; ୧୯:୯,୧୦

**୫. ସେ ସ୍ଥାନୀୟ ନେତାମାନଙ୍କୁ ତାଲିମ ଦେଲେ ଓ ପ୍ରସ୍ତୁତ କଲେ : ପ୍ରେରିତ ୧୭:୨୭; ୧୫:୩୬; ୧୬:୫; ୨୦:୨୦**

**୬. ସେ ମଣ୍ଡଳୀଗୁଡ଼ିକୁ ସଂଗଠିତ କଲେ ଓ ପ୍ରାଚୀନମାନଙ୍କୁ ମନୋନୀତ କଲେ (ସ୍ଥାନୀୟ ନେତାଗଣ) ସ୍ଥାନୀୟ ମଣ୍ଡଳୀର ନେତୃତ୍ୱ ପାଇଁ : ପ୍ରେରିତ ୧୪:୨୩; ୨୦:୧୭,୨୮**

**୭. ସେ ନଗର ତ୍ୟାଗ କରି ଅନ୍ୟ ନଗରକୁ ଗତି କଲେ : ପ୍ରେରିତ ୨୦:୩୬-୩୮**

ଏହା ପ୍ରାରମ୍ଭ ପ୍ରଚାରକମାନଙ୍କର ପ୍ରଚାର କରିବାକୁ ବାହାରକୁ ଯିବାବେଳେ ଓ ନୂତନ ମଣ୍ଡଳୀମାନ ଆରମ୍ଭ କରିବାବେଳେ ପ୍ରଣାଳୀ ହେବା ଉଚିତ ।

ଆମ୍ଭମାନଙ୍କ ପାଇଁ ତେବେ ମୁଖ୍ୟ ପ୍ରଶ୍ନ ହେଉଛି, "ପ୍ରାରମ୍ଭକାରୀ ପ୍ରଚାରକ ଜଣେ କିଏ ହୋଇପାରିବ ?" ଏହି ପ୍ରଶ୍ନର ଉତ୍ତର ଦେବାକୁ ଆମେ ଏଫିସୀ ୪:୧୧-୧୨ ଅଧ୍ୟୟନ କରିବା ଉଚିତ । ଏହି ଶାସ୍ତ୍ରାଂଶରେ ମଣ୍ଡଳୀର କାର୍ଯ୍ୟ ବିଷୟକ ଏକ ତାଲିକା ସେଠାରେ ଅଛି ।

ଏଗୁଡ଼ିକ ମଧ୍ୟରେ ପ୍ରଥମ ହେଉଛି "ପ୍ରେରିତ" । ଦୁଇ ପ୍ରକାର ପ୍ରେରିତ ଅଛନ୍ତି । ପ୍ରଥମ ହେଉଛନ୍ତି ଯୀଶୁଙ୍କ ଶିଷ୍ୟଗଣ ପ୍ରେରିତ ଥିଲେ । ଦ୍ୱିତୀୟରେ ପାଉଲ ଜଣେ ପ୍ରେରିତ । "ପ୍ରେରିତ" **"ଆପୋଷ୍ଟଲସ୍"** ଶବ୍ଦର ଅର୍ଥ ହେଉଛି, "ଯେଉଁ ବ୍ୟକ୍ତିକୁ ପ୍ରେରଣ କରାଯାଇଅଛି ।"

ଦ୍ୱିତୀୟ ଦଳ ହେଉଛି "ଭାବବାଦୀଗଣ" । ଭାବବାଦୀମାନେ ପ୍ରଚାରକ ଥିଲେ । ଭାବବାଦୀ ଶବ୍ଦ ବାଇବଲରେ ୨୪୨ ଥର ଦେଖାଯାଏ । ଦ୍ୱିତୀୟ ବିବରଣ ୧୮:୧୮ ସେମାନଙ୍କ ମୁଖ୍ୟ କାର୍ଯ୍ୟ ବର୍ଣ୍ଣନା କରେ । ***"ଆମ୍ଭେ ସେମାନଙ୍କ ନିମନ୍ତେ ସେମାନଙ୍କ ଭ୍ରାତୃଗଣ ମଧ୍ୟରୁ ତୁମ୍ଭ ସଦୃଶ ଜଣେ ଭବିଷ୍ୟତ୍‌ବକ୍ତା ଉତ୍ପନ୍ନ କରିବା ଓ ଆମ୍ଭେ ତାହାଙ୍କ ମୁଖରେ ଆପଣା ବାକ୍ୟ ଦେବା ଓ ଆମ୍ଭେ ତାହାଙ୍କୁ ଯେ ଯେ ଆଜ୍ଞା ଦେବା ତାହା ସେ ସେମାନଙ୍କୁ କହିବେ ।"***

ପୁରାତନ ନିୟମରେ କେତେକ ଭବିଷ୍ୟତ୍‌ବକ୍ତା ଥିଲେ ହାରୋଣ (ଯାତ୍ରା ୭:୧), ମୋଶା, ଏଲୀୟ, ଇଲିଶାୟ, ଯିଶାଇୟ, ଯିରିମିୟ, ଦାନିୟେଲ ଓ ଅନ୍ୟାନ୍ୟ ଅନେକ । ଆହୁରି ମଧ୍ୟ ଯିଶାଇୟଙ୍କ ପତ୍ନୀ ଥିଲେ ଜଣେ ଭାବବାଦିନୀ (ଯିଶାଇୟ ୮:୩) । ନୂତନ ନିୟମରେ ଭବିଷ୍ୟତ୍‌ବକ୍ତାମାନଙ୍କର କେତେକ ଉଦାହରଣ, ଯୀଶୁଖ୍ରୀଷ୍ଟ, ଆଗୋବ (ପ୍ରେରିତ ୨୧:୧୦) ଏବଂ ଫିଲିପ୍ପଙ୍କ ଚାରି ଅବିବାହିତା କନ୍ୟା (ପ୍ରେରିତ ୨୧:୯) ।

ତୃତୀୟ ଦଳ ହେଉଛି **"ପ୍ରଚାରକଗଣ"** । ଏହି ଲୋକମାନେ ହଜିଯାଇଥିବା ଆତ୍ମାମାନଙ୍କୁ ଲାଭ କରିବା ଉଦ୍ଦେଶ୍ୟରେ ଯୀଶୁଖ୍ରୀଷ୍ଟଙ୍କ ସୁସମ୍ବାଦ ଘୋଷଣା କରିବା ବ୍ୟକ୍ତିଗଣ **(ଏହି**

**ଲୋକମାନଙ୍କୁ ଆମ୍ଭେମାନେ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାର ସେବାକାର୍ଯ୍ୟରେ "ପ୍ରାରମ୍ଭକାରୀ" ବୋଲି ନାମକରଣ ଦେଇଅଛୁ)** । ନୂତନ ନିୟମରେ ଜଣେ ସାଧାରଣ ଲୋକ, ଦିକନ ଓ ଜଣେ ପ୍ରଚାରକ ଥିଲେ । **ପ୍ରେରିତ ୨୧:୮ କହେ,** ***"ପରଦିନ ଆମ୍ଭେମାନେ ପ୍ରସ୍ଥାନ କରି କାଇସରିଆକୁ ଗଲୁ, ଆଉ ସାତଜଣଙ୍କ ମଧ୍ୟରେ ଅନ୍ତର୍ଗତ ସୁସମାଚାର ପ୍ରଚାରକ ଫିଲିପ୍ପଙ୍କ ଗୃହରେ ରହିଲୁ ।"*** "ସେ ଜଣେ ସାଧାରଣ ଲୋକ, ଯେ ହଜିଯାଇଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କଲେ ଏବଂ ସେମାନଙ୍କୁ ବାପ୍ତିସ୍ମ ଦେଲେ । **ପ୍ରେରିତ ୮:୧୨ କହେ,** ***"କିନ୍ତୁ ଫିଲିପ୍ପ ଈଶ୍ୱରଙ୍କ ରାଜ୍ୟ ଓ ଯୀଶୁଖ୍ରୀଷ୍ଟଙ୍କ ନାମ ବିଷୟକ ସୁସମାଚାର ପ୍ରଚାର କରିବାରୁ ସେମାନେ ଯେତେବେଳେ ତାଙ୍କ କଥାରେ ବିଶ୍ୱାସ କଲେ, ସେତେବେଳେ ପୁରୁଷ ଓ ସ୍ତ୍ରୀ ଉଭୟ ବାପ୍ତିଜିତ ହେବାକୁ ଲାଗିଲେ ।"*** ଆଜି ଜଗତବ୍ୟାପୀ, ଆମ୍ଭମାନଙ୍କ ପୁରୁଷ ଓ ସ୍ତ୍ରୀମାନେ ଅଛନ୍ତି, ଯେଉଁମାନେ ନୂତନ ମଣ୍ଡଳୀମାନ ଆରମ୍ଭ କରିବାରେ ମିଶନେରୀମାନଙ୍କ କାର୍ଯ୍ୟ ସଫଳ କରୁଅଛନ୍ତି ।

ଚତୁର୍ଥ ସେବାକାର୍ଯ୍ୟ - **"ପାଳକ-ଶିକ୍ଷକ"**ମାନଙ୍କ କାର୍ଯ୍ୟ । ପାଳକମାନେ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ମୁଖ୍ୟତଃ ତାଲିମଦାନକାରୀଗଣ । ସେମାନେ ଆଧ୍ୟାତ୍ମିକ ନେତାଗଣ, ଈଶ୍ୱରଙ୍କ ଦାସଗଣ, ଯେଉଁମାନେ ଈଶ୍ୱରଙ୍କ ପଥରେ ଲୋକମାନଙ୍କୁ ଚାଳନା ଦିଅନ୍ତି । ଏକ ଶିକ୍ଷକ ଓ ଏକ ପ୍ରସ୍ତୁତକାରୀ ହେବାର ଦାନ ତାଙ୍କଠାରେ ଥିବା ଉଚିତ ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କଠାରେ ଏକ ଆତ୍ମିକ ଦାନ ପ୍ରାପ୍ତ ହୁଏ, ଯେତେବେଳେ ପରିବର୍ତ୍ତନର ମୁହୂର୍ତ୍ତରେ ତାହାର ହୃଦୟ ମଧ୍ୟକୁ ପବିତ୍ରଆତ୍ମା ପ୍ରବେଶ କରନ୍ତି । **୧ ପିତର ୪:୧୦ କହେ,** ***"ପ୍ରତ୍ୟେକଜଣ ଯେଉଁପରି ଅନୁଗ୍ରହଦାନ ପାଇଅଛି, ସେହିପ୍ରକାରେ ଈଶ୍ୱରଙ୍କ ବହୁବିଧ ଅନୁଗ୍ରହର ଉତ୍ତମ ଭଣ୍ଡାରଘରିଆ ସ୍ୱରୂପେ ତଦ୍ଦ୍ୱାରା ପରସ୍ପରର ସେବା କର ।"*** ଏଫିସୀୟ ୪:୧୧-୧୨ ଅନୁସାରେ ମଣ୍ଡଳୀର ସଭ୍ୟମାନେ ଅଛନ୍ତି, ଯେଉଁମାନଙ୍କର ପ୍ରଚାରକର ଆତ୍ମିକ ଦାନ ଅଛି ।

କିଏ ପ୍ରାରମ୍ଭକାରୀ ହୋଇପାରିବ ? କିଏ ପ୍ରଚାର କାର୍ଯ୍ୟ କରିବ, ଶିଷ୍ୟ ବନାଇପାରିବ ଓ ନୂତନ ମଣ୍ଡଳୀମାନ ଆରମ୍ଭ କରିପାରିବ ? ଜଣେ ପାଳକ ଏକ ପ୍ରାରମ୍ଭକାରୀ ହୋଇପାରିବେ କି ? ଜଣେ ସାଧାରଣ ବ୍ୟକ୍ତି ପ୍ରାରମ୍ଭକାରୀ ହୋଇପାରିବେ କି ? ସ୍ଥାନୀୟ ନେତା ପ୍ରାରମ୍ଭକାରୀ ହୋଇପାରିବେ କି ? ଜଣେ ଆଇନଜୀବୀ (ଓକିଲ) ପ୍ରାରମ୍ଭକାରୀ ହୋଇପାରିବେ କି ? ଜଣେ ଶିକ୍ଷକ ଏକ ପ୍ରାରମ୍ଭକାରୀ ହୋଇପାରିବେ କି ? ଜଣେ ମିଶନେରୀ ଏକ ପ୍ରାରମ୍ଭକାରୀ ହୋଇପାରିବେ କି ?

ପ୍ରତ୍ୟେକ ଜଣ ଏକ ପ୍ରାରମ୍ଭକାରୀ ହୋଇପାରିବେ, ଯେ ଅନୁଭବ କରନ୍ତି ଜଣେ ପ୍ରଚାରକଙ୍କ ଆହ୍ୱାନପ୍ରାପ୍ତ ହୋଇଛନ୍ତି ଏବଂ ବାଇବଲ ଅନୁଯାୟୀ ଯୋଗ୍ୟତା ଲାଭ କରିଛନ୍ତି । କିନ୍ତୁ ପ୍ରାରମ୍ଭକାରୀ ହେବାର ଯୋଗ୍ୟତାମାନ କ'ଣ ? ବ୍ୟକ୍ତିଜଣକ ପାଳକ ବା ସାଧାରଣ ସଭ୍ୟ ହୁଅନ୍ତୁ, ସେଥିରେ କିଛି ପ୍ରଭେଦ ନାହିଁ ।

୧. ସେ ଜଣେ ପରିତ୍ରାଣପ୍ରାପ୍ତ ହୋଇଥିବେ (ପ୍ରେରିତ ୯)
୨. ଆହ୍ୱାନପ୍ରାପ୍ତ ହୋଇଥିବେ (ଗାଲାତୀୟ ୧:୧୫-୧୬)
୩. ପବିତ୍ରଆତ୍ମାଙ୍କ ପୂର୍ଣ୍ଣତାପ୍ରାପ୍ତ ହୋଇଥିବେ (ଗାଲାତୀୟ ୫:୧୬; ଏଫିସୀୟ ୫:୧୮ ଓ ପ୍ରେରିତ ୧୩:୯
୪. ଈଶ୍ୱରଙ୍କ ବାକ୍ୟ ବ୍ୟବହାର କିପରି କରିବେ ଜାଣିଥିବେ (୨ ତୀମଥି ୨:୧୫)
୫. ଈଶ୍ୱରଙ୍କୁ ସନ୍ତୁଷ୍ଟ ଓ ତାଙ୍କର ଆଜ୍ଞାବହ ହେବାର ଇଚ୍ଛା ବା ଆକାଂକ୍ଷା ଥିବ (୧ ଥେସଲନୀକୀୟ ୨:୪)
୬. ନୂତନ ପରିବର୍ତ୍ତିତ ବ୍ୟକ୍ତିମାନଙ୍କୁ ପ୍ରେମ କରୁଥିବେ ଓ ସେମାନଙ୍କ ଯତ୍ନ ନେଉଥିବେ (୧ ଥେସଲନୀକୀୟ ୨:୭-୧୨ ଓ ତୀତସ ୧:୯)
୭. କିପରି ପ୍ରାର୍ଥନା କରିବାକୁ ହୁଏ ଜାଣିଥିବେ (୧ ଥେସଲନୀକୀୟ ୧:୨; କଲସୀ ୪:୨-୬)
୮. ଏକ ପବିତ୍ର ଜୀବନଯାପନ କରୁଥିବେ (୧ ତୀମଥି ୫:୨୨; ତୀତସ ୧:୭-୮)
୯. ବିଶ୍ୱାସରେ ଦୃଢ଼ ଥିବେ (ଅଟଳ ବିଶ୍ୱାସ) (ତୀତସ ୧:୯)

**ଆମ୍ଭେମାନେ କିପରି ଏକ ଜାତିକୁ ଖ୍ରୀଷ୍ଟଙ୍କ ପାଇଁ ବ୍ୟବହାର କରିପାରିବା ଏବଂ ପ୍ରତ୍ୟେକ ସହର, ନଗର ଓ ଗ୍ରାମରେ ଏକ ନୂତନ ମଣ୍ଡଳୀ ଆରମ୍ଭ କରିପାରିବା ? ଯଦି ଆମ୍ଭେମାନେ ସାଧାରଣ ପରିପକ୍ୱ ଲୋକମାନଙ୍କୁ ତାଲିମ ନ ଦେଉ, ଯେଉଁମାନଙ୍କର ଦାନ ଅଛି ଓ ସେହି ଦାନକୁ ପ୍ରଚାରକର କାର୍ଯ୍ୟରେ ବ୍ୟବହାର କରିବାକୁ ପାରଦର୍ଶିତା ଅଛି ? ଖ୍ରୀଷ୍ଟଙ୍କ ପାଇଁ ସମୁଦାୟ ଜଗତରେ ପହଞ୍ଚାଇବା ପାଇଁ ଯଥେଷ୍ଟ ପାଳକ ନାହାନ୍ତି । ଈଶ୍ୱରଙ୍କ ଲୋକମାନେ ସେହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ତାଲିମ ପାଇବା ଆବଶ୍ୟକ ।**

ଯଦି ପ୍ରଚାରକ-ଶିକ୍ଷକମାନେ ବାଇବଲ ଅନୁଯାୟୀ ଯୋଗ୍ୟତା ଥିବା ଏକ ବିରାଟ ସୈନ୍ୟ ଶ୍ରେଣୀକୁ ତାଲିମ ଦିଅନ୍ତି, ଆମ୍ଭେମାନେ ସମୁଦାୟ ଜଗତର ସମସ୍ତ ନଗର, ପ୍ରତିବାସୀ ଅଞ୍ଚଳଗୁଡ଼ିକ ଓ ଗ୍ରାମଗୁଡ଼ିକରେ ମଣ୍ଡଳୀ ଆରମ୍ଭ କରିବା ଲକ୍ଷ୍ୟ ପୂରଣ କରିପାରିବା ।

ପ୍ରାରମ୍ଭକାରୀ ଜଣେ କିଏ ହୋଇପାରେ ? ଯେକୌଣସି ବ୍ୟକ୍ତି ଯେ କି ପବିତ୍ରଆତ୍ମାଙ୍କ ଦ୍ୱାରା ଆହୂତ ଖ୍ରୀଷ୍ଟଙ୍କ ସୁସମ୍ବାଦ କହିବାକୁ ଓ ନୂତନ ମଣ୍ଡଳୀମାନ ଆରମ୍ଭ କରିବାକୁ ।

## V. ପ୍ରାରମ୍ଭକାରୀ, ପ୍ରଚାରକ, ନେତା - ପିଇଏଲ୍

**ପାଳକ, ପ୍ରଚାରକ କିଅବା ପ୍ରାରମ୍ଭକାରୀ ସାଧାରଣ ନେତାଙ୍କ ମୁଖ୍ୟ ଭୂମିକା କ'ଣ ? ସେ ସମସ୍ତ ବିଷୟ କରିବା ଉଚିତ କି ? ନାଁ!!! ସେ ଜଣେ ଆଧ୍ୟାତ୍ମିକ ନେତା ଯେ କି ଲୋକମାନଙ୍କର ସେବା କରନ୍ତି ।**

ଏଫିସୀୟ ୪:୧୧-୧୨ ବ୍ୟାଖ୍ୟା କରେ ସ୍ପଷ୍ଟ ରୂପେ ପାଳକଙ୍କର ମୁଖ୍ୟ ଭୂମିକା କ'ଣ । ବାଇବଲ କହେ ଯେ, ଈଶ୍ୱର ମଣ୍ଡଳୀର ପାଳକ-ଶିକ୍ଷକ, ଈଶ୍ୱରଙ୍କ ଲୋକମାନଙ୍କୁ ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତ କରିବାକୁ ଦେଲେ ଯେପରି ଖ୍ରୀଷ୍ଟଙ୍କ ଶରୀର (ମଣ୍ଡଳୀ) ନିର୍ମିତ ହୋଇପାରିବ ।" ପ୍ରସ୍ତୁତ କରିବା ଅର୍ଥ ସେମାନଙ୍କୁ କେବଳ ମତବାଦ ବା ମୂଳତତ୍ତ୍ୱ ଶିଖିବାକୁ ନ ଦେଇ "ବ୍ୟବହାରିକ" ସେବାକାର୍ଯ୍ୟ କରିବାକୁ ସେମାନଙ୍କୁ ତାଲିମ ଦେବା । **ଅନ୍ୟ ଭାଷାରେ ପାଳକ ବା ନେତାଙ୍କ ମୁଖ୍ୟ ଭୂମିକା ହେଉଛି, ସାଧାରଣ ଲୋକମାନଙ୍କୁ ଈଶ୍ୱରଦତ୍ତ ସେବାକାର୍ଯ୍ୟ ସମ୍ପନ୍ନ କରିବାକୁ ତାଲିମ ଦେବା ଓ ପ୍ରସ୍ତୁତ କରିବା ।**

ପାଳକଙ୍କ କାର୍ଯ୍ୟକୁ ଉଦାହରଣ ସହ ଅଧିକତର ବୁଝାଇବାକୁ, ଏକ ଫୁଟ୍‌ବଲ୍ ଖେଳାଳୀ ଦଳ ବିଷୟ ଚିନ୍ତା କର । ଏକ ଫୁଟ୍‌ବଲ୍ ଖେଳାଳୀ ଦଳର ଖେଳାଳୀମାନେ ଓ ଜଣେ କୋଚ୍ (ଶିକ୍ଷକ) ଅଛନ୍ତି । କୋଚ୍, ଖେଳ ପଡ଼ିଆକୁ ଯାଇ ଖେଳେ ନା ସେ ଖେଳାଳୀମାନଙ୍କୁ ଖେଳଟି କିପରି ଖେଳାଯିବ ଶିକ୍ଷା ଦିଏ ? ଅବଶ୍ୟ ଉତ୍ତର ହେଉଛି ଯେ, କିପରି ଖେଳାଯିବ ସେ ଖେଳାଳୀମାନଙ୍କୁ ତାଲିମ ଦିଏ ।

ମଣ୍ଡଳୀର ପାଳକ ବା ସାଧାରଣ ନେତା, ଯେକୌଣସି ମିଶନର ବା ଶ୍ରୋତା ମଣ୍ଡଳୀର ହୁଅନ୍ତୁ, ସଭ୍ୟମାନଙ୍କ ସକାଶେ ସେବାକାର୍ଯ୍ୟ କରିବାକୁ ନୁହେଁ, ମାତ୍ର ସେବାକାର୍ଯ୍ୟ କିପରି କରାଯିବ, ତାହା ଶିକ୍ଷା ଦେବେ ଓ ସେମାନଙ୍କୁ ତାଲିମ ଦେବେ । ସେ ଯାହାସବୁ କରୁଅଛନ୍ତି ଯଥା : କିପରି ସାକ୍ଷ୍ୟ ଦେବ, ଉପଦେଶମାନ ପ୍ରଚାର କରିବ, ପ୍ରଭୁଭୋଜ କିପରି ଦେବ ଏ ସମସ୍ତ ସେହି ସଭ୍ୟମାନଙ୍କୁ ଶିଖାଇବା ଉଚିତ ।

ଥରେ ଥୋମାସ୍ ଓ୍ୱେଡ୍ ଏକ ଶିଳ୍ପ କ୍ଷେତ୍ରରେ ବଢ଼େଇ (କାଠକର୍ମୀ)ମାନଙ୍କ ସାହାଯ୍ୟକାରୀ ରୂପେ କାର୍ଯ୍ୟ କରୁଥିଲେ । ବଢ଼େଇମାନେ ଏକ ସଂଘର ଲୋକମାନେ ଥିଲେ । ଦିନେ ବଢ଼େଇ ଓ ଥୋମାସ୍ ଗୋଟିଏ ଉଚ୍ଚ ମଞ୍ଚ ଉପରେ କାର୍ଯ୍ୟ କରୁଥିଲେ । ବଢ଼େଇ ଜଣେ

ପୃଥଳକାୟ (ମୋଟା) ଲୋକ ଏବଂ ସେହି ମଞ୍ଚର ଯେତେ ଉଚ୍ଚରେ ସେ ଥିଲେ ସେ ପଟା କାଟିପାରିଲେ ନାହିଁ । ସେ ଚତୁର୍ଦ୍ଦିଗକୁ ଚାହିଁ ଦେଖିଲେ କେହି ଜଣେ ଦେଖୁଛନ୍ତି କି ଓ ତାହାପରେ ସେ କହିଲେ, "ଥୋମାସ୍ ତୁମେ ଏହି ପଟାଟି କାଟିଦିଅ ।" ଥୋମାସ୍ କହିଲେ, "ନିଶ୍ଚୟ, କିଛି ସମସ୍ୟା ନାହିଁ । କାହିଁକି ଚତୁର୍ଦ୍ଦିଗକୁ ସେପରି ଚାହୁଁଛ ?" ବଢ଼େଇ ବୁଝାଇ ଦେଲେ ଯେ, ଥୋମାସ୍ ଯେହେତୁ ବଢ଼େଇମାନଙ୍କ ସଂଘର ଲୋକ ନୁହଁନ୍ତି, ସେ ପଟାଗୁଡ଼ିକୁ କାଟିବାକୁ କିଅବା କଣ୍ଟା ବୁଲାଇବାକୁ ଅନୁମତିପ୍ରାପ୍ତ ନୁହଁନ୍ତି ।

ଆଧୁନିକ ସମୟରେ ସେବାକାର୍ଯ୍ୟରେ ଆଜି ଅନେକ ଦେଶମାନଙ୍କରେ ଏକ ପାଳକ ସଂଘ ମୌଳିକ ଅବସ୍ଥାରେ ରହିଅଛି । ପାଳକମାନେ ବାପ୍ତିସ୍ମ ଦିଅନ୍ତି, ପ୍ରଭୁଭୋଜ କରନ୍ତି ଇତ୍ୟାଦି । ମାତ୍ର ସାଧାରଣ ସଭ୍ୟମାନେ କରିପାରନ୍ତି ନାହିଁ । ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦିଏ ଯେ, ଆମ୍ଭେମାନେ ସମସ୍ତେ ସେବକ । ୧ ପିତର ୨:୫, "ତୁମ୍ଭେମାନେ ମଧ୍ୟ...ପବିତ୍ର ଯାଜକବର୍ଗ ହେବା ପାଇଁ ଜୀବନ ପ୍ରସ୍ତର ସ୍ୱରୂପ ହୋଇ ଗୋଟିଏ ପାରମାର୍ଥିକ ଗୃହ ରୂପରେ ନିର୍ମିତ ହୁଅ ।" ୧ ପିତର ୨:୯, "ତୁମ୍ଭେମାନେ ଏକ ମନୋନୀତ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ ।"

ଖ୍ରୀଷ୍ଟଙ୍କଠାରେ ପ୍ରତ୍ୟେକ ବିଶ୍ୱାସୀ ଏକ ଯାଜକ ଅଟନ୍ତି, ଏକ ସେବକ ଅଟନ୍ତି ଏବଂ ଈଶ୍ୱରଙ୍କ ରାଜ୍ୟରେ କୌଣସି କାର୍ଯ୍ୟ ସଂଘ ନାହିଁ । ପାଳକମାନେ ସେମାନଙ୍କ ଭୂମିକା ଦାସଗଣ, ଆତ୍ମିକ ନେତାଗଣ ରୂପେ ଦୃଶ୍ୟମାନ ହେବା ଆବଶ୍ୟକ । ଯେଉଁମାନେ ସାଧାରଣ ଲୋକମାନଙ୍କୁ ସେବାକାର୍ଯ୍ୟର ସମସ୍ତ ବିଷୟରେ ଅନ୍ତର୍ଗତ କରିବା ବ୍ୟକ୍ତି ଅଟନ୍ତି ।

**ଯୀଶୁ ବାର ଶିଷ୍ୟଙ୍କୁ ତାଲିମ ଦେବାରେ ତିନିବର୍ଷ ବ୍ୟୟ କଲେ । ସେ ହେଉଛନ୍ତି ଜଗତକୁ ପ୍ରଭାବ ପକାଇବାର ସିଦ୍ଧ ଆଦର୍ଶ । ସେ ଏକ ମୌଳିକ ନିୟମ - <u>ସଂଖ୍ୟାବୃଦ୍ଧି</u> ବ୍ୟବହାର କରିଥିଲେ । ସେ ଯାହାକିଛି କଲେ ତାହା ଆମ୍ଭେମାନେ କରିବା ଉଚିତ । ଯୀଶୁ କ'ଣ କରିଥିଲେ ?**

ଯୀଶୁଙ୍କର ଦୁଇପ୍ରକାର ସେବାକାର୍ଯ୍ୟ ଥିଲା :

୧. ତାହାଙ୍କର ଏକ ସର୍ବସାକ୍ଷାତର ସେବାକାର୍ଯ୍ୟ ଥିଲା ।
୨. ତାହାଙ୍କର ଏକ ବ୍ୟକ୍ତିଗତ ବା ନିଜସ୍ୱ ବା ଘରୋଇ ସେବାକାର୍ଯ୍ୟ ଥିଲା । ଏହା ତାହାଙ୍କ ଘରୋଇ ସେବାକାର୍ଯ୍ୟ, ଯାହା ଜଗତରେ ବୃହତ୍ତମ ପ୍ରଭାବ ବିସ୍ତାର କଲା ।

**ଏହି ଘରୋଇ ସେବାକାର୍ଯ୍ୟରେ ସେ ତିନୋଟି ବିଷୟ କଲେ :**

୧. **ସେ ଶିଷ୍ୟମାନଙ୍କର ଏକ ଦଳ ଗଠନ କଲେ ।**

ତାହାଙ୍କ ଦଳରେ କେତେଜଣ ଥିଲେ ? ୧୨ ଜଣ ଲୋକ । ତୁମକୁ ୧୨ ଜଣରେ ଆରମ୍ଭ କରିବାକୁ ହେବ ନାହିଁ । ତୁମେ ଏକ ଜଣରେ

ଆରମ୍ଭ କରି ଯଦି କରିବାକୁ ଅଛି । ଯଦି ତୁମର କେହି ଜଣେ ସୁଦ୍ଧା ନାହିଁ, ତେବେ ଜଣକୁ ଲାଭ କର ।

୨. **ସେ ତାଙ୍କ ଦଳକୁ ତାଲିମ ଦେଲେ :** ଏହି ପି.ଇ ହସ୍ତଲିପିର ବ୍ୟବହାରିକ ଅଂଶ ତୁମକୁ ଶିକ୍ଷାଦାନ ଦେବ, ତୁମର ଦଳକୁ କିପରି ତାଲିମ ଦେବ ବୋଲି ।

୩. **ସେ ଦଳକୁ ବାହାରକୁ ପ୍ରେରଣ କଲେ :** ତୁମର ମଣ୍ଡଳୀର ବୃଦ୍ଧି ସାଧନ ଓ ନୂତନ ମଣ୍ଡଳୀମାନ ଆରମ୍ଭ କରିବାକୁ ତୁମେ କିପରି ଦଳରେ ସଭ୍ୟମାନଙ୍କୁ ବାହାରକୁ ପଠାଇପାରିବ, ସେ ବିଷୟରେ ଅନେକ ଯୋଜନା କୌଶଳମାନ ଅଛି । ଏଠାରେ ତିନୋଟି ସରଳ ଭାବଧାରା ଅଛି । ୧୨ଜଣିଆ ଦଳକୁ କିପରି ବ୍ୟବହାର କରିବ ।

- ତୁମର ନଗର ବା ସମ୍ପ୍ରଦାୟକୁ ୧୨ ଭାଗରେ ବିଭକ୍ତ କର ଏବଂ ତୁମ ଦଳର ପ୍ରତ୍ୟେକ ସଭ୍ୟକୁ ଗୋଟିଏ ଭାଗ ଉପରେ ନେତା କର । ସେମାନେ ନଗରର ସେହି ଭାଗରେ ସୁସମାଚାର ପ୍ରଚାର ପାଇଁ ଦାୟିତ୍ୱ ବହନ କରିବେ ।
- ସେମାନଙ୍କୁ ୧୨ଟି ନେତାରୂପେ ବିଭିନ୍ନ ପ୍ରତିବାସୀ ଅଞ୍ଚଳ, ନଗରମାନ, ସହରମାନ ବା ଗ୍ରାମମାନଙ୍କୁ ବାହାରକୁ ନୂତନ କାର୍ଯ୍ୟସବୁ ଆରମ୍ଭ କରିବାକୁ ପଠାଇ ଦିଅ ।
- କିଅବା ଅଧିକ ଭାରସାମ୍ୟ ରକ୍ଷା କରିବା ପଦକ୍ଷେପ ନେଇ, କେତେକଙ୍କୁ ତୁମ ମଣ୍ଡଳୀ ବୃଦ୍ଧି ସକାଶେ ତୁମ ସମ୍ପ୍ରଦାୟରେ ସୁସମାଚାର ପ୍ରଚାର କରିବାକୁ ପଠାଅ ଏବଂ ଅନ୍ୟମାନଙ୍କୁ ଅନ୍ୟ ପ୍ରତିବାସୀ ଅଞ୍ଚଳମାନଙ୍କୁ, ନଗରମାନଙ୍କୁ, ସହରମାନଙ୍କୁ ବା ଗ୍ରାମମାନଙ୍କୁ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ବାହାରକୁ ପଠାଅ ।

(ସମୟାନୁଯାୟୀ ପ୍ରତ୍ୟେକ ନେତା ତାଙ୍କ ଦଳର ଦୁଇ ବା ତତୋଧିକ ଲୋକଙ୍କୁ ନେଇ କ୍ଷୁଦ୍ର କ୍ଷୁଦ୍ର ଦଳରେ ତାଙ୍କ ଦଳକୁ ପରିଣତ କରିବେ ଏବଂ ତାଙ୍କର ଦଳକୁ ସେ ଶିଖିଥିବା ବିଷୟସବୁରେ ତାଲିମ ଦେବେ । ନେତାଙ୍କ ଦଳର ସଭ୍ୟମାନେ ତେବେ ସେମାନଙ୍କୁ ଦତ୍ତ ଅଞ୍ଚଳରେ ସୁସମାଚାର ପ୍ରଚାର କିଅବା ଏକ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ଦାୟିତ୍ୱ ବହନ କରିବେ ।)

**ପ୍ରାରମ୍ଭକାରୀ ପ୍ରଚାରକ ନେତା ଏକ ସୁସମାଚାର ପ୍ରଚାର - ଶିଷ୍ୟତ୍ୱ ଦଳ ସାଧାରଣ ଲୋକଙ୍କୁ ନେଇ ଗଠନ ମଧ୍ୟ କରିବେ ଏବଂ ସୁସମାଚାର ପ୍ରଚାର, ଶିଷ୍ୟତ୍ୱ ଓ ମଣ୍ଡଳୀ ରୋପଣ କରିବାକୁ ଏହି ଦଳକୁ ତାଲିମ ଦେବେ । ଏହି ହସ୍ତଲିପି ତୁମ୍ଭକୁ, ଏହା କିପରି କରିବ, ସେ ବିଷୟରେ ତାଲିମ ଦେବ, ମାତ୍ର ପ୍ରଥମ ପଦକ୍ଷେପ ହେଉଛି ତୁମ ଦଳର ବୃଦ୍ଧି ସାଧନ । ଯଦି ତୁମର ତାଲିମ ଦେବାକୁ କେହି ବିଶ୍ୱାସୀ ନାହାନ୍ତି, ତେବେ ପ୍ରଥମେ**

**ସେମାନଙ୍କୁ ଖ୍ରୀଷ୍ଟଙ୍କ ପାଇଁ ଲାଭ କରିବା ଆବଶ୍ୟକ । ସେମାନଙ୍କୁ ଲାଭ କରିବା ପରେ ତୁମେ ସେମାନଙ୍କୁ ଶିଷ୍ୟରେ ପରିଣତ କରିବ ଏବଂ ଏକ ସୁସମାଚାର ପ୍ରଚାର-ଶିଷ୍ୟତ୍ୱ ଦଳ ଗଠନ କରିବ । ତୁମର ଲକ୍ଷ୍ୟ ହେଉଛି ଶିଷ୍ୟମାନଙ୍କ ଏକ ଦଳ ଗଠନ କରିବା, ତେବେ ତୁମେ ପ୍ରାରମ୍ଭକାରୀ ପ୍ରଚାରକରେ ପରିଣତ କରିବାକୁ ସେମାନଙ୍କୁ ତାଲିମ ଦେଇପାରିବ ଓ ସେମାନଙ୍କୁ ବାହାରକୁ ପଠାଇପାରିବ । ଏହି ଶିଷ୍ୟମାନଙ୍କ ଦଳ ଯାହାକୁ ଆମ୍ଭେମାନେ ପ୍ରାରମ୍ଭକାରୀ ନାମ ଏହି ହସ୍ତଲିପିରେ ଦେଇଅଛୁ । ପ୍ରତ୍ୟେକ ପ୍ରାରମ୍ଭକାରୀ ପାଇଁ ଲକ୍ଷ୍ୟ ହେଉଛି, ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ନେତା (ପିଇଏଲ୍)ରେ ପରିଣତ ହେବା ଏବଂ ନିଜର ଏକ ଦଳ, ଶିଷ୍ୟମାନଙ୍କୁ ବା ପ୍ରାରମ୍ଭକାରୀମାନଙ୍କୁ ନେଇ ଗଠନ କରିବା । ଏହା ହେଉଛି ସଂଖ୍ୟାରେ ବୃଦ୍ଧି ପାଇବା ପ୍ରଣାଳୀ ।**

ତୁମେ ତୁମର ଦଳ ଦୁଇଟି ଉପାୟରେ ଗଠନ କର :

୧. ସର୍ବସାକ୍ଷାତରେ – ଉପାସନାଳୟର ପୁଲ୍‌ପିଟ୍ (ଶିକ୍ଷାଦେବା ମଞ୍ଚ) ଉପରୁ ଘୋଷଣା କର ଯେ, ତୁମେ ଏକ ଶିଷ୍ୟତ୍ୱ ସେବାକାର୍ଯ୍ୟ ଦଳ ଗଠନ କରିକୁ ଯାଉଅଛ ଏବଂ ଏଥିରେ ଅଂଶଗ୍ରହଣ କରିବାକୁ ସମସ୍ତଙ୍କୁ ନିମନ୍ତ୍ରଣ କର । ଈଶ୍ୱର କେତେକ ଲୋକଙ୍କୁ ଉଠାଇବେ ଯେଉଁମାନଙ୍କୁ ତୁମ୍ଭେ ବ୍ୟକ୍ତିଗତଭାବେ କେବେହେଲେ ମନୋନୀତ କରି ନ ଥାଆନ୍ତ । ଉଦାହରଣ ସ୍ୱରୂପ, ମାଥିଉ, ଜଣେ କରଗ୍ରାହୀଙ୍କୁ ଶିଷ୍ୟ ରୂପେ ତୁମେ କେବେ ମନୋନୀତ କରିଥାଆନ୍ତ କି ?

୨. ଘରୋଇ ବା ନିଜସ୍ୱଭାବେ – ଈଶ୍ୱରଙ୍କଠାରେ ପ୍ରାର୍ଥନା କର ଏବଂ କିଏ ତୁମ ଦଳରେ ରହିବାକୁ ଈଶ୍ୱର ଚାହାଁନ୍ତି, ତାହାଙ୍କୁ ପଚାର । ତାହାପରେ ଘରୋଇଭାବେ ସେମାନଙ୍କ ପାଖକୁ ଯାଅ ଏବଂ ସେମାନଙ୍କୁ ତୁମର ଶିଷ୍ୟତ୍ୱ ସେବାକାର୍ଯ୍ୟ ଦଳକୁ ନିମନ୍ତ୍ରଣ କର । ବୁଝାଇ ଦିଅ ଯେ, ତୁମେ ସପ୍ତାହରେ ଥରେ ଏକତ୍ର ହେବ । ତୁମେ ସେମାନଙ୍କୁ ଶିକ୍ଷା ଦେବ ଓ ସେମାନଙ୍କୁ ତାଲିମ ଦେବ ଏବଂ ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ପାଇଁ ଲୋକମାନଙ୍କୁ ଲାଭ କରିବାକୁ ବ୍ୟବହାରିକ ସେବାକାର୍ଯ୍ୟ କରିବା ନିମନ୍ତେ ବାହାରକୁ ପଠାଇବ ।

ପ୍ରାରମ୍ଭକାରୀ ସୁସମାଚାର ପ୍ରଚାର ସେବାକାର୍ଯ୍ୟ । ପିଇଏଲ୍‌ର ଦୁଇଟି ମୁଖ୍ୟ ଦାୟିତ୍ୱ ଅଛି :

**୧. ପିଇଏଲ୍‌ର ପ୍ରଥମ ମୁଖ୍ୟ ଦାୟିତ୍ୱ ହେଉଛି ପ୍ରାରମ୍ଭକାରୀଙ୍କୁ ଜଣଜଣକୁ କିଅବା କ୍ଷୁଦ୍ରଦଳମାନଙ୍କରେ ସେମାନଙ୍କୁ ତାଲିମ ଦେବା ।** ଏହି ତାଲିମ ଏପ୍ରକାର ନୁହେଁ ଯାହା ବହୁସଂଖ୍ୟକ ଲୋକଙ୍କ ମଧ୍ୟରେ କିଅବା ଏକ ବୃହତ୍ ଦଳମାନଙ୍କରେ ହୋଇପାରିବ । ସେ ସେମାନଙ୍କୁ କ୍ଷୁଦ୍ର ଦଳମାନଙ୍କରେ ତାଲିମ ଦେବା ଉଚିତ । ସବୁ ପାଳକ ବା ନେତାମାନେ ଏକ ଦଳ ଗଠନ କରିବାକୁ ହେବ । ଆମ୍ଭେମାନେ ପ୍ରସ୍ତାବ ଦେଉ ଯେ, ତୁମ ଦଳରେ ଜଣକରୁ ଆରମ୍ଭ କରି ବାରଜଣ ପର୍ଯ୍ୟନ୍ତ ସଭ୍ୟମାନଙ୍କୁ ରଖିପାରିବ । ଯେଉଁମାନଙ୍କୁ ତୁମେ ତାଲିମ ଦେବ, ଏମାନେ ହେବେ ତୁମର ଶିଷ୍ୟଗଣ । ତୁମ ପାଖେ ଯଦି ପୂର୍ବରୁ ବିଶ୍ୱାସୀମାନେ

ନାହାନ୍ତି, ଯାହାକୁ ନେଇ ତୁମେ ଏକ ଦଳ ଗଠନ କରିବ, ତୁମେ ଶୂନ୍ୟରୁ ଆରମ୍ଭ କରିବ । ପ୍ରଥମରେ ସେମାନଙ୍କୁ ଲାଭ କର ଏବଂ ପରେ ତୁମର ଦଳକୁ ତାଲିମ ଦିଅ । ତୁମର ଲକ୍ଷ୍ୟ ରୂପେ ମୁଖ୍ୟ ବିଷୟ ହେଉଛି, ପ୍ରାରମ୍ଭକାରୀମାନଙ୍କର ବା ଶିଷ୍ୟମାନଙ୍କର ଏକ ଦଳ ଗଠନ କରିବା । ତୁମ ଦଳ ସହିତ ତୁମେ ପ୍ରତ୍ୟେକ ସପ୍ତାହ ପ୍ରାର୍ଥନା, ବିବରଣୀ ଦେବା, ପରାମର୍ଶ ଓ ତାଲିମ ଦେବା ପାଇଁ ସାକ୍ଷାତ କରିବ ।

ଡକ୍ଟର ଓ୍ୱେଲନ୍ ମୁର୍ ତାଙ୍କର ପୁସ୍ତକ "ଶିଷ୍ୟମାନଙ୍କ ସଂଖ୍ୟା ବୃଦ୍ଧି କରିବା"ରେ ନିମ୍ନଲିଖିତ ବିଷୟ କହନ୍ତି :

କ. ଶିଷ୍ୟତ୍ୱ ହେଉଛି ସୀମାହୀନ ବ୍ୟକ୍ତିଗତ ସେବାକାର୍ଯ୍ୟ କରିବାକୁ ସର୍ବାଧିକ କୌଶଳପୂର୍ଣ୍ଣ ପ୍ରଣାଳୀ ମଧ୍ୟରୁ ଗୋଟିଏ ।

ଖ. ଶିଷ୍ୟତ୍ୱ ହେଉଛି ସର୍ବାପେକ୍ଷା ଅଧିକ ନମନୀୟ (ପରିବର୍ତ୍ତନଶୀଳ) ସେବାକାର୍ଯ୍ୟ ।

ଗ. ଶିଷ୍ୟତ୍ୱ ହେଉଛି ସୁସମାଚାର ପ୍ରଚାର ପାଇଁ ଖ୍ରୀଷ୍ଟଙ୍କ ଶରୀରକୁ ଗତିଶୀଳ କରିବା ଲାଗି ସବୁଠାରୁ ଅଧିକ କ୍ଷିପ୍ର ଓ ସର୍ବାଧିକ ନିରାପଦ ପଥ ।

ଘ. ଶିଷ୍ୟତ୍ୱର ଅନ୍ୟ କୌଣସି ସେବାକାର୍ଯ୍ୟ ଅପେକ୍ଷା ଅଧିକ ଫଳ ଉତ୍ପନ୍ନ କରିବାର ମହତ୍ତର ଦୀର୍ଘ ସମୟ ପାଇଁ ଅନ୍ତର୍ନିହିତ ଶକ୍ତି ଅଛି ।

ଙ. ଶିଷ୍ୟତ୍ୱ, ମଣ୍ଡଳୀ ପାଇଁ ପରିପକ୍ୱ ସାଧାରଣ ନେତାମାନଙ୍କୁ ଉତ୍ପନ୍ନ କରେ, ଯେଉଁମାନେ ଖ୍ରୀଷ୍ଟ କୈନ୍ଦ୍ରିକ ଓ ଈଶ୍ୱରଙ୍କ ବାକ୍ୟରେ ଶିକ୍ଷାପ୍ରାପ୍ତ ।

୨. ପିଇଏଲ୍‌ର ଦ୍ୱିତୀୟ ଦାୟିତ୍ୱ ହେଉଛି, ପ୍ରାରମ୍ଭକାରୀମାନଙ୍କ ସହିତ ସାପ୍ତାହିକ ସମ୍ପର୍କ ରଖିବା । ପିଇଏଲ୍ ଅନ୍ତତଃ ତାଙ୍କ ପ୍ରାରମ୍ଭକାରୀମାନଙ୍କ ଦଳର ସହିତ ପ୍ରତ୍ୟେକ ସପ୍ତାହ ଏକ ଘଣ୍ଟା ସମୟ ବ୍ୟୟ କରିବା ଉଚିତ । ତୁମେ ସେମାନଙ୍କ ଜୀବନମାନଙ୍କ ଉପରେ ପ୍ରଭାବ ପକାଇବା ପାଇଁ ଅନ୍ତତଃ ସପ୍ତାହରେ ଥରେ ସେମାନଙ୍କୁ ସାକ୍ଷାତ କରିବା ଉଚିତ । ଏହି ସାକ୍ଷାତ କରିବା ସଭାମାନଙ୍କରେ କଅଣ କରିବାକୁ ହେବ :

କ. ପିଇଏଲ୍ ସଭାକୁ ପ୍ରାର୍ଥନାସହ ଆରମ୍ଭ କରିବା ଉଚିତ । ଆମ୍ଭେମାନେ ଆତ୍ମିକ ଯୁଦ୍ଧ ମଧ୍ୟରେ ଅଛୁ ଏବଂ ଆମର ଏକମାତ୍ର ନିରାପତ୍ତା ହେଉଛି ପ୍ରାର୍ଥନା ।

ଖ. ପ୍ରତ୍ୟେକ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକଙ୍କୁ ସପ୍ତାହର ବିଜୟମାନ ବିଷୟ କହିବାକୁ ସୁଯୋଗ ଦିଅ ।

ଗ. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକମାନଙ୍କୁ ସେମାନେ ସପ୍ତାହ ମଧ୍ୟରେ ସମ୍ମୁଖୀନ ହେଉଥିବା ସମସ୍ୟାମାନ ପ୍ରକାଶ କରିବାକୁ କୁହ ଏବଂ ପ୍ରତ୍ୟେକଟିର ଏକ ଟିପ୍‌ପଣୀ ଲେଖିରଖ ।

ଘ. ପ୍ରତ୍ୟେକ ସମସ୍ୟା ବିଷୟରେ ପ୍ରାରମ୍ଭକାରୀଙ୍କୁ ଉପଦେଶ ଦିଅ ।

ଙ. **ପ୍ରାରମ୍ଭକାରୀ ସୁସମାଚାର ପ୍ରଚାର** ହସ୍ତଲିପିର ବ୍ୟବହାରିକ ବିଭାଗ କାର୍ଯ୍ୟକାରୀ କରିବା ପାଇଁ ଦଳକୁ ତାଲିମ ଦିଅ । ଉଦାହରଣ ସକାଶେ, "ତୁମର ସାକ୍ଷ୍ୟ କିପରି ଦେବ" ବା "ସୁସମାଚାର ପ୍ରଚାରମତ" ପ୍ରସଙ୍ଗର ଅଧ୍ୟାୟ ପୁନର୍ବାର ଅଧ୍ୟୟନ କର, ଏହା ନିଶ୍ଚିତ ହେବା ନିମନ୍ତେ ଯେ, ପ୍ରାରମ୍ଭକାରୀ ଆତ୍ମାମାନଙ୍କୁ କିପରି ଲାଭ କରିବ ଜଣେ । କିଅବା ସମ୍ଭବତଃ "ପ୍ରାର୍ଥନା", "ପରୋକ୍ଷ ପ୍ରଣାଳୀମାନ" କିଅବା "ସ୍ଥାନୀୟ ନେତାମାନଙ୍କୁ କିପରି ତାଲିମ ଦେବ" ଇତ୍ୟାଦି ପ୍ରସଙ୍ଗ ପୁନଃପଠନର ଆବଶ୍ୟକ ହୋଇପାରେ । କାର୍ଯ୍ୟକାରୀମାନଙ୍କୁ ତାଲିମ ଦେବାକୁ ଏହି ସମୟ ବ୍ୟବହାର କର ।

ଚ. ସେବାକାର୍ଯ୍ୟର ବ୍ୟବହାରିକ ବିଷୟମାନ ଯଥା : ଏକ ଉପଦେଶ କିପରି ଲେଖିବ, ପରାମର୍ଶ କିପରି ଦେବ ଇତ୍ୟାଦି ସେମାନଙ୍କୁ ଶିଖାଇବ । ଏହି ପ୍ରାରମ୍ଭକାରୀମାନଙ୍କୁ ଉତ୍ତମ ରୂପେ ତାଲିମ ଦେବା ପିଇଏଲର ଦାୟିତ୍ୱ ଅଟେ ।

ଛ. ପ୍ରାରମ୍ଭକାରୀମାନଙ୍କୁ ଏକ ସାଧାରଣ ପ୍ରସ୍ତାବନା ଦିଅ ଏବଂ ସଭା ପ୍ରାର୍ଥନା ସମାପ୍ତ କର । (ଏହି ଅଧ୍ୟାୟରେ ଅର୍ଥାତ୍ "ପ୍ରାରମ୍ଭକାରୀର ସାପ୍ତାହିକ ଅନୁସରଣ କାର୍ଯ୍ୟ" ଅଧ୍ୟାୟରେ ବ୍ୟବହାରିକ ପ୍ରସ୍ତାବନାମାନ ପ୍ରତି ଦୃଷ୍ଟିପାତ କର)

ଯଦି ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ବହୁତ ଦୂରରେ ଥାଆନ୍ତି, ପିଇଏଲ୍, ମାସରେ ଥରେ ବା ଦୁଇମାସରେ ଥରେ ଏକ ଦୀର୍ଘ ସମୟର ସଭା ଆୟୋଜନ କରିବା ଉଚିତ । ସେ ଚିଠି ବା ପତ୍ରମାନ ଲେଖିବା ଦ୍ୱାରା ମଧ୍ୟ ସମ୍ପର୍କ ରଖିପାରିବ । ଏହି ପ୍ରକାର ପ୍ରେରିତ ପାଉଲ କରିଥିଲେ । ପିଇଏଲ୍ ତାଙ୍କର ପ୍ରାରମ୍ଭକାରୀମାନଙ୍କୁ ସମୟାନୁସାରେ ପରିଦର୍ଶନ କରିବା ଓ ତାଙ୍କ ଦଳଗତ ସଭାମାନ ଜାରି ରଖିବା ବଡ଼ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ପାଳକ/ନେତାଙ୍କ ମୁଖ୍ୟ କାର୍ଯ୍ୟ କଅଣ ?**

______________________________________________

__________________

**ତୁମେ ଏକ ଦଳ ଗଠନ କରିବାକୁ, ଶିଷ୍ୟ ବନାଇବାକୁ, ସେମାନଙ୍କୁ ତାଲିମ ଦେବାକୁ ଓ ସେମାନଙ୍କୁ ବାହାରକୁ ପ୍ରେରଣ କରିବାକୁ ଆପଣାକୁ ସମର୍ପଣ କରିବ କି ?**

______________________________________________

________________

## VI. ସୁସମାଚାର ପ୍ରଚାର କାର୍ଯ୍ୟ ଓ ଶିଷ୍ୟତ୍ୱ ଦଳ

ପିଇଏଲ୍‌ର ଭୂମିକା ହେଉଛି ତାଙ୍କ ମଣ୍ଡଳୀ ସଭ୍ୟମାନଙ୍କୁ ସେମାନଙ୍କ ସେବାକାର୍ଯ୍ୟ ସଫଳ କରିବାକୁ ତାଲିମ ଦେବା । ପ୍ରତ୍ୟେକ ମଣ୍ଡଳୀରେ ଈଶ୍ୱର ସୁସମାଚାର ପ୍ରଚାର କାର୍ଯ୍ୟ ଓ ନୂତନ ମଣ୍ଡଳୀମାନ ରୋପଣ କରିବା ପାଇଁ ବିଶେଷ ଦାନ ସହ ସାଧାରଣ ସଭ୍ୟ କେତେକଙ୍କୁ ଯୋଗାଇଅଛନ୍ତି । ପିଇଏଲ୍ ଏହି ଦାନ ଥିବା ଆଭ୍ୟନ୍ତରୀଣ ଗୁଣବିଶିଷ୍ଟ ନେତାମାନଙ୍କୁ ଚିହ୍ନଟ କରିବେ । ପ୍ରାରମ୍ଭକାରୀ ନେତାର ଭୂମିକା ହେଉଛି ତେବେ, ଏହି ଲୋକମାନଙ୍କୁ (ପୁରୁଷ ଓ ସ୍ତ୍ରୀଙ୍କୁ) ପୃଥକ୍‌ଭାବେ, **ପ୍ରାରମ୍ଭକାରୀ ସୁସମାଚାର ପ୍ରଚାର** ହସ୍ତଲିପି ବ୍ୟବହାର କରି ଓ ଅନ୍ୟାନ୍ୟ ଉପକରଣ ବ୍ୟବହାର କରି ତାଲିମ ଦେବେ । ପ୍ରାରମ୍ଭକାରୀମାନଙ୍କ ଦଳ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ସୁସମାଚାର ପ୍ରଚାରକ ରୂପେ ସ୍ୱୀକୃତି ପ୍ରାପ୍ତ ହୋଇ ଗ୍ରହଣ କରାଯିବେ । ସ୍ଥାନୀୟ ମଣ୍ଡଳୀ, ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ, ସେମାନଙ୍କୁ ସାହାଯ୍ୟ ଦାନ କରିବାକୁ ଓ ସେମାନଙ୍କୁ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରେରଣ କରିବାକୁ, ପ୍ରତିଜ୍ଞାଯୁକ୍ତଭାବେ ସମର୍ପିତ ହେବେ ।

**ସୁସମାଚାର ପ୍ରଚାର ଓ ଶିଷ୍ୟତ୍ୱ ଦଳର ଲକ୍ଷ୍ୟମାନ ଓ ଉଦ୍ଦେଶ୍ୟସମୂହ**

**୧. ହଜା ଆତ୍ମାଗୁଡ଼ିକୁ ଲାଭ କରିବା ।**
**୨. ନୂତନ ପରିବର୍ତ୍ତିତ ବ୍ୟକ୍ତିମାନଙ୍କୁ ବାପ୍ତିସ୍ମ ଦେବା ।**
**୩. ନୂତନ ପରିବର୍ତ୍ତିତ ବ୍ୟକ୍ତିମାନଙ୍କ ପାଇଁ ଅନୁସରଣ କାର୍ଯ୍ୟ କରିବା ଓ ସେମାନଙ୍କୁ ଶିଷ୍ୟରେ ପରିଣତ କରିବା ।**
**୪. ଏକ ନୂତନ କାର୍ଯ୍ୟ ଆରମ୍ଭ ହେଉଥିବା ସ୍ଥାନରେ ସ୍ଥାନୀୟ ନେତାମାନଙ୍କୁ ତାଲିମ ଦେବା (ଯେଉଁ ନୂତନ ନେତାମାନଙ୍କୁ ପ୍ରାରମ୍ଭକାରୀ ପ୍ରଚାରକମାନେ ତାଲିମ ଦେବା ଆବଶ୍ୟକ, ଈଶ୍ୱର ସେମାନଙ୍କୁ ଉଠାଇବେ) ।**
**୫. ଏକ ନୂତନ ମଣ୍ଡଳୀ ସଂଗଠନ କରିବା, ଯେଉଁମାନେ ଆତ୍ମନିର୍ଭରଶୀଳ, ସ୍ୱଶାସିତ ଓ ଈଶ୍ୱରଙ୍କ ପବିତ୍ରଆତ୍ମାଙ୍କ ନେତୃତ୍ୱାଧୀନରେ ସ୍ୱଘୋଷିତ ଅଟନ୍ତି ।**
**୬. ଅନ୍ୟାନ୍ୟ ନୂତନ କାର୍ଯ୍ୟମାନର ସଂଖ୍ୟାବୃଦ୍ଧି ଆରମ୍ଭ କରିବା । ପ୍ରତ୍ୟେକ ପ୍ରାରମ୍ଭକାରୀ, ତାଙ୍କ ନିଜର ପ୍ରାରମ୍ଭକାରୀମାନଙ୍କ ଦଳ ଗଠନ କରିବା**

**ଓ ନୂତନ କାର୍ଯ୍ୟ ଆରମ୍ଭ କରିବା ଦ୍ୱାରା ଏକ ପିଇଏଲ୍‌ରେ ପରିଣତ ହେବେ ।**

**ଏହା ହେଉଛି ମଣ୍ଡଳୀ ରୋପଣ ଅଗ୍ରଗତିର ଉନ୍ନତି ପାଇଁ ଏକ ଯୋଜନା କୌଶଳ ଅଟେ ।**

## VII. ସଫଳପ୍ରଦଭାବେ ଆରମ୍ଭ ହେଉଥିବା ମଣ୍ଡଳୀମାନଙ୍କର ନଅଟି ମୌଳିକ ଭିତ୍ତିମୂଳସମୂହ

ଡୋନାଲ୍ଡ ଏ ମାକ୍‌ଗାଭ୍ରାନ୍ ତାଙ୍କ ପୁସ୍ତକ ମଣ୍ଡଳୀ ବୃଦ୍ଧି ବୁଝାମଣାରେ ଏବଂ ହାଓ୍ୱାର୍ଡ ସ୍ନିଡର୍ ତାଙ୍କ ପୁସ୍ତକ ସହର ମଣ୍ଡଳୀମାନ ଆରମ୍ଭ କରିବାକୁ ପ୍ରାରମ୍ଭିକ ସୂଚନାମାନରେ ସଫଳପ୍ରଦ ମଣ୍ଡଳୀ ରୋପଣ ପାଇଁ ମୌଳିକ ଭିତ୍ତିମୂଳ ସମୂହ ବର୍ଣ୍ଣନା କରନ୍ତି ।

ଏହି ନିୟମମାନ ସାର୍ବଜନୀନ ଏବଂ ଜଗତର ଯେକୌଣସି ଦେଶରେ କାର୍ଯ୍ୟକାରୀ ହୁଏ । ସେଗୁଡ଼ିକ ବଡ଼ ଓ ସାନ ନଗରଗୁଡ଼ିକରେ କାର୍ଯ୍ୟକାରୀ ହୁଏ ।

### କ. ନୂତନ କାର୍ଯ୍ୟ ଆରମ୍ଭ କରିବା ଆତ୍ମିକ ଦାନପ୍ରାପ୍ତ ଲୋକମାନଙ୍କୁ ଚିହ୍ନଟ କର ।

ପ୍ରତ୍ୟେକ ମଣ୍ଡଳୀରେ ସୁସମାଚାର ପ୍ରଚାର କରିବା ଦାନପ୍ରାପ୍ତ ଓ ନୂତନ କାର୍ଯ୍ୟମାନ ଆରମ୍ଭ କରିବା ଦାନପ୍ରାପ୍ତ ସାଧାରଣ ଲୋକ ଓ ସୁସମାଚାର ପ୍ରଚାରକମାନେ ଅଛନ୍ତି । **ଏଫିସୀୟ ୪:୧୧-୧୨ ଅନୁସାରେ ପିଇଏଲ୍‌ର କାର୍ଯ୍ୟ ହୁଏତ ଜଣେ ପାଳକ ଅବା ସାଧାରଣ ନେତାଭାବେ ସେମାନଙ୍କ ସେବାକାର୍ଯ୍ୟରେ ସିଦ୍ଧି ଲାଭ ପାଇଁ ସାଧୁମାନଙ୍କୁ (ସାଧାରଣ ଲୋକଙ୍କୁ) ପ୍ରସ୍ତୁତ କରିବାକୁ ଦିଆଯାଇଥାଏ । ରୋମୀୟ ୧୨:୬-୮, ୧ କରିନ୍ଥୀୟ ୧୨:୪-୧୧**

### ଖ. ସାଧାରଣ ସଭ୍ୟମାନଙ୍କ ନେତୃତ୍ୱ ବୃଦ୍ଧି କରିବା ।

ଗୋଟିଏ ହେଲେ ମଣ୍ଡଳୀ ନ ଥିବା ସ୍ଥାନରେ ଏକ ନୂତନ ମଣ୍ଡଳୀ ଆରମ୍ଭ କରିବା ପାଇଁ ପ୍ରଥମ ମୂଳଦୁଆ ହେଉଛି ସାଧାରଣ ଲୋକମାନଙ୍କ ନେତୃତ୍ୱ ବୃଦ୍ଧି କରିବା । ଏହି ଲକ୍ଷ୍ୟ ପୂରଣ ପାଇଁ ସାଧାରଣ ଲୋକମାନଙ୍କ ଚେଷ୍ଟାମାନର ବ୍ୟତୀତ, ହସ୍ତାର୍ପିତ ସେବକମାନେ ଯଥେଷ୍ଟ ସଂଖ୍ୟକ ନାହାନ୍ତି । ପିଇଏଲ୍‌ଙ୍କ ମୁଖ୍ୟ (ପ୍ରଥମ) କାର୍ଯ୍ୟ ଦାୟିତ୍ୱ ହେଉଛି ସାଧାରଣ ଲୋକମାନଙ୍କୁ ସେମାନଙ୍କ ସେବାକାର୍ଯ୍ୟରେ ପ୍ରସ୍ତୁତ କରିବା । **ଏଫିସୀୟ ୪:୧୧-୧୨** କହେ ଯେ, ଈଶ୍ୱର ସ୍ଥାନୀୟ ମଣ୍ଡଳୀ ପ୍ରଦାନ କଲେ, *"କାହା କାହାକୁ **ପ୍ରେରିତ (ମିଶନେରୀ)**, କାହା କାହାକୁ **ଭାବବାଦୀ**, କାହା କାହାକୁ **ସୁସମାଚାର ପ୍ରଚାରକ** ପୁଣି କାହା **କାହାକୁ ପାଳକ ଓ ଶିକ୍ଷକ** ରୂପେ ନିଯୁକ୍ତ କରି*

*ଦାନ କରିଅଛନ୍ତି, ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠା ପ୍ରାପ୍ତ ହୁଏ ।"*

ଜଣେ ଏକ ସ୍ଥାନୀୟ ମଣ୍ଡଳୀର ପାଳକ କହିଲେ, ମୁଁ ଯଦି ମୋର ସାଧାରଣ ଲୋକମାନଙ୍କୁ ବାପ୍ତିସ୍ମ କାର୍ଯ୍ୟ କରିବାକୁ ଦିଏ, ତେବେ ମୁଁ କ'ଣ କରିବି ? ଏହି ପାଳକଙ୍କର ପାଳକ ଭୂମିକା ବିଷୟରେ ବାଇବଲ ଜ୍ଞାନ କମ୍ ଥିଲା । ପାଳକ, ମିଶନେରୀ ଓ ନେତାମାନେ ଦୁଇଟି ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଦୃଷ୍ଟି ନିବଦ୍ଧ କରିବା ଆବଶ୍ୟକ ।

**କ. ସାଧାରଣ ଲୋକମାନଙ୍କୁ ସୁସମାଚାର ପ୍ରଚାରକ ହେବାକୁ ତାଲିମ ଦେବା ।** ଏହି ସୁସମାଚାର ପ୍ରଚାରକମାନେ ପ୍ରାରମ୍ଭକାରୀ ହେବା ପାଇଁ ଆତ୍ମିକ ପରିପକ୍ୱତା ଲାଭ କରିବେ ।

**ଖ. ସ୍ଥାନୀୟ ନେତା/ସୁସମାଚାର ପ୍ରଚାରକମାନଙ୍କୁ ତାଲିମ ଦେବା,** ଯେଉଁମାନେ ଖୁବ୍‌ଶୀଘ୍ର ଯେତେଦୂର ସମ୍ଭବ ସ୍ଥାନୀୟ ନେତୃତ୍ୱର କାର୍ଯ୍ୟ କରିବା ପରି ଜଣାଯାଏ । ଏହା ଅତ୍ୟାବଶ୍ୟକ ଯେ, ଏହି ସ୍ଥାନୀୟ ନେତାମାନେ ବାଇବଲ ମୂଳତତ୍ତ୍ୱରେ ତାଲିମ ପାଇବେ ଯଥା : କିପରି ବ୍ୟକ୍ତିଗତ ଧ୍ୟାନ ପ୍ରାର୍ଥନା କରିବେ, ସେମାନେ ବିଶ୍ୱାସରେ କିପରି ବୃଦ୍ଧି ପାଇବେ ଓ ମଣ୍ଡଳୀ ନେତୃତ୍ୱରେ କିପରି ଅଂଶ ଗ୍ରହଣ କରିବେ ।

**ପାଉଲ ଥେସଲନୀକୀୟ ମଣ୍ଡଳୀରେ କେବଳ କେତେକ ସପ୍ତାହ ପର୍ଯ୍ୟନ୍ତ ପ୍ରଚାର କଲେ । ଯାହାବି ହେଉ ସେ ସେହି ନଗରରେ ଏକ ପ୍ରତିଷ୍ଠିତ ମଣ୍ଡଳୀକୁ ଛାଡ଼ିଗଲେ ଏବଂ ଏହା ଥେସଲନୀକୀୟ ସାଧାରଣ ଲୋକମାନଙ୍କ ହସ୍ତରେ ଛାଡ଼ିଗଲେ ।**

ସେ ଏଫିସୀରେ ଦୁଇବର୍ଷ ପର୍ଯ୍ୟନ୍ତ ତୁରାନ୍ନର ବିଦ୍ୟାଳୟର ବକ୍ତୃତା ଗୃହରେ ଶିକ୍ଷା ଦେବାକୁ ସେଠାରେ ରହିଲେ । (ପ୍ରେରିତ ୧୯:୯) । **ଫଳ କ'ଣ ହେଲା ? ସେଥିରେ ଆସିଆ ନିବାସୀ ଯିହୁଦୀ ଓ ଗ୍ରୀକ୍ ସମସ୍ତେ ପ୍ରଭୁଙ୍କ ବାକ୍ୟ ଶ୍ରବଣ କଲେ ।** (ପ୍ରେରିତ ୧୯:୧୦) ଏହିପ୍ରକାରେ ପ୍ରଭୁଙ୍କର ବାକ୍ୟ ପରାକ୍ରମରେ ବୃଦ୍ଧି ପାଇବାକୁ ଓ ଜୟଯୁକ୍ତ ହେବାକୁ ଲାଗିଲା । (୨୦ ପଦ) । ପାଉଲ ଏହା ଏକାକୀ କରି ନ ଥିଲେ! **ସେ ସର୍ବଦା ସାଧାରଣ ଲୋକଙ୍କୁ ଶିଷ୍ୟଶିଷ୍ୟା ବନାଉଥିଲେ ପ୍ରଭୁଙ୍କ ବାକ୍ୟ ସଫଳ କରିବାକୁ ।**

**୨ ତୀମଥି ୨:୨ କହେ, "ଆଉ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଯେଉଁସବୁ ବାକ୍ୟ ମୋ'ଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ ଏପରି ବିଶ୍ୱସ୍ତ ଲୋକମାନଙ୍କର ନିକଟରେ ସେହିସବୁ ଅର୍ପଣ କର ।"** ଏହି ପଦ ସ୍ପଷ୍ଟ ରୂପେ ପାଉଲଙ୍କ ସଫଳତାର ଗୁପ୍ତ ରହସ୍ୟ ବ୍ୟାଖ୍ୟା କରେ । ସେ ଯୀଶୁଙ୍କ ଆଦେଶ ସଫଳ କଲେ, ଯେତେବେଳେ ଯୀଶୁ ଆଦେଶ ଦେଇଥିଲେ, "ସେମାନଙ୍କୁ

ଶିଷ୍ୟ କର" । ପାଉଲ ଅନ୍ୟମାନଙ୍କୁ ତାଲିମ ଦେଲେ । ଅନ୍ୟମାନଙ୍କୁ ତାଲିମ ଦେବାକୁ, ସେମାନେ ଅନ୍ୟମାନଙ୍କୁ ତାଲିମ ଦେବାକୁ ଇତ୍ୟାଦି ।

**ଗ. ମଣ୍ଡଳୀର ସ୍ୱଭାବ ବିଷୟକ ଦୃଢ଼ ବାଇବଲ ଜ୍ଞାନ ଲାଭ କର ।**

କିଛି ବିଷୟ ଆରମ୍ଭ କରିବା ଅସମ୍ଭବ ଯଦି ତୁମେ କ'ଣ ଆରମ୍ଭ କରୁଅଛ, ତାହା ଜାଣ ନାହିଁ । ମଣ୍ଡଳୀ କହିଲେ, କ'ଣ ? ଏକ ମଣ୍ଡଳୀ ହେଉଛି ବାପ୍ତିଜିତ ଖ୍ରୀଷ୍ଟିୟାନମାନଙ୍କର ଏକ ଦଳ, ଯେଉଁମାନେ ନିମ୍ନଲିଖିତ ଉଦ୍ଦେଶ୍ୟମାନ ସଫଳ କରିବାକୁ ଏକତ୍ର ହୋଇଥାଆନ୍ତି ।

୧. **ପ୍ରଶଂସା କରିବା** (ଏଥିରେ ସମସ୍ତ ବିଧିବିଧାନ ପାଳନ ଅନ୍ତର୍ଗତ)
୨. **ସୁସମାଚାର ପ୍ରଚାର କାର୍ଯ୍ୟ**
୩. **ଶିଷ୍ୟତ୍ୱ**
୪. **ଦାସ ରୂପେ ସେବାକାର୍ଯ୍ୟ**
୫. **ସହଭାଗିତା**

**ମଣ୍ଡଳୀର ସ୍ୱଭାବ କ'ଣ ? ଚାରିତ୍ରିକ ଗୁଣଗୁଡ଼ିକ କ'ଣ ?**

**କ. ଈଶ୍ୱରଙ୍କ ନେତୃତ୍ୱାଧୀନ ସ୍ୱଶାସିତ ଅନୁଷ୍ଠାନ ।**
**ଖ. ଈଶ୍ୱରଙ୍କ ନେତୃତ୍ୱାଧୀନ ଆତ୍ମନିର୍ଭରଶୀଳ ।**
**ଗ. ଈଶ୍ୱରଙ୍କ ନେତୃତ୍ୱାଧୀନରେ ଆତ୍ମଘୋଷିତ**

**ଘ. ଗ୍ରହଣ କରିବାକୁ ସକ୍ଷମ ଅଞ୍ଚଳମାନଙ୍କୁ ଚିହ୍ନିବା**

ଅଧିକ ଗ୍ରହଣ କରିବାକୁ ସକ୍ଷମ ଅଞ୍ଚଳ ସ୍ଥିର କରିବାର ଏକ ପଥ ହେଉଛି, ଯେଉଁଠାରେ ସର୍ବାପେକ୍ଷା ଅଧିକ ସାମାଜିକ ପରିବର୍ତ୍ତନ ଘଟୁଛି ତାହା ମନଯୋଗସହ ଲକ୍ଷ୍ୟ କରିବା ଦ୍ୱାରା । ଏହି ଅଞ୍ଚଳଗୁଡ଼ିକରେ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ, ସୁସମାଚାର ଗ୍ରହଣ କରିବାକୁ ସକ୍ଷମ ଲୋକମାନଙ୍କୁ ପାଇପାରିବ ।

ଅଧିକ ଗ୍ରହଣ କରିବାକୁ ସମର୍ଥ ଲୋକମାନଙ୍କୁ ଆବିଷ୍କାର କରିବାର ଅନ୍ୟ ଏକ ପଥ ହେଉଛି, ଏକ ବିଶେଷ ସାଂଘାତିକ ଘଟଣା ହେତୁ ଯେଉଁମାନେ ପ୍ରଭୁଙ୍କ ଆବଶ୍ୟକତା ଅଧିକ ଅନୁଭବ କରନ୍ତି । ଏହା ଯେକୌଣସି ଶ୍ରେଣୀର ଯେକୌଣସି

ବ୍ୟକ୍ତି ପ୍ରତି ଘଟିପାରେ । ସମୟ ସମୟରେ ଧନୀ ଲୋକମାନଙ୍କ ସଂଘର୍ଷ, ସେମାନଙ୍କ ପିଲାମାନଙ୍କ ସହିତ ତାଙ୍କର ନିଶାସେବନ (ଡ୍ରଗ୍‌ସ୍‌) ଓ ଅନ୍ୟାନ୍ୟ ସାମାଜିକ ସମସ୍ୟା ହେତୁ ହୋଇଥାଏ । ଜଗତରେ ଥିବା ସମସ୍ତ ସାମାଜିକ ଶ୍ରେଣୀର ଲୋକମାନଙ୍କ ଆବଶ୍ୟକତା ନିମନ୍ତେ ସୁସମାଚାରର ଏକ ଉତ୍ତର ଅଛି । ଆମ୍ଭମାନଙ୍କ କାର୍ଯ୍ୟ ହେଉଛି, ଏହି ଲୋକମାନଙ୍କୁ ପାଇବା ଓ ସେମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ ବିଷୟ କହିବା ।

**ଙ. ଖ୍ରୀଷ୍ଟଙ୍କଠାରେ ତୁମର ବିଶ୍ୱାସକୁ ଗାଢ଼ତର ଭାବରେ ଅନ୍ୟକୁ ପ୍ରକାଶ କର । ଗୀତସଂହିତା ୧୨୬:୬**

ଏହା ବ୍ୟତୀତ ଅଧିକ ଗୁରୁତ୍ୱ ବିଷୟ କିଛି ନାହିଁ । ପ୍ରେରିତମାନଙ୍କର ମନଫେରଣର ଏକ ସମ୍ବାଦ ଓ ପରିତ୍ରାଣ ପାଇଁ ବା ସକାଶେ ଖ୍ରୀଷ୍ଟଙ୍କ ବିଷୟ ଗ୍ରହଣ କରିବାକୁ ସମ୍ବାଦ ଥିଲା । ସେମାନେ ଏହି ସମ୍ବାଦ ଏତେ ଗଭୀରଭାବେ ପ୍ରଚାର କଲେ ଯେ, ସେମାନେ ସମୁଦାୟ ଜଗତରେ ପହଞ୍ଚିଗଲେ । ଆଜି ଆମ୍ଭେମାନେ ସେପରି କରିବା ଆବଶ୍ୟକ! **ଗୀତସଂହିତା ୧୨୬:୬ କହେ,** ***"ଯେ ବିହନ ବହି କାନ୍ଦି କାନ୍ଦି ଆପଣା ପଥରେ ଯାଏ, ସେ ବିଡ଼ା ଘେନି ଆନନ୍ଦ କରୁ କରୁ ଲେଉଟି ଆସିବ ।"*** ଯଦି ତୁମେ ତୁମର ସେବାକାର୍ଯ୍ୟରେ ଅମଳ କରୁନାହଁ ବା ଶସ୍ୟ କାଟୁନାହଁ, ଏହା ହୋଇପାରେ, ତୁମେ ଯଥାର୍ଥଭାବେ ବୁଣି ନ ଥିବା ହେତୁ । ଆପଣାକୁ ପଚାର, କେତେ ଲୋକ ଗତ ସପ୍ତାହରେ ତୁମର ସାକ୍ଷ୍ୟ ଶୁଣିଛନ୍ତି ଏବଂ ଉଦ୍ଧାରପ୍ରାପ୍ତ ହେବା ଲାଗି ଏକ ଆହ୍ୱାନ ପାଇଛନ୍ତି । **ସୁସମାଚାର ପ୍ରଚାର କାର୍ଯ୍ୟର ଉପସ୍ଥିତି** (ଏବେ ଉପସ୍ଥିତ ହେବା) ଯଥେଷ୍ଟ ନୁହେଁ । **ଘୋଷଣା କରାଯାଉଥିବା ପ୍ରଚାର କାର୍ଯ୍ୟ** (କେବଳ ସୁସମାଚାର କହିବା) ଯଥେଷ୍ଟ ନୁହେଁ । **ପଶ୍ଚାତ୍‌ରେ ଅନୁଧାବିତ ସୁସମାଚାର ପ୍ରଚାର** ନିଶ୍ଚିତ ହେବା ଉଚିତ । **ପଶ୍ଚାତ୍ ଅନୁଧାବନ ପ୍ରଚାର** ହେଉଛି, ଯେତେବେଳେ ତୁମେ ଜଣେ ବ୍ୟକ୍ତିକୁ ପ୍ରତ୍ୟୁତ୍ତର ଦେବାକୁ ସୁଯୋଗ ଦେଇଥାଅ ଓ ଯୀଶୁଖ୍ରୀଷ୍ଟ ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ତାହାଙ୍କଠାରେ ସେହି ବ୍ୟକ୍ତିର ଜୀବନକୁ ସମର୍ପଣ କର ।

ଗତ କେଉଁ ସମୟରେ ତୁମେ ପ୍ରାର୍ଥନା କରିଥିଲ ଓ ଆକ୍ଷରିକଭାବେ ହଜିଯାଇଥିବା ବ୍ୟକ୍ତିର ପରିତ୍ରାଣ ପାଇଁ କ୍ରନ୍ଦନ କରିଥିଲ ।

### ଚ. ଗୃହରେ ମଣ୍ଡଳୀ ଆରମ୍ଭ ଉପରେ ଗୁରୁତ୍ୱ ଦିଅ

ପାଉଲ ଯିହୁଦୀ ଓ ବିଜାତିମାନଙ୍କ ନିକଟରେ ସୁସମାଚାର ପ୍ରଚାର କଲେ । ସେ ନଗରରେ ସୁସମାଚାର ପ୍ରଚାର ପରେ, ନୂତନ ପରିବର୍ତ୍ତିତ ବ୍ୟକ୍ତିମାନଙ୍କର ସହଭାଗିତା ଏକ ସୁବିଧାଜନକ ସ୍ଥାନରେ ହୋଇଥିଲା । ସମୟ ସମୟରେ ସେମାନଙ୍କର ଏହି ସହଭାଗିତା ସମୟ ନୂତନ ଖ୍ରୀଷ୍ଟିୟାନମାନଙ୍କର ଗୃହରେ ହେଉଥିଲା । ଅନ୍ୟ ସମୟରେ ସେମାନେ ଏକ ଜନସାଧାରଣ ସ୍ଥାନ, ଏକ ଗୃହ ବା ଏକ ବିଦ୍ୟାଳୟକୁ ବ୍ୟବହାର କରୁଥିଲେ ।

**ନିମ୍ନଲିଖିତ ସ୍ଥାନ ନିର୍ଦ୍ଦିଷ୍ଟଭାବେ ସଭାସ୍ଥଳମାନ ଥିଲା :**

| | | |
|---|---|---|
| ୧. | ପ୍ରେରିତ ୧୬:୪୦ | ଲୁଦିଆଙ୍କ **ଗୃହ** - ଫିଲିପ୍ପୀରେ |
| ୨. | ପ୍ରେରିତ ୧୭:୫,୬ | ଯାସୋନଙ୍କ **ଗୃହ** - ଥେସଲନୀକୀରେ |
| ୩. | ପ୍ରେରିତ ୧୮:୭ | ତିତସଙ୍କ **ଗୃହ** - କରିନ୍ଥରେ |
| ୪. | ପ୍ରେରିତ ୧୯:୯ | ତୁରାନ୍ନର **ବିଦ୍ୟାଳୟ** - ଏଫିସୀରେ |
| ୫. | ପ୍ରେରିତ ୨୦:୨୦ | ପାଉଲ **ସର୍ବସାକ୍ଷାତରେ ଶିକ୍ଷା ଦେଲେ ଓ ଗୃହରୁ ଗୃହକୁ ମଧ୍ୟ ଗଲେ ।** |

ଆମ୍ଭମାନଙ୍କ ଆଧୁନିକ ସମାଜରେ ଓ ମୁଖ୍ୟତଃ ବୃହତ୍ତର ନଗରମାନଙ୍କରେ ସମ୍ପତ୍ତିର ଉଚ୍ଚମୂଲ୍ୟ ହେତୁ ମଣ୍ଡଳୀସମୂହ ଗୃହମାନଙ୍କରେ ଆରମ୍ଭ ହେବାର ଗୁରୁତ୍ୱ ଦେବା ଅତି ଆବଶ୍ୟକ । ସର୍ବତ୍ର ଖ୍ରୀଷ୍ଟିୟାନମାନେ ପ୍ରଶଂସା କରିବାକୁ ଓ ପରସ୍ପର ସହିତ ସହଭାଗିତା ପାଇଁ ଏକତ୍ର ହେବା ଆବଶ୍ୟକତା ଅନୁଭବ କରନ୍ତି । ଏହା ବିଶେଷତଃ ଆରମ୍ଭ ସମୟରେ ଏକ ଅଟ୍ଟାଳିକା ବା ଏକ ଉପାସନା କେନ୍ଦ୍ର ଆବଶ୍ୟକ କରେ ନାହିଁ । ଗୃହଗୁଡ଼ିକ ବ୍ୟବହାର କରିବା ଦ୍ୱାରା ମଣ୍ଡଳୀ ଭଡ଼ା ଦେବା ବୋଝ ବା ଏକ ଗୃହ କିଣିବା ଖର୍ଚ୍ଚ ବୃଦ୍ଧିଲାଭ କରିପାରେ ।

ଏକ ସ୍ୱାଭାବିକ ସମସ୍ୟା ଉତ୍ପନ୍ନ ହୁଏ ଭଡ଼ା ଦେବାରୁ ଓ ଏକ ଜମି କିଣି ସମ୍ପତ୍ତିର ମୂଲ୍ୟ ଦେବା ଦ୍ୱାରା । କ୍ଷୁଦ୍ର ନଗରଗୁଡ଼ିକରେ ଏକ ସଭାସ୍ଥଳର ମୂଲ୍ୟ ଦିଆଯାଇପାରେ । ଯାହାବି ହେଉ ବୃହତ୍ତ ନଗରମାନଙ୍କରେ ସେପରି ଅନେକ ସମୟରେ ହୋଇ ନ ଥାଏ । ଏହି କାରଣରୁ, ଗୃହମାନଙ୍କୁ ପଶ୍ଚାତ୍ ପ୍ରାଙ୍ଗଣ ବା ଏପରି କିଛି ସ୍ଥାନ, ଆରମ୍ଭରେ ବ୍ୟବହାର କରିବା ଉତ୍ତମ ।

ଅନୁଭୂତି ଆମ୍ଭମାନଙ୍କୁ କହେ ଯେ ମନପରିବର୍ତ୍ତନର ସଂଖ୍ୟା ବୃଦ୍ଧି ହୁଏ ଯେତେବେଳେ ଏକ ମଣ୍ଡଳୀ ଏକ ସ୍ୱାଭାବିକ ପରିବେଶରେ ସ୍ଥାପନ କରାଯାଏ । ଯେଉଁଠାରେ ଅତିଥିଗଣ କୌଣସି ଧମକପୂର୍ଣ୍ଣ ବାତାବରଣର ଅନୁଭବ ବିନା ଅଂଶଗ୍ରହଣ କରନ୍ତି । ଏହା ମଧ୍ୟ ଲକ୍ଷ୍ୟ କରିବା

ଗୁରୁତ୍ୱପୂର୍ଣ୍ଣ ଯେ, ଏହି ପ୍ରଣାଳୀ ବ୍ୟବହାର କରି ପ୍ରତିବାସୀ ଅଞ୍ଚଳକୁ ଓ ସହର/ନଗରଗୁଡ଼ିକ ମଧ୍ୟକୁ ପ୍ରବେଶ କରିବାକୁ ଅଧିକ ସହଜ ହୁଏ ।

ଯାହାବି ହେଉ, ଗୃହମାନଙ୍କରେ ଏକତ୍ର ହେଉଥିବା ମଣ୍ଡଳୀମାନେ ସମ୍ମୁଖୀନ ହେଉଥିବା ବୃହତ୍ତମ ସମସ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଯେ, ଏହା ଏକ ଅସ୍ଥାୟୀ କାର୍ଯ୍ୟ ରୂପେ ଅନୁବାଦିତ ହୋଇପାରେ । କିନ୍ତୁ ନୂତନ ଦଳ ଏହାର ପ୍ରାଥମିକ ଅବସ୍ଥାରେ ଅର୍ଥକୁ ପରବର୍ତ୍ତୀ ଭଡ଼ା ଗୃହ ପାଇଁ ବା ଏକ ଜମି ପାଇଁ ସଞ୍ଚୟ କରିବା ଲାଗି ଏହି ଗୃହରେ ଉପାସନା ପ୍ରଣାଳୀ ବା ମଣ୍ଡଳୀଭାବେ ଗୃହରେ ଏକତ୍ର ହେବା ବିଷୟ ଗ୍ରହଣ କରିପାରିବେ ।

ଆମ୍ଭମାନଙ୍କର ଲକ୍ଷ୍ୟ ହେଉଛି, ନୂତନ କାର୍ଯ୍ୟମାନ, ସେମାନଙ୍କ ସାହାଯ୍ୟ ପାଇଁ ବାହାର ସାହାଯ୍ୟ ଉପରେ ନିର୍ଭର ନ କରି ନିଜର ଥିବା ବିଷୟଗୁଡ଼ିକ ବ୍ୟବହାର କରିବାକୁ ସେମାନଙ୍କୁ ପ୍ରସ୍ତୁତ କରିବା ।

### ଛ. ଏକ ଆନନ୍ଦଦାୟକ ଉପାସନା ସେବା ଯୋଗାଇଦିଅ, ଯେଉଁଠାରେ ବିଶ୍ୱାସୀମାନେ ଆନନ୍ଦିତ ହେବେ ।

ଯେତେବେଳେ ଆମ୍ଭେମାନେ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ପ୍ରବେଶ କରୁ, ଆମ୍ଭେମାନେ ବିଶ୍ୱସ୍ତତାର ସହ ତାହାଙ୍କ ନିକଟବର୍ତ୍ତୀ ହୋଇଥାଉ । ମାଥିଉ ୬:୯-୧୩ରେ ଈଶ୍ୱର ଆମ୍ଭମାନଙ୍କୁ ପ୍ରଶଂସାର ସହ ତାହାଙ୍କ ସିଂହାସନ ସମ୍ମୁଖକୁ ଆସିବାକୁ ଶିକ୍ଷା ଦିଅନ୍ତି । ପ୍ରଶଂସା ସେଥିପାଇଁ ଈଶ୍ୱରଙ୍କ ମହାନତା ଓ ଉତ୍ତମତା ପ୍ରତି ଆମ୍ଭମାନଙ୍କ ଉତ୍ତର ଅଟେ । ଆମ୍ଭେମାନେ ଆମର ସମସ୍ତ ମନୋନିବେଶ ଈଶ୍ୱରଙ୍କ ଗୁଣସମୂହ ଉପରେ କେନ୍ଦ୍ରିଭୂତ କରୁ ଯେ, ସେ କିଏ ଅଟନ୍ତି । ଧନ୍ୟବାଦ ହେଉଛି, ଈଶ୍ୱର ଆମ୍ଭମାନଙ୍କ ପାଇଁ ଯାହା କରିଅଛନ୍ତି, ତାହାର ପ୍ରତ୍ୟୁତ୍ତର । ଈଶ୍ୱର ଅନନ୍ତକାଳୀନ, ସର୍ବଶକ୍ତିମାନ, ସର୍ବବ୍ୟାପୀ (ସର୍ବତ୍ର ବିଦ୍ୟମାନ), ସର୍ବଜ୍ଞ ଅଟନ୍ତି । ସେ ହେଉଛନ୍ତି, ଏଲ୍-ଶାଦାଇ (ଏଲ୍=ମହାନତା, ଶାଦାଇ=ସର୍ବଶକ୍ତିମାନ) । ସେ ହେଉଛନ୍ତି ଯିହୋବା-ଯିରୀ (ଈଶ୍ୱର ଯୋଗାନ୍ତି) । ସେ ଯିହୋବାରାଫା (ସେ ପ୍ରଭୁ ଯେ ଆରୋଗ୍ୟ ଦିଅନ୍ତି) ।

ଈଶ୍ୱରଙ୍କ ଆହୁରି ଅନ୍ୟ ଗୁଣସବୁ ଅଛି । ପ୍ରଶଂସା ହେଉଛି, ଈଶ୍ୱର ଯାହା ସେଥିପାଇଁ ତାଙ୍କୁ ପୂଜା ବା ଭକ୍ତି ବା ସମ୍ଭ୍ରମ ପ୍ରଦାନ କରିବା । ଏହା ଏପରି କିଛି, ଯାହାଜଣକ ହୃଦୟରେ ଘଟେ ଏବଂ ବିଭିନ୍ନ ପ୍ରକାର ଉପାୟରେ ପ୍ରକାଶ କରାଯାଇପାରେ ।

### ଜ. "ସମ୍ପତ୍ତି"ର ବୋଝ ଲୋକମାନଙ୍କ ଉପରେ ଲଦି ଦିଅ ନାହିଁ ।

ପ୍ରଚାରକଙ୍କ ବେତନ, ସମ୍ପତ୍ତି ଏବଂ ଏକ ଉପାସନାକେନ୍ଦ୍ର ନିର୍ମାଣ ପାଇଁ ଏକ ନିର୍ମାଣକାରୀ ପ୍ରୋଜେକ୍ଟ ପରି ଅନୁଧ୍ୟାନ କରିବା ବିଷୟ ପୂର୍ବେ ଖ୍ରୀଷ୍ଟିୟାନମାନଙ୍କର ଏକ ଦୃଢ଼ କେନ୍ଦ୍ର ଗଠିତ ହେବା ଉତ୍ତମ ।

**୫. କାର୍ଯ୍ୟର ଅତି ପ୍ରାରମ୍ଭରୁ ଏକ ଅଗ୍ରାଧିକାର ରୂପେ ଗ୍ରହଣ କର ଯେ, ନୂତନ କାର୍ଯ୍ୟର ଯେତେ ଶୀଘ୍ର ସମ୍ଭବ ସଂଖ୍ୟାବୃଦ୍ଧି ହେବ ଏହି ଦୁଇଟି ନିୟମ ଦ୍ୱାରା :**

୧. ଏକସମୟରେ ଅଧିକ ସଂଖ୍ୟକ ନୂତନ କାର୍ଯ୍ୟ ଆରମ୍ଭ କରି ସାଧାରଣ ଲୋକଙ୍କୁ ତାଲିମ ଦେବା ମାଧ୍ୟମରେ ।

୨. ଏକ ସମୟରେ ବହୁସଂଖ୍ୟକ ନୂତନ କାର୍ଯ୍ୟମାନ ଆରମ୍ଭ କରିବାକୁ ଏକ ଦର୍ଶନ ପ୍ରାପ୍ତ ହେବାକୁ ନୂତନ ବିଶ୍ୱାସୀମାନଙ୍କୁ ନୂତନ କାର୍ଯ୍ୟରେ ତାଲିମ ଦିଅ ।

## VIII. <u>ମଣ୍ଡଳୀମାନ ଆରମ୍ଭ ହେବା ପରେ ବୃଦ୍ଧି ପାଉଥିବାମାନଙ୍କ ପାଇଁ ଛଅଟି କଞ୍ଜି (ମୁଖ୍ୟ ବିଷୟ)</u>

ଥରେ ମଣ୍ଡଳୀ ଆରମ୍ଭ ହୋଇଗଲେ, ଏହା ତୁମେ କିପରି ବୃଦ୍ଧି କରିବ ? ଏହି ପ୍ରସଙ୍ଗ ଉପରେ ଅନେକ ପୁସ୍ତକ ଲେଖା ହୋଇଆସିଅଛି ଏବଂ ଅନେକ ଅଧ୍ୟୟନ କରାଯାଇଅଛି । ଯାହାବି ହେଉ, ଏକ ମଣ୍ଡଳୀ ବୃଦ୍ଧି ପାଇବା ପାଇଁ ଛଅଟି ମୌଳିକ ବିଷୟ ଅତ୍ୟାବଶ୍ୟକ । ସେଗୁଡ଼ିକ ହେଉଛି :

### ୧. ଏକ ପ୍ରାର୍ଥନା ସେବାକାର୍ଯ୍ୟ

ଏକ ମଣ୍ଡଳୀର ପ୍ରାର୍ଥନାର ଏକ ମୂଳଦୁଆ ଥିବା ଆବଶ୍ୟକ । ପାଳକ ଓ ନେତାମାନେ ସେମାନଙ୍କ ଲୋକମାନଙ୍କୁ କେବଳ ସେମାନେ ପ୍ରାର୍ଥନା କରିବା ଆବଶ୍ୟକ ବୋଲି କହିବା ଯଥେଷ୍ଟ ନୁହେଁ । କିନ୍ତୁ ସେମାନେ କିପରି ପ୍ରାର୍ଥନା କରିବେ, ତାହା ସେମାନଙ୍କୁ ଶିଖାଇବା ଆବଶ୍ୟକ । ଅଧିକାଂଶ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସମସ୍ୟା ହେଉଛି ଯେ, ଈଶ୍ୱରଙ୍କ ସହିତ ଏକ ଏକାକୀ ସମୟ ପ୍ରାପ୍ତ ହେବା ସେମାନେ ଜାଣନ୍ତି ନାହିଁ । ଏଠାରେ କେତେକ ପ୍ରସ୍ତାବମାନ ଅଛି :

କ. ଏହି ହସ୍ତଲିପିରେ ଥିବା "ପ୍ରାରମ୍ଭକାରୀ ଓ ପ୍ରାର୍ଥନା" ଉପରେ ଯେଉଁ ବ୍ୟବହାରିକ ବିଭାଗର ପ୍ରସ୍ତାବମାନ ଅଛି, ତୁମ ଜୀବନ ପାଇଁ ପ୍ରୟୋଗ କର ।

ଖ. "ପ୍ରଭୁଙ୍କ ସ୍ୱର କିପରି ଶୁଣିବ" ଏବଂ ସପ୍ତାହର ପ୍ରତ୍ୟେକ ଦିନ ପାଇଁ ନିବେଦନ ପ୍ରାର୍ଥନାର ତାଲିକା ପ୍ରସ୍ତୁତ କରିବାକୁ ଶିକ୍ଷା କର । ପ୍ରଶଂସାର ଏକ ତାଲିକା ପ୍ରସ୍ତୁତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହା ଏହି ହସ୍ତଲିପିର ବ୍ୟବହାରିକ ବିଭାଗରେ ଅଛି ।

ଗ. ପ୍ରାର୍ଥନା କରିବା ଓ ପ୍ରାର୍ଥନାକୁ ଜୀବନରେ ପ୍ରୟୋଗ କରିବା, ଲୋକମାନଙ୍କୁ ଶିଖାଇବାକୁ ଆରମ୍ଭ କର । ଯଦ୍ୟପି ଖ୍ରୀଷ୍ଟିୟାନମାନେ ପ୍ରାର୍ଥନାର ଆବଶ୍ୟକତା ଉପରେ ସର୍ବଦା ଉପଦେଶମାନ ଶୁଣୁଛନ୍ତି ମାତ୍ର ସେମାନଙ୍କର ଅଳ୍ପ ସମୟ ମାତ୍ର ପ୍ରାର୍ଥନାରେ ବ୍ୟୟ କରିବା ଦେଖାଯିବାର ପ୍ରଧାନ କାରଣଗୁଡ଼ିକ ମଧ୍ୟରୁ ଏହା ଗୋଟିଏ । ସେମାନେ ଈଶ୍ୱରଙ୍କ ସହିତ ଏକାକୀ ଆପଣା ସମୟ ପ୍ରାପ୍ତ କିପରି ହେବା ଜାଣନ୍ତି ନାହିଁ ।

ଘ. ଗୃହମାନଙ୍କରେ ପ୍ରାର୍ଥନା ଦଳମାନ ଗଠନ କର । ପ୍ରାର୍ଥନାର କାର୍ଯ୍ୟକଳାପ, ଉପାସନା ସେବାର ନମୁନାରେ ସୀମିତ ହେବାକୁ ପଡ଼ିବ ନାହିଁ ।

ଙ. ସମୟ ସମୟରେ ସେବା ଉପାସନାର ଶେଷାଂଶ ପ୍ରତ୍ୟେକ ଜଣ ଛୋଟ ଛୋଟ ଦଳରେ ପ୍ରାର୍ଥନାରେ ଆଣ୍ଠୁ ଭାଙ୍ଗିବା ଦ୍ୱାରା ହୋଇଥାଏ । ଏକ ପ୍ରାର୍ଥନାର ମଣ୍ଡଳୀ ବୃଦ୍ଧି କରିବା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ ।

**୨. ଏକ ପ୍ରଶଂସାର ସେବାକାର୍ଯ୍ୟ**

ହାୱାର୍ଡ ସ୍ନିଡର ତାଙ୍କର ପୁସ୍ତକ ***"ସହର ମଣ୍ଡଳୀରୋପଣ ପାଇଁ ଚାଳନା ରେଖାମାନ"***ରେ କହନ୍ତି ଯେ, ଏକ ମଣ୍ଡଳୀ ବୃଦ୍ଧି ପାଇବାକୁ ଏକ ଆନନ୍ଦମୟ ସେବା ଉପାସନା ଯୋଗାଇବା ଆବଶ୍ୟକ, ଯେଉଁଠାରେ ଲୋକମାନେ ଆନନ୍ଦ କରିବେ । ଏହା ଏକ ସାର୍ବଜନୀନ ନିୟମ ଅଟେ ।

କୌଣସି ବ୍ୟକ୍ତି ଏକ ମୃତ୍ୟୁକାଳୀନ ଉପାସନାକୁ ସ୍ମରଣ କରିବାକୁ ଏକ ସେବା ଉପାସନାରେ ଅଂଶଗ୍ରହଣ କରେ ନାହିଁ । ଆନନ୍ଦ ଓ ସୁଖ ବ୍ୟତୀତ ବିଶ୍ୱାସ, ପ୍ରକୃତ ବିଶ୍ୱାସ ନୁହେଁ । ଏକ ଆନନ୍ଦମୟ ସେବା ଉପାସନା, ଯାହାର ଏକ ସଂଗୀତ ମୁଖରତା ଥାଏ, ତାହା ସଂକ୍ରାମକ ଅଟେ । ଏହା ବୁଝାଏ ନାହିଁ ଯେ, ଆମ୍ଭେମାନେ ଶୃଙ୍ଖଳାହୀନ ଏକ ସେବା ଉପାସନା କରିବା ଉଚିତ । ସମୁଦାୟ ଜଗତର ଚତୁର୍ଦ୍ଦିଗସ୍ଥ ପର୍ଯ୍ୟବେକ୍ଷଣମାନରୁ ପ୍ରଦର୍ଶିତ ହୁଏ ଯେ, ଯେଉଁ ମଣ୍ଡଳୀଗୁଡ଼ିକ ପ୍ରତ୍ୟେକ ଦେଶରେ ବୃଦ୍ଧିଲାଭ କରୁଅଛନ୍ତି, ସେହି ମଣ୍ଡଳୀମାନଙ୍କରେ ଆନନ୍ଦମୟ ସେବା ଉପାସନା ହୋଇଥାଏ ।

ସ୍ମରଣ ରଖ ଯେ ସଂଗୀତ, ପ୍ରଶଂସା କରିବାର ଏକ ମାଧ୍ୟମ ଅଟେ । ଏହା ନିଜେ ପ୍ରଶଂସା ନୁହେଁ । ଆମ୍ଭେମାନେ ଈଶ୍ୱରଙ୍କ ପ୍ରଶଂସା କରୁ, ଆମର ସଂଗୀତ ପ୍ରଶଂସା କରେ ନାହିଁ । ସଂଗୀତ ହେଉଛି ପ୍ରଶଂସାର ଏକ ସଂସ୍କୃତିଗତ ମାଧ୍ୟମ । ସୁସମାଚାର ସହିତ ପରିଚିତ କରାଇବାକୁ ଏକ ସଂସ୍କୃତିକୁ ନଷ୍ଟ କରିବା ଉଚିତ ନୁହେଁ ।

ପ୍ରକୃତ ପ୍ରଶଂସା ହେଉଛି, ଈଶ୍ୱର ଯାହା, ସେଥିପାଇଁ ତାଙ୍କୁ ଭକ୍ତି ବା ସମ୍ଭ୍ରମ ପ୍ରଦର୍ଶନ କରିବା । ପ୍ରଶଂସା ହେଉଛି ଏପରି ବିଷୟ ଯାହା ଜଣକ ହୃଦୟ ମଧ୍ୟରେ ଘଟେ ଏବଂ ବିଭିନ୍ନ ଉପାୟରେ ପ୍ରଦର୍ଶିତ ହୁଏ । କେତେକ ମଣ୍ଡଳୀ ପାରମ୍ପରିକ ସଂଗୀତ ପୁସ୍ତକ ବ୍ୟବହାର କରିବାକୁ ପସନ୍ଦ କରନ୍ତି । ଅନ୍ୟମାନେ ପ୍ରଶଂସା ଘୋଷାମାନ ବ୍ୟବହାର କରିବାକୁ ଭଲ ପାଆନ୍ତି । ଆମ୍ଭେମାନେ ବିଶ୍ୱାସ କରୁ ଯେ, ଆମେ ସଂସ୍କୃତି ଓ ଶାଖା ସଂସ୍କୃତି ସ୍ଥାନୀୟ ଲୋକମାନଙ୍କର ସମ୍ମାନ କରିବା ଉଚିତ ଏବଂ ଆମେ ମଧ୍ୟ ପ୍ରତ୍ୟେକ ମଣ୍ଡଳୀର ସ୍ୱପ୍ରଚଳିତ ସଂସ୍କୃତିକୁ ସମ୍ମାନ ଦେବା ଉଚିତ । ମାତ୍ର ଏକ ମଣ୍ଡଳୀ ବ୍ୟବହାର କରିବାକୁ ପସନ୍ଦ କରୁଥିବା ସଂଗୀତର ସ୍ୱାଧୀନ ଶୈଳୀରେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସେବା ଉପାସନା ହେବ ଆନନ୍ଦମୟ ଓ ଜୀବନ୍ତ । ଏହା ଆମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସବ ପାଳନ ।

କେତେକ ଆଫ୍ରିକୀୟ ମଣ୍ଡଳୀଗଣ ସେବା ଉପାସନାର ପ୍ରଶଂସା ପର୍ଯ୍ୟାୟରେ ଝାଞ୍ଜ ବା ଗିନି ବଜାନ୍ତି ଏବଂ ଏପରିକି ମଣ୍ଡଳୀ ସମ୍ମୁଖରେ ନୃତ୍ୟ କରନ୍ତି । ଏପରି କହିବା ଭୁଲ୍ ଯେ, ଏହା ତୁମେ କରିବା ଉଚିତ ନୁହେଁ । କାରଣ ଯୁକ୍ତରାଷ୍ଟ୍ରରେ, ବ୍ରାଜିଲ୍‌ରେ, ଭାରତରେ ଓ ଯେକୌଣସି ସ୍ଥାନରେ ଆମେ ଆମର ସେବା ଉପାସନା ଚଳାଇ ନ ଥାଉ ।

ସେବା ଉପାସନାର ଅଂଶ ରୂପେ ଏକ ମଣ୍ଡଳୀ ନିୟମିତଭାବେ ବାପ୍ତିସ୍ମ ଦେବା ଓ ପ୍ରଭୁଭୋଜର ବିଧିପାଳନ କରିବା ଉଚିତ । ଡକ୍ଟର ଚାର୍ଲସ୍ ବ୍ରୋକ୍ ତାଙ୍କର ପୁସ୍ତକ "ସ୍ୱଦେଶୀ ମଣ୍ଡଳୀ ରୋପଣ"ରେ ଏହି ଦୁଇ ଧର୍ମବିଧି ବିଷୟରେ ନିମ୍ନଲିଖିତ ପର୍ଯ୍ୟବେକ୍ଷଣମାନ ଦ୍ୱାରା ଉପଲବ୍ଧ କଲେ :

**ବାପ୍ତିଜିତ ହେବାକୁ ତୁମର ନିମ୍ନଲିଖିତ ବିଷୟ ଥିବା ଆବଶ୍ୟକ :**

**କ.** **ଏକ ଉପଯୁକ୍ତ ପ୍ରାର୍ଥୀ** – ଯେ କେହି ତାହାର ପାପରୁ ମନଫେରଣ କରେ ଓ ଯୀଶୁଖ୍ରୀଷ୍ଟଙ୍କଠାରେ ତାହାର ବିଶ୍ୱାସ ସ୍ଥାପନ କରେ, ତାହାଙ୍କୁ ଈଶ୍ୱର ତ୍ରାଣକର୍ତ୍ତା ଓ ମଧ୍ୟସ୍ଥ ରୂପେ ଗ୍ରହଣ କରେ । ଜଣେ ଶିଶୁ ବାପ୍ତିଜିତ ହେବା ଉଚିତ ବୋଲି ବାଇବଲରେ ଗୋଟିଏ ପଦ ସୁଦ୍ଧା କହେ ନାହିଁ । ଏହା ସ୍ପଷ୍ଟ ରୂପେ ପ୍ରକାଶ କରେ ଯେ, ଆମ୍ଭେମାନେ ସେହି ଲୋକମାନଙ୍କୁ କେବଳ ବାପ୍ତିସ୍ମ ଦେବା ଉଚିତ, ଯେଉଁମାନେ ମନପରିବର୍ତ୍ତନ କରିଅଛନ୍ତି । ଜଣେ ଶିଶୁର ଖ୍ରୀଷ୍ଟଙ୍କୁ ପ୍ରଭୁ ତ୍ରାଣକର୍ତ୍ତା ଓ ମଧ୍ୟସ୍ଥ ରୂପେ ଗ୍ରହଣ କରିବାର ସକ୍ଷମତା ନାହିଁ ।

**ଖ. ଉପଯୁକ୍ତ ଅଧିକାର** - ଏକ ସ୍ଥାନୀୟ ମଣ୍ଡଳୀ, ଯାହା ସ୍ୱଶାସିତ, ସ୍ଥିର ବା ମନସ୍ଥ କରିପାରିବ ଯେ କାହାକୁ ବାପ୍ତିସ୍ମ ଦେବ ବା ନ ଦେବ ।

**ଗ. ଉପଯୁକ୍ତ ପ୍ରଶାସନିକ** - ପ୍ରତ୍ୟେକ ମଣ୍ଡଳୀ ସ୍ୱପରିଚାଳିତ ଏବଂ ବାପ୍ତିସ୍ମ ବିଷୟରେ ବିଚାର କରିବା ବ୍ୟକ୍ତିକୁ ମଣ୍ଡଳୀ ମନୋନୀତ କରିପାରିବ । ପ୍ରେରିତ ପାଉଲଙ୍କୁ କିଏ ବାପ୍ତିସ୍ମ ଦେଲେ ? ବାଇବଲ ଅନୁଯାୟୀ ସାଧାରଣ ଲୋକମାନେ ବାପ୍ତିସ୍ମ ଦେଇପାରିବେ : ମାଥିଉ ୨୮:୧୯; ପ୍ରେରିତ ୮:୩୬-୩୮; ପ୍ରେରିତ ୯:୧୭-୧୯; ପ୍ରେରିତ ୧୪:୨୧-୨୩ ।

**ଘ. ଉପଯୁକ୍ତ ପ୍ରଣାଳୀ** - ପିତ, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ସଂପୂର୍ଣ୍ଣ ଜଳରେ ଡୁବିବା ।

**ଙ. ଉପଯୁକ୍ତ ଉଦ୍ଦେଶ୍ୟ** - ଖ୍ରୀଷ୍ଟ ଆମ ପାଇଁ ମୃତ୍ୟୁଭୋଗ କଲେ, ସମାଧିସ୍ଥ ହେଲେ ଓ ମୃତ୍ୟୁରୁ ଉତ୍ଥିତ ହେଲେ ତାହା ନମୁନା ବା ପ୍ରତକ ହେବା ଉଦ୍ଦେଶ୍ୟରେ ଜଳ ବାପ୍ତିସ୍ମ ଦିଆଯାଏ । ଏହା ମଧ୍ୟ ଏକ ଚିହ୍ନ ଯେ, ଆମ୍ଭେମାନେ ଆମ ପ୍ରତି ମୃତ ଓ ଯୀଶୁଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ଲାଭ କରୁ ।

**ପ୍ରଭୁଭୋଜ ଉତ୍ସବ ପାଳନ ନିମନ୍ତେ ନିମ୍ନଲିଖିତ ବିଷୟ ଜଣେ ପ୍ରାପ୍ତ ହେବା ଉଚିତ :**

**କ. ଉପଯୁକ୍ତ ଯୋଗଦାନକାରୀଗଣ** - ଖ୍ରୀଷ୍ଟଙ୍କ ଶିଷ୍ୟମାନେ

**ଖ. ଉପଯୁକ୍ତ ଅଧିକାରୀ** - ଯୀଶୁଖ୍ରୀଷ୍ଟ । ସେ ତାହାଙ୍କ ବିଶ୍ୱାସୀମାନଙ୍କୁ ତାହାଙ୍କ ମୃତ୍ୟୁକୁ ସ୍ମରଣ କରିବା ପାଇଁ ପ୍ରଭୁଙ୍କ ଭୋଜ ଅଭ୍ୟାସ କରିବାକୁ ଆଦେଶ ଦିଅନ୍ତି ।

**ଗ. ଉପଯୁକ୍ତ ପ୍ରଶାସନିକ** - ମଣ୍ଡଳୀ ସ୍ୱପରିଚାଳିତ ଏବଂ ଜଣେ ବ୍ୟକ୍ତିକୁ ମନୋନୀତ କରିପାରିବ, ଯେ କି ପ୍ରଭୁଙ୍କ ଭୋଜ ଚଳାଇବାକୁ ସେମାନେ ଇଚ୍ଛା କରନ୍ତି । ସେ ପ୍ରାରମ୍ଭକାରୀ ବା ସ୍ଥାନୀୟ ନେତା ହେବା ଉଚିତ କିଅବା ମଣ୍ଡଳୀ ନିଜ ସଭ୍ୟମାନଙ୍କୁ ସେବା ଉପାସନାର ଏହି ଅଂଶର ନେତୃତ୍ୱ ନେବାକୁ ପସନ୍ଦ କରିପାରନ୍ତି ।

**ଘ. ଉପଯୁକ୍ତ ଉଦ୍ଦେଶ୍ୟ –** ତାହାଙ୍କ ପୁନରାଗମନ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ ମୃତ୍ୟୁ ସ୍ମରଣ ଓ ଘୋଷଣା କରିବା ଉଦ୍ଦେଶ୍ୟ ।

**ଅନ୍ୟ ସମସ୍ତର ଉର୍ଦ୍ଧ୍ୱରେ ଆମର ସେବାଉପାସନାରେ ଈଶ୍ୱରଙ୍କ ବାକ୍ୟ ଉପରେ ବାକ୍ୟ ପ୍ରଚାର ହେବା ଉଚିତ ।** ଯଦି ପ୍ରାରମ୍ଭକାରୀଙ୍କ ପ୍ରଚାରର ଅନୁଭୂତି ପାଇଁ ସେ ବାଇବଲରୁ ଏକ ଶାସ୍ତ୍ରାଂଶ ମନୋନୀତ କରି ନିମ୍ନଲିଖିତ ଛଅଟି ବିଷୟ କରିବା ଉଚିତ :

**କ.** ପଦଟି ପାଠ କର

**ଖ.** ପଦଟିର ଆତ୍ମିକ ଅର୍ଥ ବାଖ୍ୟା କର

**ଗ.** ଶ୍ରୋତାମାନଙ୍କ ଜୀବନ ପ୍ରତି ପ୍ରତ୍ୟେକ ସତ୍ୟ କିପରି ପ୍ରୟୋଗ କରାଯାଇପାରେ, ବୁଝାଇଦିଅ ।

**ଘ.** ପ୍ରତ୍ୟେକ ସତ୍ୟ ବିଷୟରେ ଏକ ଉଦାହରଣ ଦିଅ ।

**ଙ.** ଶାସ୍ତ୍ରାଂଶର ପ୍ରତ୍ୟେକ ପଦ ଓ ପାରାଗ୍ରାଫ୍ ପ୍ରତି ଏହା କର ।

**ଚ.** ଏକ ନିୟନ୍ତ୍ରଣ ସହ ସମ୍ବାଦ ସମାପ୍ତ କର ।

**ପ୍ରାରମ୍ଭକାରୀଙ୍କ ଅଧିକ ଅନୁଭୂତି ନ ହେବା ପର୍ଯ୍ୟନ୍ତ ଓ ଏକ ଅତ୍ୟୁତ୍ତମ ପ୍ରଚାରକ ନ ହେବା ଯାଏ ସମୟ ସୀମା ୨୦ ମିନିଟ୍ ମଧ୍ୟରେ ରଖିବା ତାଙ୍କ ପକ୍ଷରେ ଉତ୍ତମ ।**

> **ସତର୍କବାଣୀ : ଯେଉଁ ଦଳ ବୃଦ୍ଧିପ୍ରାପ୍ତ ହେଉଅଛନ୍ତି ସେମାନଙ୍କୁ ୨୦ ମିନିଟ୍ ପ୍ରତ୍ୟେକ ସପ୍ତାହ ପ୍ରଚାର କରିବା, ମନଫେରଣ କରିବାକୁ ଅନିଚ୍ଛୁକ ଓ ଆପଣା ବନ୍ଧୁମାନଙ୍କୁ ଆପଣା ମଣ୍ଡଳୀକୁ ଆସିବାକୁ ନ କହିବା ଲୋକଙ୍କ ନିକଟରେ ୩୦ ବା ୫୦ ମିନିଟ୍ ବାକ୍ୟ ପ୍ରଚାର କରିବାଠାରୁ ଉତ୍ତମ ।**

**ନେତା, ବାଇବଲ ଅଧ୍ୟୟନ ଓ ଗଳ୍ପ କହିବା ପ୍ରଣାଳୀ ବ୍ୟବହାର ମଧ୍ୟ କରିପାରନ୍ତି । ଏହି ହସ୍ତଲିପିରେ ଥିବା ଗୃହ ବାଇବଲ ଅଧ୍ୟୟନ-କିପରି ଚଳାଇବା ଉପରେ ଅଧ୍ୟାୟଗୁଡ଼ିକ ଓ ଗଳ୍ପ କହିବା ଉପରେ ଥିବା ଅଧ୍ୟାୟମାନ ଅଧ୍ୟୟନ କରି ଯେପରି ଉତ୍ତମ ଉପଦେଶ କିପରି ପ୍ରଚାର କରିବ ଓ ବାଇବଲ ଅଧ୍ୟୟନ ଚଳାଇବ ଶିକ୍ଷା କରିବ ।**

### ୩. ଏକ ସୁସମାଚାର ପ୍ରଚାର ସେବାକାର୍ଯ୍ୟ

ଏକ ମଣ୍ଡଳୀ ବୃଦ୍ଧି ଲାଭ କରିବାକୁ ଏକ ବିଶେଷ ବାହ୍ୟ ସୁସମାଚାର ପ୍ରଚାର ସେବାକାର୍ଯ୍ୟ ଆବଶ୍ୟକ କରେ । ଏହି ହସ୍ତଲିପିରେ ଥିବା ଯୋଜନା ବା ଅନ୍ୟ ଯେକୌଣସି ଯୋଜନା ତୁମେ ବ୍ୟବହାର କରିପାରିବ । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମଣ୍ଡଳୀ ବାହାର ଜଗତରେ ଯେଉଁମାନେ ସୁସମାଚାର ବୁଝିବା ଆବଶ୍ୟକ ସେମାନଙ୍କୁ ପ୍ରଥମେ ଯାଇ ସାକ୍ଷାତ କରିବ, ସେମାନଙ୍କୁ ରବିବାର ତୁମର ସ୍ଥାନରେ ମଣ୍ଡଳୀ ଉପାସନାରେ ଆସି ଯୋଗ ଦେବାକୁ ଅପେକ୍ଷା ନ କରି ପ୍ରାରମ୍ଭକାରୀ ଏକ ଗସ୍ତ ସେବାକାର୍ଯ୍ୟ କରିବା ଆବଶ୍ୟକ, ଯାହା ସଭ୍ୟମାନଙ୍କୁ ମଣ୍ଡଳୀର ଏକତ୍ର ହେବା ସ୍ଥାନ ବାହାରେ ହଜିଯାଇଥିବା ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କ ନିକଟରେ ସୁସମାଚାର ପ୍ରଚାର କରି ସେମାନଙ୍କୁ ଖ୍ରୀଷ୍ଟଙ୍କ ପାଇଁ ଲାଭ କରିବା ଉଦ୍ଦେଶ୍ୟ ସଫଳ କରିବାକୁ ତାଲିମ ଦିଏ ।

### ୪. ଏକ ଶିଷ୍ୟତ୍ୱ ସେବାକାର୍ଯ୍ୟ

ମଣ୍ଡଳୀ ବୃଦ୍ଧି ପାଇବାକୁ ଏକ କାର୍ଯ୍ୟକ୍ରମ ଅଛି, ଯାହା ନୂତନ ପରିବର୍ତ୍ତିତ ବ୍ୟକ୍ତିମାନଙ୍କୁ କରେ ଏବଂ ସ୍ଥାନୀୟ ନେତାମାନଙ୍କୁ ଛୋଟ ଛୋଟ ଦଳମାନଙ୍କରେ ବା ଜଣଜଣକୁ ତାଲିମ ଦିଏ । ପ୍ରାରମ୍ଭକାରୀମାନେ ବିଶ୍ୱାସୀରେ ଏହି ସ୍ଥାନୀୟ ନେତାମାନଙ୍କୁ ତାଲିମ ଦେବେ ଏବଂ ବ୍ୟବହାରିକ ଅଞ୍ଚଳରେ ଯଥା : ପ୍ରାର୍ଥନା, ସାକ୍ଷ୍ୟଦାନ, ଖ୍ରୀଷ୍ଟଙ୍କ ପାଇଁ ଆତ୍ମାଲାଭ କରିବା, ଏକ ଗୃହ ବାଇବଲ ଅଧ୍ୟୟନ ଚଳାଇବା, ବାଇବଲ ଅଧ୍ୟୟନରେ ଶିକ୍ଷା ଦେବା ଇତ୍ୟାଦିରେ ପ୍ରସ୍ତୁତ କରାଇବେ ।

ପ୍ରାରମ୍ଭକାରୀ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ସେ କାର୍ଯ୍ୟକ୍ଷେତ୍ରକୁ ଯିବାବେଳେ ସର୍ବଦା ସ୍ଥାନୀୟ ନେତାମାନଙ୍କୁ କିଅବା ନୂତନ ପରିବର୍ତ୍ତିତ ବ୍ୟକ୍ତିମାନଙ୍କୁ ନିଜ ସହିତ ନେବେ । ଉଦାହରଣ ସ୍ୱରୂପ, ନୂତନ ବିଶ୍ୱାସୀମାନଙ୍କୁ ଯେଉଁମାନଙ୍କୁ ପ୍ରାରମ୍ଭକାରୀ ଶିଷ୍ୟରେ ପରିଣତ କରୁଅଛନ୍ତି, ସେମାନେ ତାଙ୍କ ସହିତ ଯିବା ଉଚିତ । ଯେତେବେଳେ ସେ ଲୋକମାନଙ୍କ ଗୃହ ବାଇବଲ ଅଧ୍ୟୟନରେ ଚାଳନା ଦେଉଛନ୍ତି, ଯେଉଁ ଗୃହର ଲୋକମାନେ ଖ୍ରୀଷ୍ଟଙ୍କୁ ପ୍ରଭୁ ରୂପେ ଗ୍ରହଣ କରିନାହାନ୍ତି । ସ୍ଥାନୀୟ ନେତାମାନେ ପ୍ରାରମ୍ଭକାରୀଙ୍କ ସହିତ ଯିବା ଉଚିତ । ଯେତେବେଳେ ସେ ତାଙ୍କ ନିଜର ସାକ୍ଷ୍ୟ ଦିଅନ୍ତି, ଯୀଶୁଙ୍କ ନିକଟକୁ ଲୋକମାନଙ୍କୁ ଆଣି ତାଙ୍କ ପାଇଁ ଲାଭ କରନ୍ତି, ସେମାନେ ତାହା ସଜାଗଭାବେ ଲକ୍ଷ୍ୟ କରି କାର୍ଯ୍ୟରେ ଦେଖିବେ । କୌଣସି ବ୍ୟକ୍ତି କାହାରିକି କେବଳ ଶ୍ରେଣୀ ଗୃହରେ ଶିଷ୍ୟରେ ପରିଣତ କରି ନ ପାରେ ।

ଉତ୍ତମ ଶିଷ୍ୟତ୍ୱ ଶିଖାଇବାକୁ ଦୁଇଟି ଗୁପ୍ତ ବିଷୟ ଅଛି : ପ୍ରଥମ, ଲୋକମାନଙ୍କୁ ଗୋଟିଏ ପରେ ଗୋଟିଏ ବା କ୍ଷୁଦ୍ର ଦଳରେ ତାଲିମ ଦିଅ । ଦ୍ୱିତୀୟରେ, ଲୋକମାନଙ୍କୁ ତୁମ ସହିତ ବାହାର କ୍ଷେତ୍ରକୁ ନେବା ଅତ୍ୟାବଶ୍ୟକ ଯେତେବେଳେ ତୁମେ ସୁସମାଚାର ପ୍ରଚାର କରୁଅଛ ।

### ୫. ଏକ ସହଭାଗିତା ସେବାକାର୍ଯ୍ୟ

ବୃଦ୍ଧିଲାଭ କରିବାକୁ ମଣ୍ଡଳୀର ସହଭାଗିତା ପ୍ରୟୋଜନ, ଯେଉଁଠାରେ ଏହାର ସଭ୍ୟମାନଙ୍କ ମଧ୍ୟରେ ପ୍ରକୃତ ପ୍ରେମ ଅଛି, ଆଗନ୍ତୁକମାନେ ମଣ୍ଡଳୀରେ ପ୍ରବେଶ କଲେ ସେମାନେ ଈଶ୍ୱରଙ୍କ ପ୍ରେମ ତାହା ସହିତ ସଭ୍ୟମାନଙ୍କ ମଧ୍ୟରେ ପ୍ରେମ ଅନୁଭବ କରିବାକୁ ସକ୍ଷମ ହେବା ଉଚିତ । ଯଦି ତିକ୍ତତା, ଘୃଣା ବା ଭାଗବିଭାଗ ଅଛି, ତେବେ ଏକ ମଣ୍ଡଳୀ ପକ୍ଷରେ ବୃଦ୍ଧି ପାଇବା ଅସମ୍ଭବ । ଆଗନ୍ତୁକମାନଙ୍କ ପାଇଁ ସମତା ଓ ପ୍ରେମ ଅତ୍ୟାବଶ୍ୟକ ଏକ ମଣ୍ଡଳୀର ସହଭାଗିତା ଅନୁଭବ କରିବା ସକାଶେ ଏବଂ ଏହା ଦ୍ୱାରା ସେମାନେ ଗ୍ରହଣ କରାଯାଇଥିବା ଅନୁଭବ କରନ୍ତି ।

### ୬. ଉପଯୁକ୍ତ ପ୍ରଶାସନ

ଏକ ୪୦୦୦ ସଭ୍ୟ ଥିବା ମଣ୍ଡଳୀର ଜଣେ ପାଳକଙ୍କୁ ଯୁକ୍ତରାଷ୍ଟ୍ରରେ ପଚରାଗଲା, "୪୦ ଜଣ ସଭ୍ୟ ଥିବା ଏକ ମଣ୍ଡଳୀର ପାଳକ ଓ ୪.୦୦୦ ସଭ୍ୟ ଥିବା ଏକ ମଣ୍ଡଳୀର ପାଳକଙ୍କ ମଧ୍ୟରେ କ'ଣ ପ୍ରଭେଦ ବା ଭିନ୍ନତା ଅଛି ?" ତାଙ୍କର ଉତ୍ତର ଥିଲା, "ପ୍ରଶାସନ" ।

ଜଣେ ପ୍ରାରମ୍ଭକାରୀ ତାଙ୍କର ସଭ୍ୟମାନଙ୍କୁ ଈଶ୍ୱରଙ୍କ କାର୍ଯ୍ୟ କରିବାକୁ ଓ ସବୁ ବିଷୟ ଏକାକୀ କରିବାକୁ ଚେଷ୍ଟା ନ କରିବାକୁ ତାଲିମ ଦେବା ମନୋବୃତ୍ତି ରଖିଥିବା ପ୍ରୟୋଜନ । ଜଣେ ପାଳକ ୩୦ରୁ ୮୦ ସଭ୍ୟ ଥିବା ଏକ ମଣ୍ଡଳୀରେ ସବୁକିଛି ଆୟତ୍ତାଧୀନ କରିପାରେ, ଯାହାବି ହେଉ, ସେ ଲୋକମାନଙ୍କୁ ପ୍ରଶାସନିକ ପ୍ରଣାଳୀରେ ତାଲିମ ନ ଦେବା ପର୍ଯ୍ୟନ୍ତ ଏହା ଏକ ନିର୍ଦ୍ଦିଷ୍ଟ ସ୍ଥଳକୁ ଆସି ପହଞ୍ଚିବ, ଯେଉଁଠାରେ ବୃଦ୍ଧି ଅସମ୍ଭବରେ ପରିଣତ ହେବ । ସେ ପରିପକ୍ୱ ଓ ଉତ୍ତମଭାବେ ତାଲିମପ୍ରାପ୍ତ ଲୋକମାନଙ୍କୁ ଦାୟିତ୍ୱମାନ ବଣ୍ଟନ କରିବା ଉଚିତ । ପ୍ରାରମ୍ଭକାରୀର ମୁଖ୍ୟ ଓ ପ୍ରଥମ ଭୂମିକା ତେବେ ହେବ ଏକ ତାଲିମ ଦେବା ବ୍ୟକ୍ତି ।

## IX. <u>ନୂତନ ନିୟମ ମଣ୍ଡଳୀର ତିନୋଟି ଚାରିତ୍ରିକଗୁଣ</u>

### କ. ଏକ ସ୍ୱଶାସିତ ଅନୁଷ୍ଠାନ, ଈଶ୍ୱରଙ୍କର ନେତୃତ୍ୱାଧୀନରେ

ସ୍ୱଶାସିତ ହେବାର ନିୟମ, ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ମଣ୍ଡଳୀର ଆତ୍ମିକ ଜୀବନରେ ଏହି ନିୟମର ଫଳ ଏତେ ପ୍ରଭାବଶାଳୀ ବା ପ୍ରଧାନ ଯେ, ଯଦି ଏଥିରେ ବିଫଳତା ଆସେ, ତେବେ ଏକ ନୂତନ ପ୍ରତିଷ୍ଠିତ ଓ ଆତ୍ମ-ନିର୍ଭରଶୀଳ

(ସ୍ୱୟଂସଂପୂର୍ଣ୍ଣ) ମଣ୍ଡଳୀ ଗଢ଼ିବାର ସମୁଦାୟ ପ୍ରଚେଷ୍ଟାର ଆପୋଷ ସମାଧାନ ହୋଇଯାଇପାରେ ।

ସ୍ୱଶାସନ (ସ୍ୱାୟତଶାସନ), ସ୍ୱାବଲମ୍ବନଶୀଳ ଓ ଆତ୍ମ-ଘୋଷିତ ହେବା କ୍ଷେତ୍ରରେ ଆତ୍ମିକ ଦାୟିତ୍ୱର ଫଳ ପ୍ରଦାନ କରେ । ପରିବର୍ତ୍ତିତ ଲୋକମାନଙ୍କ ହସ୍ତରେ ସ୍ୱଶାସନର ଦାୟିତ୍ୱ ଦେବାରେ ବିଫଳତା, ଏକ ନୂତନ ମଣ୍ଡଳୀ ଆରମ୍ଭ କରିବାର ପ୍ରଚେଷ୍ଟାଗୁଡ଼ିକୁ ଅଣନିଶ୍ୱାସୀ କରିଦେବ ।

ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ପକ୍ଷରେ ନୂତନ ମଣ୍ଡଳୀ ଚଳାଇବା ଚେଷ୍ଟାର ପ୍ରଲୋଭନକୁ ଉପେକ୍ଷା କରିବା ପ୍ରାୟ ଅସମ୍ଭବ ଅଟେ । ଏହା କେବଳ ପବିତ୍ରଆତ୍ମାଙ୍କ ଶକ୍ତି ମାଧ୍ୟମରେ ପ୍ରାରମ୍ଭକାରୀ ପ୍ରଚାର କରିବା ଶିକ୍ଷା ଦେବା, ପ୍ରଶାସନିକ ଦାୟିତ୍ୱମାନ ସ୍ଥାନୀୟ ସଭ୍ୟମାନଙ୍କ ହସ୍ତରେ ଛାଡ଼ିପାରିବେ । ନୂତନ ମଣ୍ଡଳୀ ତାହାର ଜୀବନର ଆରମ୍ଭରୁ ପ୍ରାରମ୍ଭିକ ସୁସମାଚାର ପ୍ରଚାରକଙ୍କ ଦ୍ୱାରା ପ୍ରଭାବିତ ହେବ । ଯାହାବି ହେଉ, ମଣ୍ଡଳୀ ତାହାର ନିଜ ସିଦ୍ଧାନ୍ତମାନ ନେବା ଅବସ୍ଥାକୁ ଆସିବ, ଏହାର ସୁସମାଚାର ପ୍ରଚାର ସଂଗଠନ ଓ ତାହାର ପ୍ରାରମ୍ଭକାରୀ ପରିବର୍ତ୍ତେ, ଏହା କିପରି ସମ୍ଭବ ? ଏହା ସମ୍ଭବ କାରଣ ପ୍ରାରମ୍ଭକାରୀ, ନୂତନ ବିଶ୍ୱାସୀମାନଙ୍କୁ ଶିଷ୍ୟ ବନାଇବେ ଓ ତାଲିମ ଦେବେ, ଯେପରି ଏକ ସ୍ୱଶାସିତ ମଣ୍ଡଳୀ ଆରମ୍ଭରୁ ବୃଦ୍ଧି ହେବ ।

କେତେଜଣ କହିପାରନ୍ତି ଯେ, ମଣ୍ଡଳୀର ଯଥେଷ୍ଟ ନିର୍ଦ୍ଦେଶନା ନାହିଁ ଓ ଯଥେଷ୍ଟ ଅନୁଭୂତି ନାହିଁ ଏବଂ ତାହାର ନିଜର ସିଦ୍ଧାନ୍ତ ନେବାକୁ ବହୁତ ଛୋଟ ଅଟେ । ଯାହାବି ହେଉ, ସେହି ଘଟଣା ସତ୍ତ୍ୱେ ଏକ ମଣ୍ଡଳୀ ଯେ କି ତିନି ସପ୍ତାହ ଅଟେ, ଯାହାର ଦଶବର୍ଷର ମଣ୍ଡଳୀର ସମସ୍ତ ଜ୍ଞାନ ନାହିଁ, ତଥାପି ଏହା ଈଶ୍ୱରୀୟ, ବୁଦ୍ଧିମାନ ଓ ଆତ୍ମିକ ନେତାର ଚାଳନା ଦ୍ୱାରା ଯେତେ ପରିମାଣ ସମ୍ଭବ ସେତେ ସିଦ୍ଧାନ୍ତମାନ ନେବା ଉଚିତ । ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକଙ୍କ ଭୂମିକା ପରାମର୍ଶଦାତାମାନଙ୍କ ମଧ୍ୟରୁ ଗୋଟିଏ ହେବ ଓ ସିଦ୍ଧାନ୍ତ ନେବା ଲୋକମାନଙ୍କ ମଧ୍ୟରୁ ଗୋଟିଏ ହେବ ନାହିଁ । ସେ ପ୍ରାରମ୍ଭିକ ପରିଚୟ ଓ ଚାଳନା ଦେବେ ଏବଂ ନୂତନ ମଣ୍ଡଳୀକୁ ଭୁଲ୍ କରିବାରୁ ରକ୍ଷା କରିବେ । ଯଦି ସେମାନେ ଭୁଲ୍ ଚାଳନାରେ ଗତି କରିବାକୁ ଆରମ୍ଭ କରନ୍ତି, ସେ ସେମାନଙ୍କୁ ବାଟକୁ ଆଣିବାକୁ ବଳିଷ୍ଠ ନେତୃତ୍ୱ ଦେବାକୁ ଆବଶ୍ୟକ କରିବ । ଯାହାବି ହେଉ, ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ମଣ୍ଡଳୀକୁ ପ୍ରାଥମିକ ସିଦ୍ଧାନ୍ତମାନ ନେବାକୁ ଅନୁମତି ଦେବା ଉଚିତ ।

**ଆମ୍ଭେମାନେ କେତେକ ବ୍ୟବହାରିକ ପଦକ୍ଷେପ ଜାଣିବା ଉଚିତ :**

୧. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ନଗରରେ ପ୍ରବେଶ କରିବ ଓ ଖ୍ରୀଷ୍ଟଙ୍କ ପାଇଁ ଆତ୍ମାମାନଙ୍କୁ ଲାଭ କରିବ ।

୨. ସେ ବାଇବଲ ଅଧ୍ୟୟନ ଓ ମୌଳିକତତ୍ତ୍ୱମାନ ଶିକ୍ଷା ଦେବ ଚାଲିସ୍ ବ୍ରୋକ୍‌ଙ୍କ ଦ୍ୱାରା ଲିଖିତ କାହାଣୀ କହିବା ବା ଅନ୍ୟ କୌଣସି ପରୋକ୍ଷ ପଦ୍ଧତି ବ୍ୟବହାର କରି ।

୩. ନୂତନ ପରିବର୍ତ୍ତିତ ଲୋକମାନଙ୍କୁ ଶିଷ୍ୟ କରି ବାପ୍ତିସ୍ମ ଦେବାକୁ ହେବ ।

୪. ପବିତ୍ର ଆତ୍ମା ପ୍ରତ୍ୟେକ ଘଟଣାରେ ସ୍ଥାନୀୟ ନେତାମାନଙ୍କୁ ଉଠାଇବେ, ଯଦି ପ୍ରାରମ୍ଭକାରୀ ତାହାଙ୍କୁ ଅନୁମତି ଦେବେ । ନୂତନ ପରିବର୍ତ୍ତିତ ଲୋକମାନେ ବାଇବଲର ମୂଳତତ୍ତ୍ୱମାନ ଶିଖିବେ ।

୫. ଯେଉଁ ପରିବର୍ତ୍ତିତ ଲୋକମାନେ ମୂଳତତ୍ତ୍ୱ ଉପରେ ଏକମତ ହେବେ, ଏକ ମଣ୍ଡଳୀ ଗଠନ କରିବାକୁ ଯୋଜନା କରିବେ ।

୬. ସ୍ଥାନୀୟ ଦଳ ତାହାର ନେତାମାନଙ୍କୁ ମନୋନୀତ କରିବ ।

## ଖ. ଈଶ୍ୱରଙ୍କ ନେତୃତ୍ୱାଧୀନରେ ଆତ୍ମ-ନିର୍ଭରଶୀଳ ହେବା

ଆମ୍ଭେମାନେ ବିଶ୍ୱାସୀମାନଙ୍କୁ ଦଶମାଂଶ ଓ ଦାନ ଦେବା ବିଷୟରେ ଶିକ୍ଷା ଦେବା । ମଲାଖି ୩:୮-୧୦ ପାଠ ଓ ଅଧ୍ୟୟନ କର । ଯେତେବେଳେ ଏକ ନୂତନ ମଣ୍ଡଳୀ ସଂଘର୍ଷ ଓ ଯୁଦ୍ଧ କରେ, ଏହା ବୃଦ୍ଧି ପାଏ । ମିଶନେରୀ ଚାର୍ଲସ୍ ବ୍ରୋକ୍ ତାଙ୍କ ପୁସ୍ତକ "ସ୍ୱଦେଶୀ ମଣ୍ଡଳୀ ରୋପଣ କରିବା"ରେ ବାଖ୍ୟା କରନ୍ତି, ଯେତେବେଳେ ଜଣେ ବ୍ୟକ୍ତି ପ୍ରଜାପତିକୁ ତାହାର କୋଷରୁ ରକ୍ଷା ପାଇ ସାହାଯ୍ୟ କରିବାକୁ ଚେଷ୍ଟା କରେ, କ'ଣ ଫଳ ହୁଏ ? ପ୍ରଜାପତି କୋଷ ତ୍ୟାଗ କରିବାକୁ ସଂଘର୍ଷ କରେ ଏବଂ ଏକ ବ୍ୟକ୍ତି କେବଳ ଲକ୍ଷ୍ୟ କରିବା ଉଚିତ । ଯଦି ବ୍ୟକ୍ତିଟି ଧୈର୍ଯ୍ୟ ହରାଏ ଓ ଏକ ଛୁରୀରେ ସୂତାଗୁଡ଼ିକୁ କାଟି ପ୍ରଜାପତିର ଗୋଟିଏପଟକୁ ସାହାଯ୍ୟ କରିବାକୁ ଚେଷ୍ଟା କରେ, ସଂଘର୍ଷ ଶେଷ ହୁଏ । ଯାହାବି ହେଉ, ଫଳ ହେଉଛି ଏକ ଦୁର୍ବଳ ଓ ସାହାଯ୍ୟବିହୀନ ପ୍ରଜାପତି, ଯାହା କେବଳ କେତୋଟି ମିନିଟ୍ ବଞ୍ଚିବ । ସାହାଯ୍ୟକାରୀ ଦର୍ଶକ ଜୀବନର ନିୟମଗୁଡ଼ିକ ମଧ୍ୟରୁ ଗୋଟିଏ ଭାଙ୍ଗି ଦେଲେ । ଯଦି ବ୍ୟକ୍ତି ପ୍ରଜାପତିକୁ ସଂଘର୍ଷ କରିବାକୁ କେବଳ ଅନୁମତି ଦେଇଥାଆନ୍ତେ, ଏକ ବଳିଷ୍ଠ, ସୁନ୍ଦର ଓ ଉତ୍ତମ ରୂପେ ବୃଦ୍ଧି ପାଇଥିବା ପ୍ରଜାପତି ହୋଇଥାଆନ୍ତା ଫଳସ୍ୱରୂପ ।

ଯେପରି ସ୍ଥାନୀୟ ବିଶ୍ୱାସୀମାନେ ସଂଘର୍ଷ କରି ବିଶ୍ୱାସରେ ଚାଲି ଈଶ୍ୱରଙ୍କ ଉପରେ ସର୍ବବିଷୟ ପାଇଁ ନିର୍ଭର କରି ତାହାଙ୍କ ଅନୁଗମନ କରନ୍ତି । ସେମାନେ ତାଙ୍କ ବିଶ୍ୱାସରେ ବୃଦ୍ଧି ପାଇ ବଳିଷ୍ଠ ହେବେ ଏବଂ ଈଶ୍ୱର ସେମାନଙ୍କୁ ଯାହା ହେବାକୁ ଚାହାଁନ୍ତି, ସେହିପରି ହେବେ ।

ଅନେକ ମଣ୍ଡଳୀମାନଙ୍କରେ ଗୀର୍ଜାଘରର ସମ୍ମୁଖରେ ଏକ ଚିହ୍ନ ସହ ମଣ୍ଡଳୀର ନାମ ଲେଖାଅଛି । ଉଦାହରଣ ସ୍ୱରୂପ, ପ୍ରଥମ ବାପ୍‌ଟିଷ୍ଟ୍ ମଣ୍ଡଳୀ । ମାତ୍ର ଏହା ଅଧିକ ସ୍ପଷ୍ଟଭାବେ କୁହାଯାଏ, "ପ୍ରଥମ ବାପ୍‌ଟିଷ୍ଟ୍ ମଣ୍ଡଳୀ ଏଠାରେ ଏକତ୍ର ହୁଅନ୍ତି" । କ'ଣ ଭିନ୍ନତା ଅଛି ? ପ୍ରଥମ ଚିହ୍ନ ଜଣାଏ ଯେ, ସେହି ଗୃହଟି ମଣ୍ଡଳୀ ଅଟେ । ମାତ୍ର ଦ୍ୱିତୀୟ ଚିହ୍ନ ଜଣାଏ ଯେ ଲୋକମାନେ ହେଉଛନ୍ତି ମଣ୍ଡଳୀ ଏବଂ ସେମାନେ ଯେକୌଣସି ସ୍ଥାନରେ ଏକତ୍ର ହୋଇପାରନ୍ତି ।

ସେହି ଫର୍ମ ପ୍ରତି ଦୃଷ୍ଟିପାତ କର । ଏକ ମଣ୍ଡଳୀ ପାରମ୍ପାରିକ ପଦ୍ଧତି ବ୍ୟବହାର କରି ମଣ୍ଡଳୀ ରେପାଣର ମୂଲ୍ୟ ନିର୍ଦ୍ଧାରିତ କରିବା ଦର୍ଶାଏ :

**ମଣ୍ଡଳୀରୋପଣକାରୀଙ୍କ ମାସିକ ବେତନ ________ x ୧୨**
**ମାସ ସମୂହ x ୭ ବର୍ଷ =**

**ମଣ୍ଡଳୀରୋପଣକାରୀ ମାସିକ ଗୃହଭଡ଼ା ________ x ୧୨**
**ମାସ ସମୂହ x ୭ ବର୍ଷ =**

**ସମ୍ପତ୍ତି ________**

**ଗୃହ ________**

**ଗୋଟିଏ ମଣ୍ଡଳୀ ପାଇଁ ମୋଟ୍ ବ୍ୟୟ ________**

### ଗ. ଈଶ୍ୱର ନେତୃତ୍ୱାଧୀନରେ ଆତ୍ମ-ଘୋଷଣାକାରୀ ମଣ୍ଡଳୀ

ଏକ ନୂତନ ନିୟମମଣ୍ଡଳୀ ଆତ୍ମ-ଘୋଷଣାକାରୀ ମଣ୍ଡଳୀ ଅଟେ । ଏହାର ସ୍ୱଭାବ ଦ୍ୱାରା ହିଁ ଏହା ତାହାର ଜୀବନରେ ଅନ୍ୟକୁ ଅଂଶୀ କରାଇବା ଉଚିତ । ଏହି ପ୍ରକାର ମଣ୍ଡଳୀ ସୁସମାଚାର ପ୍ରଚାରକାରୀ ଓ ନୂତନ ମଣ୍ଡଳୀମାନ ଆରମ୍ଭ କରିବାକୁ ଆକାଂକ୍ଷିତ ।

ଜଗତର ଜନସଂଖ୍ୟା ସମ୍ପର୍କୀୟ ବିସ୍ଫୋରଣ (ଜନସଂଖ୍ୟାବୃଦ୍ଧି) ସହିତ, ଆମ୍ଭେମାନେ ନୂତନ ନିୟମ ମଣ୍ଡଳୀ ସମୂହର ବୃଦ୍ଧି ସାଧନ କରିବା ଉଚିତ, ଯାହା ଅନ୍ୟ ମଣ୍ଡଳୀମାନ ରୋପଣ

କରିବ । ତେଣୁ ଆମେ ସମସ୍ତ ନଗର ଓ ଗ୍ରାମମାନଙ୍କରେ ବହୁସଂଖ୍ୟକ ଲୋକଙ୍କ ନିକଟରେ ପହଞ୍ଚିପାରିବା ।

ଆଦ୍ୟରେ, ପ୍ରାରମ୍ଭକାରୀ ଏକ ସୁସମାଚାର ପ୍ରଚାରକାରୀ ଅଟେ । ସେ ଆତ୍ମାମାନ ଲାଭ କରେ । ସେମାନଙ୍କୁ ଶିଷ୍ୟରେ ପରିଣତ କରେ ଏବଂ ନୂତନ ବିଶ୍ୱାସୀମାନଙ୍କୁ ବିଶ୍ୱାସର ମୌଳିକ ତତ୍ତ୍ୱମାନ ଶିକ୍ଷା ଦିଏ । ପରବର୍ତ୍ତୀ ପଦକ୍ଷେପ ହେଉଛି ଈଶ୍ୱରଙ୍କୁ ମାଗିବା ସ୍ଥାନୀୟ ନେତାମାନଙ୍କୁ ଉଠାଇବାକୁ ଓ ଏହି ନୂତନ ନେତାମାନଙ୍କୁ ତାଲିମ ଦେଇ ନୂତନ ପ୍ରତିବାସୀ ଅଞ୍ଚଳ ଓ ନଗରମାନଙ୍କରେ ନୂତନ କାର୍ଯ୍ୟମାନ ଆରମ୍ଭ କରିବାକୁ ଦେବା । ଏହି ପ୍ରଣାଳୀ ଲାଗିରହେ ଯେତେବେଳେ ମଣ୍ଡଳୀମାନ ମଣ୍ଡଳୀଗୁଡ଼ିକ ଆରମ୍ଭ କରନ୍ତି ଓ ସେହି ମଣ୍ଡଳୀ ଅନ୍ୟ ମଣ୍ଡଳୀସବୁ ଆରମ୍ଭ କରନ୍ତି । ପ୍ରାରମ୍ଭକାରୀ ପ୍ରଚାରକ ଏହି ସ୍ଥାନୀୟ ନେତାମାନଙ୍କୁ ତାଲିମ ଦେବାରେ ଲାଗି ରହିବା ଉଚିତ ଏବଂ ମଣ୍ଡଳୀ ମଧ୍ୟରେ ବିଭିନ୍ନ ଦଳମାନଙ୍କୁ ସଂଗଠିତ କରିବେ । ସେ କାର୍ଯ୍ୟଗୁଡ଼ିକ ସ୍ଥାନୀୟ ନେତାମାନଙ୍କ ହସ୍ତରେ ଛାଡ଼ିବା ଉଚିତ ଏବଂ ସେମାନଙ୍କୁ ସାହାଯ୍ୟ ଓ ଉତ୍ସାହ ଦେବା ପାଇଁ ପରିଦର୍ଶନ କରିବାରେ ଲାଗି ରହିବା ଉଚିତ ।

## X. <u>ଉପସଂହାର</u>

**ଯେଉଁ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ମଣ୍ଡଳୀରୋପଣରେ ସଫଳ ହେବାକୁ ଚାହାଁନ୍ତି, ସେମାନେ ଏପରି ହେବା ଉଚିତ :**

**କ. ଆତ୍ମିକଭାବେ ପରିପକ୍ୱ, ଉତ୍ତମଭାବେ ପ୍ରସ୍ତୁତ ଓ ତାଲିମପ୍ରାପ୍ତ ହୋଇଥିବେ ।**

**ଖ. ଏକ ସୁସମାଚାର ପ୍ରଚାରକାରୀ ଦଳ କିପରି ଗଠନ କରିବ ଓ ଶିଷ୍ୟ ବନାଇବ, ତାହା ଜାଣିଥିବେ ।**

**ଗ. ଏକ "ବାହାରକୁ ଯାଅ" ଦର୍ଶନରେ ବାହାର ଜଗତରେ ଖ୍ରୀଷ୍ଟଙ୍କ ପାଇଁ ଆତ୍ମାମାନଙ୍କୁ ଲାଭ କର । ଏକ "ଏଠାକୁ ଆସ" ଦର୍ଶନରେ ନୁହେଁ ।**

**ଘ. ସନ୍ତୋଷଜନକ ଓ ଆନନ୍ଦମୟ ସେବା ଉପାସନା ଆରମ୍ଭ କର ।**

**ଙ. ନୂତନ ବିଶ୍ୱାସୀମାନଙ୍କୁ କିପରି ଅନୁସରଣ କାର୍ଯ୍ୟ କରିବ ଓ ଶିଷ୍ୟ ବନାଇବ ଜାଣିବା ଉଚିତ ।**

**ଚ. ନୂତନ ନେତାମାନଙ୍କୁ କିପରି ତାଲିମ ଦେବ ଜାଣିବା ଉଚିତ ।**

**ଛ. ନୂତନ ବିଶ୍ୱାସୀମାନଙ୍କୁ କିପରି ବାପ୍ତିସ୍ମ ଦେବ ଓ ପ୍ରଭୁଭୋଜ ଉତ୍ସବ ପାଳନ କରିବ ଜାଣିବ ।**

**ଜ. ସ୍ଥାନୀୟ ଲୋକମାନଙ୍କୁ ତାଲିମ ଦିଅ, କିପରି ହଜିଯାଇଥିବା ଲୋକଙ୍କୁ ଲାଭ କରିବେ ଓ ଅବିଶ୍ୱାସୀମାନଙ୍କ ଗୃହମାନଙ୍କରେ ଗୃହ ବାଇବଲ ଅଧ୍ୟୟନ ଚଳାଇବେ ।**

ଝ) ସ୍ଥାନୀୟ ନେତାମାନଙ୍କୁ ତାଲିମ ଦେବ, କିପରି ନୂତନ ମଣ୍ଡଳୀକୁ କଢ଼ାଇ ନେବେ ।

ଞ) ମଣ୍ଡଳୀକୁ ସ୍ୱ-ଶାସିତ, ଆତ୍ମନିର୍ଭରଶୀଳ, ଆତ୍ମ-ଘୋଷଣାକାରୀ ହେବାକୁ କଢ଼ାଇ ନେବେ ।

ଟ) ନୂତନ ବିଶ୍ୱାସୀମାନଙ୍କୁ ତାଲିମ ଦିଅ, କିପରି ସେମାନଙ୍କର ନିଜର ସୁସମାଚାର ପ୍ରଚାର ଦଳମାନ ଆରମ୍ଭ କରିବେ ।

# ବ୍ୟବହାରିକ ବିଷୟମାନ

# ତୁମ୍ଭର ଦଳକୁ କିପରି ତାଲିମ ଦେବ

# ବ୍ୟବହାରିକ ବିଷୟମାନ
# କିପରି ତୁମ୍ଭର ଦଳକୁ ତାଲିମ ଦେବ

ହସ୍ତଲିପିର ଏହି ବିଭାଗ, ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ କିପରି ବ୍ୟବହାରିକ ଉପାୟଗୁଡ଼ିକ ଦ୍ୱାରା ତାଙ୍କ ସେବାକାର୍ଯ୍ୟ ସମ୍ପାଦନ କରିବେ ତାହା ବାଖ୍ୟା କରେ । ଏହି ପ୍ରଣାଳୀଗୁଡ଼ିକ କାର୍ଯ୍ୟକାରୀ ହୁଏ, ଯଦି ଈଶ୍ୱରଙ୍କ ପବିତ୍ରଆତ୍ମାଙ୍କ ଚାଳନା ଓ ନେତୃତ୍ୱାଧୀନରେ ପ୍ରୟୋଗ କରାଯାଏ । କାହିଁକି ସେଗୁଡ଼ିକ କାର୍ଯ୍ୟକାରୀ ହୁଏ, ତାହାର କାରଣ ହେଉଛି ସେଗୁଡ଼ିକ ପବିତ୍ରଆତ୍ମାଙ୍କ ମୁଖନିସୃତ ପ୍ରେରଣାପ୍ରାପ୍ତ ଓ ନୂତନ ନିୟମରେ ଲିପିବଦ୍ଧ କରାଯାଇଅଛି । ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଏହିପ୍ରକାର ଭାବରେ ବ୍ୟବହାର କରିବାବେଳେ ଆମର ଆଧୁନିକ ସମୟର ପରିବେଶରେ ନୂତନ ନିୟମ ସୁସମାଚାର ପ୍ରଚାର ପ୍ରଣାଳୀ ପ୍ରୟୋଗ କରୁଛନ୍ତି ।

**୧. ନୂତନ ଦଳମାନ ବା ଏକ ନୂତନ ମଣ୍ଡଳୀ ସୁସମାଚାର ପ୍ରଚାରକାର୍ଯ୍ୟ ପାଇଁ ତାଲିମ କିପରି ଆରମ୍ଭ କରିବ ।**

**୧ମ ପଦକ୍ଷେପ - ଶାନ୍ତି ଅନ୍ୱେଷଣକାରୀଙ୍କୁ କିପରି ଅପେକ୍ଷା କରିବ**

**୨ୟ ପଦକ୍ଷେପ - ଏକ ବ୍ୟବହାରିକ ଉପାୟରେ ଈଶ୍ୱରଙ୍କ ପ୍ରେମ କିପରି ଦେଖାଇବ**

**୩ୟ ପଦକ୍ଷେପ - ଓଇକୋସ୍‌ର ଅନୁଗାମୀ କିପରି ହେବ**

**୪ର୍ଥ ପଦକ୍ଷେପ - ବାଇବଲ ଅଧ୍ୟୟନ କିପରି ହେବ**

**କ. ଅବିଶ୍ୱାସୀମାନଙ୍କ ସୁସମାଚାର ପ୍ରଚାରଭିତ୍ତିକ ବାଇବଲ ଅଧ୍ୟୟନମାନ**
**ଗଳ୍ପଛଳରେ ଶିକ୍ଷା, ଯୀଶୁଙ୍କ ସୁସମ୍ବାଦ, ଖ୍ରୀଷ୍ଟି ବ୍ରାଓ୍ୱନରଙ୍କ ଦ୍ୱାରା ଲିଖିତ**

**ଖ. ନୂତନ ବିଶ୍ୱାସୀମାନଙ୍କ ପାଇଁ ଅନୁସରଣ ବାଇବଲ ଅଧ୍ୟୟନମାନ**
**ଯୀଶୁଙ୍କ ସହିତ ଏକ ନୂତନ ଜୀବନ ଆରମ୍ଭ**
**ଖ୍ରୀଷ୍ଟି ବ୍ରାଓ୍ୱନରଙ୍କ ଦ୍ୱାରା ଲିଖିତ**

**୨. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଏବଂ ପବିତ୍ରଆତ୍ମା**

**୩. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଏବଂ ପ୍ରାର୍ଥନା**

**୪. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଏବଂ ପରିତ୍ରାଣ**

**୫. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଓ ବ୍ୟକ୍ତିଗତ ସାକ୍ଷ୍ୟ**

**୬. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଓ ବ୍ୟକ୍ତିଗତ ସୁସମାଚାର ପ୍ରଚାର**

# ବ୍ୟବହାରିକ ବିଷୟମାନ
# କିପରି ତୁମ୍ଭର ଦଳକୁ ତାଲିମ ଦେବ

## ୧. ନୂତନ ଦଳମାନ ବା ନୂତନ ମଣ୍ଡଳୀମାନ କିପରି ଆରମ୍ଭ କରିବ

**ଯେତେବେଳେ ତୁମର ଦଳ ସହିତ ତୁମେ ପ୍ରଥମ ସାକ୍ଷାତ କର, ଏହା ହେଉଛି ସେମାନଙ୍କୁ ଶିଖାଇବାର ପ୍ରଥମ ବିଷୟ । "କିପରି ଆରମ୍ଭ କରିବ" ତାହାର ଚାରୋଟି ପଦକ୍ଷେପ ତୁମ ଦଳକୁ ତାଲିମ ଦେବା ପରେ ସେମାନଙ୍କୁ ବାହାରକୁ ପଠାଇଦିଅ, ଶାନ୍ତି ଅନ୍ୱେଷଣକାରୀଙ୍କୁ ପାଇବା ପାଇଁ ଏବଂ ସେମାନଙ୍କୁ ବାଇବଲ ଅଧ୍ୟୟନ ଆରମ୍ଭ କରିବାକୁ ଦିଅ । ପରବର୍ତ୍ତୀ ସପ୍ତାହ ସେମାନଙ୍କୁ ଶିଷ୍ୟ ବନାଇବାରେ ଆରମ୍ଭ କରିବାରେ ସେମାନଙ୍କ ସହିତ ପ୍ରତି ସପ୍ତାହ ସାକ୍ଷାତ କର । ଶିଷ୍ୟତ୍ୱ ଉପକରଣମାନ ବ୍ୟବହାର କର ।**

ପ୍ରାରମ୍ଭକାରୀ ଏକ ନୂତନ ନଗରରେ ପ୍ରବେଶ କରିବାବେଳେ, ତାଙ୍କ ମନରେ ଏହି ଚିନ୍ତା ରଖିଥିବା ଉଚିତ ଯେ, ପବିତ୍ରଆତ୍ମା ତାଙ୍କୁ ଆତ୍ମିକଭାବେ କ୍ଷୁଧିତ ଲୋକମାନଙ୍କ ପାଖକୁ କଢ଼ାଇ ନେବେ । ସର୍ବତ୍ର ଈଶ୍ୱର କାର୍ଯ୍ୟରତ । ସେ କେତେକ ଲୋକଙ୍କ ହୃଦୟମାନ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଲାଗି ଉନ୍ମୁକ୍ତ ହେବାକୁ ପ୍ରସ୍ତୁତ କରୁଅଛନ୍ତି । ଯଦି କେବଳ ସେମାନେ ବ୍ୟକ୍ତିଗତଭାବେ ସୁସମାଚାର ସମ୍ବାଦ ଶୁଣିବାକୁ ସୁଯୋଗ ପାଆନ୍ତି, ସେମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବେ । ସୁସମାଚାର ପ୍ରଚାରକ ତାଙ୍କ କାର୍ଯ୍ୟ କରିବାକୁ ସଂପୂର୍ଣ୍ଣ ଦୃଢ଼ ବିଶ୍ୱାସ ପବିତ୍ରଆତ୍ମାଙ୍କଠାରେ ରଖିବା ଉଚିତ । ପବିତ୍ରଆତ୍ମାଙ୍କ କାର୍ଯ୍ୟ ହେଉଛି ହୃଦୟମାନ ପ୍ରସ୍ତୁତ କରିବା । ସୁସମାଚାର ପ୍ରଚାରକଙ୍କ କାର୍ଯ୍ୟ ହେଉଛି ସରଳ ବା ସହଜ - ଯେଉଁମାନଙ୍କୁ ପବିତ୍ରଆତ୍ମା ପ୍ରସ୍ତୁତ କରୁଅଛନ୍ତି ସେମାନଙ୍କୁ ପାଇବା ।

ଅନେକ ବିଭିନ୍ନ ବିଷୟ ଅଛି ଯାହା କେବେହେଲେ ପରିବର୍ତ୍ତିତ ହୁଏ ନାହିଁ । ବାଇବଲ ସମ୍ବାଦ ସର୍ବଦା ସମାନ ପ୍ରଣାଳୀମତବାଦ ସର୍ବଦା ପରିବର୍ତ୍ତିତ ହେଉଅଛି । ଏହି ପୁସ୍ତକରେ ଉପସ୍ଥାପିତ କରାଯାଇଥିବା ପ୍ରଣାଳୀମାନ ପବିତ୍ରଆତ୍ମାଙ୍କ ନେତୃତ୍ୱାଧୀନରେ ପ୍ରୟୋଗ କରାଗଲେ କାର୍ଯ୍ୟ କରିଥାଏ । ସେଗୁଡ଼ିକ ପବିତ୍ରଆତ୍ମାଙ୍କ ନେତୃତ୍ୱାଧୀନରେ ନୂତନ ଓ ଆତ୍ମ-ନିର୍ଭରଶୀଳ ମଣ୍ଡଳୀମାନ ଆରମ୍ଭ କରିବା ଉପରେ ନିର୍ଭର କରେ । ସେଗୁଡ଼ିକ ହେଉଛି :

୧. ଈଶ୍ୱରଙ୍କ ନେତୃତ୍ୱାଧୀନରେ ସ୍ୱ-ଶାସିତ ।
୨. ଈଶ୍ୱରଙ୍କ ନେତୃତ୍ୱାଧୀନରେ ଆତ୍ମ-ନିର୍ଭରଶୀଳ ।
୩. ଈଶ୍ୱରଙ୍କ ନେତୃତ୍ୱାଧୀନରେ ଆତ୍ମ-ଘୋଷଣାକାରୀ ।

ଏହା ହେଉଛି ଲକ୍ଷ୍ୟସ୍ଥଳ । ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଆମ୍ଭେମାନେ ବାଇବଲ ପ୍ରଣାଳୀ ବ୍ୟବହାର କରିବା ଉଚିତ ଯାହା ପ୍ରତ୍ୟେକ ସଂସ୍କୃତିରେ ବ୍ୟବହାର ବା ପ୍ରୟୋଗ ହୋଇପାରେ ।

## ୧ମ ପଦକ୍ଷେପ । ଶାନ୍ତି ଅନ୍ୱେଷୀ ଲୋକମାନଙ୍କୁ କିପରି ଖୋଜିବ

**ପ୍ରାରମ୍ଭକାରୀଙ୍କ ଦୃଢ଼ ବିଶ୍ୱାସ ଥିବା ଉଚିତ ଯେ ପବିତ୍ରଆତ୍ମା ତୁମକୁ କଢ଼ାଇ ନେଉଛନ୍ତି ଏବଂ ହଜିଯାଇଥିବା ଲୋକମାନଙ୍କ ହୃଦୟସବୁ ପ୍ରସ୍ତୁତ କରୁଅଛନ୍ତି ।**

ପ୍ରାରମ୍ଭକାରୀ ଏକ ଅଞ୍ଚଳ ମନୋନୀତ କରିବା ଉଚିତ, ଏହା ପରିଦର୍ଶନ କରିବେ ଏବଂ ରାସ୍ତାରେ, ବାର୍‌ମାନଙ୍କରେ, ଗୃହମାନଙ୍କରେ ଓ ଅନ୍ୟ ଯେକୌଣସି ସ୍ଥାନରେ ଲୋକମାନଙ୍କ ସହିତ ସାକ୍ଷାତ କରିବେ । ଜନସଂଖ୍ୟା ଏପରିକି ମଧ ବ୍ୟବହୃତ ହୋଇପାରେ । ଲୋକମାନଙ୍କର ହୃଦୟମାନ ପ୍ରସ୍ତୁତ କରିବା କାର୍ଯ୍ୟ ହେଉଛି ଈଶ୍ୱରଙ୍କର । ପ୍ରାରମ୍ଭିକ ସୁସମାଚାର ପ୍ରଚାରକ ଏହା କରି ନ ପାରେ । କେବଳ ପବିତ୍ରଆତ୍ମା କୌଣସି ବ୍ୟକ୍ତିଙ୍କୁ ପ୍ରସ୍ତୁତ କରିବାର ଶକ୍ତି ଅଛି ଏବଂ ଖ୍ରୀଷ୍ଟଙ୍କଠାରେ ସେମାନଙ୍କ ଆବଶ୍ୟକତା ପ୍ରକାଶ କରିବା ଶକ୍ତି ଅଛି । ପ୍ରାରମ୍ଭକାରୀ ମଣ୍ଡଳୀରୋପଣକାରୀ ଯେଉଁମାନଙ୍କ ହୃଦୟମାନ ପବିତ୍ରଆତ୍ମାଙ୍କ ଦ୍ୱାରା ପ୍ରସ୍ତୁତ, ସେମାନଙ୍କୁ ପାଇବା ଦାୟିତ୍ୱ ଅଛି । ଅନ୍ୟଭାଷାରେ ଆମେ ଅପେକ୍ଷା କରୁ ଯେଉଁମାନେ ଶାନ୍ତି ଓ ଈଶ୍ୱରଙ୍କ ଅନ୍ୱେଷଣ କରନ୍ତି ସେମାନଙ୍କୁ ପାଇବା ପାଇଁ ।

**ଯୀଶୁ ଏହି ବ୍ୟକ୍ତିଙ୍କୁ ଶାନ୍ତିର ପାତ୍ର ନାମରେ ଡାକିଲେ** ଲୂକ ୧୫:୫-୬ରେ ଯାହା କହେ, "ଯେକୌଣସି ଗୃହରେ ତୁମ୍ଭେମାନେ ପ୍ରବେଶ କରିବ, ପ୍ରଥମେ କୁହ ଏହି ଗୃହ ପ୍ରତି ଶାନ୍ତି ହେଉ, ଆଉ ସେ ସ୍ଥାନରେ ଯଦି କେହି ଶାନ୍ତିର ପାତ୍ର ଥାଏ, ତାହାହେଲେ ତୁମ୍ଭମାନଙ୍କର ଶାନ୍ତି ତାହାରି ଉପରେ ଅଧିଷ୍ଠାନ କରିବ । କିନ୍ତୁ ଯଦି ନ ଥାଏ, ତେବେ ତାହା ତୁମ୍ଭମାନଙ୍କ ନିକଟକୁ ଫେରିଆସିବ ।"

**ପ୍ରାରମ୍ଭକାରୀ ଏକ ଅଞ୍ଚଳକୁ ଯିବା ଉଚିତ ଏବଂ କେବଳ କହିବ, "ମୁଁ ଏକ ବାଇବଲ ଅଧ୍ୟୟନ ଚଳାଇବାକୁ ପ୍ରସ୍ତୁତ ଅଛି । ତୁମ୍ଭେମାନେ ଆଗ୍ରହୀ ହେବ କି ?" ଯଦି ବ୍ୟକ୍ତିଟି "ହଁ" କହେ, ସେ ଏକ ଶାନ୍ତିର ବ୍ୟକ୍ତି । ସେମାନେ କେଉଁ ସ୍ଥାନରେ ବାଇବଲ ଅଧ୍ୟୟନ ହେଉ ବୋଲି ଚାହାଁନ୍ତି ପ୍ରସ୍ତାବ ଆଣିବାକୁ ସେମାନଙ୍କୁ ଅନୁମତି ଦିଅ ।** ଏହା କାହିଁକି କରିବ ? ବହୁତ ପୂର୍ବରୁ ଏକ ମଣ୍ଡଳୀ ଯାହା ସ୍ୱ-ଶାସିତ ହେବ ସେଥିପାଇଁ ଆରମ୍ଭରୁ ସମସ୍ତ କାର୍ଯ୍ୟ କରିବା ଉଚିତ । ବାଇବଲ ଅଧ୍ୟୟନମାନ ଏକ ବୃକ୍ଷ ତଳେ, କୌଣସି ଏକ ବ୍ୟକ୍ତିଙ୍କ ଗୃହରେ କିଅବା କୌଣସି ଜନସାଧାରଣ ଏକତ୍ର ହେଉଥିବା ସ୍ଥାନରେ କରାଯାଇପାରେ । ଯାହାବି ହେଉ, ଯଦି ସମ୍ଭବ, ପ୍ରତ୍ୟେକ ସପ୍ତାହ ବାଇବଲ ଅଧ୍ୟୟନ ଏକ ସ୍ଥାନରେ କରାଯିବା ଉପକାରଜନକ । ଏହା ସ୍ଥାନଜନିତ ଭୁଲ୍ ବୁଝାମଣାକୁ ଅପସାରିତ କରେ । ପ୍ରାରମ୍ଭକାରୀ ତାଙ୍କର କାର୍ଯ୍ୟ କେବଳ ପିଲାମାନଙ୍କ ସହିତ ଆରମ୍ଭ ନ କଲେ ଭଲ । ସେ ଏକ ବଳିଷ୍ଠ

କେନ୍ଦ୍ରସ୍ଥଳର କାର୍ଯ୍ୟ ବୃଦ୍ଧି କରିବା ପରେ ପିଲାମାନଙ୍କ ସହିତ କାର୍ଯ୍ୟ କରିପାରିବେ । କିନ୍ତୁ ଆରମ୍ଭରେ ପିତାଙ୍କ ଉଦ୍ଦେଶ୍ୟ ଅନେକ ଗୃହମାନଙ୍କରେ ବାଇବଲ ଅଧ୍ୟୟନ କରିବାକୁ ଥିବା ଉଚିତ ଏବଂ ଏହିସବୁ ଯେତେଦୂର ସମ୍ଭବ ଭିନ୍ନ ହେବା ଓ ବ୍ୟାପୃତ ହେବା ଉଚିତ । ପ୍ରାରମ୍ଭକାରୀଙ୍କ ପ୍ରାଥମିକ ଉଦ୍ଦେଶ୍ୟ ବାଇବଲ ଶିକ୍ଷକ ହେବାକୁ ନୁହେଁ, ମାତ୍ର ଏକ ନେତା ରୂପେ ବାଇବଲ ଅଧ୍ୟୟନର ପରୋକ୍ଷ ପ୍ରଣାଳୀ ବା ଗଳ୍ପ ବ୍ୟବହାର କରିବା । ସେ ବୀଜ ବୁଣୁଥିବେ । ପବିତ୍ରଆତ୍ମା ତାହାଙ୍କ ସମୟରେ ଫଳ ଉତ୍ପନ୍ନ କରିବେ ।

ଈଶ୍ୱରଙ୍କୁ ଓ ତାହାଙ୍କ ଶାନ୍ତିର ଅନ୍ୱେଷଣ କେଉଁ ଲୋକମାନେ କରୁଅଛନ୍ତି ସେମାନଙ୍କୁ ପାଇବାର ଗୋଟିଏ ପଥ ହେଉଛି ପ୍ରଶ୍ନ ପଚାରିବା । ଯଦି ସେମାନେ "ହଁ" କହନ୍ତି, ସେମାନେ ଏକ ଶାନ୍ତି ପାତ୍ର ହୋଇପାରିବେ ଏବଂ ସୁସମାଚାର ପ୍ରଚାରକ ସେମାନଙ୍କ ଗୃହକୁ ଯିବାର ସମୟ ନିର୍ଦ୍ଧାରିତ କରିବେ ଏବଂ ସୁସମାଚାର ସମ୍ବନ୍ଧୀୟ ଏକ ବାଇବଲ ଅଧ୍ୟୟନରେ ନେତୃତ୍ୱ ନେବେ । ପ୍ରଥମ, ପ୍ରାରମ୍ଭକାରୀଜଣଙ୍କୁ କଥାବାର୍ତ୍ତା କରିବାରେ ବ୍ୟସ୍ତ ରଖିବେ ଏବଂ ପରେ ଏକ ସ୍ୱାଭାବିକ ଉପାୟରେ ନିମ୍ନଲିଖିତ ପ୍ରଶ୍ନମାନ ପଚାରିବେ ।

**<u>ସଂସ୍କୃତିମାନର ଉପରେ ପର୍ଯ୍ୟବେସିତ ଅଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପ୍ରଶ୍ନସମୂହ</u>**

**୧. ମୁଁ ତୁମକୁ ଏକ ଆଧ୍ୟାତ୍ମିକ ପ୍ରଶ୍ନ ପଚାରିପାରେ କି ?**

**୨. ଈଶ୍ୱରଙ୍କ ବିଷୟରେ ତୁମେ କ'ଣ ବୁଝିଛ ?**

**୩. ବ୍ୟକ୍ତିଗତଭାବେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ତୁମେ ଜାଣିବାକୁ ଚାହଁ କି ?**

**୪. ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ବିଷୟରେ ଏକ ଗଳ୍ପ ଦ୍ୱାରା ତୁମକୁ କିଛି କହିପାରେ କି ?**

**<u>ସଂସ୍କୃତିମାନର ଉପରେ ପର୍ଯ୍ୟବେସିତ ଖ୍ରୀଷ୍ଟିୟାନମାନଙ୍କ ପାଇଁ ପ୍ରଶ୍ନସମୂହ</u>**

**୧. ମୁଁ ତୁମକୁ ଏକ ଆଧ୍ୟାତ୍ମିକ ପ୍ରଶ୍ନ ପଚାରିପାରେ କି ?**

**୨. ଯୀଶୁଖ୍ରୀଷ୍ଟଙ୍କ ସହିତ ତୁମର ଏକ ବ୍ୟକ୍ତିଗତ ଥିବା ତୁମେ ଅନୁଭବ କରୁଛ କି ? କିଅବା ତୁମେ ତାଙ୍କ ସହିତ ଏକ ସମ୍ପର୍କ ବୃଦ୍ଧି କରିବା ପ୍ରକ୍ରିୟା ମଧ୍ୟରେ ଅଛ ?**

**୩. ଯଦି ଆଜି ରାତ୍ରରେ ମୃତ୍ୟୁଭୋଗ କର ତୁମେ ସ୍ୱର୍ଗକୁ ଯିବ ନିଶ୍ଚିତଭାବେ ଜାଣ କି ?**

**୪. ତୁମ ଗୃହରେ ଏକ ବାଇବଲ ଅଧ୍ୟୟନ ହେବାରେ ତୁମେ ଆଗ୍ରହୀ ଅଟ କି ?**

ଆମ୍ଭେମାନେ ମଧ୍ୟ ରେଡ଼ିଓ କାର୍ଯ୍ୟକ୍ରମ ପ୍ରସାରଣ ପ୍ରତିଉତ୍ତର, ପତ୍ରିକା ବଣ୍ଟନର ପ୍ରତ୍ୟୁତ୍ତର ପ୍ରକାଶ କରିବାକୁ ଚାହୁଁ ଅବା ବୃହତ୍ ଘଟଣାମାନ, ସୁସମାଚାର ପ୍ରତି ମୁକ୍ତ ଲୋକମାନଙ୍କୁ ଚିହ୍ନଟ କରିବା ପାଇଁ ବ୍ୟବହାର କରାଯାଇପାରେ । ଏଗୁଡ଼ିକ ଆନୁସଙ୍ଗିକ ଉପାୟମାନ, ମାତ୍ର ସମସ୍ତ ଘଟଣାରେ ପ୍ରାରମ୍ଭକାରୀ ଓ ତାଙ୍କର ଦଳ ସର୍ବଦା ପଚାରିବା ଉଚିତ ଯେ, ଗୃହ ବାଇବଲ ଅଧ୍ୟୟନ କରିବା ସକାଶେ କେଉଁମାନେ ଆଗ୍ରହୀ (ବ୍ୟକ୍ତିଗତଭାବେ ଲୋକମାନଙ୍କୁ ପଚାରିବା ବ୍ୟତୀତ) କେଉଁମାନଙ୍କ ହୃଦୟମାନଙ୍କରେ ପବିତ୍ରଆତ୍ମା କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ପାଇବା ପାଇଁ ।

## ୨ୟ ପଦକ୍ଷେପ । ଈଶ୍ୱରଙ୍କ ପ୍ରେମକୁ ବ୍ୟବହାରିକ ଉପାୟରେ କିପରି ଦର୍ଶାଇବ ।

**ଯୋହନ ୧୩:୩୪-୩୫**

**ଯୋହନ ୧୩:୩୪ରେ ଯୀଶୁ ଆମ୍ଭମାନଙ୍କୁ ଏକ ନୂତନ ଆଜ୍ଞା ଦିଅନ୍ତି ଯେପରି ଆମ୍ଭେମାନେ "ପରସ୍ପରକୁ ପ୍ରେମ କରୁ" । ସେ ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି କିପରି ଆମ୍ଭେମାନେ ପରସ୍ପରକୁ କ୍ଷମା କରିବା । "ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଅଛି, ତୁମ୍ଭେମାନେ ମଧ୍ୟ ସେହିପରି ପରସ୍ପରକୁ ପ୍ରେମ କର" ।**

**ଆମ୍ଭମାନଙ୍କୁ ପରସ୍ପରକୁ ପ୍ରେମ କରିବାକୁ ହେବ, "ଯେପରି ଯୀଶୁ ଆମ୍ଭମାନଙ୍କୁ ପ୍ରେମ କରନ୍ତି" ।**

**ତେଣୁ ତାହାପରେ ପ୍ରଶ୍ନ ହେଉଛି : ଯୀଶୁ କିପରି ଆମ୍ଭମାନଙ୍କୁ ପ୍ରେମ କରନ୍ତି ?**

**ଅନେକ ବାଟ ଅଛି, ଆମ୍ଭେମାନେ ଦୁଇଟି ବାଟରେ ଯୀଶୁ ଆମ୍ଭମାନଙ୍କୁ ପ୍ରେମ କରିବା ବିଷୟ ଆଲୋଚନା କରିବା ।**

**୧. ସର୍ତ୍ତହୀନଭାବେ :** (ମାଥିଉ ୯:୯-୧୩) ଯୀଶୁ ମାଥିଉଙ୍କୁ ତାହାଙ୍କ ଅନୁଗମନ କରିବାକୁ କହିଲେ । ମାଥିଉ ଜଣେ ତାଙ୍କ ସମୟର ଜାତିଚ୍ୟୁତ ବ୍ୟକ୍ତି ଥିଲେ, ଏକ "ପାପୀ" । ମାତ୍ର ଯୀଶୁ ମାଥିଉଙ୍କୁ ପ୍ରେମ କଲେ । ଯୀଶୁ ଏକ ମନୁଷ୍ୟଙ୍କୁ ଦେଖିଲେ, ଆଘାତପ୍ରାପ୍ତ, ପରିତ୍ୟକ୍ତ ଓ ହଜିଯାଇଥିବା ଜଣେ ବ୍ୟକ୍ତି । ଯୀଶୁ ମାଥିଉଙ୍କୁ ତାହାଙ୍କ ଅନୁଗମନ କରିବାକୁ କହିଲେ । ସେ ମାଥିଉଙ୍କ ପ୍ରତି ବନ୍ଧୁତ୍ୱ ବଢ଼ାଇ ଦେଲେ । ଯୀଶୁ ତାଙ୍କୁ ଏତେ ପ୍ରେମ

କଲେ ଯେ ସେ ତାଙ୍କ ପାଇଁ ମୃତ୍ୟୁଭୋଗ କରିବାକୁ ଇଚ୍ଛା କଲେ । ଆମ୍ଭେମାନେ ଯାହା କରୁ ବା ଆମ୍ଭେମାନେ ଯାହା, ଆମ ଉପରେ ଯୀଶୁଙ୍କର ଆମ ପ୍ରତି ପ୍ରେମ ନିର୍ଭର କରେ ନାହିଁ । ଆମ୍ଭେମାନେ ତାହାଙ୍କ ଅନୁଗାମୀ ହେଉ ଅବା ତାହାଙ୍କୁ ଅଗ୍ରାହ୍ୟ କରିବାକୁ ପସନ୍ଦ କରୁ, ଯୀଶୁଙ୍କର ଆମ ପ୍ରତି ପ୍ରେମ ସର୍ବଦା ସମାନ । ସେ ତଥାପି ଆମ୍ଭମାନଙ୍କୁ ପ୍ରେମ କରନ୍ତି ।

୨. **ଉତ୍ସର୍ଗୀକୃତଭାବେ :** (ମାଥିଉ ୧୪:୧୩-୧୪) ଏପରିକି ଯଦିବା ଯୀଶୁ କେତେକ ସମୟ ଏକାକୀ ରହିବାକୁ ଚାହିଁଥିଲେ । ସେ ସର୍ବଦା ତାଙ୍କ ପାଖକୁ ଆସିବା ଲୋକମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଓ ଇଚ୍ଛୁକ ଥିଲେ । ଅଭାବଥିବା ଲୋକମାନେ ଯେତେବେଳେ ତାଙ୍କ ପାଖକୁ ଆସୁଥିଲେ, ସେ ସର୍ବଦା ନିଜରୁ ସେମାନଙ୍କୁ ଦେଉଥିଲେ । ସେ ତାଙ୍କ ସମୟ ଓ ଶକ୍ତି ଦେଉଥିଲେ । ଯୀଶୁ କରୁଣା ଅନୁଭବ କରୁଥିଲେ ଓ ଆଘାତପ୍ରାପ୍ତ, ଛୋଟା ଓ ହଜିଯାଇଥିବା ଲୋକଙ୍କୁ ସ୍ପର୍ଶ କରିବାକୁ ହସ୍ତ ବଢ଼ାଇ ଦେଉଥିଲେ । ସେ କେତେବେଳେ କାହାରିକୁ ସାହାଯ୍ୟ କରିବାକୁ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ନ ଥିଲେ ।

**ଆମ୍ଭେମାନେ ପରସ୍ପରକୁ ସେହିପ୍ରକାର ପ୍ରେମ କରିବାକୁ ହେବ ।**

୧. **ସର୍ତ୍ତହୀନଭାବେ :** ଲେବୀୟ ୧୯:୧୮ରେ ଈଶ୍ୱର ଆଜ୍ଞା ଦିଅନ୍ତି, "ତୁମର ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର" । ଶିଷ୍ୟମାନେ ଲୂକ ୧୦:୨୯ରେ ଯୀଶୁଙ୍କୁ ପଚାରିଲେ, "ମୋର ପ୍ରତିବାସୀ କିଏ ?" ଯୀଶୁ ଏକ ଦୃଷ୍ଟାନ୍ତ ପ୍ରଦର୍ଶନ କରି ସେମାନଙ୍କର ପ୍ରତିବାସୀମାନେ ସେମାନଙ୍କ ସବୁଠାରୁ ଅଧିକ ଘୃଣିତ ଶତ୍ରୁ, ଶମିରୋଣୀୟଙ୍କୁ ବିବେଚିତ କରାଯାଇପାରେ ବୋଲି ଉତ୍ତର ଦେଲେ ।

ଯୀଶୁଙ୍କ ଅନୁଗାମୀରୂପେ ଆମ୍ଭେମାନେ କାହାକୁ ପ୍ରେମ କରିବା ସେ ବିଷୟରେ ଆମର କୌଣସି ପସନ୍ଦ କରିବାର ନାହିଁ । ଯୀଶୁ ଏହା ବହୁତ ସ୍ପଷ୍ଟ କରିଦେଇଛନ୍ତି : ଆମ୍ଭମାନଙ୍କୁ ସମସ୍ତଙ୍କୁ ପ୍ରେମ କରିବାକୁ ହେବ, ସମସ୍ତ ଶ୍ରେଣୀ ଓ ଜାତିଗଣ, ବନ୍ଧୁ ବା ଶତ୍ରୁ, ଧନୀ ବା ଦରିଦ୍ର, ପରିଷ୍କୃତ ବା ଦୂଷିତ ।

ଈଶ୍ୱର ପ୍ରେମ ଅଟନ୍ତି । ତାହାଙ୍କ ପ୍ରେମର ବୃହତ୍ତମ ପରିପ୍ରକାଶ ହେଉଛି କ୍ରୁଶ । ଈଶ୍ୱର ତଥାପି ଜଗତକୁ ତାହାଙ୍କ ପ୍ରେମ ପ୍ରଦର୍ଶନ କରିବାକୁ ଚାହାନ୍ତି । ଆଜି ସେ କିପରି ତାହାଙ୍କ ପ୍ରେମ ଦେଖାନ୍ତି ? ସେ ଏହା ତାହାଙ୍କ ଶିଷ୍ୟମାନଙ୍କ ମାଧ୍ୟମରେ, ତୁମ ମାଧ୍ୟମରେ କରିବାକୁ ଚାହାଁନ୍ତି । ତେଣୁ ତୁମେ ଏହା କରିବ କି ? ଯେଉଁମାନେ ହଜି ଯାଇଛନ୍ତି, ଆଘାତପ୍ରାପ୍ତ ଅଟନ୍ତି ସେମାନଙ୍କ ନିକଟରେ ତୁମେ ବାହାରେ ପହଞ୍ଚିପାରିବ କି ? ଏବଂ ଏକ ବ୍ୟବହାରିକ ଉପାୟରେ ଈଶ୍ୱରଙ୍କ ପ୍ରେମ ସେମାନଙ୍କୁ ଦେଖାଇବ ?

୨. **<u>ଉତ୍ସର୍ଗୀକୃତଭାବେ</u> :** ପ୍ରେମ କରିବାକୁ ଅର୍ଥ ପ୍ରୟୋଜନ ନାହିଁ ମାତ୍ର ଏହା ସମୟ ଓ ଶକ୍ତି ଆବଶ୍ୟକ କରେ । ବାଇବଲ ଆମ୍ଭମାନଙ୍କୁ ପରସ୍ପରର ବୋଝମାନ ବହିବାକୁ ଆଦେଶ ଦିଏ । ଜଣେ ଯେତେବେଳେ ଆଘାତପ୍ରାପ୍ତ କିଅବା ଅଭାବଗ୍ରସ୍ତ, ତାହା ସହିତ ଚାଲିବାକୁ ବା ତାହାର ବେଦନା ଓ ସଙ୍କଟ ମଧ୍ୟରେ ତାହାର ବୋଝ ବହିବାକୁ ବହୁ ପରିମାଣ ଭାବପ୍ରବଣତାର ଶକ୍ତି ଆବଶ୍ୟକ କରେ । ସମୟ ସମୟରେ ଜଣକୁ ଏପରି ଅବସ୍ଥାରୁ ଉତ୍ତମ ଅବସ୍ଥାକୁ ଆସିବାକୁ ଏକ ଲମ୍ବା ସମୟ ନିଏ ଏବଂ ଆମ୍ଭେମାନେ କ'ଣ ଅନ୍ୟର ଜୀବନ ପାଇଁ ଆମର ସମୟ ବ୍ୟୟ କରିବାକୁ ଇଚ୍ଛୁକ ଅଟୁ ? ଈଶ୍ୱରଙ୍କ ପ୍ରେମ ପ୍ରଦର୍ଶନ କରିବାକୁ ଆମ୍ଭେମାନେ କ'ଣ ଆମ ଜୀବନକୁ ଉତ୍ସର୍ଗ ବା ବ୍ୟୟ କରିବାକୁ ଇଚ୍ଛୁକ ?

## ଯୋହନ ୧୩:୩୫ "ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହାହେଲେ ତୁମ୍ଭେମାନେ ମୋହର ଶିଷ୍ୟ ଏହା ସମସ୍ତେ ତଦ୍ଦ୍ୱାରା ଜ୍ଞାତ ହେବେ ।"

ଯଦି ଆମ୍ଭେମାନେ ଈଶ୍ୱରଙ୍କ ପ୍ରେମ ସର୍ତ୍ତହୀନଭାବେ ଓ ଆପଣାକୁ ଉତ୍ସର୍ଗୀକୃତ କରି ପ୍ରଦର୍ଶନ କରୁ, ଲୋକମାନେ ଆମ୍ଭମାନଙ୍କଠାରେ ତାହାଙ୍କ ପ୍ରେମ ଦେଖିବେ ଏବଂ ସେମାନେ ଜାଣିବେ ଯେ, ଆମ୍ଭେମାନେ ଭିନ୍ନ ଅଟୁ, ପୁଣି ତାହାଙ୍କ ପ୍ରେମ ଆଡ଼କୁ କଢ଼ାଇ ନିଆଯିବେ । ତାହାଙ୍କ ପ୍ରେମ ହଜିଯାଇଥିବା ଲୋକଙ୍କ ହୃଦୟଗୁଡ଼ିକୁ ଖୋଲିଦିଏ ଏବଂ ସେମାନେ ତାହାଙ୍କ ସତ୍ୟତା ବିଷୟ ଶୁଣିବାକୁ ଓ ଗ୍ରହଣ କରିବାକୁ ଉନ୍ମୁକ୍ତ ହୁଅନ୍ତି । ତାହାଙ୍କ ପ୍ରେମ ଆମ୍ଭମାନଙ୍କ ପାଇଁ, ସୁସମାଚାର କହିବାକୁ ଦ୍ୱାର ଉନ୍ମୁକ୍ତ କରେ ।

ତେଣୁ ଏକ ବ୍ୟବହାରିକ ଉପାୟରେ ଈଶ୍ୱରଙ୍କ ପ୍ରେମ ତୁମେ କିପରି ଦେଖାଇପାରିବ ? ତୁମେ କିପରି ତୁମ ସମ୍ପ୍ରଦାୟର ସେବା କରିପାରିବ ? ତୁମେ ଓ ତୁମର ମଣ୍ଡଳୀ କିପରି ଈଶ୍ୱରଙ୍କ ପ୍ରେମ ପ୍ରଦର୍ଶନ କରିବାକୁ ସମ୍ପ୍ରଦାୟ ମଧ୍ୟକୁ ବାହାରକୁ ଯାଇପାରିବ ? ତୁମ ସମ୍ପ୍ରଦାୟର ସମସ୍ତ ଲୋକଙ୍କର ସେବା ତୁମେ ଏକ ଅସାଧାରଣ ଉପାୟରେ କରିବା ଦ୍ୱାରା ତୁମ ସମ୍ପ୍ରଦାୟରେ ଥିବା ଲୋକମାନଙ୍କ ଏହା କିପରି ଆବାକ୍ ବା ସ୍ତମ୍ଭୀଭୂତ କରିବ ଚିନ୍ତା କର । ଜଗତ ସର୍ବଦା କିଛି ଫେରି ପାଇବାକୁ ଚାହେଁ । ମାତ୍ର ଆମ୍ଭେମାନେ ଯେହେତୁ ପ୍ରେମ କରୁ ଓ ସେବା କରୁ ଆମେ କିଛି ଫେରି ପାଇବା ଆଶା ନ ରଖି ସେବା କରିବା ଉଚିତ ।

ତୁମ୍ଭେମାନେ ଯେତେବେଳେ ଯାଅ ଓ କୁହ ଯେ, ଏକ ବ୍ୟବାହାରିକ ଉପାୟରେ ତୁମେ ଈଶ୍ୱରଙ୍କ ପ୍ରେମ ଦେଖାଇବାକୁ ଚାହଁ ଏବଂ ସେମାନଙ୍କ ଗୃହମାନଙ୍କରେ ସେମାନେ ଏକ ବାଇବଲ ଅଧ୍ୟୟନ କରିବାକୁ ଚାହାଁନ୍ତି କି ବୋଲି ପଚାର ଯେପରି ସୁସମାଚାର ପ୍ରତି ଈଶ୍ୱରଙ୍କ ପ୍ରେମ ସେମାନଙ୍କ ହୃଦୟମାନ ଉନ୍ମୁକ୍ତ କରେ, ଈଶ୍ୱର ତୁମ୍ଭମାନଙ୍କୁ ଶାନ୍ତିପାତ୍ରମାନଙ୍କ ପାଖକୁ ଯିବାକୁ ଚାଳନା ଦେବେ ।

## ୩ୟ ପଦକ୍ଷେପ । ଓଇକୋସ୍‌ର ଅନୁଗାମୀ କିପରି ହେବ ପ୍ରେରିତ ୧୬:୩୧

**ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ଅନ୍ୟ ଏକ ନିୟମ କାର୍ଯ୍ୟରତ । ଏହା ହେଉଛି ଓଇକୋସ ନିୟମ । ପ୍ରେରିତ ୧୬:୩୧ କହେ, "ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେ ସପରିବାରରେ ପରିତ୍ରାଣ ପାଇବ ।" <u>ଓଇକୋସ୍ ଅର୍ଥ "ପରିବାର" ବା "ତୁମର ପ୍ରଭାବ ଥିବା ପରିବେଶ"କୁ ବୁଝାଏ ।</u> ସମୁଦାୟ ଜଗତରେ ପ୍ରତ୍ୟେକଜଣ ଏକ ଓଇକୋସ୍‌ର ଅଟନ୍ତି ।**

ଯେତେବେଳେ ତୁମେ ଶାନ୍ତିପାତ୍ରକୁ ପାଇଥାଅ, ଏହି ବ୍ୟକ୍ତି ତାଙ୍କର ଏହି ଓଇକୋସ୍‌ରେ ଥିବା ସମସ୍ତ ଲୋକମାନଙ୍କ ସହିତ ତୁମକୁ ପରିଚିତ କରାଇବା ଆରମ୍ଭ କରିବାକୁ ତୁମର ଆବଶ୍ୟକ । ତେବେ ତୁମେ ତାଙ୍କ ଓଇକୋସ୍ ଭିତରକୁ ପ୍ରବେଶ କରିବ । ଆହୁରି ମଧ୍ୟ, ତାଙ୍କ ଓଇକୋସ୍‌ରେ ଥିବା ପ୍ରତ୍ୟେକ ବ୍ୟକ୍ତିର ଅନ୍ୟ ଏକ ଓଇକୋସ୍ ଅଛି । ଉଦାହରଣସ୍ୱରୂପ ଯଦି ଏକ ଶାନ୍ତିର ପାତ୍ରଙ୍କ ଓଇକୋସ୍‌ରେ ଦଶଜଣ ଲୋକ ଅଛନ୍ତି, ତେବେ ଏହି ଦଶଜଣଙ୍କ ପ୍ରତ୍ୟେକର ସେମାନଙ୍କ ଓଇକୋସ୍‌ରେ ଆଉ ଦଶଜଣ ଥାଇପାରନ୍ତି । ତୁମେ ତେବେ ସେମାନଙ୍କ ମଧ୍ୟରେ ମଧ୍ୟ ପ୍ରବେଶ କରିପାରିବ । ଶାନ୍ତିରପାତ୍ରଙ୍କୁ ପାଇବା ମୁଖ୍ୟ ବିଷୟ ଏବଂ ତାହାପରେ ଓଇକୋସ୍‌ଗୁଡ଼ିକର ସ୍ୱାଭାବିକ ସ୍ରୋତର ଅନୁଗମନ କର ।

## ୪ର୍ଥ ପଦକ୍ଷେପ । ବାଇବଲ ଅଧ୍ୟୟନ କିପରି ଚଳାଇବ

**କ. ଅଖ୍ରୀଷ୍ଟିୟାନମାନଙ୍କ ପାଇଁ ସୁସମାଚାର ପ୍ରଚାରଭିତ୍ତିକ ବାଇବଲ ଅଧ୍ୟୟନମାନ । ଗଳ୍ପ କହିବା ପ୍ରଣାଳୀ, ଯୀଶୁଙ୍କ ଉତ୍ତମ ସମାଚାର, ଖ୍ରୀଷ୍ଟି ବ୍ରାଓନରଙ୍କ ଦ୍ୱାରା ଲିଖିତ ।**

**ଥରେ ତୁମେ ଶାନ୍ତିର ପାତ୍ରଙ୍କୁ ପାଇଗଲ, ଯେକି ସେମାନଙ୍କ ଗୃହରେ ବାଇବଲ ଅଧ୍ୟୟନ ହେବା ଗ୍ରହଣ କରିଅଛନ୍ତି । ତୁମେ ସେମାନଙ୍କ ଗୃହକୁ ବାଇବଲ ଅଧ୍ୟୟନମାନ ଚଳାଇବାକୁ ଫେରିବାର ସମୟ ନିର୍ଦ୍ଧାରଣ କରିବ । ସେହି ବ୍ୟକ୍ତି ତାଙ୍କର ସମୁଦାୟ ପରିବାର ଓ ଅନ୍ୟ ବନ୍ଧୁମାନଙ୍କୁ ବାଇବଲ ଅଧ୍ୟୟନରେ ଯୋଗଦାନ କରିବାକୁ ଯେପରି ନିମନ୍ତ୍ରଣ କରିବେ ଏଥିପାଇଁ ତୁମେ ତାଙ୍କୁ ଉତ୍ସାହିତ କରିବାକୁ ଇଚ୍ଛା କରିବାକୁ ହେବ । ଏହି ଅଧ୍ୟୟନମାନ ଯଦି ତୁମେ ଗୋଟିଏ ପାଠ ଗୋଟିଏ ସପ୍ତାହ ପାଇଁ କରିବ, ତେବେ ଏହା ସାତ ବା ଆଠ ସପ୍ତାହ ସମୟ ନେବ ବୋଲି ସେମାନଙ୍କୁ ଜଣାଇ ଦେବ । ଯଦି ବ୍ୟକ୍ତିବିଶେଷ ଚାହାନ୍ତି ଏହି ବାଇବଲ ଅଧ୍ୟୟନ ସପ୍ତାହରେ ଥରେ ନ ହୋଇ ଅଧିକ ଥର କରିବ ଓ**

ପ୍ରାରମ୍ଭକାରୀଙ୍କ ସମୟ ଥାଏ, ତେବେ ଏହା କେବଳ ସପ୍ତାହରେ ଥରେ କରିବା ବାଧ୍ୟବାଧକତା ନାହିଁ ।

ଏହି ବିଭାଗ ଆମ୍ଭମାନଙ୍କୁ ଗଳ୍ପ କହିବା ପ୍ରଣାଳୀରେ ବାଇବଲ ଅଧ୍ୟୟନ ଚଳାଇବା ଉପାୟ ବୁଝାଇ ଦିଏ । ପରୋକ୍ଷ ପ୍ରଣାଳୀ ପରିଶିଷ୍ଟରେ ବାଖ୍ୟା କରାଯାଇଛି । ପ୍ରତ୍ୟେକ ପ୍ରଣାଳୀ ସୁସମାଚାର ପ୍ରଚାରଭିତ୍ତିକ ବାଇବଲ ଅଧ୍ୟୟନର ଏକ ଭିନ୍ନ ପ୍ରସ୍ତୁତି ବ୍ୟବହାର କରେ :

- <u>ଗଳ୍ପ କହିବା ପ୍ରଣାଳୀ</u>

  ଗଳ୍ପ କହିବା ମୁଖ୍ୟତଃ ଯେଉଁମାନେ ପଢ଼ନ୍ତି ନାହିଁ ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ, ମାତ୍ର ଯେଉଁମାନେ ପଢ଼ନ୍ତି ସେମାନଙ୍କ ନିମନ୍ତେ ମଧ୍ୟ ଏହା ବହୁତ ସଫଳ ହୋଇଆସିଅଛି । ଏହି ପୁସ୍ତକରେ ଗଳ୍ପମାନ ଯୋଗାଇ ଦିଆଯାଇଛି, ତାହ ହେଉଛି କ୍ରିଷ୍ଟି ବ୍ରାଓନର୍‌ଙ୍କ ଲିଖିତ ***"ଯୀଶୁଙ୍କ ସୁସମ୍ବାଦ"*** ।

## <u>ଗଳ୍ପ ତିଆରି କରିବା</u>

ଉତ୍ତମ ଗଳ୍ପମାନ ବ୍ୟବହାର କର । ଏହି ପୁସ୍ତକରେ କ୍ରିଷ୍ଟି ବ୍ରାଓନର୍‌ଙ୍କ ଦ୍ୱାରା ଗଳ୍ପସମୂହର ଏକ ଗୁଚ୍ଛ ଅନ୍ତର୍ଗତ କରାଯାଇଅଛି । ସେଗୁଡ଼ିକ ସରଳ, ବ୍ୟବହାରଯୋଗ୍ୟ ଓ କମ୍‌ଦାମ୍‌ର ଅଟେ । "ଯୀଶୁଙ୍କ ସୁସମ୍ବାଦ" ଅବିଶ୍ୱାସୀମାନଙ୍କ ପାଇଁ ବ୍ୟବହାର କରାଯିବାକୁ ମାଥିଉ ପୁସ୍ତକରେ ଯୀଶୁଙ୍କ ଜୀବନୀ ଉପରେ ସାତଟି ସୁସମାଚାର ପ୍ରଚାର ଭିତ୍ତିକ ପାଠସମୂହ ଅଟେ ।

<u>ସ୍ମରଣ ରଖ :</u> ଏମାନେ ଅବିଶ୍ୱାସୀ ଅଟନ୍ତି । ସେମାନେ ବାଇବଲ ପ୍ରସଙ୍ଗଗୁଡ଼ିକ ସହିତ ଅଭ୍ୟସ୍ତ ନୁହଁନ୍ତି କିଅବା ଏହାର ବ୍ୟବହାର କରିବା ବିଷୟରେ କିଛି ଜାଣନ୍ତି ନାହିଁ । ସେମାନେ କେବେହେଲେ ବାଇବଲ ବିଷୟ ଶୁଣି ନ ଥାଇପାରନ୍ତି । ଏହା ସେମାନଙ୍କୁ ଶିକ୍ଷା ଦେବାକୁ ବହୁତ ଧୈର୍ଯ୍ୟ ଆବଶ୍ୟକ କରିବ । ଆମ୍ଭେମାନେ ପରାମର୍ଶ ଦେଉ ଯେ, ତୁମେ ସର୍ବଦା ସେମାନଙ୍କୁ ଶିକ୍ଷା ଦେବାକୁ ଦୁଇଜଣ କାର୍ଯ୍ୟ କର । ସହକାର୍ଯ୍ୟକାରୀ ଭାବେ ବାଇବଲ କିପରି ବ୍ୟବହାର କରି ଶିଖିବାକୁ ହେବ ସେମାନଙ୍କୁ ଅଧ୍ୟୟନ କରିବାରେ ସାହାଯ୍ୟ କରିବ ।

> ପ୍ରଥମ, ବାଇବଲ ହେଉଛି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ବାକ୍ୟ ତାହା ବାଖ୍ୟା କର । ଈଶ୍ୱରଙ୍କ ଦ୍ୱାରା ଲିଖିତ ଏହା ଏକ ପୁସ୍ତକ, ସେ ତାହାଙ୍କ ସତ୍ୟତା ଆମ୍ଭମାନଙ୍କୁ କହିବାକୁ ବିଭିନ୍ନ ଲୋକଙ୍କ ମାଧ୍ୟମରେ ଏହା ଲେଖିଲେ । ଏହି ପୁସ୍ତକ ଆମ୍ଭମାନଙ୍କୁ ଆମ ପ୍ରତି ଈଶ୍ୱରଙ୍କ ପ୍ରେମ ଓ ଆମ ଜୀବନ ପାଇଁ ତାହାଙ୍କ ଉଦ୍ଦେଶ୍ୟ ବିଷୟ କହେ । ତୁମ୍ଭେ ସେମାନଙ୍କୁ କୁହ ଯେ, ତୁମେ ବିଶ୍ୱାସ କର ଯେ ବାଇବଲ ସତ୍ୟ ଅଟେ ।

ଦ୍ୱିତୀୟ, ସେମାନଙ୍କୁ ପୁସ୍ତକର ଶେଷରେ ଅନୁକ୍ରମଣିକା ତାଲିକା ଦେଖାଅ । ବାଇବଲ ଦୁଇଟି ଭାଗ ଅଛି, ପୁରାତନ ନିୟମ ଓ ନୂତନ ନିୟମ । ଯାହା ଆହୁରି ପୁସ୍ତକସମୂହରେ ବିଭକ୍ତ ଏହା ବାଖ୍ୟା କର । ପୁରାତନ ଓ ନୂତନ ନିୟମର ପୁସ୍ତକଗତ ସୂଚୀପତ୍ରର ଏକ ସଂକ୍ଷିପ୍ତ ବାଖ୍ୟା ପ୍ରଦାନ କର ।

ତୃତୀୟ, ପୃଷ୍ଠାର ସଂଖ୍ୟା ଦେଖିବା ଦ୍ୱାରା ସେମାନେ ପୁସ୍ତକମାନ କିପରି ପାଇପାରିବେ ସେମାନଙ୍କୁ ଦେଖାଇଦିଅ । ମାଥିଉ ପୁସ୍ତକର ପୃଷ୍ଠା ସଂଖ୍ୟା ପାଇବାକୁ ସେମାନଙ୍କୁ ସାହାଯ୍ୟ କର, ସେମାନଙ୍କୁ ମାଥିଉ ପୁସ୍ତକ ଖୋଲିବାକୁ ତାହାପରେ ସାହାଯ୍ୟ କର । ସେମାନେ ମାଥିଉ ପୁସ୍ତକ ପାଇବା ପରେ ସେମାନଙ୍କୁ ଅଧ୍ୟାୟ ଓ ପଦଗୁଡ଼ିକ ତୁମେ ଦେଖାଇ ଦେଇପାରିବ । ସେମାନଙ୍କୁ ବୁଝାଇଦିଅ ଯେ ଯେଉଁଗଳ୍ପ ତୁମେ କହିବାକୁ ଯାଉଅଛ, ଏହି ପୁସ୍ତକ ମାଥିଉରୁ ଆସିଛି ।

ନିମ୍ନଲିଖିତ ପରାମର୍ଶର ଅନୁଗାମୀ ହୁଅ, ଗଳ୍ପ କହିବାବେଳେ ଓ ଆତ୍ମିକ ସତ୍ୟ ପ୍ରକାଶ କରିବାବେଳେ :

୧. ବ୍ୟକ୍ତିକୁ ସମ୍ମାନ ଦେଇ ତାଙ୍କ ସହିତ ବ୍ୟବହାର କରିବା ଲାଗି ଗଳ୍ପ କହିବାକୁ ଓ ପ୍ରତ୍ୟେକ ସପ୍ତାହ ଏହା କରିବାରେ ଲାଗି ରହିବା ପାଇଁ ସେମାନଙ୍କଠାରୁ ଅନୁମତି ମାଗିବାକୁ ସ୍ମରଣ ରଖ ।

୨. ଏକ ଶାନ୍ତି ଓ କଥାବାର୍ତ୍ତା କରିବାଭଳି ସ୍ୱରରେ କଥା କହିବ । ବ୍ୟକ୍ତିବିଶେଷଙ୍କ ନିକଟରେ ପ୍ରଚାର କର ନାହିଁ ।

୩. ସତ୍ୟତା ବିଷୟରେ ଯୁକ୍ତି କର ନାହିଁ । ପବିତ୍ରଆତ୍ମା, ଅବିଶ୍ୱାସୀମାନଙ୍କ ହୃଦୟରେ କାର୍ଯ୍ୟ କରି, ସେମାନଙ୍କୁ ହୃଦ୍‌ବୋଧ ଦେଇ ସତ୍ୟତା ବିଶ୍ୱାସ କରିବାକୁ ସେମାନଙ୍କୁ ଦିଅନ୍ତୁ ।

୪. ସେମାନେ ଯାହା ବିଶ୍ୱାସ କରନ୍ତି, ସେଥିସକାଶେ ସେମାନଙ୍କୁ ବିଚାର କର ନାହିଁ କିଅବା ଦୋଷ ଦିଅନାହିଁ । କେବଳ ବାଇବଲ ଅଧ୍ୟୟନ କର ଏବଂ ପବିତ୍ରଆତ୍ମାଙ୍କୁ ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ କାର୍ଯ୍ୟ କରିବାକୁ ଦିଅ ।

୫. ପ୍ରତ୍ୟେକ ସଭାରେ ଗଳ୍ପଗୁଡ଼ିକ ବୁଝିବାକୁ ଲୋକମାନଙ୍କ ପାଇଁ ସଂକ୍ଷିପ୍ତରେ ପ୍ରଭୁଙ୍କ ପାଖେ ପ୍ରାର୍ଥନା କରି ଆରମ୍ଭ କର ।

୬. ନିମ୍ନରେ ଥିବା ଗଳ୍ପ କହିବା ପ୍ରଣାଳୀ ଏଥିରେ ବ୍ୟବହାର କର । ଥରକରେ ପତ୍ରିକାରେ ଥିବା ବିଷୟରୁ ଗୋଟିଏ ବାକ୍ୟ ପାଠ କର ଓ ଯାହା ପଢ଼ିଲ ତୁମ ନିଜ ଭାଷାରେ ବାଖ୍ୟା କର । ଏହି ପ୍ରଣାଳୀ ବ୍ୟବହାର କରିବା ଦ୍ୱାରା ଜଣେ ବ୍ୟକ୍ତି ଗଳ୍ପଟି ଦୁଇଥର ଶୁଣିବାକୁ ସୁଯୋଗ ପାଇବ ଏବଂ ଅତି ସରଳ ଭାବରେ ଏହା ବୁଝାଇ ଦିଅ । ଯଦି ଏହାର ନକଲ ଯଦି ମିଳିପାରେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଳ୍ପଟି ପଢ଼ିବାକୁ ଦିଅ ସେମାନଙ୍କୁ ଏଥିରେ ଅଂଶଗ୍ରହଣ କରାଇବାକୁ ।

୭. ଗଳ୍ପର ଶେଷରେ ନେତା, ମୌଖିକ ପ୍ରଶ୍ନମାନ ପଚାରିବା ଉଚିତ । ଏହି ପ୍ରଶ୍ନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ପୁନରାଲୋଚନା ଓ ଗଳ୍ପ ବିଷୟକ ବୁଝାମଣାକୁ ଯାଞ୍ଚ କରିବା, ମାତ୍ର ପ୍ରାଞ୍ଜଳ କରିବା କିଅବା ଏହାର ସପକ୍ଷ ବା ବିପକ୍ଷ ମନ୍ତବ୍ୟ ଦେବା ନୁହେଁ ।

୮. ଆତ୍ମିକ ସତ୍ୟଗୁଡ଼ିକ ପାଠ କର । ପ୍ରତ୍ୟେକ ଆତ୍ମିକ ସତ୍ୟକୁ ଦଳର ସଭ୍ୟମାନଙ୍କୁ ଆଲୋଚନା ଓ ଏହା ଉପରେ ପ୍ରଶ୍ନ କରିବାକୁ ସ୍ୱାଧୀନତା ଦିଆଯିବାକୁ ଅନୁମତି ଦିଅ । କେବେହେଲେ ଯୁକ୍ତି କରିବାକୁ ବା ଏହାର ସପକ୍ଷ ଓ ବିପକ୍ଷରେ କହିବାକୁ ନ ଦେବାରେ ଯତ୍ନଶୀଳ ହୁଅ । ଆତ୍ମିକ ସତ୍ୟମାନ ସଭ୍ୟମାନେ ସ୍ୱୀକାର ବା ଗ୍ରହଣ ଏହି ସମୟରେ କରିବା ଆବଶ୍ୟକ ନୁହେଁ । ଏହା କେବଳ ଗୁରୁତ୍ୱପୂର୍ଣ୍ଣ ଯେ, ସେମାନେ ସତ୍ୟସବୁ ବୁଝିବେ ଯେହେତୁ ସେଗୁଡ଼ିକ ଈଶ୍ୱରଙ୍କ ବାକ୍ୟରେ ପ୍ରକାଶିତ ।

୯. ଆତ୍ମିକ ସତ୍ୟଗୁଡ଼ିକ ପରେ, ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ଆବଶ୍ୟକତା ଓ ପ୍ରାର୍ଥନା ଅନୁରୋଧ ଦଳରେ ପ୍ରକାଶ କରିବାକୁ ସମୟ ଦିଅ ।

୧୦.ନିର୍ଦ୍ଦିଷ୍ଟଭାବେ ଦଳରେ ପ୍ରତ୍ୟେକ ଆବଶ୍ୟକତା ଓ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ପ୍ରାର୍ଥନା କର । ଦଳ ଅଗ୍ରଗତି କରିବାବେଳେ ଓ ଲୋକମାନେ ପ୍ରଭୁଙ୍କୁ ଗ୍ରହଣ କରିବାବେଳେ ସଭ୍ୟମାନେ ଏହି ନିବେଦନ ପ୍ରାର୍ଥନା ସମୟରେ ପରସ୍ପର ପାଇଁ ପ୍ରାର୍ଥନା କରିବାକୁ ଅନୁମତି ଦିଅ ।

୧୧.ସପ୍ତମ ପାଠର ଶେଷରେ, ତୁମେ ସେମାନଙ୍କୁ ଯୀଶୁଙ୍କୁ ସେମାନଙ୍କ ତ୍ରାଣକର୍ତ୍ତାରୂପେ ଗ୍ରହଣ କରିବାକୁ ନିମନ୍ତ୍ରଣ ଦେବ । ଏହି ସାତସପ୍ତାହ ମଧ୍ୟରେ ଯେକୌଣସି ସମୟରେ ଯଦି କେହି ସେମାନଙ୍କ ଜୀବନମାନ ଉତ୍ସର୍ଗ କରିବାକୁ ଆଗ୍ରହୀ, ତୁମେ ସେମାନଙ୍କୁ କିପରି ଯୀଶୁଙ୍କୁ ସେମାନଙ୍କ ତ୍ରାଣକର୍ତ୍ତା କରିବେ ତାହା କହିବେ ଏବଂ ଏପରି କରିବାକୁ ତୁମେ ସେମାନଙ୍କୁ ସୁଯୋଗ ଦିଅ ।

## ଖ. ନୂତନ ବିଶ୍ୱାସୀମାନଙ୍କ ପାଇଁ ଅନୁସରଣ ବାଇବଲ ଅଧ୍ୟୟନମାନ ଖ୍ରୀଷ୍ଟି ବ୍ରାଓ୍ୱନରଙ୍କ ଦ୍ୱାରା ଲିଖିତ "ଯୀଶୁଙ୍କ ସହିତ ଏକ ନୂତନ ଜୀବନ ଆରମ୍ଭ କରିବା"

**ମାଥିଉ ୨୮:୧୯ ଏବଂ ୨ ତୀମଥି ୨:୨**

ଯୀଶୁ ଆମ୍ଭମାନଙ୍କୁ ଆଦେଶ ଦେଇଅଛନ୍ତି, "ଯାଅ ଏବ ଶିଷ୍ୟ କର" କେବଳ ନୂତନ ପରିବର୍ତ୍ତିତ ବ୍ୟକ୍ତି ନୁହଁନ୍ତି । ତୁମର ବାଇବଲ ଅଧ୍ୟୟନରେ ଯେଉଁମାନେ ଥରେ ସେମାନଙ୍କ ଜୀବନମାନ ଯୀଶୁଙ୍କଠାରେ ସମର୍ପଣ କରିବାକୁ ସିଦ୍ଧାନ୍ତ ନେଇଛନ୍ତି ଓ ତାହାଙ୍କୁ ପ୍ରଭୁ ରୂପେ ଗ୍ରହଣ କରିଅଛନ୍ତି, ସେମାନଙ୍କୁ ଶିଷ୍ୟରେ ପରିଣତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସେହିକ୍ଷଣି ଶିଷ୍ୟତ୍ୱ ଆରମ୍ଭ ହେବା ଉଚିତ, ତେବେ ସେମାନେ ଈଶ୍ୱରଙ୍କ ସହିତ ସେମାନଙ୍କ ନୂତନ ସମ୍ପର୍କରେ ବୃଦ୍ଧି ପାଇବେ ଏବଂ ଈଶ୍ୱରଙ୍କଠାରେ ସଂପୂର୍ଣ୍ଣ ଉଦ୍ଦେଶ୍ୟ ଥିବା ଓ ଅର୍ଥପୂର୍ଣ୍ଣ ପ୍ରଚୁର ଜୀବନ ଲାଭ କରିବେ ।

ପ୍ରଥମ, ଈଶ୍ୱରଙ୍କୁ ଜାଣିବାକୁ ସେମାନଙ୍କୁ ଶିଷ୍ୟ କର, ଈଶ୍ୱରଙ୍କ ବାକ୍ୟରେ ଓ ପ୍ରାର୍ଥନାରେ କିପରି ସମୟ ବ୍ୟୟ କରିବେ ଶିକ୍ଷା ଦିଅ ।

ଦ୍ୱିତୀୟ, ସେବାକାର୍ଯ୍ୟ ପାଇଁ ସେମାନଙ୍କୁ ତାଲିମ ଦିଅ ।

## ୧. ଏକ ନିଷ୍ପତ୍ତିମୂଳକ ସ୍ଥଳ

ପ୍ରାରମ୍ଭକାରୀ ଏକ ଅତି ନିଷ୍ପତ୍ତିମୂଳକ ସ୍ଥଳରେ ପହଞ୍ଚି ଯାଇଛନ୍ତି । ବର୍ତ୍ତମାନ ସେ ସୁସମ୍ବାଦ ଅଧ୍ୟୟନ ଶେଷ କରିଥିବା ସମସ୍ତ ଲୋକଙ୍କୁ ନେଇ ଏକ ସଭା ଆରମ୍ଭ କରିବେ । ଏକ ସିଦ୍ଧାନ୍ତ ନେଇଥିବା ଓ ସିଦ୍ଧାନ୍ତ ନେଇ ନ ଥିବା ଉଭୟ ଲୋକଙ୍କୁ ଏକ ଅନୁସରଣ ଅଧ୍ୟୟନରେ ଯୋଗ ଦେବାକୁ ନିମନ୍ତ୍ରଣ କରିବେ । ଏହି ସମୟରେ ପ୍ରାରମ୍ଭକାରୀ ଦୁଇଟି ବିଷୟ କରିବା ଉଚିତ :

କ. ସେହିକ୍ଷଣି ଅନୁସରଣ ବିଷୟକ ପୁସ୍ତକ ଅଧ୍ୟୟନ କରିବାକୁ ଆରମ୍ଭ କରିବେ । ଶିଷ୍ୟତ୍ୱ ପ୍ରତ୍ୟେକ ବିଶ୍ୱାସୀ ଓ ପ୍ରତ୍ୟେକ ମଣ୍ଡଳୀ ପାଇଁ ଅତ୍ୟାବଶ୍ୟକ । ପ୍ରତ୍ୟେକ ନୂତନ ବିଶ୍ୱାସୀ ଶିଷ୍ୟ ହେବା ଉଚିତ । ଶିଷ୍ୟତ୍ୱ ବିଶ୍ୱାସୀକୁ ଆତ୍ମିକ ବୃଦ୍ଧି ଲାଭ କରିବାକୁ ସକ୍ଷମ କରେ, ଯାହା ଏକ ବଳିଷ୍ଠ ମଣ୍ଡଳୀ ପାଇଁ ମୂଳଦୁଆ ସ୍ଥାପନ କରେ, ତାହା ବହୁସଂଖ୍ୟକ ମଣ୍ଡଳୀମାନ ଆରମ୍ଭ କରେ । ପ୍ରାରମ୍ଭକାରୀ ପରୋକ୍ଷ

ପ୍ରଣାଳୀ ବ୍ୟବହାର କରି ଅନୁସରଣ କାର୍ଯ୍ୟ ଚଳାଇବା ଉଚିତ । ପ୍ରାରମ୍ଭକାରୀ ତାଙ୍କ ଇଚ୍ଛାରେ ଉପକରଣ ବା ପୁସ୍ତକମାନ ବ୍ୟବହାର କରିପାରନ୍ତି ମାତ୍ର ଗଳ୍ପ କହିବା ଉପକରଣ : "ଏକ ନୂତନ ଜୀବନ ଆରମ୍ଭ କରିବା" ବ୍ୟବହାର କରିବାକୁ ଆମ୍ଭେମାନେ ଅନୁମୋଦନ କରୁ ।

ଖ. **ଅତିଗୁରୁତ୍ୱପୂର୍ଣ୍ଣ : ସର୍ବଦା ଅଧିକ ଶାନ୍ତିପାତ୍ରମାନଙ୍କୁ ଅପେକ୍ଷା କରିବାରେ ଲାଗି ରହିବେ ଏବଂ ଅଧିକ ଦଳମାନ ଆରମ୍ଭ କରି ନୂତନ ପ୍ରତ୍ୟାଶା ସହ ସୁସମ୍ବାଦ ଅଧ୍ୟୟନ ବା ଗଳ୍ପମାନ କହିବା ପ୍ରଣାଳୀ ବ୍ୟବହାର କରିବେ ।**

**୨. ତୃତୀୟ ସପ୍ତାହ**

ଏହା ହେଉଛି ଅନ୍ୟ ଏକ ନିଷ୍ପତ୍ତିମୂଳକ ସପ୍ତାହ । ପ୍ରାରମ୍ଭକାରୀ, ଦଳକୁ ଏକ ସ୍ଥାନୀୟ ନେତା ମନୋନୀତ କରିବାକୁ ସୁଯୋଗ ଦେବେ, ଯେଉଁ ନେତା ଆଗାମୀ ସପ୍ତାହ ପାଇଁ ଆଲୋଚନାର ଚାଳକ ହେବେ । ପ୍ରାରମ୍ଭକାରୀ ଦଳ ପାଇଁ ନେତା ମନୋନୀତ କରିବାକୁ ଚେଷ୍ଟା କରିବେ ନାହିଁ । ମାତ୍ର ମୂଳତାତ୍ତ୍ୱିକ ଭ୍ରାନ୍ତିକୁ ଉପେକ୍ଷା କରିବାକୁ ଚାଳନା ଦେବା ଲାଗି ନିଜେ ଉପସ୍ଥିତ ଥିବେ । ପ୍ରାରମ୍ଭକାରୀ ସ୍ୱତନ୍ତ୍ରଭାବେ ସ୍ଥାନୀୟ ନେତାମାନଙ୍କ ସହିତ ବ୍ୟକ୍ତିଗତଭାବେ ବା ଘରୋଇଭାବେ ସାକ୍ଷାତ କରିବେ ଏବଂ ସେମାନଙ୍କୁ ବ୍ୟକ୍ତିଗତଭାବେ ବା ଘରୋଇଭାବେ ତାଲିମ ଦେବା ଉଚିତ । ପବିତ୍ରଆତ୍ମାଙ୍କ ନେତୃତ୍ୱାଧୀନରେ ପ୍ରାରମ୍ଭକାରୀ ନୂତନ ବିଶ୍ୱାସୀମାନଙ୍କ ମଧ୍ୟରୁ ଈଶ୍ୱର ଉଠାଇଥିବା ଲୋକମାନଙ୍କୁ ନୂତନ ମଣ୍ଡଳୀମାନ ଆରମ୍ଭ କରିବାକୁ ବାହାରକୁ ପଠାଇ ଦେବେ ।

**ସ୍ମରଣ ରଖନ୍ତୁ :** ପ୍ରାରମ୍ଭକାରୀ ତାଙ୍କ ଦଳ ସହିତ ପ୍ରତ୍ୟେକ ସପ୍ତାହ ସାକ୍ଷାତ କରିବେ ।

**୩. ଚତୁର୍ଥ ଓ ପଞ୍ଚମ ସପ୍ତାହମାନ**

ସ୍ଥାନୀୟ ନେତା ଅଧ୍ୟୟନକୁ ନେତୃତ୍ୱ ଦେବେ ଏବଂ ପ୍ରାରମ୍ଭକାରୀ, କୌଣସି ବାଧା ନ ଦେଇ କେବଳ ଶ୍ରୋତାମାତ୍ର ହେବେ । ପ୍ରାରମ୍ଭକାରୀଙ୍କ ସ୍ଥାନରେ ସ୍ଥାନୀୟ ନେତା ଅଧ୍ୟୟନମାନ ଚଳାଇବାରେ ଲାଗି ରହିବେ ।

୪. ଷଷ୍ଠ ସପ୍ତାହ

ଏହି ସପ୍ତାହ ପ୍ରାରମ୍ଭକାରୀ କାହିଁକି ସଭାରେ ଯୋଗ ଦେଇପାରିବେ ନାହିଁ ଏକ କାରଣ ପାଇବା ଉଚିତ । ମାତ୍ର ସଭା ଯେକୌଣସି ପ୍ରକାରେ କରାଯିବା ଉଚିତ ବୋଲି ସେ ବୁଝାଇ ଦେବାକୁ ହେବ ।

**ଶିଷ୍ୟତ୍ୱ :** ଦଳକୁ ବାହାରକୁ ପଠାଇ ଦେବା ପରେ ନେତାମାନେ ଦଳ ସହିତ ପ୍ରତ୍ୟେକ ସପ୍ତାହ ସାକ୍ଷାତ କରିବା ଉଚିତ । ନେତାମାନେ ଶିଷ୍ୟ ବନାଇ ପ୍ରତ୍ୟେକ ସପ୍ତାହ ବାହାରକୁ ପଠାଇବେ । ଦଳର ସଭ୍ୟମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ସହିତ ଗଭୀର ଓ ଅର୍ଥପୂର୍ଣ୍ଣ ସମ୍ପର୍କ କିପରି ଲାଭ କରିବ ତାହାର ଆତ୍ମିକ ଶୃଙ୍ଖଳା ଶିକ୍ଷା ଦେବାର ଏହା ଏକ ସମୟ ଅଟେ ।

## ୨. ପ୍ରାରମ୍ଭକାରୀ ପ୍ରଚାରକ ଓ ପବିତ୍ରଆତ୍ମା

ପ୍ରେରିତ ପାଉଲ ସଂପୂର୍ଣ୍ଣଭାବେ ପବିତ୍ରଆତ୍ମାଙ୍କ ଉପରେ ନିର୍ଭରଶୀଳ ଥିଲେ । ପବିତ୍ରଆତ୍ମାଙ୍କ ଦ୍ୱାରା ତାଙ୍କର ଶକ୍ତି ପରିତ୍ରାଣର ସମ୍ବାଦ ପ୍ରଚାର କରିବାକୁ ଥିଲା ଏବଂ ମହାଫଳ ସମୂହ ଯଥା : ମହାନ୍ ଆଶ୍ଚର୍ଯ୍ୟକର୍ମମାନ ସାଧନ ଏବଂ ନୂତନ ମଣ୍ଡଳୀମାନ ଆରମ୍ଭ କରିପାରୁଥିଲେ । ଯଦି ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ତାଙ୍କ ସେବାକାର୍ଯ୍ୟରେ ଉତ୍ତମ ଫଳମାନ ପାଇବାକୁ ଚାହାଁନ୍ତି । ସେ ସର୍ବଦା ପବିତ୍ରଆତ୍ମାଙ୍କ ଉପରେ ନିର୍ଭର କରିବା ଉଚିତ ।

**ଏକ ନଗର ମଧ୍ୟରେ ପ୍ରବେଶ କରି ଆଗ୍ରହାନ୍ୱିତ ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ** କରିବାବେଳେ

ପବିତ୍ରଆତ୍ମା ଦ୍ୱାର ଉନ୍ମୁକ୍ତ କରନ୍ତି ବିଭିନ୍ନ ପ୍ରକାର ମାଧ୍ୟମରେ ଯଥା : ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଲୋକମାନଙ୍କର ଓ ପରିବେଶର ମାଧ୍ୟମ । ପ୍ରତ୍ୟେକ ନଗର ମଧ୍ୟରେ ସୁସମାଚାର ପ୍ରତି ଆଗ୍ରହୀ ଲୋକମାନେ ଅଛନ୍ତି । ଈଶ୍ୱର ସର୍ବତ୍ର କାର୍ଯ୍ୟରତ, ପବିତ୍ରଆତ୍ମା ହଜିଯାଇଥିବା ଲୋକମାନଙ୍କ ହୃଦୟ ଉନ୍ମୁକ୍ତ କରନ୍ତି । ସେ ସେମାନଙ୍କୁ ପାପବୋଧ ଦିଅନ୍ତି ଏବଂ ଯୀଶୁଖ୍ରୀଷ୍ଟଙ୍କ ଗୌରବ ପାଇଁ ସେମାନଙ୍କୁ ଏକ ନୂତନ ଜନ୍ମ ପ୍ରଦାନ କରନ୍ତି । ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାରେ ପବିତ୍ରଆତ୍ମା ଅତି ପ୍ରୟୋଜନ ଅଟନ୍ତି ।

**ଗୃହ ବାଇବଲ ଅଧ୍ୟୟନ ଚଳାଇବାବେଳେ**

ସଭାମାନ ଅନୁଷ୍ଠିତ ହେବାବେଳେ ପ୍ରାରମ୍ଭକାରୀ, ପରିଦୃଷ୍ଟ (ଦୃଷ୍ଟିଗୋଚର ହେଉଥିବା) ନେତାମାନଙ୍କୁ ଆବିଷ୍କାର କରନ୍ତି ଏବଂ ସେମାନଙ୍କୁ ସେ ତାଲିମ ଦେବାକୁ ହୁଏ । ପ୍ରେରିତ ପାଉଲ ଏକ ନଗର ମଧ୍ୟରେ ପ୍ରବେଶ କରୁଥିଲେ । ସେଠାରେ ଦୁଇ ବା ତିନି ସପ୍ତାହ ରହୁଥିଲେ, ଆତ୍ମାମାନଙ୍କୁ ଲାଭ କରୁଥିଲେ ଏବଂ ନୂତନ ମଣ୍ଡଳୀରେ ନେତୃତ୍ୱ ଦେବାକୁ ସ୍ଥାନୀୟ ନେତାମାନଙ୍କୁ ପାଉଥିଲେ । ପ୍ରାରମ୍ଭକାରୀ ସ୍ଥାନୀୟ ନେତାମାନଙ୍କୁ ଉଠାଇବା ପାଇଁ ପବିତ୍ରଆତ୍ମାଙ୍କ ଉପରେ ନିର୍ଭର କରିବା ଉଚିତ ।

## ନୂତନ ମଣ୍ଡଳୀ ସଂଗଠନ କରିବାବେଳେ

ମଣ୍ଡଳୀ ପବିତ୍ରଆତ୍ମାଙ୍କର ଅଟେ । ସେ ତାହାର ଉତ୍ପତ୍ତିସ୍ଥଳ । ଯଦି ଏକ ମଣ୍ଡଳୀ ପବିତ୍ରଆତ୍ମାଙ୍କ ଶକ୍ତିରୁ ଏକ ଉତ୍ପନ୍ନ ହୋଇଥିବା ସଂଗଠନ, ସେ ଆତ୍ମିକଦାନଗୁଡ଼ିକ ସହ ସଭ୍ୟମାନଙ୍କୁ ଯୋଗାଇବେ ଯେଉଁମାନେ ମଣ୍ଡଳୀର ଜୀବନ ନିମନ୍ତେ ପ୍ରୟୋଜନ । ଏହି ଦାନଗୁଡ଼ିକ ୧ କରିନ୍ଥୀ ୧୨, ରୋମୀୟ ୧୨:୬-୧୨ ଓ ୧ ପିତରରେ ପାଇପାରିବା ।

## ଏକ ନଗର ପରିତ୍ୟାଗ କରିବାବେଳେ

ପ୍ରାରମ୍ଭକାରୀ ନଗର ପରିତ୍ୟାଗ କରିବାପରେ ତାଙ୍କ କାର୍ଯ୍ୟ ଚାଲୁ ରହିବାକୁ ପବିତ୍ରଆତ୍ମାଙ୍କ ଉପରେ ନିର୍ଭର କରିବା ଉଚିତ । ପ୍ରେରିତ ପାଉଲ ନଗର ପରିତ୍ୟାଗ କରିବାବେଳେ ତାଙ୍କ କାର୍ଯ୍ୟ ସ୍ଥାନୀୟ ନେତାମାନଙ୍କ ହସ୍ତରେ ଛାଡ଼ିବାକୁ ସକ୍ଷମ ହୋଇଥିଲେ କାରଣ ସେ ପ୍ରକୃତରେ କାର୍ଯ୍ୟକୁ ପବିତ୍ରଆତ୍ମାଙ୍କ ହସ୍ତରେ ଛାଡୁଥିଲେ ବା ସମର୍ପି ଥିଲେ ।

ଖ୍ରୀଷ୍ଟଙ୍କ କାର୍ଯ୍ୟ ସମ୍ପନ୍ନ କରିବାକୁ ପ୍ରାରମ୍ଭକାରୀ ସାହସିକ ଓ ପବିତ୍ରଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ହେବା ପ୍ରୟୋଜନ । ଏଫିସୀ ୫:୧୮ ପାଠ କର ଆଉ ଦ୍ରାକ୍ଷାରସ (ମଦ୍ୟ)ରେ ମତ୍ତ ନ ହୁଅ । ସେଥିରୁ ତ ଅତ୍ୟାଚାର ଜନ୍ମେ, ମାତ୍ର ତା' ପରିବର୍ତ୍ତେ ଆତ୍ମାରେ ପୂର୍ଣ୍ଣ ହୁଅ ।" ପବିତ୍ରଆତ୍ମା ବିଷୟରେ ନିମ୍ନଲିଖିତ ସତ୍ୟ ଉପଲବ୍ଧ କର ।

### ୧. ପବିତ୍ରଆତ୍ମାଙ୍କ ଗୁଣସମୂହ

- ପବିତ୍ରଆତ୍ମା ଚିରନ୍ତନ (ଅନନ୍ତକାଳୀନ) ଅଟନ୍ତି - ଏବ୍ରୀ ୯:୧୪
- ପବିତ୍ରଆତ୍ମା ସର୍ବବ୍ୟାପୀ - ଗୀତ ୧୩୯:୭-୧୦
- ପବିତ୍ରଆତ୍ମା ସର୍ବଶକ୍ତିମାନ - ଲୂକ ୧:୩୫
- ପବିତ୍ରଆତ୍ମା ସର୍ବଜ୍ଞ ଅଟନ୍ତି - ଯୋହନ ୧୪:୧୨,୨୬

ଏହି ଚାରୋଟିଗୁଣ ଈଶ୍ୱରଙ୍କ ସ୍ପଷ୍ଟ ସ୍ୱତନ୍ତ୍ର ଗୁଣମାନ ଅଟେ । କେବଳ ଈଶ୍ୱର ଅନନ୍ତକାଳୀନ, ସର୍ବବ୍ୟାପୀ, ସର୍ବଶକ୍ତିମାନ ଓ ସର୍ବଜ୍ଞ ଅଟନ୍ତି ।

**୨. ଏକ ହଜିଯାଇଥିବା ବ୍ୟକ୍ତି ମଧ୍ୟରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ**

- ପବିତ୍ରଆତ୍ମା ସାକ୍ଷ୍ୟ ଦିଅନ୍ତି ଯେ ଯୀଶୁ ସତ୍ୟ ଅଟନ୍ତି । ଯୋହନ ୧୫:୨୬,୨୭
- ପବିତ୍ରଆତ୍ମା ଜଗତକୁ ପାପ, ଧାର୍ମିକତା ଓ ବିଚାର ବିଷୟରେ ବୋଧ ବା ପ୍ରମାଣ ଦିଅନ୍ତି । ଯୋହନ ୧୬:୮-୧୧

**୩. ଖ୍ରୀଷ୍ଟିୟାନ ମଧ୍ୟରେ ପବିତ୍ରଆତ୍ମାଙ୍କ କାର୍ଯ୍ୟ**

- ପବିତ୍ରଆତ୍ମା ଅନନ୍ତ ଜୀବନର ନିଶ୍ଚୟତା ଖ୍ରୀଷ୍ଟିୟାନକୁ ଦିଅନ୍ତି । ୨ କରିନ୍ଥୀ ୧:୨୨, ଏଫିସୀ ୧:୧୩,୧୪
- ପବିତ୍ରଆତ୍ମା ଖ୍ରୀଷ୍ଟିୟାନକୁ ନୂତନୀକୃତ କରନ୍ତି । ତିତସ ୩:୫
- ପବିତ୍ରଆତ୍ମା ପାପ ଓ ମୃତ୍ୟୁର ବ୍ୟବସ୍ଥାରୁ ଖ୍ରୀଷ୍ଟିୟାନକୁ ମୁକ୍ତ କରନ୍ତି । ରୋମୀ ୮:୨
- ପବିତ୍ରଆତ୍ମା ଖ୍ରୀଷ୍ଟିୟାନକୁ ଆତ୍ମିକ ପୁରୁଷରେ ଶକ୍ତିପ୍ରାପ୍ତ ହୋଇ ବଳବାନ ହେବାକୁ ଦିଅନ୍ତି । ଏଫିସୀ ୩:୧୬
- ପବିତ୍ରଆତ୍ମା ଖ୍ରୀଷ୍ଟିୟାନକୁ ନୂତନୀକୃତ କରନ୍ତି ଓ ତାହାକୁ ସାକ୍ଷୀ ହେବାକୁ ମୁକ୍ତ କରନ୍ତି । ପ୍ରେରିତ ୮

**୪. ପବିତ୍ରଆତ୍ମାଙ୍କ ପୂର୍ଣ୍ଣତା ଓ ଫଳସମୂହ**

- ସମସ୍ତ ଖ୍ରୀଷ୍ଟିୟାନ ପବିତ୍ରଆତ୍ମାରେ ପୂର୍ଣ୍ଣ ହେବାକୁ ହେବ । ଏଫିସୀ ୫:୧୮
- ଆତ୍ମାଙ୍କ ଫଳ ହେଉଛି, ପ୍ରେମ, ଆନନ୍ଦ, ଶାନ୍ତି, ଧୈର୍ଯ୍ୟ, ଭଦ୍ରତା, ପରୋପକାରିତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ । ଗାଲାତୀୟ ୫:୨୨,୨୩
- ପବିତ୍ରଆତ୍ମାଙ୍କର ପୂର୍ଣ୍ଣତାର ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କ ବାକ୍ୟ ସାହସର ସହିତ କହିବା । ପ୍ରେରିତ ୪:୨୯,୩୧

**୫. ପବିତ୍ରଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣତାପ୍ରାପ୍ତ ହେବାର ସର୍ତ୍ତଗୁଡ଼ିକ**

- ଏକ ବ୍ୟକ୍ତି ନିଶ୍ଚୟ ପରିତ୍ରାଣପ୍ରାପ୍ତ ହେବ । ପ୍ରେରିତ ୨:୨୮
- ଜଣେ ନିଶ୍ଚୟ ତାହା ଜୀବନରେ କରିଥିବା ସମସ୍ତ ଜାଣିଥିବା ପାପ ସ୍ୱୀକାର କରିବା ଉଚିତ । ୧ ଯୋହନ ୧:୯ (ଗୀତ ୬୬:୧୮)
- ବିଶ୍ୱାସ ଦ୍ୱାରା ତୁମକୁ ପୂର୍ଣ୍ଣ କରିବାକୁ ଓ ଅଧୀନସ୍ଥ କରିବାକୁ ପବିତ୍ରଆତ୍ମାଙ୍କୁ ପ୍ରାର୍ଥନା କର । ୧ ଯୋହନ ୫:୧୪,୧୫ (ରୋମୀ ୧:୧୭ ପାଠ କର)
- ପ୍ରତ୍ୟେକ ଦିନର ପ୍ରତ୍ୟେକ ମୁହୂର୍ତ୍ତ ଈଶ୍ୱରଙ୍କର ବାଧ୍ୟ ହୁଅ । ପ୍ରେରିତ ୫:୩୨

ପବିତ୍ରଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣ ହେବା ଓ ଅଧୀନସ୍ଥ ହେବା କହିଲେ କ'ଣ ତାହାର ଏକ ଉଦାହରଣ ବାଇବଲ ଦାଉଦଙ୍କ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଦାନ କରେ । ଆମ୍ଭେମାନେ ନିମ୍ନୋକ୍ତ ଚାରୋଟି ଆତ୍ମିକ ସତ୍ୟକୁ ଆମ ଜୀବନ ପାଇଁ ପ୍ରୟୋଗ କରିପାରିବେ ଏବଂ ଆମ୍ଭମାନଙ୍କୁ ଈଶ୍ୱର ତାଙ୍କ ଅଧୀନରେ ରଖିବାକୁ ଓ ତାହାଙ୍କ ରାଜ୍ୟରେ ଆମ୍ଭମାନଙ୍କୁ ବ୍ୟବହାର କରିବାକୁ ତାଙ୍କୁ ଅନୁମତି ଦେଉ ।

କ. **୧ଶାମୁୟେଲ ୧୬:୧୩ - ଆତ୍ମାରେ ପରିପୂର୍ଣ୍ଣ ଜୀବନ ଯାପନ କରିବାକୁ ଶକ୍ତି ଈଶ୍ୱରଙ୍କଠାରୁ ଆସେ ।** ଆଜି ଠିକ୍ ଯେପରି ଈଶ୍ୱର ପ୍ରତ୍ୟେକ ବିଶ୍ୱାସୀକୁ ଶକ୍ତିଯୁକ୍ତ କରନ୍ତି, ଦାଉଦ ସେହି ଈଶ୍ୱରଙ୍କ ଶକ୍ତିରେ ଶକ୍ତିଯୁକ୍ତ ଥିଲେ କାରଣ ଦାଉଦଙ୍କ ଜୀବନ ମାଧ୍ୟମରେ ଈଶ୍ୱରଙ୍କର ଏକ ଉଦ୍ଦେଶ୍ୟ ସଫଳ ହେବାକୁ ଥିଲା । ତୁମ ଜୀବନ ପାଇଁ ଈଶ୍ୱରଙ୍କର ଏକ ଉଦ୍ଦେଶ୍ୟ ଓ ଯୋଜନା ଅଛି ଏବଂ ସେହି ଉଦ୍ଦେଶ୍ୟ ସଫଳ କରିବାକୁ ତାହାଙ୍କ ପବିତ୍ରଆତ୍ମା ସେହି ଉଦ୍ଦେଶ୍ୟ ସଫଳ କରିବାକୁ ଏକମାତ୍ର ଶକ୍ତିଯୁକ୍ତ ବ୍ୟକ୍ତି ଅଟନ୍ତି । ଶକ୍ତି ଆସେ ନାହିଁ ଅର୍ଥ, ବିଦ୍ୟାଶିକ୍ଷା, ସଫଳ ପଦବୀରୁ କିଅବା ୱାଶିଂଟନ ଡିସରୁ, ମାତ୍ର ଈଶ୍ୱରଙ୍କ ପବିତ୍ରଆତ୍ମାଙ୍କ ଦ୍ୱାରା କେବଳ ଆସେ ।

ଖ. **୧ଶାମୁୟେଲ ୧୭:୪୫ - ଈଶ୍ୱରଙ୍କୁ ପାଇନାହିଁ ଯଥେଷ୍ଟ ଓ ଆମ୍ଭମାନଙ୍କର ଅନ୍ୟ କୌଣସି ବିଷୟର ଆବଶ୍ୟକତା ନାହିଁ ।** ଗଲିୟାତ ପ୍ରସ୍ତୁତ ଥିଲା । ତାହାର ଥିଲା ବିରାଟ ଆକୃତି, ଶକ୍ତି, ଅନୁଭୂତି ଓ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର । ଦାଉଦଙ୍କ ବିଷୟରେ କ'ଣ ? ସେ ବିରାଟକାୟ ନ ଥିଲେ କିଅବା ଅତିଶୟ ବଳବାନ ନ ଥିଲେ । ତାଙ୍କର ଉପଯୁକ୍ତ ଅସ୍ତ୍ରଶସ୍ତ୍ର ନ ଥିଲା କିଅବା ଏପ୍ରକାର ଯୁଦ୍ଧ ବିଷୟକ ଅନୁଭୂତି ନ ଥିଲା । ଏହା କେବେହେଲେ ଦାଉଦ ପୂର୍ବରୁ କରି ନ ଥିଲେ । ମାତ୍ର ଦାଉଦ କହିଲେ, "ତୁମ୍ଭେ ଯାହାଙ୍କୁ ତୁଚ୍ଛ କରିଅଛ ଇସ୍ରାୟେଲର ସୈନ୍ୟ ଶ୍ରେଣୀର ପରମେଶ୍ୱର ସୈନ୍ୟାଧିପତି ସଦାପ୍ରଭୁଙ୍କ ନାମରେ ତୁମ୍ଭ ନିକଟକୁ ମୁଁ ଆସୁଅଛି ।" ଦାଉଦଙ୍କ ଯାହାସବୁ ଥିଲା ତାହା ହେଉଛନ୍ତି ପବିତ୍ରଆତ୍ମା, ଯାହାକି ସବୁକିଛି ଦାଉଦଙ୍କ ଆବଶ୍ୟକ ଥିଲା! ଯାହା ଆମ୍ଭେମାନେ ଆବଶ୍ୟକ କରୁ । ଈଶ୍ୱର ଯେତେବେଳେ ତାହାଙ୍କ ଅନୁଗମନ କରିବାକୁ ଆହ୍ୱାନ କରନ୍ତି ଏବଂ ଆମକୁ ଈଶ୍ୱରଙ୍କ ଆକାରର ଏକ ଦର୍ଶନ ଦିଅନ୍ତି, ଯାହା ଆମେ କରି ନ ପାରୁ, ଆମ୍ଭମାନଙ୍କଠାରେ ତାହାଙ୍କ ଆତ୍ମା ଏଥିପାଇଁ ଯଥେଷ୍ଟ ଏବଂ ସେ ହେଉଛନ୍ତି ସବୁକିଛି ଯାହା ଆମର ଆବଶ୍ୟକ । ସେ ଏହା କରିବେ ।

ଗ. **୧ ଶାମୁୟେଲ ୧୭:୫୦ - ଈଶ୍ୱର ଆମ୍ଭମାନଙ୍କଠାରେ ଓ ଆମ୍ଭମାନଙ୍କ ମାଧ୍ୟମରେ ଅସମ୍ଭବ ବିଷୟ କରିବାକୁ ଚାହାଁନ୍ତି ।** କିଏ ଜୟ କଲା ? ନା ଦାଉଦ ଜୟ କରି ନ ଥିଲେ, ତାହା ଥିଲା ଦାଉଦଙ୍କ ପାଇଁ ଅସମ୍ଭବ, ଈଶ୍ୱର ଜୟ କଲେ । ଈଶ୍ୱର ତାହା କରିବାକୁ ଚାହାଁନ୍ତି, ଯାହା କେବଳ ସେ ଆମ୍ଭମାନଙ୍କଠାରେ ଓ ଆମ ମାଧ୍ୟମରେ କରିପାରନ୍ତି । ସେ ତିନୋଟି ଅଞ୍ଚଳରେ ଅସମ୍ଭବ ବିଷୟ କରିବାକୁ ଚାହାଁନ୍ତି ।

   କ. ଆମ୍ଭମାନଙ୍କ ମଧ୍ୟରେ (ଭିତରେ) : ଈଶ୍ୱର କେବଳ ଆମ୍ଭମାନଙ୍କ ଜୀବନକୁ ରୂପାନ୍ତରୀତ କରିପାରନ୍ତି । ସେ ଆମ୍ଭମାନଙ୍କଠାରେ ଅସମ୍ଭବ ବିଷୟ କରିବାକୁ ଚାହାଁନ୍ତି । ସେ ଅଧିକରୁ ଅଧିକ ଈଶ୍ୱରଙ୍କ ସାଦୃଶ୍ୟରେ ଆମ୍ଭମାନଙ୍କୁ ରୂପାନ୍ତରୀତ କରିବାକୁ ଚାହାଁନ୍ତି ଏବଂ ତାହା ଆମ ପାଇଁ ଅସମ୍ଭବ ଅଟେ ।

   ଖ. ଆମ୍ଭମାନଙ୍କ ମାଧ୍ୟମରେ : ଈଶ୍ୱର କେବଳ ତାହାଙ୍କ ସେବାକାର୍ଯ୍ୟ କରିପାରନ୍ତି । ସେ ଆମ ମାଧ୍ୟମରେ ତାହାଙ୍କ ସେବାକାର୍ଯ୍ୟ କରିବାକୁ ଚାହାଁନ୍ତି, ଯାହାକି ଆମ ପକ୍ଷରେ କରିବା ଅସମ୍ଭବ ଅଟେ ।

   ଗ. ହଜିଯାଇଥିବା ବ୍ୟକ୍ତିର ହୃଦୟରେ : ଈଶ୍ୱର କେବଳ ହଜିଯାଇଥିବା ଲୋକକୁ ଉଦ୍ଧାର କରିପାରନ୍ତି, ଯାହା ଆମ ପକ୍ଷରେ କରିବା ଅସମ୍ଭବ । ଈଶ୍ୱର ତାହାଙ୍କ ଆତ୍ମାଙ୍କ ଦ୍ୱାରା ହଜିଯାଇଥିବା ଲୋକର ହୃଦୟରେ କାର୍ଯ୍ୟ କରନ୍ତି, ତାହାର ପାପ ବିଷୟରେ ତାହାକୁ ବୋଧ ଦେଇ ଏବଂ ସତ୍ୟ ପ୍ରକାଶ କରି, ଯାହା ସେମାନଙ୍କୁ ପରିତ୍ରାଣ ମଧ୍ୟକୁ ଆଣିଥାଏ ।

ଘ. **୧ଶାମୁୟେଲ ୧୭:୪୬ - ଈଶ୍ୱର ଅସମ୍ଭବ ବିଷୟ ସାଧନ କରନ୍ତି । ତେଣୁ ଜଗତ ଜାଣିବ ଯେ,**

**ସେ ଈଶ୍ୱର ଅଟନ୍ତି ।** ଯେହେତୁ ଈଶ୍ୱର ଜଣେ ଅନଭିଜ୍ଞ ଓ

ଅସ୍ତ୍ରଶସ୍ତ୍ରହୀନ ଯୁବାଲୋକକୁ ବ୍ୟବହାର କରି ଏକ ଅସମ୍ଭବ ବିଷୟ ସାଧନ କଲେ । ଉପସ୍ଥିତ ପ୍ରତ୍ୟେକଜଣ ଜାଣିଲେ ଯେ

ଦାଉଦଙ୍କ ଅପେକ୍ଷା ଅଧିକ ଶକ୍ତିଶାଳୀ ଜଣେ ଅଛନ୍ତି, "ସେ ହେଉଛନ୍ତି ଇସ୍ରାୟେଲର ପରମେଶ୍ୱର" ।

ଶକ୍ତିର ଏକ ଅବିଶ୍ୱାସନୀୟ ପ୍ରଦର୍ଶନରେ ପଲେଷ୍ଟୀୟମାନେ ଭୟଭୀତ ହୋଇଗଲେ । ଆମ୍ଭେମାନେ ଯେତେବେଳେ ଆମ୍ଭମାନଙ୍କଠାରେ ଓ ଆମ ମାଧ୍ୟମରେ ଈଶ୍ୱରଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଉ, ସେ ତାହାଙ୍କ ଶକ୍ତି ପ୍ରକାଶ କରିବାକୁ ସମର୍ଥ ଅଟନ୍ତି ଏବଂ ଆମ ଚତୁର୍ଦ୍ଦିଗସ୍ଥ ଲୋକମାନେ ଜାଣନ୍ତି ଯେ, ଏକ ଈଶ୍ୱର ଅଛନ୍ତି ।

**ଉପସଂହାର**

ଏହି ବିଭାଗ ଅଧ୍ୟୟନ କରିବାବେଳେ, ଆମ୍ଭେମାନେ ତୁମ୍ଭମାନଙ୍କୁ ପ୍ରତ୍ୟେକ ଅନୁଗମନକାରୀ ପଦଗୁଡ଼ିକ ପ୍ରତି ଦୃଷ୍ଟିପାତ କରିବାକୁ ସମୟ ନେବାକୁ ଉତ୍ସାହିତ କରୁ ଏବଂ ସେଗୁଡ଼ିକ ମାଧ୍ୟମରେ ତୁମକୁ ପବିତ୍ରଆତ୍ମା କଥା କହିବାକୁ ଅନୁମତି ଦେବ ।

ବିଶ୍ୱାସୀମାନେ ପବିତ୍ରଆତ୍ମାଙ୍କ ଅଭିଷେକର ଚିହ୍ନଗୁଡ଼ିକ ଦ୍ୱାରା ସେମାନଙ୍କଠାରେ ପବିତ୍ରଆତ୍ମା ଅଛନ୍ତି ପ୍ରମାଣିତ (୧ ଯୋହନ ୨:୨୦,୨୭; ୨ କରିନ୍ଥୀ ୧:୨୧), ଏକ ମୁଦ୍ରାଙ୍କର ଚିହ୍ନ (୨ କରିନ୍ଥୀ ୧:୨୨; ଏଫିସୀ ୧:୧୩), ଏକ ବଇନା ସ୍ୱରୂପ ବା ଏକ ସଞ୍ଚୟ ଓ ଜମା କରିବା ଚିହ୍ନ (୨ କରିନ୍ଥୀ ୧:୨୨; ଏଫିସୀ ୧:୧୪), ଏକ ବାପ୍ତିସ୍ମର ଚିହ୍ନ (୧ କରିନ୍ଥୀ ୧୨:୧୩କ) ଏବଂ ଏକ ପାନୀୟ ଚିହ୍ନ (୧ କରିନ୍ଥୀ ୧୨:୧୩ଖ; ଯୋହନ ୪:୧୪; ୭:୩୭-୩୯କ) ।

"ସେ ଆମ୍ଭମାନଙ୍କୁ କହିଲେ, ସମୁଦାୟ ଜଗତ ନିକଟକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର" (ମାର୍କ ୧୬:୧୫) । ଆମ୍ଭେମାନେ ତାହାଙ୍କର ବାଧ୍ୟ ହେବା ଉଚିତ । ଆମ୍ଭେମାନେ ତାହାଙ୍କ ବାକ୍ୟକୁ ପ୍ରେମ କରିବା ଉଚିତ, କାରଣ ଆମ୍ଭେମାନେ ତାହାଙ୍କ ଦ୍ୱାରା ପବିତ୍ରୀକୃତ ହୋଇଅଛୁ (ଯୋହନ ୧୭:୧୭) ।

**ଆମ୍ଭେମାନେ ପ୍ରଭୁଙ୍କ ଶସ୍ୟ ଅମଳରେ ଦୃଢ଼ ବିଶ୍ୱାସ ଓ ଆନନ୍ଦ ମନରେ କାର୍ଯ୍ୟ କରିବା ଉଚିତ କାରଣ ସେ ଆମ ଅନ୍ତରରେ କାର୍ଯ୍ୟ କରୁଅଛନ୍ତି (ଫିଲିପ୍ପୀୟ ୧:୬, ୨:୧୩) । ଖ୍ରୀଷ୍ଟିୟାନମାନଙ୍କ ପାଇଁ ଆତ୍ମିକ ଦାନଗୁଡ଼ିକର ଏକ ଅଭାବ କେବେହେଲେ ନ ଥାଏ (୧ କରିନ୍ଥୀ ୧:୭) । ପବିତ୍ରଆତ୍ମା ପ୍ରଭୁଙ୍କ ସେବା ନିମନ୍ତେ ଆମ୍ଭମାନଙ୍କୁ ସମର୍ଥ କରନ୍ତି, ସେ ଆମ୍ଭମାନଙ୍କୁ ପ୍ରଦତ୍ତ ଦାନଗୁଡ଼ିକ ମାଧ୍ୟମରେ ଏହା ସାଧନ କରନ୍ତି (୧କରିନ୍ଥୀ ୧୨:୪-୬) ।**

ଆମ୍ଭେମାନେ ଈଶ୍ୱରଙ୍କ ଆଜ୍ଞାବହ (ବାଧ୍ୟ) ହେବା ଉଚିତ । ଯେପରି ସେ ତାହାଙ୍କ ବାକ୍ୟରେ ନିର୍ଦ୍ଦେଶମାନ ଯାହା ଦେଇଅଛନ୍ତି, ତାହା ଆମେ ଯେପରି ବୁଝିଥାଉ । ଏହା କରିବା ଦ୍ୱାରା, ଯେ ଆମ୍ଭମାନଙ୍କଠାରେ ଈଶ୍ୱରଙ୍କ ଇଚ୍ଛା ସାଧନ କରୁଛନ୍ତି ତାହାଙ୍କଠାରୁ ଫଳପ୍ରାପ୍ତ ହେବାର ପରିଣାମ ଲାଭ କରିବ ।

## ପ୍ରୟୋଗ

- ନୀରବରେ ପ୍ରାର୍ଥନା କର
- ପବିତ୍ରଆତ୍ମା ତୁମ ଜୀବନରେ ଥିବା କୌଣସି ପାପ ପ୍ରକାଶ କରିବାକୁ ନିବେଦନ କର ।
- ତୁମର ମନ ମଧ୍ୟକୁ ଆଣି ସେ ସ୍ମରଣ କରାଉଥିବା ସମସ୍ତ ପାପକୁ ସ୍ୱୀକାର କର ।
- ତାହାଙ୍କଠାରେ ତୁମର ଜୀବନ ଉତ୍ସର୍ଗ କର ଓ ପ୍ରତିଦିନ ବାଧ୍ୟ ହୁଅ ।

## ୩. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଏବଂ ପ୍ରାର୍ଥନା

### ପରିଚୟ

ତୁମେ ପ୍ରାର୍ଥନାର ଏକ ବ୍ୟକ୍ତି ନ ହେବା ପର୍ଯ୍ୟନ୍ତ ଯୀଶୁ ଖ୍ରୀଷ୍ଟଙ୍କର ଏକ ଶିଷ୍ୟ ହେବା ଅସମ୍ଭବ ଅଟେ । ପ୍ରାରମ୍ଭକାରୀ ତାଙ୍କ ଜୀବନରେ ଈଶ୍ୱରଙ୍କ ସହିତ ଏକାକୀ ତାଙ୍କ ସମୟ ବିତାଇବାକୁ ପ୍ରଥମ ଓ ସର୍ବାଗ୍ର ଅଧିକାର ବା ସ୍ଥାନ ଦେବାକୁ ମନସ୍ଥ କରିବା ଉଚିତ । ଯଦି ଏପରି ନ ହୁଏ, ପ୍ରାରମ୍ଭକାରୀ ଈଶ୍ୱରଙ୍କୁ କେବେହେଲେ ଗଭୀରଭାବେ ଜାଣିପାରିବେ ନାହିଁ । ସେ ଈଶ୍ୱରଙ୍କ ଚାଳନାଧୀନରେ ରହିବେ ନାହିଁ କିବଅ କୌଣସି ପ୍ରକୃତ ବା ଆତ୍ମିକ ଫଳ ଉତ୍ପନ୍ନ କରିବେ ନାହିଁ ।

ଦୟାକରି ପ୍ରାର୍ଥନାର ଆଠଟି ବିଷୟ ଉପଲବ୍ଧି କରୁ ଯାହା ଈଶ୍ୱରଙ୍କ ସହିତ ଆମର ଏକାକୀ ସମୟ ବିତାଇବାରେ ବ୍ୟବହାର କରାଯାଇପାରିବ ।

**୧. ପ୍ରଶଂସା ଓ ଉପାସନା**

ବାଇବଲ କହେ, ଗୀତ ୪୮:୧ରେ "...ସଦାପ୍ରଭୁ ମହାନ୍ ଓ ଅତ୍ୟନ୍ତ ପ୍ରଶଂସନୀୟ ।" ଗୀତ ୩୪:୧-୩ କହେ, "ମୁଁ ସର୍ବଦା ସଦାପ୍ରଭୁଙ୍କର ଧନ୍ୟବାଦ କରିବି, ମୋ' ମୁଖରେ ନିରନ୍ତର ତାହାଙ୍କର ପ୍ରଶଂସା ହେବ । ମୋହର ପ୍ରାଣ ସଦାପ୍ରଭୁଙ୍କଠାରେ ଦର୍ପ କରିବ, ନମ୍ର ଲୋକମାନେ ତାହା ଶୁଣି ଆନନ୍ଦିତ ହେବେ । ଆହେ ମୋ' ସଙ୍ଗେ ସଦାପ୍ରଭୁଙ୍କ ମାହାତ୍ମ୍ୟ ପ୍ରକାଶ କର, ଆସ ଆମ୍ଭେମାନେ ଏକ ସଙ୍ଗେ ତାହାଙ୍କ ନାମର ପ୍ରତିଷ୍ଠା କରୁ ।"

ରବିବାର ଦିନମାନଙ୍କରେ ଆମ୍ଭେମାନେ ଆମ ସେବା ଉପାସନାରେ ପ୍ରଭୁଙ୍କର ପ୍ରଶଂସା କରିଥାଉ । ମାତ୍ର ଆମ୍ଭେମାନେ ସୋମବାରଠାରୁ ଶନିବାର ମଧ୍ୟରେ ପ୍ରଭୁଙ୍କ ସହିତ ଏକାକୀ ଆମର ସମୟ ବିତାଇବାବେଳେ ଆମେ କିପରି ଆଚରଣ କରୁ ? ଗୀତ ୨୨:୩ରେ ବାଇବଲ କହେ, "ତୁମ୍ଭେ ପ୍ରଶଂସା ନିବାସିନ୍, ପବିତ୍ର ବ୍ୟକ୍ତି ରୂପେ ସିଂହାସନୋପବିଷ୍ଟ ।"

ପ୍ରଶଂସା କହିଲେ କ'ଣ ? ଈଶ୍ୱର ଯାହା, ସେଥିପାଇଁ ତାହାଙ୍କ ଉର୍ଦ୍ଧ୍ୱକୁ ଉଠାଇବା ବା ଉଚ୍ଚୀକୃତ କରିବା ହେଉଛି ପ୍ରଶଂସା । ଧନ୍ୟବାଦ ଦେବା ହେଉଛି, ଈଶ୍ୱର ଆମ ପାଇଁ ଯାହାସବୁ କରିଅଛନ୍ତି ସେହି ବିଷୟ ଚିନ୍ତା କରି କୃତଜ୍ଞତା ଜଣାଇବା । ପ୍ରଶଂସା ହେଉଛି ଈଶ୍ୱରଙ୍କ ଗୁଣ ଓ ଅତୁଳନୀୟ ସ୍ୱଭାବକୁ ଉଚ୍ଚରେ ସ୍ଥାପନ କରିବା ।

ବାଇବଲ ଅନୁଯାୟୀ ଈଶ୍ୱରଙ୍କ ପ୍ରଶଂସା କରିବାକୁ ଜଣେ ତାହାର ମନ, ତାହାର ଇଚ୍ଛା ଓ ତାହାର ଭାବାବେଗକୁ ବ୍ୟବହାର କରି କାର୍ଯ୍ୟରେ ଲଗାଇବା ଉଚିତ । ସେବା ଉପାସନାମାନଙ୍କରେ ଆମ୍ଭେମାନେ ପ୍ରଭୁଙ୍କ ପ୍ରଶଂସା କରୁଥିବାବେଳେ ଭାବପ୍ରବଣତାମାନ ପ୍ରକାଶ କରିବା ଭୁଲ୍ ନୁହେଁ । ଏହା ଭୁଲ୍ ବୋଲି କହିବା, କେହି ଜଣେ ତାହାର ମନ

ଓ ତାହାର ଇଚ୍ଛାକୁ ବ୍ୟବହାର କରିପାରେ ନାହିଁ କହିବା ସହିତ ସମାନ । ମନୁଷ୍ୟର ଏକ ଶରୀର, ଏକ ପ୍ରାଣ (ତାହାର **ମନ, ଇଚ୍ଛା ଓ ଭାବାବେଗମାନ**) ଏବଂ ଏକ ଆତ୍ମା ଅଛି । (୧ ଥେସଲନୀକୀୟ ୫:୨୩) ।

ଯାହାବି ହେଉ, ଭାବାବେଗମାନ ଓ ଭାବପ୍ରବଣତାରେ ବିଭୋର ହେବା ମଧ୍ୟରେ ବହୁତ ପ୍ରଭେଦ ରହିଛି । ଭାବପ୍ରବଳବିହ୍ୱଳ ହେବା ହେଉଛି ଜଣେ ତାହାର ଭାବାବେଗଗୁଡ଼ିକୁ ଆପଣା ଆୟତ୍ତାଧୀନ କରିପାରୁନାହିଁ । ଏହା ଯଦି ସେବା ଉପାସନାରେ ଘଟେ; ବାଇବଲ ଅନୁଯାୟୀ ନିୟମର ସୀମା ବାହାରକୁ ସେବା ମାଡ଼ି ଯିବାକୁ ଆରମ୍ଭ କରୁଛି । ବାଇବଲ ଭାବାବେଗମାନ ବ୍ୟବହାର କରିବାକୁ ସେବା ଉପାସନାରେ ବାରଣ କରେ ନାହିଁ । ଯାହା ବି ଏହା ଭାବବିହ୍ୱଳ ହୋଇଯିବାର ବିରୁଦ୍ଧରେ କହେ ।

ଏଠାରେ କେତେକ ପ୍ରସ୍ତାବମାନ ରହିଛି, କିପରି ଜଣେ ତାହରା ନିଜ ବ୍ୟକ୍ତିଗତ ସମୟ ଈଶ୍ୱରଙ୍କ ସହିତ ପ୍ରଭୁଙ୍କ ପ୍ରଶଂସା କରିବାରେ କଟାଇବ ।

**କ. ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ସଂଗୀତ ପୁସ୍ତକ ବା ଖ୍ରୀଷ୍ଟିୟାନ ଗୀତବହି ବ୍ୟବହାର କରି ଗୀତ ଗାନ କର ।**

ଯଦି ତୁମେ ଯେଉଁ ବଖରାରେ ଈଶ୍ୱରଙ୍କ ସହିତ ଏକାକୀ ସମୟ ବ୍ୟୟ କରୁଅଛ, ସେଠାରେ ଯଦି ଅନ୍ୟ ଲୋକମାନେ ଅଛନ୍ତି, ତୁମେ ମନରେ ଗୀତଗୁଡ଼ିକର ଶବ୍ଦଗୁଡ଼ିକ ପାଠ କରିବାକୁ ଇଚ୍ଛା କରିପାର । ଏକ ପ୍ରଶଂସାପୂର୍ଣ୍ଣ ସଙ୍ଗୀତର ଉତ୍ତମ ନମୁନା ହେଉଛି, "ପବିତ୍ର, ପବିତ୍ର, ପବିତ୍ର" ।

ସଙ୍ଗୀତର ପ୍ରଥମ ପଦଟି ପଢ଼, ତାହାପରେ ଅଟକି ଚିନ୍ତା କର ଏବଂ ଶବ୍ଦଗୁଡ଼ିକର ଅର୍ଥ ଉପରେ ଧ୍ୟାନ କର । ତୁମେ ଏହି ପଦରେ ଯାହା ପଢ଼ିଲ ତାହା ଉପରେ ପ୍ରଭୁଙ୍କ ପ୍ରଶଂସା ନିର୍ଭର କରେ । ଏପରି କରିବା ପରେ ଦ୍ୱିତୀୟ ପଦ ପଢ଼ ଓ ସେହିପରି କର ସମୁଦାୟ ଗୀତଟି ସେପରି କର । ଅଧିକାଂଶ ଗୀତପୁସ୍ତକର ପ୍ରସଙ୍ଗ ତାଲିକାର ସୂଚୀପତ୍ରରେ ପ୍ରଶଂସା ଗୀତମାନଙ୍କ ତାଲିକା ମିଳିପାରିବ ।

**ଖ. ପ୍ରଶଂସା ଘୋଷାଗୁଡ଼ିକ ଗାନ କର ବା ପଢ଼ ।**

ବାଇବଲ ଏଫିସୀ ୫:୧୯-୨୦ରେ କହେ, "ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ । ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର । ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" ନିଶ୍ଚୟତା ପାଅ ଯେ, ବାଇବଲ ଅନୁଯାୟୀ ପ୍ରଶଂସା ଗୀତର ଘୋଷାଗୁଡ଼ିକ ନିର୍ଭୁଲ ଅଟେ ।

**ଗ. ବାଇବଲରେ ପ୍ରାର୍ଥନାଗୁଡ଼ିକର ଅନୁଚ୍ଛେଦଗୁଡ଼ିକ ପାଠ କର ଓ ପ୍ରତ୍ୟେକ ପଦ ନିଜ ନାମ ଲେଖି ବ୍ୟକ୍ତିଗତ କର ।**

ଗୀତ. ୮:୧ କହେ, "ହେ ସଦାପ୍ରଭୁ, ଆମ୍ଭମାନଙ୍କର ପ୍ରଭୋ, ସମୁଦାୟ ପୃଥିବୀରେ ତୁମର ନାମ କିପରି ମହିମାନ୍ୱିତ ! ତୁମ୍ଭେ ଆକାଶମଣ୍ଡଳ ଉପରେ ଆପଣା ଗୌରବ ସ୍ଥାପନ କରିଅଛ ।"

ଏହାକୁ ବ୍ୟକ୍ତିଗତ କରିବାକୁ, କେବଳ ତୁମ ନାମକୁ ପ୍ରତିବଦଳ କର । ଉଦାହରଣ ସ୍ୱରୂପ, "ହେ ସଦାପ୍ରଭୋ, ମୋହର ପ୍ରଭୁ ସମୁଦାୟ ପୃଥିବୀରେ ତୁମର ନାମ କିପରି ମହିମାନ୍ୱିତ କାରଣ ଆକାଶମଣ୍ଡଳ ଉପରେ ଆପଣା ଗୌରବ ସ୍ଥାପନ କରିଅଛ ।" ପ୍ରତ୍ୟେକ ପଦ ବାଇବଲରେ ଯେପରି ଅଛି ସେହିପରି ଥରେ ପଢ଼, ତାହାପରେ ସେହି ସମାନ ପଦ ପୁନର୍ବାର ପଦଟିକୁ ବ୍ୟକ୍ତିଗତ କରି ପଢ଼ ପ୍ରଭୁଙ୍କ ବ୍ୟକ୍ତିଗତଭାବେ ପ୍ରଶଂସା କରିବାରେ ।

ବାଇବଲର କେତେକ ଅଧ୍ୟାୟମାନ ଏହି ପ୍ରକାର ଉପାସନା ପାଇଁ ଅତ୍ୟନ୍ତ ପ୍ରଯୁଜ୍ୟ, ସେଗୁଡ଼ିକ ହେଉଛି : ଗୀତ. ୮, ୯, ୧୯, ୨୪, ୬୫, ୯୨, ୧୦୪, ୧୩୯, ଯୀଶୁଙ୍କର ଓ ପ୍ରେରିତ ପାଉଲଙ୍କ ପ୍ରାର୍ଥନାମାନ, ପ୍ରକାଶିତ ବାକ୍ୟ ପୁସ୍ତକରେ ବିଭିନ୍ନ ଅଧ୍ୟାୟମାନରେ ଅଛି । ଶାସ୍ତ୍ରାଂଶରେ ଉତ୍ତମ ଶାସ୍ତ୍ରାଂଶଗୁଡ଼ିକ ପାଇବାର ଅନ୍ୟ ଉପାୟ ହେଉଛି, କେବଳ "ପ୍ରଶଂସା" ଶବ୍ଦ କନ୍‌କଡାନ୍ସରେ ଅନ୍ୱେଷଣ କରିବା ଦ୍ୱାରା ।

ପ୍ରତ୍ୟେକ ବିଶ୍ୱାସୀର ଆତ୍ମିକ ବୃଦ୍ଧିର ଅତ୍ୟାବଶ୍ୟକୀୟ ଅଂଶ ହେଉଛି ପ୍ରଶଂସା । ପ୍ରକାଶିତ ୪, ୫ ପାଠ କର । ସ୍ୱର୍ଗରେ ଆମ୍ଭେମାନେ କ'ଣ କରିବା ଆବଶ୍ୟକ କର ।

**୨. ପାପ ସ୍ୱୀକାର**

ପାପ ସ୍ୱୀକାରରେ ବହୁତ ସମୟ ବ୍ୟୟ କରିବା ଆବଶ୍ୟକ ନୁହେଁ । ଯେତେବେଳେ ଆମ୍ଭେମାନେ ପାପ କରୁ, ପବିତ୍ରଆତ୍ମା ତତ୍‌କ୍ଷଣାତ୍ ଆମ ବିଷୟରେ ଆମ ବିବେକକୁ ଏହା କହନ୍ତି । ପବିତ୍ର ଆତ୍ମା ଆମକୁ ପାପବୋଧ ଦେବାକ୍ଷଣି ବା ସେହି ମୁହୂର୍ତ୍ତରେ ପ୍ରତ୍ୟେକ ପାପର ସ୍ୱୀକାରୋକ୍ତି କରାଯିବା ଉଚିତ । ବାଇବଲ କହେ ୧ ଯୋହନ ୧:୯ରେ "ଯଦି ଆମେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କ ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।"

ଈଶ୍ୱରଙ୍କ ସହିତ ଏକାକୀ ଆମ ସମୟ କ୍ଷେପଣ କରିବାବେଳେ ପବିତ୍ରଆତ୍ମା ସେହି ସମୟରେ ଆମର ସ୍ୱୀକାର କରି ନ ଥିବା ପାପ ବିଷୟ ମନେପକାଇ ଦେଇପାରନ୍ତି । ସମ୍ଭବତଃ ସେ ଆମ୍ଭମାନଙ୍କୁ ଆମର ମନ୍ଦ ମନୋବୃତ୍ତି, କ୍ରୋଧ କାହା ବିରୁଦ୍ଧରେ ତିକ୍ତତା

ବିଷୟ ସ୍ମରଣ କରାଇ ଦେବେ । ଏହି କ୍ଷେତ୍ରରେ ଆମ୍ଭେମାନେ ଆମ ହୃଦୟରେ ଥିବା ସମସ୍ତ ପାପ ସ୍ୱୀକାର କରିବା ଉଚିତ ।

**୩. ଧନ୍ୟବାଦ ଦେବା**

ବାଇବଲ ଫିଲିପ୍ପୀୟ ୪:୬ରେ କହେ, "କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ ।"

କୃତଜ୍ଞତା ହେଉଛି, ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଯାହାସବୁ କରିଅଛନ୍ତି ସେଥିପାଇଁ ଧନ୍ୟବାଦ ଦେବା । ଉଦାହରଣ ସ୍ୱରୂପ, "ଈଶ୍ୱର, ମୋର ସ୍ୱାସ୍ଥ୍ୟ, ମୋର ଖାଦ୍ୟ, ମୋର ପରିବାର ପାଇଁ ମୁଁ ତୁମକୁ ଧନ୍ୟବାଦ ଦିଏ ।"

**୪. ଈଶ୍ୱରଙ୍କ ସ୍ୱର ଶୁଣିବା**

ବାଇବଲ, ଗୀତ. ୬୨:୫ରେ କହେ, "ହେ ମୋହର ପ୍ରାଣ କେବଳ ପରମେଶ୍ୱରଙ୍କ ଅପେକ୍ଷା କର, କାରଣ ତାହାଙ୍କଠାରୁ ମୋହର ପ୍ରତ୍ୟାଶା ଜନ୍ମେ ।" ଗୀତ. ୪୬:୧୦ କହେ, "କ୍ଷାନ୍ତ ହୁଅ, ଆମ୍ଭେ ପରମେଶ୍ୱର ଅଟୁ ।

ଆମ୍ଭେମାନେ ଈଶ୍ୱରଙ୍କ ସ୍ୱର କିପରି ଶୁଣୁ ? ଈଶ୍ୱର ତାହାଙ୍କ ବିଶ୍ୱାସୀମାନଙ୍କୁ ଦୈନନ୍ଦିନ କଥା କହିବାର ଦୁଇଟି ମାଧ୍ୟମ ମୁଖ୍ୟତଃ ବ୍ୟବହାର କରନ୍ତି : ପବିତ୍ର ଆତ୍ମା ଓ ତାହାଙ୍କ ବାକ୍ୟ । ରୋମୀ. ୧୦:୧୭ କହେ, "ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।"

ବାଇବଲ ହେଉଛି, ଈଶ୍ୱରଙ୍କଠାରୁ ପ୍ରେମପତ୍ର । ଆମ ପ୍ରତ୍ୟେକଙ୍କୁ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ତାହାଙ୍କ ବାକ୍ୟ ମାଧ୍ୟମରେ ପବିତ୍ରଆତ୍ମାଙ୍କ ଦ୍ୱାରା କଥା କହିବାକୁ ଚାହାଁନ୍ତି । ଈଶ୍ୱରଙ୍କ ସ୍ୱର ଶୁଣିବାକୁ ଏଠାରେ କେତେକ ଉପାୟ ବା ପଥମାନ ଅଛି ।

କ. ବାଇବଲର ଏକ ପୁସ୍ତକ ପଢ଼ିବାକୁ ଆରମ୍ଭ କର । ଆମ୍ଭେମାନେ ପରାମର୍ଶ ଦେଉ ଏଫିସୀୟ ପୁସ୍ତକରୁ ଆରମ୍ଭ କର ।

ଖ. ପ୍ରତ୍ୟେକ ପଦ ବା ଅନୁଚ୍ଛେଦରେ ଥିବା ଆତ୍ମିକ ସତ୍ୟମାନ ତୁମକୁ ଦେଖାଇବାକୁ ଈଶ୍ୱରଙ୍କୁ ମାଗ । ଉଦାହରଣ ସ୍ୱରୂପ ଏଫିସୀ ୧:୧ କହେ, "ପାଉଲ, ଈଶ୍ୱରଙ୍କ ଇଚ୍ଛାରେ ଖ୍ରୀଷ୍ଟ ଯୀଶୁଙ୍କ ଜଣେ ପ୍ରେରିତ । ଏଫିସୀରେ ଥିବା ସାଧୁ ଓ ଖ୍ରୀଷ୍ଟଯୀଶୁଙ୍କଠାରେ ଥିବା ବିଶ୍ୱାସୀମାନଙ୍କ ନିକଟକୁ ଲେଖୁଅଛି ।" ଚାରୋଟି ଆତ୍ମିକ ସତ୍ୟ ହେଉଛି :

୧. ପାଉଲ ଜଣେ ବିଶ୍ୱାସୀ ଓ ଯୀଶୁଖ୍ରୀଷ୍ଟଙ୍କର ଜଣେ ପ୍ରେରିତ ଅଟନ୍ତି ।

୨. ସେ ଜଣେ ପ୍ରେରିତ ଥିଲେ । ଈଶ୍ୱରଙ୍କ ଇଚ୍ଛା ଦ୍ୱାରା ମନୋନୀତ ।

୩. "ସାଧୁମାନେ" ଶବ୍ଦ ଏଫିସୀରେ ଥିବା ଖ୍ରୀଷ୍ଟିୟାନମାନଙ୍କୁ ବୁଝାଏ ।

୪. ଏହି ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟ ଯୀଶୁଙ୍କ ପ୍ରତି ବିଶ୍ୱସ୍ତ ଥିଲେ ।

ଗ. ପ୍ରତ୍ୟେକ ଆତ୍ମିକ ସତ୍ୟକୁ ବ୍ୟକ୍ତିଗତ ରୂପେ ସଜାଡ଼ । ଏହି ସତ୍ୟଗୁଡ଼ିକ ମାଧ୍ୟମରେ ଈଶ୍ୱର ପାଠକମାନଙ୍କୁ କଥା କହୁଛନ୍ତି । ଉଦାହରଣ ସ୍ୱରୂପ, ଈଶ୍ୱର ମୋତେ ଏଫିସୀ ୧:୧ରେ ଚାରୋଟି ସତ୍ୟ କହୁଛନ୍ତି :

୧. ଥୋମାସ୍ ୱେଡ୍, ତୁମେ ମୋର ଇଚ୍ଛା ଖ୍ରୀଷ୍ଟଯୀଶୁଙ୍କର ଜଣେ ଶିଷ୍ୟ ଅଟ ।

୨. ଥୋମାସ୍ ୱେଡ୍, ମୋ' ଇଚ୍ଛାରେ ମୁଁ ତୁମକୁ ମନୋନୀତ କଲି ।

୩. ଥୋମାସ୍ ୱେଡ୍, ତୁମେ ଏକ ସାଧୁ, ଯେଉଁଠାରେ ବେଲୋ ହୋରାଇଯେଣ୍ଟ୍, ବ୍ରାଜିଲ୍‌ରେ ତୁମେ ବାସ କରୁଅଛ ।

୪. ଥୋମାସ୍ ୱେଡ୍, ମୁଁ ଚାହେଁ, ତୁମେ ଖ୍ରୀଷ୍ଟ ଯୀଶୁଙ୍କ ପ୍ରତି ବିଶ୍ୱସ୍ତ ହେବ ।

## ୫. ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ପ୍ରତି ଫେରାଇ ପ୍ରାର୍ଥନା କର

ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାବେଳେ ବାଇବଲ ପଦ ବ୍ୟବହାର କର । ଏହି ନିର୍ଦ୍ଦିଷ୍ଟ ପଦ ଏଫିସୀୟ ପତ୍ରରୁ ବ୍ୟବହାର କରି ତୁମେ କହିପାର, "ପ୍ରିୟ ପିତା, ମୋର ଈଶ୍ୱର, ମୁଁ ତୁମକୁ ଧନ୍ୟବାଦ ଦିଏ କାରଣ ପ୍ରଭୁ, ତୁମେ ମୋତେ ଯୀଶୁଖ୍ରୀଷ୍ଟଙ୍କ ଏକ ଶିଷ୍ୟ ହେବାକୁ ଆହ୍ୱାନ କଲ । ମୁଁ ତୁମକୁ ଧନ୍ୟବାଦ ଦିଏ ପ୍ରଭୁ, କାରଣ ମୁଁ ତୁମର ଜରେ ସାଧୁ । ମୁଁ ତୁମ ଦ୍ୱାରା ପୃଥକୀକୃତ ଏକ ବ୍ୟକ୍ତି ଅଟେ । ମୋର ପିତା, ମୋର ଇଚ୍ଛା ଖ୍ରୀଷ୍ଟଙ୍କ ପ୍ରତି ବିଶ୍ୱସ୍ତ ବ୍ୟକ୍ତି ହେବାକୁ । ଯୀଶୁଙ୍କ ନାମରେ ମୁଁ ପ୍ରାର୍ଥନା କରେ, ଆମେନ୍ ।

ପ୍ରଥମ ପଦ ସହିତ ଏହି ପଦକ୍ଷେପ ମଧ୍ୟଦେଇ ଗତି କରିବା ପରେ ଦ୍ୱିତୀୟ ପଦକୁ ଅଗ୍ରସର ହେଉ ଏବଂ ପାଠ୍ୟାଂଶ ମାଧ୍ୟମରେ ସମସ୍ତ ଗତିପଥରେ ଚାଲୁଥିବାକୁ ହେବ ।

## ୬. ନିବେଦନ ପ୍ରାର୍ଥନା ବା ମଧ୍ୟସ୍ଥି ପ୍ରାର୍ଥନା

ବାଇବଲ ଏଫିସୀ ୬:୧୮ରେ କହେ, "ସର୍ବପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର, ପୁଣି ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କର ।"

ନିବେଦନ ହେଉଛି ଅନ୍ୟ ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା । ଅଧିକାଂଶ ଲୋକଙ୍କ ବାଇବଲର ଶେଷ ଭାଗରେ ଏକ ଶୂନ୍ୟ କାଗଜ (କିଛି ଲେଖାଥିବା କାଗଜ) ଥାଏ । ଏହି ପୃଷ୍ଠାରେ ଗାର ଟାଣି ଆଠଟି ଭାଗ କର କିଅବା ଏକ ପୃଥକ୍ ଟିପାଖାତାରେ ଯେଉଁମାନଙ୍କ ପାଇଁ ତୁମେ ପ୍ରାର୍ଥନା କରିବାକୁ ଇଚ୍ଛା କର, ସେମାନଙ୍କ ନାମ ଓ ପ୍ରାର୍ଥନା ବିଷୟର ଏକ ତାଲିକା ପ୍ରସ୍ତୁତ କର ।

ଉଦାହରଣ ସ୍ୱରୂପ, ପୃଷ୍ଠାର ଉପର ଭାଗରେ "ଦୈନିକ" ଶବ୍ଦ ଲେଖ । ତାହାପରେ ଲେଖି ଚାଲ ତୁମର ସହଧର୍ମିଣୀ, ସନ୍ତାନ, ପିତାମାତା, ଭ୍ରାତାଗଣଙ୍କ ନାମସବୁ । ଏହି ଲୋକମାନେ ତୁମର ସବୁଠାରୁ ଘନିଷ୍ଠ ଅଟନ୍ତି ।

ପରବର୍ତ୍ତୀ ପୃଷ୍ଠା ବା ରେଖାଙ୍କିତ ସ୍ଥାନ ଉପରେ ଲେଖ **"ରବିବାର"** । ଏହି ଶବ୍ଦର ନିମ୍ନରେ ଏହି ସପ୍ତାହର ଏହି ନିର୍ଦ୍ଦିଷ୍ଟ ଦିନରେ ତୁମେ ଯେଉଁମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଇଚ୍ଛା କର, ସେମାନଙ୍କ ତାଲିକା ପ୍ରସ୍ତୁତ କର । ଏହି ଦିନରେ ତୁମେ ପାଳକ ଓ ତାଙ୍କ ସ୍ତ୍ରୀ, ତୁମର ସଣ୍ଡେସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ ତୁମ ଶ୍ରେଣୀର ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କର ।

ଏହିପରି କରିବାରେ ଅଗ୍ରସର ହୁଅ । ପରବର୍ତ୍ତୀ ପୃଷ୍ଠା ବା ରେଖାଙ୍କିତ ସ୍ଥାନରେ ପ୍ରଥମରେ ଲେଖ **"ସୋମବାର"** ଶବ୍ଦ । ଯାହା ତଳେ ଏହି ପୃଷ୍ଠାରେ ତୁମେ ତୁମର ପରିବାରର ସଭ୍ୟମାନଙ୍କ ନାମ ଓ ବନ୍ଧୁମାନଙ୍କ ନାମ ତାଲିକାଭୁକ୍ତ କରିପାରିବ ।

ପରବର୍ତ୍ତୀ ପୃଷ୍ଠା ବା ରେଖାଙ୍କିତ ଧାଡ଼ିରେ ସର୍ବୋପରି ଶବ୍ଦ ହେବ **"ମଙ୍ଗଳବାର"** । ଏହି ଦିବସରେ, ଯେଉଁମାନଙ୍କୁ ତୁମେ ଜାଣ ଯେ ସେମାନେ ହଜିଯାଇଛନ୍ତି ସେମାନଙ୍କ ପାଇଁ ପ୍ରାର୍ଥନା କର । ତୁମେ ଅବିଶ୍ୱାସୀମାନଙ୍କ ପାଇଁ ବାଇବଲ ଅଧ୍ୟୟନ କରିବାକୁ ଯେତେବେଳେ ଆରମ୍ଭ କରୁଛ, ବାଇବଲ ଅଧ୍ୟୟନକୁ ଆସୁଥିବା ସମସ୍ତ ହଜିଯାଇଥିବା ଲୋକମାନଙ୍କ ପାଇଁ ସାପ୍ତାହିକ ପ୍ରାର୍ଥନା ନିଶ୍ଚୟ କରିବ ଯେପରି ସେମାନଙ୍କ ପାପ ବିଷୟରେ ସେମାନଙ୍କୁ ବୋଧ ଦେବା ଓ ସତ୍ୟ ସେମାନଙ୍କ ନିକଟରେ ପ୍ରକାଶ କରିବାକୁ ପବିତ୍ରଆତ୍ମା ସେମାନଙ୍କ ହୃଦୟମାନଙ୍କରେ କାର୍ଯ୍ୟ କରୁଥିବେ ।

ପରବର୍ତ୍ତୀ ପୃଷ୍ଠା ବା ରେଖାଙ୍କିତ ସ୍ଥାନରେ ସର୍ବୋପରି ଶବ୍ଦ ହେବ **"ବୁଧବାର"** । ଏହି ଶବ୍ଦର ନିମ୍ନରେ ମିଶନାରୀମାନଙ୍କ ନାମ, ତୁମ ମଣ୍ଡଳୀମାନଙ୍କ ସମ୍ମିଳନର ନେତାମାନଙ୍କ ନାମ, ତୁମ ମଣ୍ଡଳୀର ବା ଅନ୍ୟ ମଣ୍ଡଳୀର ନେତାମାନଙ୍କ ନାମ ଯେଉଁମାନଙ୍କ ସକାଶେ ତୁମେ ପ୍ରାର୍ଥନା କରିବାକୁ ଇଚ୍ଛା କର, ସେମାନଙ୍କ ନାମସବୁ ଲେଖ ।

ପରବର୍ତ୍ତୀ ପୃଷ୍ଠା ବା ରେଖାଙ୍କିତ ସ୍ଥାନରେ **"ଗୁରୁବାର"** ପୃଷ୍ଠା ଉପରେ ଲେଖ । ଏହି ପୃଷ୍ଠାରେ ତୁମ ଦେଶର ନେତାମାନଙ୍କ ନାମସବୁ ଲେଖ । ପ୍ରଥମେ ତୀମଥି ୧:୧,୨ "ଆମ୍ଭେମାନେ ଯେପରି ସର୍ବୋତୋଭାବେ ଈଶ୍ୱର ପରାୟଣତା ଓ ଭଦ୍ରତା ସହ ଶାନ୍ତି ଓ

ନିର୍ବିଘ୍ନତାରେ ଜୀବନଯାପନ କରିପାରୁ, ଏଥିନିମନ୍ତେ ସର୍ବସାଧାରଣ ଲୋକଙ୍କ ପାଇଁ, ରାଜା ଓ ଶାସନକର୍ତ୍ତା ସମସ୍ତଙ୍କ ପାଇଁ ନିବେଦନ, ପ୍ରାର୍ଥନା, ବିନତି ଓ ଧନ୍ୟବାଦ ଉତ୍ସର୍ଗ କରିବା ନିମନ୍ତେ ମୁଁ ସର୍ବପ୍ରଥମେ ଅନୁରୋଧ କରୁଅଛି ।"

ପରବର୍ତ୍ତୀ ପୃଷ୍ଠା ବା ରେଖାଙ୍କିତ ସ୍ଥାନରେ **"ଶୁକ୍ରବାର"** ଶବ୍ଦ ଲେଖ । ଏହି ପୃଷ୍ଠାରେ ଲେଖ ସେମାନଙ୍କର ନାମ, ଯେଉଁମାନଙ୍କୁ ତୁମେ ଜାଣ ଯେ ସେମାନେ ମଣ୍ଡଳୀରୁ ବାହାରି ପତିତ ହୋଇଅଛନ୍ତି ବା ସମ୍ଭବତଃ ହଜିଯାଇଛନ୍ତି । ଏହି ତାଲିକାରେ ବନ୍ଧୁମାନଙ୍କର ନାମ, ସହ-ମଣ୍ଡଳୀ ସଭ୍ୟମାନଙ୍କ ନାମ ଏବଂ ଯେଉଁ ବିଶେଷ ପ୍ରାଜେକ୍ଟ କାର୍ଯ୍ୟ ମଧ୍ୟରେ ତୁମେ ନିୟୋଜିତ ହୋଇଅଛ ସେସବୁ ତାଲିକାଭୁକ୍ତ କର ।

ପରବର୍ତ୍ତୀ ପୃଷ୍ଠା ବା ସ୍ଥାନର ଉପରେ ରହିବ **"ଶନିବାର"** ଶବ୍ଦ । ଏଥିରେ ନିମ୍ନରେ ସମସ୍ତ ଦଳର ସଭ୍ୟମାନଙ୍କ ନାମ ଲେଖି ରଖ । ସମସ୍ତ ଦଳର ସଭ୍ୟମାନଙ୍କ ପାଖେ ମଧ୍ୟ ଅନ୍ୟ ଦଳର ସଭ୍ୟମାନଙ୍କର ନାମ ତାଲିକା ଥିବା ଉଚିତ ।

ଯଦି ପ୍ରାରମ୍ଭକାରୀ ଏହା କରନ୍ତି, ତେବେ ସେ ପ୍ରତ୍ୟେକ ସପ୍ତାହର ପ୍ରତ୍ୟେକ ଦିନ ଅନେକ ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା କରିପାରିବେ । କେତେକ ଲୋକ ବିଶ୍ୱାସ କରନ୍ତି ଯେ, ରୋମୀ. ୧୬ ଅଧ୍ୟାୟ ରୋମ୍‌ରେ ଥିବା ଖ୍ରୀଷ୍ଟିୟାନମାନଙ୍କ ପାଇଁ ପାଉଲଙ୍କ ପ୍ରାର୍ଥନା ତାଲିକା ଅଟେ ।

**୭. ଧ୍ୟାନ ଓ ଶାସ୍ତ୍ରାଂଶ ମୁଖସ୍ଥ**

ବାଇବଲ, ଯିହୋଶୂୟ ୧:୮ରେ କହେ, ଏହି ବ୍ୟବସ୍ଥା ପୁସ୍ତକ ତୁମ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର; ତାହା କଲେ ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ ।

ଏହି ପଦ କହେ ଯେ, ଦିବାରାତ୍ର ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବାର ଫଳ ଏକ ରୂପାନ୍ତରିତ ଜୀବନ ହେବ । ରୋମୀ ୮:୨୯ କହେ ଯେ, ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି ପ୍ରାରମ୍ଭକାରୀଙ୍କୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତୀର ଅନୁରୂପରେ ପରିଣତ କରିବା । ଏହା ଫଳ ହେଉଛି ଏକ ସମୃଦ୍ଧିଶାଳୀ ଗମନ ଓ ସଫଳୀକୃତ ଜୀବନ । ପ୍ରଶ୍ନ ହେଉଛି, "ଦିବରାତ୍ର ଈଶ୍ୱରଙ୍କ ବାକ୍ୟ ଉପରେ ଆମ୍ଭେମାନେ କିପରି ଧ୍ୟାନ କରିବା ? ଆମ୍ଭେମାନେ ନିଦ୍ରିତ ଥିବାବେଳେ କିପରି ଈଶ୍ୱରଙ୍କ ବାକ୍ୟ ଉପରେ ଧ୍ୟାନ କରିବା ?"

କ. ପ୍ରତ୍ୟେକ ସପ୍ତାହ ବାଇବଲରେ ଏକ ପଦ ମନୋନୀତ କର ।

ଖ. ପଦଟି ପୂର୍ବାପର ସମ୍ପର୍କ ସହ ପାଠ କର ।

ଗ. ଏହି ପଦର ଆତ୍ମିକ ସତ୍ୟ ଦେଖାଇବାକୁ ଈଶ୍ୱରଙ୍କୁ ମାଗ ।

ଘ. ଏକ ପ୍ରାର୍ଥନାରେ ଏହି ପଦକୁ ବ୍ୟକ୍ତିଗତରେ ପରିଣତ କର ।

ଙ. ଏହି ପଦ ତାହାର ପର୍ବ ସହ ଏକ କାର୍ଡ଼ରେ ଲେଖି ରଖ ।

ଚ. ଦିନବେଳେ ଏହି ପଦଟି ବିଭିନ୍ନ ସମୟରେ ପଢ଼ । ତୁମେ ଏକ ଧାଡ଼ିରେ ଠିଆ ହୋଇଥିବା ସମୟରେ କିଅବା ନୀରବ ଧ୍ୟାନ ସମୟରେ ଏହା କର । କିନ୍ତୁ ଅନ୍ତତଃ ତୁମର ଏହି ପଦ ଲେଖା କାର୍ଡ଼ଟି ଦିନରେ ପାଞ୍ଚ ଥର କାଢ଼ି ପାଠ କରିବାକୁ ସ୍ମରଣ କର ।

ଛ. ଶେଷ ବିଷୟ ପ୍ରତ୍ୟେକ ରାତ୍ରରେ ଏହି ପଦ ପାଠ କର । ଏହି ପଦଟି ତୁମେ ଅବଚେତନ ମନରେ ଦୃଢ଼ ଭାବରେ ପୋତିବା ବା ସ୍ଥାପନ କରିବାକୁ ଏପରି କରାଯାଇଛି ।

୮. **ଅନୁନୟ ପ୍ରାର୍ଥନା**

ବାଇବଲ ଏବ୍ରୀ ୪:୧୬ରେ କହେ, "ଅତଏବ ଆସ କୃପାପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଉ ।"

## ୪. <u>ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଓ ପରିତ୍ରାଣ</u>

ତୁମର ବିଶ୍ୱାସମାନ ସର୍ବଦା ତୁମର କାର୍ଯ୍ୟକଳାପଗୁଡ଼ିକୁ ଅଗ୍ରସର କରାଏ । ମାଥିଉ ୧୨:୩୪ କହେ, "କାରଣ ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ ।" ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ମୌଳିକ ନୂତନ ନିୟମ ତତ୍ତ୍ୱ ଜ୍ଞାତ ହେବା ଉଚିତ । ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ, ବାଇବଲ, ପରିତ୍ରାଣ, ସେବାକାର୍ଯ୍ୟ ଓ ମଣ୍ଡଳୀ ବିଷୟରେ ଯାହା ବିଶ୍ୱାସ କରନ୍ତି ତାହା ତାଙ୍କର ସେବାକାର୍ଯ୍ୟର ସଫଳତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ପରିତ୍ରାଣ ବିଷୟରେ ତାଙ୍କ ବିଶ୍ୱାସ ତାଙ୍କ ଉପଦେଶରେ ପ୍ରତିଫଳିତ ହୁଏ । ଅନେକ ଖ୍ରୀଷ୍ଟିୟାନ ବାଇବଲ ବିଷୟକ ସବୁଠାରୁ ମୂଳ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ଜାଣନ୍ତି ନାହିଁ ।

୧. **ସୁସମାଚାର କ'ଣ ?** (ପେନ୍‌ସିଲ୍‌ରେ ଏହାର ବାଇବଲ ଅନୁଯାୟୀ ଅର୍ଥ ତୁମେ ଯାହା ବୁଝିଛ ଲେଖ) । ଏହାର ବା ସୁସମାଚାରର ଅର୍ଥ ବାଇବଲରେ କେବଳ ପାଇବାକୁ <u>୧ କରିନ୍ଥୀ ୧୫:୧-୪</u> ପାଠ କର ।

________________________________________

________________________________________

୨. **ଅନନ୍ତ ଜୀବନ କ'ଣ ?** (ବାଇବଲ ସଂଜ୍ଞା ଉପରେ ନିର୍ଭର କରି ତୁମର ଉତ୍ତର ପେନ୍‌ସିଲ୍‌ରେ ଲେଖ) । ବାଇବଲରେ ଅନନ୍ତ ଜୀବନର ସଂଜ୍ଞା ବା ଅର୍ଥ କେବଳ ପାଇବାକୁ <u>ଯୋହନ ୧୭:୩</u> ପାଠ କର ।

___

___

___

ଏହା ଅତି ଗୁରୁତ୍ୱପୂର୍ଣ୍ଣ ଯେ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ସ୍ପଷ୍ଟ ଭାବରେ ବୁଝିଛନ୍ତି, ନୂତନ ନିୟମ ଅନୁସାରେ ପରିତ୍ରାଣ କହିଲେ କ'ଣ । ଯେହେତୁ ନୂତନ ନିୟମ ମଣ୍ଡଳୀ ପରିତ୍ରାଣପ୍ରାପ୍ତ ଲୋକମାନଙ୍କୁ ନେଇ ଗଠିତ; ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକଙ୍କ ପରିତ୍ରାଣ ବିଷୟକ ତତ୍ତ୍ୱ ଜ୍ଞାନ ତାଙ୍କ କାର୍ଯ୍ୟ ନିମନ୍ତେ ଏକ ମୌଳିକ ବିଷୟ ।

ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକଙ୍କର କୌଣସି କାର୍ଯ୍ୟ ନାହିଁ, ଯେପର୍ଯ୍ୟନ୍ତ ସେ ବିଶ୍ୱାସ ନ କରିଛନ୍ତି ଯେ, ଖ୍ରୀଷ୍ଟଙ୍କ ବ୍ୟତୀତ ଲୋକମାନେ ଅନନ୍ତକାଳ ନିମନ୍ତେ ବିନଷ୍ଟ ଓ ନରକରେ ସେମାନଙ୍କ ଅବଶିଷ୍ଟ ସମୟ କ୍ଷେପଣ କରିବେ । **ତୁମେ କ'ଣ ବାସ୍ତବରେ ତାହା ବିଶ୍ୱାସ କର ?** ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଆହୁରି ମଧ୍ୟ ବୁଝିବା ଉଚିତ ଯେ ଖ୍ରୀଷ୍ଟ ବିହୀନ ବ୍ୟକ୍ତି ଜଣେ ଈଶ୍ୱରଙ୍କଠାରୁ ପୃଥକୀକୃତ ଏବଂ ସେମାନଙ୍କ ଜୀବନ ଚିନ୍ତାଗ୍ରସ୍ତ ଓ ଏକାକୀ ଅନୁଭବ, ଭୟ, ଦୋଷୀ ମନରେ ପରିପୂର୍ଣ୍ଣ ଏବଂ ତାହାର ପ୍ରାଣର ଗଭୀରତମ ପ୍ରଦେଶରେ ଏକ ମହାଶୂନ୍ୟତା ଥାଏ ।

ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶେଷ ବିଚାରତତ୍ତ୍ୱ । କେତେକ ସଂସ୍କୃତି ଅଛି, ଯେଉଁମାନେ ଭୂତ ପ୍ରେତାତ୍ମାପୂଜା ଅଭ୍ୟାସ କରନ୍ତି ଓ ସେମାନଙ୍କଠାରେ ଜନ୍ମାନ୍ତରବାଦର ବିଶ୍ୱାସ ଅତି ବଳିଷ୍ଠ । ଯୀଶୁ ଆମ୍ଭମାନଙ୍କୁ ପୁନରୁତ୍ଥାନ ଶିକ୍ଷା ଦେଲେ ମାତ୍ର ଜନ୍ମାନ୍ତର ବା ପୁନଃଅବତାର ଗ୍ରହଣ ନୁହେଁ । ଏବ୍ରୀ ୯:୨୭ରେ ଏହା କହେ, "ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ, ଆଉ ତାହାପରେ ବିଚାର ନିରୂପିତ ଅଛି ।"

ଲୂକ ୧୯:୧୦ କହେ ଯେ ଯୀଶୁ ଆସିଲେ "ଯାହା ହଜିଅଛି, ତାହା ଖୋଜି ରକ୍ଷା କରବାକୁ" । ଏହା ମଧ୍ୟ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକଙ୍କ କାର୍ଯ୍ୟ ଦାୟିତ୍ୱ ଅଟେ । ଲୋକମାନେ ଯଦି ଯୀଶୁଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟ ଉପରେ ସେମାନଙ୍କ ପରିତ୍ରାଣ (ମୁକ୍ତି) ପାଇଁ ନିର୍ଭର କରନ୍ତି, ସେମାନେ ହଜି ଯାଇଛନ୍ତି । ଗାଲାତୀ ୨:୧୬ କହେ, "ତଥାପି ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ନ ହୋଇ କେବଳ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ବିଶ୍ୱାସ ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ ଏହା ଜାଣି ଆମ୍ଭେମାନେ ମଧ୍ୟ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଅଛୁ, ଯେପରି ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା ଧାର୍ମିକ ଗଣିତ ନ ହୋଇ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେଉ, କାରଣ ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା କୌଣସି ମନୁଷ୍ୟ ଧାର୍ମିକ ଗଣିତ ହେବ ନାହିଁ ।"

ଯେପରି ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକଙ୍କର ପାଇଁ ସଚେତନ ହେବା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ହଜିଯାଇଥିବା ଲୋକମାନେ ପରିତ୍ରାଣପ୍ରାପ୍ତ ନୁହଁନ୍ତି, ସେହିପରି ହଜିଯାଇଥିବା ବ୍ୟକ୍ତି ନିଜେ ହଜିଯାଇଛି ବୋଲି ଦେଖିବା ଉଚିତ । ଆମ୍ଭେମାନେ ଶିଷ୍ୟ ବନାଇବା ଉଚିତ, ଯାହା ପରିବର୍ତ୍ତେ ଆମେ କେବଳ "ଖ୍ରୀଷ୍ଟଙ୍କ ପାଇଁ ସିଦ୍ଧାନ୍ତ" ନେବା ଦେଖିବାକୁ ଇଚ୍ଛା କରିପାରିବା ନାହିଁ । ଆମ୍ଭେମାନେ ନୂତନ ବିଶ୍ୱାସୀମାନଙ୍କୁ ମଣ୍ଡଳୀର କାର୍ଯ୍ୟ ମଧ୍ୟକୁ ପ୍ରବେଶ କରାଇବାକୁ, ସ୍ଥାନୀୟ ନେତାମାନଙ୍କୁ ତାଲିମ ଦେବାକୁ ଓ ପବିତ୍ରଆତ୍ମାଙ୍କର ନେତୃତ୍ୱାଧୀନରେ ସ୍ଥାନୀୟ ମଣ୍ଡଳୀକୁ ଆତ୍ମନିର୍ଭରଶୀଳ, ସ୍ୱଶାସିତ ଓ ଆତ୍ମଘୋଷିତ ହେବାକୁ ସଂଗଠିତ କରିବାକୁ ହେବ ।

ସେଥିପାଇଁ ଜଣେ ବ୍ୟକ୍ତି ପରିତ୍ରାଣ ପାଇବାକୁ ତାହାକୁ କ'ଣ କରିବାକୁ ହେବ ତାହା ସ୍ପଷ୍ଟଭାବେ ଜାଣିବା ଅତିଶୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଏକ ବ୍ୟକ୍ତି ଏକ ପରିତ୍ରାଣପ୍ରାପ୍ତ ନୁହେଁ ଯେପର୍ଯ୍ୟନ୍ତ ତାହାର ପାପରୁ ଫେରି ମନଫେରଣ ବା ଅନୁତାପ ନ କରିଛି ଓ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ଓ ଏକମାତ୍ର ତ୍ରାଣକର୍ତ୍ତା ରୂପେ ତାହାର ସମସ୍ତ ବିଶ୍ୱାସ ତାହାଙ୍କଠାରେ ସ୍ଥାପନ ନ କରିଛି । ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ତାଙ୍କର ସକ୍ଷମତା ଅନୁସାରେ ସମସ୍ତ ବିଷୟ କରିବା ଉଚିତ । ଏହା ନିଶ୍ଚୟ ହେବାକୁ ଯେ, ଆଗ୍ରହୀ ଲୋକମାନେ ସେମାନଙ୍କର ହଜିଯାଇଥିବା ଅବସ୍ଥା ଏବଂ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ପାଇଁ ସେମାନଙ୍କର କ'ଣ କରିବା ଉଚିତ ଏହି ଉଭୟ ବିଷୟ ବୁଝିପାରିଛନ୍ତି ।

**ପ୍ରଥମ - ସେ ତାହାର ପାପସମୂହରୁ ମନଫେରଣ ବା ଅନୁତାପ କରିବା ଉଚିତ ।**

<u>ମାର୍କ ୧:୧୫</u> ମନଫେରଣ କହିଲେ, କଅଣ ? ମନଫେରଣ ବା ଅନୁତାପ କରିବା ଶବ୍ଦର ଅର୍ଥ, ତୁମର ଜୀବନକୁ ଯୀଶୁଖ୍ରୀଷ୍ଟଙ୍କ ଚାଳନାରେ ସଂପୂର୍ଣ୍ଣ ଘୁରାଇ ଦେବା ଓ ତୁମ ମନ (ଭାବଧାରାମାନ) ପରିବର୍ତ୍ତିତ କରିବା । ଜଣକ ମନ ପରିବର୍ତ୍ତିତ କରିବା, ଜଣକର ପାପରୁ ଫେରି ଯୀଶୁଙ୍କ ଆଡ଼େ ମୁଖ କରିବା ବୁଝାଏ ଯେ ବ୍ୟକ୍ତିଟି ତାହାର ନିଜ ଜୀବନ ଓ ଇଚ୍ଛାସବୁକୁ ଆୟତାଧୀନ କରି ଯୀଶୁଙ୍କ ନିକଟରେ ତାହାଙ୍କ ଆୟତ୍ତରେ ସମର୍ପଣ କରିବାକୁ ଇଚ୍ଛା କରେ ବୋଲି ଉପଲବ୍ଧି କରେ । ଏହା ବୁଝାଏ, ଗୋଟିଏ ଜୀବନକୁ ଯୀଶୁଖ୍ରୀଷ୍ଟଙ୍କ ନିକଟରେ ସମର୍ପି ଦେବା । ମନଫେରଣ, ତୁମ ପାପସବୁକୁ (ଏକ ସ୍ୱଆୟତ୍ତାଧୀନ ଜୀବନ) ପରିତ୍ୟାଗ କରିବା ଓ ତୁମ ଜୀବନକୁ ତୁମ ପ୍ରଭୁ ଓ କର୍ତ୍ତାରୂପେ ଯୀଶୁଙ୍କଠାରେ ପ୍ରଦାନ କରିବା ଅଟେ । ସମାନ ପ୍ରକାରର ସମର୍ପଣ ରୋମୀ. ୧୦:୯ରେ ଆବଶ୍ୟକ ଯେତେବେଳେ ଯୀଶୁଙ୍କୁ ପ୍ରଭୁ ରୂପେ ଜଣକୁ ସ୍ୱୀକାର କରିବାକୁ ହୁଏ, ସ୍ୱଆୟତ୍ତ ଜୀବନରୁ ଫେରି ଯୀଶୁଙ୍କୁ ପ୍ରଭୁ ରୂପେ ସ୍ଥାନ ଦେବା ଦ୍ୱାରା ।

**ମନଫେରଣ (ଅନୁତାପ) କଅଣ ?**

________________________________________

________________________________________

________________________________________

________________________________________

**ଦ୍ୱିତୀୟ - ସେ ଯୀଶୁଙ୍କୁ ତାଙ୍କର ଏକମାତ୍ର ପ୍ରଭୁ, ତ୍ରାଣକର୍ତ୍ତା ଓ ମଧ୍ୟସ୍ଥ ରୂପେ ତାଙ୍କର ବିଶ୍ୱାସ ତାହାଙ୍କ ଉପରେ ସ୍ଥାପନ କରିବା ଉଚିତ ।** "ବିଶ୍ୱାସ କରିବା" ଶବ୍ଦ ରୋମୀ. ୧୦:୯ରେ ହେଉଛି ଜଣେ ମନରେ ଯୀଶୁଖ୍ରୀଷ୍ଟଙ୍କ ବିଷୟକ ସତ୍ୟ ଜାଣିବାଠାରୁ ଅଧିକ । ବାଇବଲ କହେ, ଯାକୁବ ୨:୧୯ରେ ଯେ, ଏପରି ଭୂତମାନେ ସୁଦ୍ଧା ଯୀଶୁଙ୍କ ବିଷୟକ ସତ୍ୟମାନ ବିଶ୍ୱାସ କରନ୍ତି ।

"ବିଶ୍ୱାସ" ବା "ବିଶ୍ୱାସ କରିବା" ଶବ୍ଦ ଗ୍ରୀକ୍ ଭାଷାରେ ହେଉଛି "ପିସ୍ଟିସ୍" । ଏହାର ଅର୍ଥ ହେଉଛି ଯେ, ଖ୍ରୀଷ୍ଟଙ୍କ ସହିତ ଏକ ହେବା ପାଇଁ ଜଣେ ତାଙ୍କ ଜୀବନ ଖ୍ରୀଷ୍ଟଙ୍କୁ ଦାନ କରିବା ଉଚିତ । ଏଥିରୁ ଯାହା କିଛି ଊଣା, ତାହା ପ୍ରକୃତ ବିଶ୍ୱାସ ନୁହେଁ । ଏକ ମୁଖ୍ୟ ସମସ୍ୟା ହେଉଛି ଯେ ଅନେକ ଲୋକମାନେ ଯୀଶୁଙ୍କ ବିଷୟକ ଐତିହାସିକ ସତ୍ୟ ସେମାନଙ୍କ ମନରେ ବିଶ୍ୱାସ କରନ୍ତି । ଆମ୍ଭମାନଙ୍କ କାର୍ଯ୍ୟ ହେଉଛି ଲୋକମାନଙ୍କୁ ଐତିହାସିକ ସତ୍ୟ ଓ ପ୍ରକୃତ ବିଶ୍ୱାସ ମଧ୍ୟରେ ପ୍ରଭେଦ ଦେଖାଇବା । ଏକ ବିଶ୍ୱାସ ଯାହା ତ୍ରାଣ ବା ଉଦ୍ଧାର କରେ ଓ ଯାହା କି ମିଥ୍ୟା ।

**ବିଶ୍ୱାସ କ'ଣ ?**

___________________________________________

___________________________________________

___________________________________________

ଏକ ପ୍ରକୃତ ବିଶ୍ୱାସ ଯାହା ଉଦ୍ଧାର ବା ପରିତ୍ରାଣ କରେ, ଏହାର ବିଶ୍ୱାସ ବା ଭରସା କୌଣସି ଆନୁଷଙ୍ଗିକ ବିଷୟରେ ପରିତ୍ରାଣ ପାଇଁ ସ୍ଥାପନ କରେ ନାହିଁ । ଉଦାହରଣ ସ୍ୱରୂପ, ଏକ ବ୍ୟକ୍ତି ତାହାର ଉତ୍ତମ କର୍ମସବୁ, ଉତ୍ତମ ଜୀବନ, କୁମାରୀ ମରିୟମ, ଦୂତଗଣ, ସାଧୁଗଣଙ୍କଠାରେ ବିଶ୍ୱାସ କରି ବା ବନ୍ଦ କରି ତାହାର ସଂପୂର୍ଣ୍ଣ ବିଶ୍ୱାସ ଯୀଶୁଖ୍ରୀଷ୍ଟଙ୍କଠାରେ ସ୍ଥାପନ କରିବ, ତାହାର ଏକମାତ୍ର ମଧ୍ୟସ୍ଥ, ତ୍ରାଣକର୍ତ୍ତା ଓ ପ୍ରଭୁ ରୂପେ । ଚାର୍ଲସ୍ ବ୍ରୋକ୍ ତାଙ୍କର "ସ୍ୱଦେଶୀ ମଣ୍ଡଳୀ ରୋପଣ କରିବା" ପୁସ୍ତକରେ କହନ୍ତି, ପରିତ୍ରାଣର ସଂଜ୍ଞା ଯାହା ପାପର ବିଷୟମାନ ଓ ମନଫେରଣ ଏବଂ ବିଶ୍ୱାସର ଯଥାର୍ଥଭାବେ ଚିକିତ୍ସା କରେ ନାହିଁ, ତାହା ଏକ ଧାର୍ମିକ ବଳ ଉତ୍ପନ୍ନ କରିବ ମାତ୍ର ଏକ ମଣ୍ଡଳୀ ଉତ୍ପନ୍ନ କରିବ ନାହିଁ ।"

ପ୍ରତ୍ୟେକ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ପବିତ୍ରଆତ୍ମାଙ୍କ ଚାଳନାର ଅନୁଗାମୀ ହେବା ଉଚିତ, କାରଣ ସେ ଏକମାତ୍ର ବ୍ୟକ୍ତି ଯେ କି ହଜିଯାଇଥିବା ବ୍ୟକ୍ତିର ପାପସବୁର ବୋଧ ଦେବେ । ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ପବିତ୍ରଆତ୍ମାଙ୍କ ଶକ୍ତିରେ ପ୍ରକୃତ ଖ୍ରୀଷ୍ଟଙ୍କ ପୂର୍ଣ୍ଣ ସୁସମାଚାର କହିବା ଉଚିତ, ଯେପରି ପବିତ୍ରଆତ୍ମା ଲୋକମାନଙ୍କ ହୃଦୟମାନଙ୍କରେ କାର୍ଯ୍ୟ କରିବେ ଓ ତାହାଙ୍କ ନିମନ୍ତେ ସ୍ଥାୟୀ ଫଳ ଉତ୍ପନ୍ନ କରିବେ ।

## ୫. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଓ ବ୍ୟକ୍ତିଗତ ସାକ୍ଷ୍ୟ

**ଏକ ସାକ୍ଷ୍ୟର ଉଦ୍ଦେଶ୍ୟ ହେଉଛି ଏକ ବ୍ୟକ୍ତିଗତ ଅନୁଭୂତି ଅନ୍ୟମାନଙ୍କ ସମ୍ମୁଖରେ କହିବା । ଅନ୍ୟ ଲୋକମାନଙ୍କ ପ୍ରତି ଘଟିଥିବା ବିଷୟରେ ଯୁକ୍ତି କରିବା ସମ୍ଭବ, କିନ୍ତୁ କୌଣସି ବ୍ୟକ୍ତି ସହିତ ଯୁକ୍ତି କରିବା କଷ୍ଟକର ସେମାନଙ୍କ ନିଜ ଅନୁଭୂତି ବିଷୟରେ । ପ୍ରେରିତ ୨୨:୧-୧୬ ଓ ପ୍ରେରିତ ୨୬:୯-୨୩ରେ ପ୍ରେରିତ ପାଉଲ ତାଙ୍କର କାହାଣୀ (ବିବରଣୀ) କହନ୍ତି, ସେ କିପରି ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ଓ ତାହାଙ୍କୁ ସେ ପାଇବା ପରେ କ'ଣ ଘଟିଲା ସେ ବିଷୟରେ ।**

**୧. ଜଣକର ସାକ୍ଷ୍ୟ କହିବାରେ ଚାଳନାରେଖା ସ୍ମରଣୀୟ**

କ. ସଂକ୍ଷିପ୍ତ ହେବ (ସର୍ବାଧିକ ସମୟ ଦୁଇମିନିଟ୍)

ଖ. ସ୍ମରଣ ରଖ, ତୁମର ଉଦ୍ଦେଶ୍ୟ, ତୁମେ ଖ୍ରୀଷ୍ଟଙ୍କୁ କିପରି ପାଇଲ ହଜିଯାଇଥିବା ଲୋକଙ୍କୁ ଦର୍ଶାଇବା । ପରେ ସୁସମାଚାର ବାଖ୍ୟା କରିବା ।

ଗ. ଏକ ଉପଦେଶ ପ୍ରଚାର କର ନାହିଁ ।

ଘ. ଏହି ସମୟରେ ପରିତ୍ରାଣର ଯୋଜନା ବାଖ୍ୟା କର ନାହିଁ ।

ଙ. ନିୟନ୍ତ୍ରଣ ଦିଅ ନାହିଁ ।

ଚ. ଅର୍ଥଶୂନ୍ୟ ଶବ୍ଦ ବ୍ୟବହାର କର ନାହିଁ । ଉଦାହରଣ ସ୍ୱରୂପ "ମୁଁ ବାପ୍ତିଜିତ ହୋଇଥିଲି" । ଜଣେ ଅବିଶ୍ୱାସୀ ଭାବିବ ଯେ ପରିତ୍ରାଣ ପାଇବାକୁ ତୁମକୁ ବାପ୍ତିଜିତ ହେବାକୁ ପଡ଼ିବ । ଏହା କହିବା ଉତ୍ତମ "ଏକ ରାତ୍ରରେ ମୁଁ ମୋର ହୃଦୟରେ ଯୀଶୁଙ୍କୁ ଗ୍ରହଣ କଲି" କିଅବା "ମୁଁ ମୋର ଏକମାତ୍ର ତ୍ରାଣକର୍ତ୍ତା ରୂପେ ଓ ପ୍ରଭୁ ରୂପେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କଲି ।"

ଛ. ଯଦି ଇଚ୍ଛା କର ବାଇବଲ ପଦ ବ୍ୟବହାର କର ।

ଜ. ତୁମର ସାକ୍ଷ୍ୟ ଲେଖି ରଖ, ଏହା ୨୫୦ ବା ୩୫୦ ଶବ୍ଦରୁ ଅଧିକ ହେବା ଉଚିତ ନୁହେଁ ।

ଝ. ଏହି ଦୁଇଟି ବାକ୍ୟ ସହ ତୁମର ସାକ୍ଷ୍ୟ ସମାପ୍ତ କର :

୧. ବର୍ତ୍ତମାନ ମୁଁ ନିଶ୍ଚୟ ଜାଣେ ଯେ ମୁଁ ଅନନ୍ତଜୀବନ ପାଇଅଛି ।

୨. ତୁମେ କିପରି ଅନନ୍ତ ଜୀବନ ପାଇପାରିବ ବାଇବଲରୁ ମୁଁ ତୁମକୁ ବୁଝାଇପାରେ କି ?

**୨. ସାକ୍ଷ୍ୟ**

ତୁମର ସାକ୍ଷ୍ୟ ଲେଖିବା ପାଇଁ ସାହାଯ୍ୟ କରିବାକୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ. ମୁଁ ଯୀଶୁଙ୍କୁ ଜାଣିବା ପୂର୍ବେ ମୋ' ଜୀବନ କିପରି ଥିଲା ? ତୁମର ମନୋବୃତ୍ତି, ଜୀବନଶୈଳୀ ଓ ପାପ ବିଷୟ କୁହ (ପ୍ରେରିତ ୨୨:୧-୫ ଓ ୨୬:୪-୧୧)

ଖ. ମୁଁ କିପରି ଉପଲବ୍ଧି କଲି ଯେ, ଯୀଶୁଙ୍କୁ ମୁଁ ଆବଶ୍ୟକ କରେ ? (ପ୍ରେରିତ ୨୨:୬-୮ ଓ ୨୬:୧୨-୧୫)

ଗ. କେଉଁଠାରେ ଓ କିପରି ମୁଁ ଖ୍ରୀଷ୍ଟଙ୍କୁ ଗ୍ରହଣ କଲି ? (ପ୍ରେରିତ ୨୨:୬-୧୦ ଓ ୨୬:୧୩-୧୮)

ଘ. ମୁଁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ସମୟରୁ ମୋର ଜୀବନ କିପରି ଭିନ୍ନ ହୋଇଯାଇଛି ? (ପ୍ରେରିତ ୨୨:୧୦-୨୧ ଓ ୨୬:୧୯-୨୩)

**ଙ. ଉପସଂହାର**

ସର୍ବଦା ଏହା କହି ସମାପ୍ତ କର, "ବର୍ତ୍ତମାନ ଅନନ୍ତ ଜୀବନର ନିଶ୍ଚୟତା ମୋର ଅଛି । ତୁମେ କିପରି ଅନନ୍ତ ଜୀବନ ପାଇପାରିବ । ମୁଁ ତୁମକୁ ତାହା ବାଇବଲରୁ ବୁଝାଇ ଦେଇପାରେ କି ?"

ତୁମେ ଯାହା କରିଅଛ, ତାହା ହେଉଛି ତୁମର ଓ ହଜିଯାଇଥିବା ବ୍ୟକ୍ତି ମଧ୍ୟରେ ତୁମେ ଏକ ବନ୍ଧ ନିର୍ମାଣ କଲ । ବର୍ତ୍ତମାନ ତୁମେ ତାହାର ବ୍ୟକ୍ତିଗତ ଜୀବନ ମଧ୍ୟକୁ ବନ୍ଧ ଅତିକ୍ରମ କରି ଯିବାକୁ ଅନୁମତି ମାଗୁଛ । ସେ ତୁମକୁ "ହଁ" ବା "ନା" କହିପାରେ । ଯଦି ସେ ସମ୍ମତ, ତେବେ ତୁମେ ତାହା ନିକଟରେ ସୁସମାଚାର ପହଞ୍ଚାଇବ । ଯଦି ସେ ନାଁ କହେ, ତେବେ ତୁମେ ତାହାକୁ ପଚାରିପାର ସେ ତାଙ୍କ ନାମ ତୁମ ବାଇବଲରେ ଲେଖିପାରିବେ କି, ଯେପରି ଏହା ପ୍ରତ୍ୟେକ ଦିନ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ସ୍ମରଣ କରାଇବ ।

## ୬. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଓ ବ୍ୟକ୍ତିଗତ ସୁସମାଚର ପ୍ରଚାର

## ଛଅଟି ପଦ, ଯାହା ସୁସମାଚାର ବାଖ୍ୟା କରେ ।

**ଦୁଇ ପ୍ରକାର ସଂସ୍କୃତି ଅଛି :**

**୧. ଅଖ୍ରୀଷ୍ଟିୟାନ ସଂସ୍କୃତି**

**୨. ଖ୍ରୀଷ୍ଟିୟାନ ସଂସ୍କୃତି**

**ସଂସ୍କୃତି ଯାହା ହୋଇଥାଉନା କାହିଁକି ସୁସମାଚାରର ମୌଳିକ ନୀତିମାନ ଅଛି । ସଂସ୍କୃତି ସୁସମାଚାରକୁ ପରିବର୍ତ୍ତନ କରି ନ ପାରେ । ଏହା କେବଳ ଆଦେଶ ଦିଏ ଆମ୍ଭେମାନେ କିପରି ସୁସମାଚାର ଉପସ୍ଥାପିତ କରିବା । ଏହି ମୌଳିକ ସତ୍ୟମାନ ଯେକୌଣସି ଉପାୟରେ ଅନ୍ୟକୁ କୁହାଯିବା ଆବଶ୍ୟକ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ଲାଭ ବା ଗ୍ରହଣ କରିବା ପୂର୍ବେ । ଆମ୍ଭେମାନେ ଏହି ସତ୍ୟଗୁଡ଼ିକୁ ହୁଏତ ଦୀର୍ଘସମୟ ବାଇବଲ ଅଧ୍ୟୟନ ପ୍ରଣାଳୀରେ ଅବା ଗଳ୍ପ କହିବା ଉପାୟରେ ଉପସ୍ଥାପନ କରିବାକୁ ପରାମର୍ଶ ଦେଉ । ଖ୍ରୀଷ୍ଟିୟାନ ସଂସ୍କୃତି ଉପରେ ନିର୍ଭରଶୀଳ ପରିବେଶ ମଧ୍ୟରେ ଜଣେ ଅନେକ ସମୟରେ ସେଗୁଡ଼ିକୁ ସେହିକ୍ଷଣି ଏକ ବ୍ୟକ୍ତି ସହିତ ସାକ୍ଷାତ ହେବାବେଳେ ଉପସ୍ଥାପିତ କରିପାରେ । ଜଣେ ତାହାର**

**ଉପସ୍ଥାପନା କରିବାକୁ ଯେଉଁ ପ୍ରଣାଳୀ ବ୍ୟବହାର କରିବାକୁ ମନୋନୀତ କଲେ ସେଥିରେ କିଛି ଯାଏ ଆସେ ନାହିଁ । ମାତ୍ର ସେ ସୁସମାଚାରର ଏହି ମୌଳିକ ନୀତିଗତ ସତ୍ୟ ଘଟଣାଗୁଡ଼ିକ ଜାଣିବା ନିତାନ୍ତ ଆବଶ୍ୟକ ।**

## ଅଖ୍ରୀଷ୍ଟିୟାନ ସଂସ୍କୃତି ବିଷୟକ ପ୍ରଶ୍ନମାନ

ଏହି କ୍ଷେତ୍ରରେ ତୁମେ ଅଧିକ ମୌଳିକ ପ୍ରଶ୍ନ ଦ୍ୱାରା ଆରମ୍ଭ କରିବା ଉଚିତ୍ ଯଥା : ଈଶ୍ୱରଙ୍କ ବିଷୟରେ ତୁମର ବୁଝାମଣା କ'ଣ ଓ ସେ କିଏ ? ବ୍ୟକ୍ତି କ'ଣ କହୁଛି ଶୁଣ ଓ ତାହାପରେ ପଚାର ତୁମେ ତାହା ପାଇଁ ବାଇବଲ ଅଧ୍ୟୟନ ନିୟମିତଭାବେ ଚଳାଇବାରେ ସେ ସମ୍ମତ ହେବ କି ? ଏକ ଅଖ୍ରୀଷ୍ଟିୟ ନିର୍ଭରଶୀଳ ସଂସ୍କୃତି ମଧ୍ୟରେ ତୁମକୁ ପଚାରିବାକୁ ହେବ । ସେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ବିଷୟ, ଯେ କି ଏହି ଜଗତ ସୃଷ୍ଟି କଲେ ତାହାଙ୍କ ବିଷୟ ଓ କିପରି ତାହାଙ୍କୁ ବ୍ୟକ୍ତିଗତଭାବେ ଜାଣିପାରିବ ସେ ବିଷୟ ଶିକ୍ଷାଲାଭ କରିବାକୁ ଇଚ୍ଛୁକ କି । ସରଳ ବାଇବଲ ଅଧ୍ୟୟନ କିଅବା କାଳାନୁକ୍ରମିକ ବାଇବଲ ଗଳ୍ପଗୁଚ୍ଛ ବ୍ୟବହାର କର ।

## ଖ୍ରୀଷ୍ଟିୟାନ ସଂସ୍କୃତି ବିଷୟକ ପ୍ରଶ୍ନମାନ

ମୁଁ ତୁମକୁ ଏକ ପ୍ରଶ୍ନ ପଚାରିପାରେ କି ? ଯଦି ଆଜି ରାତ୍ର ତୁମେ ମୃତ୍ୟୁଭୋଗ କଲ, ତୁମେ ଜାଣକି ତୁମେ ଅନନ୍ତ ଜୀବନ ପାଇଛ ଓ ସ୍ୱର୍ଗକୁ ଯିବ ? (ଏହି ପ୍ରଶ୍ନଟି ସ୍ମରଣ ରଖ) । ଯଦି ବ୍ୟକ୍ତିଟି ନିର୍ଭୁଲ୍ ଉତ୍ତର ନ ଦିଏ, ତେବେ ତୁମର ସାକ୍ଷ୍ୟ ଦେବାରେ ଲାଗି ରୁହ ଏବଂ ସୁସମାଚର କୁହ । ଯଦି ସେ ଉତ୍ତର ଦିଏ, "ମୋର ନିଶ୍ଚୟତା ଅଛି", ତେବେ ଏହି ଦ୍ୱିତୀୟ ପ୍ରଶ୍ନ ତାହାକୁ ପଚାର । ମନେକର, ତୁମେ ଏହି ମୁହୂର୍ତ୍ତରେ ଈଶ୍ୱରଙ୍କ ସମ୍ମୁଖରେ ଅଛ ଓ ସେ ତୁମକୁ ପଚାରୁଛନ୍ତି, "ମୁଁ ତୁମକୁ କାହିଁକି ସ୍ୱର୍ଗକୁ ଆସିବାକୁ ଦେଲି ? ତୁମେ ତାହାଙ୍କୁ କିପରି ଉତ୍ତର ଦେବ" (ଏହି ପ୍ରଶ୍ନଟି ସ୍ମରଣରେ ରଖ) । ଯଦି ସେ ନିର୍ଭୁଲ୍ ଉତ୍ତର ନ ଦିଏ, ତେବେ ତାକୁ ସୁସମାଚାର କୁହ । ଆଉ ଏକ ପ୍ରଶ୍ନ ତୁମେ ବ୍ୟବହାର କରିପାରିବ, ତାହା ହେଉଛି, "ଯୀଶୁଖ୍ରୀଷ୍ଟଙ୍କ ସହିତ ତୁମେ ଏକ ବ୍ୟକ୍ତିଗତ ସମ୍ପର୍କ ବୃଦ୍ଧି କରିଛ କିଅବା ଏପରି ସମ୍ପର୍କ ବୃଦ୍ଧି କରିବା ପଥରେ ଅଛ ?"

**ଅବଗତ ହୁଅ :** ଅନନ୍ତକାଳ ବିଷୟକ ପ୍ରଶ୍ନମାନ ହିନ୍ଦୁ, ମୁସଲ୍‌ମାନ୍, ବୌଦ୍ଧ ଓ ମନ୍ଦଆତ୍ମା ପୂଜକମାନଙ୍କ ନିମନ୍ତେ ପଚାରିବା ଖ୍ରୀଷ୍ଟିୟାନ ସଂସ୍କୃତି ଉପରେ ନିର୍ଭରଶୀଳ । ଯଥା : ରୋମାନ୍ କ୍ୟାଥ୍‌ଲିକ୍ ମତାବଲମ୍ବୀମାନଙ୍କ ମଧ୍ୟରେ ପଚରାଯିବାଠାରୁ ବହୁତ ଭିନ୍ନ । ଏହି ସଂସ୍କୃତିଗୁଡ଼ିକରେ ଯେକୌଣସି ପଦ ଏହି ଶବ୍ଦମାନ ବ୍ୟବହାର କରୁଥାଏ । ଯଥା : "ଈଶ୍ୱର", "ଯୀଶୁ", "ସ୍ୱର୍ଗ" ବା "ନରକ" ପ୍ରତ୍ୟେକ ସଂସ୍କୃତିଗତ ସମ୍ପର୍କ ଅନୁସାରେ ବୁଝାଇ ଦିଆଯିବା ଉଚିତ । ଉଦାହରଣ ସ୍ୱରୂପ, ଈଶ୍ୱର ସମସ୍ତ ବିଷୟର ସୃଷ୍ଟିକର୍ତ୍ତା, ସର୍ବଶକ୍ତିମାନ ଆତ୍ମା ରୂପେ ବର୍ଣ୍ଣନା କରି ଅନେକ ସମୟରେ ଈଶ୍ୱର କିଏ ବୁଝାଇବାକୁ ଏକ ଉତ୍ତମ ଆରମ୍ଭ ହୋଇଥାଏ ।

ଯୀଶୁଙ୍କର ଦେହବନ୍ତ ହେବା ଏବଂ ଏହାର ଉଦ୍ଦେଶ୍ୟ ବର୍ଣ୍ଣନା କରାଯିବା ଉଚିତ ଯେତେବେଳେ ତାହାଙ୍କ ବିଷୟ କୁହାଯାଉଅଛି ।

ଅନ୍ୟ ଏକ ଉତ୍ତମ ଉଦାହରଣ ହେଉଛି "ସ୍ୱର୍ଗ" ଶବ୍ଦ । ବୌଦ୍ଧମାନଙ୍କ ନିମନ୍ତେ ସ୍ୱର୍ଗ, ସମସ୍ତ କାମନାରୁ ରକ୍ଷା ପାଇବା ବୁଝାଏ । ଜଣେ ହିନ୍ଦୁ ପାଇଁ ଏହା ଜନ୍ମାନ୍ତର ଚକ୍ର ମଧ୍ୟରୁ ରକ୍ଷା ପାଇବା ବୁଝାଏ । ମନ୍ଦଆତ୍ମା ପୂଜକଙ୍କ ପାଇଁ ଏହା ଅନେକ ବିଷୟ ବୁଝାଏ । ଏହା ନରକରୁ କେବଳ ଭିନ୍ନ ହୋଇପାରେ, ଉତ୍ତର ପୁରୁଷଙ୍କର ତୁମ ପାଇଁ ବଳିଦାନ କରିବା ଦ୍ୱାରା ହୋଇପାରେ ? (ଅନେକ ପୂର୍ବ ଏସିଆର ରୀତିନୀତିରେ)

ଅନେକ ସଂସ୍କୃତିମାନଙ୍କରେ ବାଇବଲ ଏକ ପୁସ୍ତକ ନୁହେଁ ଯାହା ବିଷୟରେ ଲୋକମାନେ ସଚେତନ । ଅନେକ ଯଦିବା ଅଧିକାଂଶ ନୁହଁନ୍ତି ଯେଉଁ ଲୋକମାନେ ଅପହଞ୍ଚ ଲୋକ ମଧ୍ୟରେ ଅଛନ୍ତି କେବେହେଲେ ବାଇବଲ ବିଷୟ ଶୁଣିବେ ନାହିଁ । ଏହି କ୍ଷେତ୍ରରେ ମୁଁ କ'ଣ କରିଅଛି, ବାଇବଲ ଏକ ପୁସ୍ତକ ଯାହା ଈଶ୍ୱର ଆମ୍ଭମାନଙ୍କୁ ଦେଇଅଛନ୍ତି ନିଜକୁ ଏହାଦ୍ୱାରା ଆମ ନିକଟରେ ପ୍ରକାଶ କରିବାକୁ, ସେହି ବିଷୟ କହିବାକୁ ଆରମ୍ଭ କରିବାକୁ ହେବ । ସେମାନେ ଏହା ବିଶ୍ୱାସ କରିବାକୁ ବାଧ୍ୟ ନୁହଁନ୍ତି । ସେମାନେ ହୁଏତ ବିଶ୍ୱାସ କରିବେ ନାହିଁ, ମାତ୍ର ଯଦି ସେମାନେ ଏହା ତୁମ ସହିତ ଅଧ୍ୟୟନ କରିବାକୁ ଇଚ୍ଛୁକ ହୁଅନ୍ତି, ପବିତ୍ରଆତ୍ମା ଏହି କାର୍ଯ୍ୟ ତାହାଙ୍କର ଆରମ୍ଭ କରିବେ ଓ ସେମାନଙ୍କ ନିକଟରେ ସତ୍ୟ ପ୍ରକାଶ କରିବେ ।

କେବେହେଲେ ଯୁକ୍ତି କରନାହିଁ ଯେ ବାଇବଲ ଈଶ୍ୱରଙ୍କ ବାକ୍ୟ, ଅବା ନୁହେଁ । କେବଳ ଉପସ୍ଥାପିତ କର ଯେ, ତୁମର ବିଶ୍ୱାସ, ଯାହା ଈଶ୍ୱରଙ୍କ ପୁସ୍ତକରେ ଲିଖିତ ସେଥିରେ ବିଶ୍ୱାସ କରିବା ଉପରେ ନିର୍ଭର କରେ ଏବଂ ତୁମେ ସେମାନଙ୍କ ନିକଟରେ ଏହା କହିବା ସୁଯୋଗକୁ କେବଳ ଚାହିଁବ ।

ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ ଯେ, ପ୍ରାରମ୍ଭକାରୀ ଯେଉଁମାନଙ୍କ ମଧ୍ୟରେ କାର୍ଯ୍ୟ କରୁଅଛନ୍ତି, ସେହି ଲୋକମାନଙ୍କ ପାଇଁ ଏକ ଉପଯୁକ୍ତ ସାକ୍ଷ୍ୟଦାନର ଅସ୍ତ୍ର ବା ଉପକରଣ ଯେପରି ପାଆନ୍ତି ।

## ସୁସମାଚାର ସତ୍ୟମାନ କେବେହେଲେ ପରିବର୍ତ୍ତିତ ହୁଏ ନାହିଁ, ମାତ୍ର ସଂସ୍କୃତି ଉପରେ ନିର୍ଭରଶୀଳ ସମ୍ପର୍କ ସ୍ଥାପନ ସର୍ବଦା ପରିବର୍ତ୍ତିତ ହୁଏ ।

**ସ୍ମରଣ ରଖ :** ସଂସ୍କୃତି ଉପରେ ନିର୍ଭରଶୀଳ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ତୁମେ ପୂର୍ବର ଅନନ୍ତକାଳୀନ ପ୍ରଶ୍ନ ବ୍ୟବହାର କରିପାର । ମାତ୍ର ସଂସ୍କୃତି ଉପରେ ନିର୍ଭରଶୀଳ ଅଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ତୁମେ ବିଭିନ୍ନ ପ୍ରକାର ଆତ୍ମିକ ବୁଝାମଣାର ବିଭିନ୍ନ ସ୍ତରମାନ ଚିହ୍ନଟ କରିବା ପାଇଁ ମନ ଜାଣିବା ଗୁଣ ବ୍ୟବହାର କରିବା ଆବଶ୍ୟକ ହେବ । ଯେପରି

"ସ୍ୱର୍ଗ" ଶବ୍ଦ ପରି ଶବ୍ଦମାନଙ୍କ ବିଷୟରେ ବ୍ୟକ୍ତିର ବୁଝାମଣା ବାଇବଲରେ ଥିବା ଧାରଣା ବା ଚିନ୍ତା ସହିତ ସମାନ ନ ହୋଇପାରେ ।

## ସୁସମାଚାରର ଉପସ୍ଥାପନା

**(ଏହି ଛଅଟି ପଦମାନ ସୁସମାଚାରର ଅର୍ନ୍ତନିହିତ ବୈଶିଷ୍ଟ୍ୟ ବାଖ୍ୟା କରେ)**

### ୧. ତୁମ ଜୀବନ ପାଇଁ ଈଶ୍ୱରଙ୍କ ଉଦ୍ଦେଶ୍ୟ

ବାଇବଲ ୧ ଯୋହନ ୫:୧୩ରେ କହେ, **"ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତଜୀବନ ପାଇଅଛ, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟରେ ଏହି ସମସ୍ତ ବିଷୟ ଲେଖିଲି ।"**

<u>ପଦର ଉଦ୍ଦେଶ୍ୟ :</u> ମନୁଷ୍ୟ ପ୍ରତି ଈଶ୍ୱରଙ୍କ ପ୍ରେମ ହେତୁ, ଈଶ୍ୱର ଅନନ୍ତ ଜୀବନର ନିଶ୍ଚୟତା ଦେବାକୁ ଚାହାଁନ୍ତି ବୋଲି ଦର୍ଶାଇବା ।

<u>ଏହି ପଦର ବାଖ୍ୟା :</u> ଅନନ୍ତ ଜୀବନ ହେଉଛି ଦୁଇଟି ବିଷୟ ।

କ. ଯୀଶୁଖ୍ରୀଷ୍ଟଙ୍କୁ ଜାଣିବା ଓ ବର୍ତ୍ତମାନ ଏହି ଜୀବନରେ ବାସ କରୁଥିବାବେଳେ ତାହାଙ୍କ ଶାନ୍ତି ତୁମ ହୃଦୟରେ ଲାଭ କରିବା (ଯୋହନ ୧୭:୩) ।

ଖ. ମୃତ୍ୟୁପରେ ଅନନ୍ତକାଳ ପାଇଁ ସ୍ୱର୍ଗରେ ଯୀଶୁଖ୍ରୀଷ୍ଟଙ୍କ ସହିତ ବାସ କରିବା (ଯୋହନ ୧୪:୧-୩) ।

<u>ପଦର ପ୍ରୟୋଗ :</u> ତୁମେ କ'ଣ ନିଶ୍ଚୟତା ପାଇବାକୁ ଚାହଁ ଯେ ତୁମର ଅନନ୍ତ ଜୀବନ ଅଛି ?

**ଅବଗତ ହୁଅ : ସଂସ୍କୃତିମାନଙ୍କ ଉପରେ ନିର୍ଭରଶୀଳ ଖ୍ରୀଷ୍ଟିୟାନ ଓ ଅଖ୍ରୀଷ୍ଟିୟାନ ଲୋକମାନଙ୍କୁ ଏହି ଶବ୍ଦଗୁଡ଼ିକ ସ୍ପଷ୍ଟଭାବେ ବୁଝାଇବା ଆବଶ୍ୟକ ଏବଂ ଏହା ବହୁତ ସମୟ ନେଇପାରେ ।**

### ୨. ତୁମର ଆବଶ୍ୟକତା

ବାଇବଲ ରୋମୀ. ୩:୨୩ରେ କହେ, **"ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।"**

<u>ପଦର ଉଦ୍ଦେଶ୍ୟ :</u> ଦର୍ଶାଇବାକୁ ଯେ, ଆମ୍ଭେମାନେ ସମସ୍ତେ ପାପୀଗଣ ଅଟୁ ।

<u>ପଦର ବାଖ୍ୟା :</u> ପାପ କ'ଣ ? ପାପ ହେଉଛି ଈଶ୍ୱରଙ୍କ ଆଜ୍ଞାଲଙ୍ଘନ । ଉଦାହରଣ ସ୍ୱରୂପ : ଆମ୍ଭେମାନେ ସମସ୍ତେ ପାପସବୁ କରିଅଛୁ । ଯଥା : ମିଥ୍ୟା କହିବା, କ୍ରୋଧ କରିବା, ତିକ୍ତତା, ଲୋଭ, ମାଂସିକ ଅଭିଳାଷ ଓ ଗର୍ବ ।

<u>ପଦର ପ୍ରୟୋଗ :</u> ତୁମେ ପାପ କରିଛ ବୋଲି କ'ଣ ସ୍ୱୀକାର ଉପଲବ୍ଧି କରୁଛ ? ପାପର ପରିଣାମ କ'ଣ ?

ବାଇବଲ ରୋମୀ. ୬:୨୩ ରେ କହେ, **"କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।"**

<u>ପଦର ଉଦ୍ଦେଶ୍ୟ :</u> ଆମ୍ଭମାନଙ୍କ ପାପ ସମସ୍ତ ହେତୁ, ସମସ୍ତେ ମୃତ୍ୟୁ ଯୋଗ୍ୟ ବୋଲି ଦର୍ଶାଇବା ।

<u>ପଦର ବାଖ୍ୟା :</u> ମୃତ୍ୟୁ କ'ଣ ? ମୃତ୍ୟୁ ଅର୍ଥ, ଈଶ୍ୱରଙ୍କଠାରୁ ଦୁଇଟି ପଥରେ ପୃଥକୀକୃତ ।

> ପ୍ରଥମ, ମୃତ୍ୟୁ ହେଉଛି, ପୃଥିବୀ ବକ୍ଷରେ ଏହି ଜୀବନରେ ବର୍ତ୍ତମାନ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ବା ପୃଥକ୍ ହେବା । ଏହା ଏକ ପ୍ରାଣରେ ଆନନ୍ଦ ବା ଶାନ୍ତିବିହୀନ ଜୀବନ ଅଟେ । ଏହା ଏକ ଅନନ୍ତଜୀବନର ନିଶ୍ଚୟତା ବ୍ୟତୀତ ଓ ତୁମ ହୃଦୟରେ ଯୀଶୁ ବିହୀନ ଜୀବନ ଅଟେ । ଈଶ୍ୱରଙ୍କଠାରୁ ବିଚ୍ଛିନ୍ନତା ମନୁଷ୍ୟକୁ ଏକ ଶୂନ୍ୟ ଓ ଭୟଭୀତ ଅନ୍ତକରଣରେ ପରିତ୍ୟାଗ କରେ ।
>
> ଦ୍ୱିତୀୟ, ମୃତ୍ୟୁ ହେଉଛି ନରକରେ ଅନନ୍ତକାଳ ପାଇଁ ଈଶ୍ୱରଙ୍କଠାରୁ ପୃଥକୀକରଣ । ଏହା ହେଉଛି ସମୁଦାୟ ଅନନ୍ତକାଳ ପାଇଁ ଖ୍ରୀଷ୍ଟ ବିହୀନ ଏକ ଜୀବନ ଅଟେ । ବାଇବଲ ଅନୁସାରେ ଆମ୍ଭମାନଙ୍କର ପାପସମୂହ ହେତୁ ଆମେ ସମସ୍ତେ ମୃତ୍ୟୁଯୋଗ୍ୟ ଓ ଈଶ୍ୱରଙ୍କଠାରୁ ପୃଥକ୍‌କୃତ ଅଟୁ ।

<u>ପଦର ପ୍ରୟୋଗ :</u> ତୁମେ କ'ଣ ବୁଝିପାରିଛ କି, ତୁମର ପାପଗୁଡ଼ିକ ହେତୁ ତୁମେ ମୃତ୍ୟୁଯୋଗ୍ୟ ଓ ଈଶ୍ୱରଙ୍କଠାରୁ ପୃଥକୀକୃତ ?

## ୩. ଈଶ୍ୱରଙ୍କ ଯୋଗାଣ

ବାଇବଲ ରୋମୀ. ୫:୮ରେ କହେ, **"କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।"**

ପଦର ଉଦ୍ଦେଶ୍ୟ : ଦର୍ଶାଇବାକୁ ଯେ, ଈଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମ କରନ୍ତି ଯେ, ସେ ଆମ ପାପସବୁ ପାଇଁ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଦେଲେ ।

ପଦର ବାଖ୍ୟା : ପାପ ପାଇଁ ମୃତ୍ୟୁ ହେଉଛି ଏକମାତ୍ର ବେତନ । ଯୀଶୁଖ୍ରୀଷ୍ଟ ଶାସ୍ତି ଭୋଗ କଲେ, ବିଚାରିତ ହେଲେ ଏବଂ ଆମ୍ଭମାନଙ୍କ ସ୍ଥାନରେ ପାପର ଦଣ୍ଡଭୋଗର ମୂଲ୍ୟ ଦେବାକୁ କ୍ରୁଶ ଉପରେ ଦୋଷୀକୃତ ହୋଇ ମୃତ୍ୟୁଭୋଗ କଲେ ।

ଯୀଶୁଙ୍କ ମୃତ୍ୟୁ ଥିଲା ଏକମାତ୍ର ବଳିଦାନ ଯାହା ପାପର ଦୋଷାରୋପରୁ ମନୁଷ୍ୟକୁ ମୁକ୍ତ କରିବାକୁ ଯଥେଷ୍ଟ । ଅନେକ ଲୋକମାନେ ବିଭିନ୍ନ ଉପାୟରେ ଈଶ୍ୱରଙ୍କ ପାଖେ ପହଞ୍ଚିବାକୁ ଚେଷ୍ଟା କରୁଅଛନ୍ତି : ସେମାନଙ୍କ ନିଜର ଉତ୍ତମ ଜୀବନ ଅବା ଉତ୍ତମ କାର୍ଯ୍ୟସବୁ ଉପରେ ନିର୍ଭର କରି । ସେମାନେ ଈଶ୍ୱରଙ୍କ ନିକଟରେ ମଧ ପହଞ୍ଚିବାକୁ ଚେଷ୍ଟା କରିପାରନ୍ତି ସାଧୁମାନଙ୍କ ଦ୍ୱାରା, ଦେବତା, ପ୍ରତିମା, ପ୍ରେତାତ୍ମମାନଙ୍କ ଦ୍ୱାରା ବା ଜନ୍ମାନ୍ତର ଦ୍ୱାରା ।

ମନୁଷ୍ୟର ସ୍ୱଚେଷ୍ଟାସବୁର କୌଣସି ଶକ୍ତି ନାହିଁ ତାହାର ପାପସବୁରୁ ତାହାକୁ ପରିଷ୍କାର କରିବାକୁ । ଈଶ୍ୱରଙ୍କ ସହତ ସମ୍ପର୍କ ସ୍ଥାପନ କରିବାର ଏକମାତ୍ର ପଥ ହେଉଛି, ଯୀଶୁଖ୍ରୀଷ୍ଟଙ୍କ ମାଧମ । ଯୀଶୁଖ୍ରୀଷ୍ଟ ଆମ ପାପ ପାଇଁ କ୍ରୁଶ ଉପରେ ମୃତ୍ୟୁଭୋଗ କରିବା ପରେ ସେ ମୃତ୍ୟୁରୁ ପୁନରୁତ୍ଥିତ ହେଲେ ମୃତ୍ୟୁକୁ ଜୟ କରି । ସେ ଜୀବିତ ଅଟନ୍ତି ଓ ସେ ତୁମ ହୃଦୟରେ ବାସ କରିବାକୁ ଚାହାଁନ୍ତି ।

ପଦର ପ୍ରୟୋଗ : ତୁମେ କ'ଣ ବିଶ୍ୱାସ କର ଯେ, ଯୀଶୁଖ୍ରୀଷ୍ଟ ତୁମର ଏକମାତ୍ର ପ୍ରଭୁ, ତ୍ରାଣକର୍ତ୍ତା ଓ ମଧ୍ୟସ୍ଥ ?

## ୪. ତୁମର ପ୍ରତ୍ୟୁତ୍ତର

ବାଇବଲ ରୋମୀ. ୧୦:୯ରେ କହେ, **"ଯେଣୁ ତୁମ୍ଭେ ଯଦି ମୁଖରେ, ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ ।"**

ପଦର ଉଦ୍ଦେଶ୍ୟ : ଦର୍ଶାଇବାକୁ ଯେ, ଯୀଶୁଙ୍କୁ ତୁମର ପ୍ରଭୁ ରୂପେ ଗ୍ରହଣ କରିବାକୁ ତୁମକୁ କ'ଣ କରିବାକୁ ହେବ ।

ପଦର ବାଖ୍ୟା : ଯୀଶୁଙ୍କୁ ଗ୍ରହଣ କରିବାକୁ, ତୁମକୁ ଦୁଇଟି ବିଷୟ କରିବାକୁ ହେବ :

କ. ପ୍ରଥମ, ଯୀଶୁଙ୍କୁ ଗ୍ରହଣ କରିବାକୁ, ଖ୍ରୀଷ୍ଟଙ୍କୁ ତୁମର ଏକମାତ୍ର ପ୍ରଭୁ ରୂପେ ସ୍ୱୀକାର କରିବା ଉଚିତ । ତୁମର ପାପସବୁ ପରିତ୍ୟାଗ ଓ ଯୀଶୁଙ୍କ ଅନୁଗମନ କରିବାକୁ ମୁଖ

ବୁଲାଇବା ଉଚିତ । ଏହାର ଅର୍ଥ ହେଉଛି, ତୁମ ଜୀବନ ଉପରେ ଅଧିକାର ଖ୍ରୀଷ୍ଟଙ୍କ ହସ୍ତକୁ ବଢ଼ାଇ ଦେବା ।

ଖ. ଦ୍ୱିତୀୟ, ଯୀଶୁଙ୍କୁ ଗ୍ରହଣ କରିବାକୁ, ତୁମ ହୃଦୟରେ ବିଶ୍ୱାସ କରିବା ଉଚିତ ଯେ, ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଉଠିଲେ ଏବଂ ସେ ତୁମର ଏକମାତ୍ର ତ୍ରାଣକର୍ତ୍ତା ଅଟନ୍ତି । ଏହା ବୁଝାଏ ଯେ ତୁମର ବିଶ୍ୱାସ, ଅନ୍ୟାନ୍ୟ ବିଷୟ ଉପରେ, ଯଥା ଅନୈତିକତା, ଉତ୍ତମ କର୍ମମାନ, ଦେବତାମାନ, ପ୍ରତିମାମାନ, ସାଧୁଗଣ ବା ଜନ୍ମାନ୍ତରବାଦ ଇତ୍ୟାଦିରେ ନ ରଖି ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରିବ ତାହାଙ୍କୁ ଏକମାତ୍ର ତ୍ରାଣକର୍ତ୍ତା ରୂପେ ଜାଣି ।

<u>ପଦର ପ୍ରୟୋଗ :</u> ତୁମେ କ'ଣ ଯୀଶୁଙ୍କୁ ପ୍ରଭୁ ରୂପେ ସ୍ୱୀକାର କରିବାକୁ ଓ ଯୀଶୁଙ୍କୁ ତୁମର ଏକମାତ୍ର ପ୍ରଭୁ ରୂପେ ତୁମର ଜୀବନକୁ ତାହାଙ୍କଠାରେ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ଅଟ ? ତୁମେ କ'ଣ ବର୍ତ୍ତମାନ ତୁମର ବିଶ୍ୱାସକୁ ଅନ୍ୟ ବିଷୟମାନଙ୍କ ଉପରେ ସ୍ଥାପନ କରିବା ବନ୍ଦ କରି ବର୍ତ୍ତମାନ ତୁମ ଜୀବନକୁ ତୁମର ଏକମାତ୍ର ପ୍ରଭୁ ଓ ତ୍ରାଣକର୍ତ୍ତା ରୂପେ ଥିବା ଯୀଶୁଙ୍କୁ ଦେବାକୁ ପ୍ରସ୍ତୁତ ?

ରୋମୀ. ୧୦:୧୩ରେ ବାଇବଲ କହେ, **"କାରଣ ଯେ କେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ, ସେ ପରିତ୍ରାଣ ପ୍ରାପ୍ତ ହେବ ।"**

<u>ପଦର ଉଦ୍ଦେଶ୍ୟ :</u> ଦର୍ଶାଇବା ଯେ, ଯେକେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ, ସେ ପରିତ୍ରାଣ ପ୍ରାପ୍ତ ହେବ ।

<u>ପଦର ବାଖ୍ୟା :</u> ଏହା ବୁଝାଏ ଯେ, ତୁମେ ଯୀଶୁଙ୍କୁ ବିଶ୍ୱାସରେ ଏହି ମୁହୂର୍ତ୍ତରେ ତୁମ ହୃଦୟରେ ଗ୍ରହଣ କରିପାର ।

<u>ପଦର ପ୍ରୟୋଗ :</u> ତୁମେ କ'ଣ ତୁମ ଜୀବନ ଯୀଶୁଙ୍କୁ ଦେବାକୁ ଏବଂ ତାହାଙ୍କୁ ତୁମ ଜୀବନ ମଧ୍ୟକୁ ପ୍ରବେଶ କରିବାକୁ ମାଗିବା ବା ପ୍ରାର୍ଥନା କରିବାକୁ ବର୍ତ୍ତମାନ ପ୍ରସ୍ତୁତ ? ଯଦି ତୁମେ ପ୍ରସ୍ତୁତ, ତେବେ ତୁମର ସଂପୂର୍ଣ୍ଣ ହୃଦୟ ସହ ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା କର ।

> "ପ୍ରଭୁ, ମୁଁ ଜଣେ ପାପୀ । ମୁଁ ତୁମକୁ ପ୍ରଭୁ ମୋର ଏକମାତ୍ର ପ୍ରଭୁ, ତ୍ରାଣକର୍ତ୍ତା ଓ ମଧ୍ୟସ୍ଥ ରୂପେ ବିଶ୍ୱାସ କରେ । ମୁଁ ମୋର ଜୀବନ ତୁମକୁ ଦିଏ । ମୋର ହୃଦୟ ଭିତରକୁ ଆସ । ଏହି ମୁହୂର୍ତ୍ତରେ ମୋତେ ପରିତ୍ରାଣ କର । ମୋତେ ରୂପାନ୍ତିରତ କର ଓ ମୋର ଜୀବନର ସଂପୂର୍ଣ୍ଣ ଅଧିକାର ତୁମେ ନିଅ । ଆମେନ୍ ।"
>
> ତୁମେ କ'ଣ ବିଶ୍ୱାସ କର ଯେ, ଯୀଶୁ ତୁମ ପ୍ରାର୍ଥନାର ଉତ୍ତର ଦେଲେ ? ତେବେ ଯୀଶୁ ବର୍ତ୍ତମାନ କେଉଁଠାରେ ଅଛନ୍ତି ? ତୁମେ ପରିତ୍ରାଣ ପ୍ରାପ୍ତ ହେଲ କି ?

# ଯୋଜନା

# ନୂତନ ଦଳସମୂହ
# ଏବଂ ମଣ୍ଡଳୀମାନର
# ସଂଖ୍ୟାବୃଦ୍ଧି କରିବା ସକାଶେ
# ଯୋଜନା କୌଶଳ

# ଯୋଜନା

ଏହି ବିଭାଗ ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଅନୁଗମନ କରିବାକୁ ଥିବା ଚାରୋଟି ବିଭିନ୍ନ ଆଦର୍ଶ ପ୍ରଣାଳୀର ସାରାଂଶ ପ୍ରଦାନ କରେ, ଯାହା ମଣ୍ଡଳୀ ଗଠନ କରିବାକୁ ବ୍ୟବହାର କରାଯାଇପାରେ । ଆହୁରି ମଧ୍ୟ ଚାରୋଟି ଚକ୍ରାକାର ଗତିରେ କିପରି ସଂଖ୍ୟାବୃଦ୍ଧି ମାଧ୍ୟମରେ ମଣ୍ଡଳୀ ଆରମ୍ଭ ହେବ, ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ଦିଏ ।

**ସ୍ମରଣ ରଖ :** ଏହା ହେଉଛି ଏକ କାର୍ଯ୍ୟକ୍ରମ ଯାହା ଅନୁସରଣ କରାଯିବ । ଏହିସବୁ ହେଉଛି ନିୟମମାନ । ଯାହା କେବଳ ଚାଳନା ପ୍ରଦାନ କରେ, ଜଣେ କିପ୍ରକାର ଯୋଜନା କୌଶଳ ପ୍ରସ୍ତୁତ ଓ ବୃଦ୍ଧି କରିପାରିବ । ମାତ୍ର ସେବାକାର୍ଯ୍ୟରେ ଏହା ବହୁତ ଭିନ୍ନ ପ୍ରକାରେ ପ୍ରସ୍ତୁତ ହୋଇପାରେ । ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ପବିତ୍ରଆତ୍ମାଙ୍କ ନେତୃତ୍ୱର ଅନୁସରଣ କରିବା, କାରଣ ସେ ନୂତନ ନେତାମାନଙ୍କୁ ତାଲିମପ୍ରାପ୍ତ ହେବାକୁ ଉଠାନ୍ତି ଏବଂ ସେ ନୂତନ କାର୍ଯ୍ୟମାନ ଆରମ୍ଭ କରିବାକୁ ଥିବା ସ୍ଥାନମାନଙ୍କର ଦ୍ୱାରସବୁ ଉନ୍ମୁକ୍ତ କରନ୍ତି । କେବେହେଲେ ପାସୋରି ଦିଅ ନାହିଁ ଅନ୍ୟମାନଙ୍କୁ ତାଲିମ ଦେବାରେ ଲାଗି ରହିବାକୁ ଓ ସେମାନେ ଯେପରି ଆହୁରି ଅନ୍ୟମାନଙ୍କୁ ପୁଣି ସେହି ତାଲିମ ନେବା ଲୋକମାନେ ଅନ୍ୟମାନଙ୍କୁ ଏହିପରି ତାଲିମ ଦେବା ଚାଲିଥିବ ।

**୧. ଏକ ମଣ୍ଡଳୀ ଗଠନ ପାଇଁ ଚାରୋଟି ଆଦର୍ଶ**

**୨. ପ୍ରାରମ୍ଭିକ ସୁସମାଚାର ପ୍ରଚାର କାର୍ଯ୍ୟର ଚକ୍ରାକାର ଗତି**

# ୧. ଏକ ମଣ୍ଡଳୀ ଗଠନ ପାଇଁ ଚାରୋଟି ଆଦର୍ଶ (ନମୁନା)

**୧ ପର୍ଯ୍ୟାୟ** (ସ୍ତର)ର ମଣ୍ଡଳୀ ରୋପଣରେ ଶୂନ୍ୟ ଭୂମିରୁ ତୁମେ ମଣ୍ଡଳୀ ଗଠନ ଆରମ୍ଭ କରିବା ପର୍ଯ୍ୟନ୍ତ ଯିବାକୁ ହେବ ।

**୨ ପର୍ଯ୍ୟାୟ** (ସ୍ତର)ରେ ତୁମେ ନୂତନ କାର୍ଯ୍ୟକୁ ଆକୃତି ପ୍ରଦାନ କରିବ । ନୂତନ ମଣ୍ଡଳୀ ଗଠନର ଅନେକ ନମୁନାମାନ ଅଛି, ମାତ୍ର ଆମ୍ଭେମାନେ କେବଳ ଚାରୋଟି ବିଷୟ କହିବାକୁ ଯାଉଅଛୁ । ଏହି ଅଧ୍ୟାୟ ମଧ୍ୟ ୧ ପର୍ଯ୍ୟାୟ ପାଇଁ ଏକ ଯୋଜନା ଉପସ୍ଥାପିତ କରେ ।

## ୧. ପାରମ୍ପରିକ ମଣ୍ଡଳୀ

ଏହି ନମୁନା ହେଉଛି ପ୍ରସ୍ତୁତ କାର୍ଯ୍ୟକ୍ରମ ଉପରେ ନିର୍ଭରଶୀଳ । ଏହାର ସଣ୍ଡେସ୍କୁଲ ପରି ଅନେକ ସମୟରେ କାର୍ଯ୍ୟକ୍ରମ ନ ଥାଏ । ଏହିସବୁ ବାଇବଲଠାରୁ ଅଧିକ ବିଷୟମାନ । ଏଥିରେ ବଳିଷ୍ଠ ଗୁରୁତ୍ୱ ଦିଆଯାଏ ଏକ ମଣ୍ଡଳୀଗୃହ (ଗୀର୍ଜାଘର) ଥିବ ଏବଂ ଅଧିକାଂଶଭାବେ ପାଳକଙ୍କ ଦ୍ୱାରା କିଅବା ପ୍ରାଚୀନ ବା ଦିକନମାନଙ୍କ ଏକ ବଳିଷ୍ଠ ଦଳର ଅଧୀନସ୍ଥ ହୋଇଥିବ ।

## ୨. ଉପଗ୍ରହ ମାଧ୍ୟମ ମଣ୍ଡଳୀ

ଏହି ନମୁନା ମାତୃମଣ୍ଡଳୀମାନଙ୍କ ଦ୍ୱାରା ବ୍ୟୟଭାର ବହନ କରାଯାଇ ବିସ୍ତାରିତ ହୋଇଅଛି, ସେହି ମଣ୍ଡଳୀରେ ସେମାନଙ୍କର କେତେକ ସଂଖ୍ୟକ ମିଶନ ଓ/ବା ଶ୍ରୋତାମଣ୍ଡଳୀଗଣ ଅଛନ୍ତି । ମାତୃ ବା ସାହାଯ୍ୟ କରୁଥିବା ମଣ୍ଡଳୀ ଏହି ମିଶନଗୁଡ଼ିକୁ ଓ ଶ୍ରୋତାମଣ୍ଡଳୀଗୁଡ଼ିକୁ ଆପଣା ଆୟତାଧୀନରେ ରଖନ୍ତି । ପ୍ରତ୍ୟେକ ଶ୍ରୋତାମଣ୍ଡଳୀରେ ଏକ ଉପାସନା, ବାଇବଲ ଅଧ୍ୟୟନ, ସହଭାଗିତା ଇତ୍ୟାଦି ପରିଚାଳନା କରାଯାଏ । ଗୃହମାନଙ୍କରେ, ଗୋଦାମ ସମ୍ମୁଖ ପ୍ରାଙ୍ଗଣରେ କିଅବା ଏକ କ୍ଷୁଦ୍ର ଗୀର୍ଜାଘରେ । ତଥାପି ସେମାନେ ମାତୃମଣ୍ଡଳୀର ସଭ୍ୟ/ସଭ୍ୟା ଅଟନ୍ତି । ଅନେକ ସମୟରେ ଦଶମାଂଶ ଓ ନୈବେଦ୍ୟ (ଚାନ୍ଦା) ମାତୃମଣ୍ଡଳୀକୁ ପଠାଯାଏ । ମୁଖ୍ୟ ସମସ୍ୟା ହେଉଛି, ଅନେକ ଏହି ଉପଗ୍ରହ ମାଧ୍ୟମ ଶ୍ରୋତା ମଣ୍ଡଳୀଗୁଡ଼ିକର ନିଜ ଦ୍ୱାରା ପୁନରୁତ୍ପାଦନର ଦର୍ଶନ ନାହିଁ ଯେପର୍ଯ୍ୟନ୍ତ ସେମାନେ ନିଜେ ଏକ ସଂଗଠିତ ମାତୃମଣ୍ଡଳୀରେ ପରିଣତ ହୋଇନାହାନ୍ତି । ଅନେକ କ୍ଷେତ୍ରରେ ସଂଗଠିତ କରିବାକୁ ପ୍ରୟୋଜନୀୟ ବିଷୟମାନ ହେଉଛି, ସେହି ଶ୍ରୋତାମଣ୍ଡଳୀ ଜମି ଥିବା, ଗୀର୍ଜାଘର ଥିବା ଓ ଏକ ଅଭିଷିକ୍ତ ପାଳକ ଥିବା ଆବଶ୍ୟକ । ଯାହା ବି ହେଉ ଏହା ମନୁଷ୍ୟ ସୃଷ୍ଟ ଆବଶ୍ୟକୀୟ ବିଷୟ ଓ ଈଶ୍ୱରଙ୍କଠାରୁ ଆସେ ନାହିଁ ।

## ୩. କୋଷ (କ୍ଷୁଦ୍ରଦଳ) ମଣ୍ଡଳୀ

ଏହି ନମୁନା ହେଉଛି ଯେତେବେଳେ ମାତୃମଣ୍ଡଳୀର କୋଷ ବା କ୍ଷୁଦ୍ରଦଳମାନ ହୁଏ, ସେମାନେ ଗୃହମାନଙ୍କରେ, ଗୋଦାମଘର ସମ୍ମୁଖ ପ୍ରାଙ୍ଗଣରେ, ଅଫିସ୍ ବା କାର୍ଯ୍ୟାଳୟମାନଙ୍କରେ ଏକତ୍ର

ହୁଅନ୍ତି । ଏହି କୋଷଗୁଡ଼ିକ ଭୌଗଳିକ ବା ଏକ ସମଜାତୀୟ ଦଳ ଯଥା : ଯୁବକୋଷମାନ, ମହିଳା ସହଭାଗିତା (କୋଷ)ମାନ ଇତ୍ୟାଦି ମୂଳଭିତ୍ତି ଉପରେ ସଂଗଠିତ ହୋଇଅଛି । କୋଷ ସଭାମାନଙ୍କରେ ସାମ୍ପ୍ରଦାୟିକ, ଶାରୀରିକ ଜୀବନ ପାଳକୀୟ ଓ ସଭ୍ୟ ଯତ୍ନ ଏବଂ ହିସାବଦାୟୀ ହେବା ଉପରେ ଗୁରୁତ୍ୱ ଆରୋପ କରାଯାଏ । କୋଷମାନଙ୍କରେ ଅନେକ ସମୟରେ ପ୍ରଭୁଭୋଜ ସେବା ଉପାସନା ଅନୁଷ୍ଠିତ ହୁଏ ଏବଂ ଏପରିକି କୋଷସ୍ତରରେ ବାପ୍ତିସ୍ମ ମଧ୍ୟ କରାଯାଏ । ଜଣେ ସାଧାରଣ ବ୍ୟକ୍ତି (ହସ୍ତାର୍ପିତ ନ ହୋଇଥିବା ବ୍ୟକ୍ତି) ଯେ କି ବିଧି ଅନୁସାରେ ପ୍ରଭୁଭୋଜ କାର୍ଯ୍ୟ ସମ୍ପନ୍ନ କରିବେ ସେ ପ୍ରତ୍ୟେକ କୋଷ ପରିଚାଳନା କରନ୍ତି । ପ୍ରତ୍ୟେକ ସପ୍ତାହ ସମସ୍ତ କୋଷମାନ ଏକ ବିରାଟ ଉତ୍ସବ ପାଳନ ସେବା ଉପାସନା ପାଇଁ ଏକତ୍ର ହୁଅନ୍ତି ।

## ୪. ଗୃହ ମଣ୍ଡଳୀ

କ୍ଷୁଦ୍ର ମଣ୍ଡଳୀମାନ ନୂତନ ବିଶ୍ୱାସୀମାନଙ୍କ ଗୃହମାନଙ୍କରେ ଆରମ୍ଭ ହୋଇଅଛି । ସେମାନେ ପ୍ରାୟ ୧୫ରୁ ୩୦ଜଣ ସଭ୍ୟର ଆକାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରନ୍ତି ଏବଂ ତାହାପରେ ସେମାନେ ସଂଖ୍ୟାରେ ବୃଦ୍ଧି ପାଇଲେ ଅନ୍ୟ ମଣ୍ଡଳୀ ଗଠନ କରନ୍ତି ଏପରି ମଣ୍ଡଳୀ ସଂଖ୍ୟା ବୃଦ୍ଧି ପାଏ । ପ୍ରତ୍ୟେକ ଗୃହ ଏକ ପୃଥକ୍ ସ୍ଥାନୀୟ ସ୍ୱାଧୀନ ମଣ୍ଡଳୀ ଅଟେ, ଯେଉଁଠାରେ ସେବା ଉପାସନା ଗୃହମାନଙ୍କରେ ବା ଗୋଦାମଘର ସମ୍ମୁଖ ପ୍ରାଙ୍ଗଣମାନଙ୍କରେ ଅନୁଷ୍ଠିତ ହୁଏ । ଗୃହ ମଣ୍ଡଳୀ ଦୁଇଟି ଧର୍ମବିଧି ପାଳନ କରିବ ଯଥା : ବାପ୍ତିସ୍ମ ଓ ପ୍ରଭୁଭୋଜ ଏବଂ ମଣ୍ଡଳୀର ପାଞ୍ଚଟି ଉଦ୍ଦେଶ୍ୟମାନ ଅଭ୍ୟାସ କରିବ : ପ୍ରଶଂସା, ସୁସମାଚାର ପ୍ରଚାର କାର୍ଯ୍ୟ, ଶିଷ୍ୟତ୍ୱ, ଦାସ, ସେବାକାର୍ଯ୍ୟ ଓ ସହଭାଗିତା ।

# ୭. ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକାର୍ଯ୍ୟର ଚକ୍ରାକୃତିମାନ

## ଚକ୍ରାକାର ଗତି ୧



<u>**ଚକ୍ରାକାର ଗତି ୨**</u>



ପିଇଏଲ୍
ଗଠନମାନ ଦୁଇ
ସୁସମାଚାର ପ୍ରଚାର କାର୍ଯ୍ୟ – ଶିଷ୍ୟତ୍ୱ
ପ୍ରଥମ ଚକ୍ରାକୃତିର ନୂତନ ପରିବର୍ତ୍ତିତ
ବ୍ୟକ୍ତିଗଣ ମଧ୍ୟରୁ ଦଳ
ପର୍ଯ୍ୟବେକ୍ଷଣ
ଏବଂ/କିଅବା
ସମ୍ପର୍କ
ସୁସମ୍ବାଦ ଦଳ
ସୁସମ୍ବାଦ ଦଳ
ସୁସମ୍ବାଦ ଦଳ
ସୁସମ୍ବାଦ ଦଳ
ଉତ୍ସବ ପାଳନ
ଓ
ଶିଷ୍ୟତ୍ୱ

**<u>ଚକ୍ରାକାର ଗତି ୨ର ଅବଶିଷ୍ଟାଂଶ</u>**

**ଏହି ଉତ୍ସବ ପାଳନ ସେବା ଉପାସନା, ଚକ୍ରାକାର ୧ର ଉତ୍ସବ ପାଳନ ସହିତ ଏକତ୍ରଭାବେ ହୋଇପାରେ କିଅବା ଏକ ପୃଥକ୍ ସ୍ଥାନୀୟ ମଣ୍ଡଳୀରେ ପରିଣତ ହୁଏ ।**



## ଚକ୍ରାକାର ଗତି ୩




**ଚକ୍ରାକାର ଗତି ୩ରେ, ସୁସମ୍ବାଦଦଳମାନ, ଉତ୍ସବପାଳନ ସେବା ଉପାସନାମାନ ଓ ସୁସମାଚାର ପ୍ରଚାରକାର୍ଯ୍ୟ ଶିଷ୍ୟତ୍ୱ ତାଲିମ ନୂତନ ବ୍ୟକ୍ତିମାନଙ୍କ ଦ୍ୱାରା ଚାଳିତ ହେବା ଉଚିତ ।**

ଆଦ୍ୟ ପିଇଏଲ୍‌ମାନଙ୍କ ପରିବର୍ତ୍ତେ ଚକ୍ରାକାର ଗତି ୧ ଓ ୨ରେ ଖ୍ରୀଷ୍ଟଙ୍କଠାରେ ଲାଭ କରାଯାଇଥିବା ନୂତନ ବିଶ୍ୱାସୀଗଣ

## ଚକ୍ରାକାର ଗତି ୩ର ଅବଶିଷ୍ଟାଂଶ



# <u>ଚକ୍ରାକାର ଗତି ୪</u>




**ସ୍ଥାନୀୟ ନେତାମାନେ ବର୍ତ୍ତମାନ ସମସ୍ତ ସୁସମ୍ବାଦ ଦଳ, ଉତ୍ସବପାଳନ ଓ ଶିଷ୍ୟତ୍ୱ ଦଳମାନ ଚଳାଉଛନ୍ତି । ନୂତନ ନେତାମାନେ ମଣ୍ଡଳୀରେ ନେତୃତ୍ୱ ଦେବା ପାଇଁ ବର୍ତ୍ତମାନ ତାଲିମ ନେବା ଉଚିତ ।**

## ଚକ୍ରାକାର ଗତି ୪ର ଅବଶିଷ୍ଟାଂଶ




ଏହା ଗୋଟିଏ ସ୍ଥାନୀୟ ମଣ୍ଡଳୀ କିଅବା ଚରୋଟି ବିଭିନ୍ନ ମଣ୍ଡଳୀମାନ ହୋଇପାରେ । ତୁମର ସଂସ୍କୃତିଗତ ବାସ୍ତବତା ଉପରେ ନିର୍ଭର କରି । ସ୍ଥାନୀୟ ନେତାମାନେ ସମସ୍ତ ଚକ୍ରାକାରଗତିମାନଙ୍କୁ ଚଳାଇବା ଉଚିତ ।

# <u>ଚକ୍ରାକାର ଗତି ୫</u>




**ନୂତନ ମଣ୍ଡଳୀ ନିଜେ ପୁନଃଉତ୍ପନ୍ନ କରେ ।**

## <u>ପିଇ ଯୋଜନା କୌଶଳ ବ୍ୟବହାର କରୁଅଛନ୍ତି, କୋଷ ମଣ୍ଡଳୀମାନ ଆରମ୍ଭ କରିବାକୁ</u>



# ଗୃହ ମଣ୍ଡଳୀ ପାଇଁ ପି.ଇ ବ୍ୟବହାର କରିବା



## ଓଇକୋସ୍‌ର ପ୍ରଣାଳୀ

+ ଶାନ୍ତିପାତ୍ରଙ୍କ ମନପରିବର୍ତ୍ତନ ହେତୁ ଯେଉଁ ଲୋକମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଅଛନ୍ତି, ତଥାପି ଏକ ବିଶ୍ୱାସୀ ନୁହଁନ୍ତି ।



# ଅତିରିକ୍ତ ଅଂଶବିଶେଷ (ପରିଶିଷ୍ଟ)

ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଏବଂ ବାଇବଲ ଅଧ୍ୟୟନ ଉପକରଣ ବ୍ୟତୀତ
ଏକ ଗୃହ ବାଇବଲ ଅଧ୍ୟୟନ କିପରି ଚଳାଇବ

ଉପକରଣମାନ ................................................ ୮୯

# ପ୍ରାରମ୍ଭକାରୀ ସୁସମାଚାର ପ୍ରଚାରକ ଏବଂ ଏକ ଗୃହ ବାଇବଲ ଅଧ୍ୟୟନ କିପରି ବାଇବଲ ଅଧ୍ୟୟନ ଉପକରଣ ବ୍ୟତୀତ ଚଳାଇବ ।

## - ଥୋମାସ୍ ୱେଡ୍ ଆକିଁନଙ୍କ ଦ୍ୱାରା ଲିଖିତ

ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା କଞ୍ଚି ହେଉଛନ୍ତି ପବିତ୍ରଆତ୍ମା । ଯୀଶୁ ଯୋହନ ୧୬:୧୩-୧୪ରେ କହିଲେ, **"କିନ୍ତୁ ସେ ଅର୍ଥାତ୍, (ପବିତ୍ରଆତ୍ମା) ସତ୍ୟମୟଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ । ସେ ମୋତେ ଗୌରବାନ୍ୱିତ କରିବେ, କାରଣ ସେ ମୋ' ବିଷୟ ଘେନି ତୁମ୍ଭମାନଙ୍କୁ ଜଣାଇବେ ।"** ଯୀଶୁ, ସତ୍ୟ ଅଟନ୍ତି ଏବଂ ପବିତ୍ରଆତ୍ମା ହେଉଛନ୍ତି ଏକ ବ୍ୟକ୍ତି ଯେ କି ତୁମ ହୃଦୟରେ ସତ୍ୟ ପ୍ରକାଶ କରନ୍ତି ।

ତୁମେ କେବଳ ବାଇବଲ ପାଠ କରୁଥିବାବେଳେ ହଠାତ୍ ଏକ ଶାସ୍ତ୍ରାଂଶର ପଦ ତୁମ ହୃଦୟରେ ଆଲୋକପାତ କରିଛି ଓ ପବିତ୍ରଆତ୍ମା ତୁମକୁ ଏକ ସତ୍ୟ କହୁଥିବା ଅନୁଭବ କରିଛ କି ? ଏହା ମୋ' ପ୍ରତି ଅନେକଥର ଘଟିଛି । ଥରେ ମୁଁ କେତେକ ଅତି କଷ୍ଟକର ଓ କଠିନ ସମୟ ମଧ୍ୟଦେଇ ଯାଉଥିଲି । ସଂପୂର୍ଣ୍ଣ ଅନ୍ଧକାରର ଏକ ଗହ୍ୱରରେ ମୁଁ ଥିଲି । ତଥାପି ଗର୍ତ୍ତର ତଳ ଭାଗରେ ଆଲୋକ ଥିଲା - ଯୀଶୁଙ୍କ ଆଲୋକ । ଈଶ୍ୱରଙ୍କଠାରୁ ଏକ ବାକ୍ୟ ପାଇବା ପାଇଁ ମୁଁ ବାକ୍ୟ ପଢ଼ିବା ଆରମ୍ଭ କଲି । ମୁଁ ଯିଶାଇୟ ପୁସ୍ତକ ପଢ଼ିବା ଆରମ୍ଭ କଲି ଏବଂ ମୁଁ ୪୩ ଅଧ୍ୟାୟ ପଢ଼ିବାବେଳେ ଈଶ୍ୱରଙ୍କ ପବିତ୍ରଆତ୍ମା ହଠାତ୍ ୨ ପଦ ମୋ' ପ୍ରାଣ ମଧ୍ୟରେ ଆଲୋକପାତ କଲା, ଯାହା କହେ, **"ତୁମ୍ଭେ ଜଳ ମଧ୍ୟଦେଇ ଯିବାବେଳେ ଆମ୍ଭେ ତୁମ୍ଭର ସଙ୍ଗୀ ହେବା । ନଦନଦୀ ମଧ୍ୟରେ ଗମନ କଲେ ସେସବୁ ତୁମ୍ଭକୁ ମଗ୍ନ କରିବ ନାହିଁ, ତୁମ୍ଭେ ଅଗ୍ନି ମଧ୍ୟରେ ଗମନ କଲାବେଳେ ଦଗ୍ଧ ନୋହିବ କିଅବା ଅଗ୍ନିଶିଖା ତୁମ୍ଭର ଦାହ ଜନ୍ମାଇବ ନାହିଁ ।"** ଯେତେବେଳେ ଈଶ୍ୱର ମୋ' ହୃଦୟରେ ଏହି ସତ୍ୟ କହିଲେ ଏକ ମହାନ୍ ଶାନ୍ତି ମୋ' ପ୍ରାଣକୁ ଉଚ୍ଛୁଳାଇ ଦେଲା । ଏବେ ସୁଦ୍ଧା ମୁଁ ଅନେକ ଅନ୍ଧକାର ଦିନ ମଧ୍ୟରେ ଅଗ୍ନି ପରୀକ୍ଷା ଦ୍ୱାରା ଗମନ କରିବାକୁ ପଡ଼ିଥିଲା । କିନ୍ତୁ ମୁଁ ଜାଣିଥିଲି ଯେ ମୁଁ ଦଗ୍ଧ ହେବି ନାହିଁ କାରଣ ଈଶ୍ୱର ତାହାଙ୍କ ସତ୍ୟ ବ୍ୟକ୍ତିଗତଭାବେ ମୋତେ କହିଛନ୍ତି ।

ଏହା ନେତା ନିମନ୍ତେ ସ୍ମରଣ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ସେ ବାଇବଲ ଅଧ୍ୟୟନ ଶିକ୍ଷା ଦେଉନାହାନ୍ତି ମାତ୍ର ଏହା କଢ଼ାଇ ନେଉଛି । ସେ ଏକ ପଥରେ କଢ଼ାଇ ନେଉଛନ୍ତି ଯାହା ଯୋଗଦାନକାରୀମାନଙ୍କର ଅଂଶଗ୍ରହଣ ଆବଶ୍ୟକ କରେ । ସେ ଏହି ପଦଟି ପଢ଼ନ୍ତି ନାହିଁ ମାତ୍ର ଦଳରେ ଯେକୌଣସି ଏକ ଜଣକୁ ପଢ଼ିବାକୁ କହନ୍ତି । ସେ ଏହି ପଦରେ କେଉଁ ସତ୍ୟଗୁଡ଼ିକ ଅଛି କହନ୍ତି ନାହିଁ, ମାତ୍ର ପ୍ରଶ୍ନ ପଚାରନ୍ତି ସତ୍ୟମାନ ଆବିଷ୍କାର କରିବାକୁ ଦଳକୁ

ସାହାଯ୍ୟ କରିବା ପାଇଁ ସେ ପଦଟି ସେମାନଙ୍କ ପାଇଁ ପ୍ରୟୋଗ କରିଦିଅନ୍ତି ନାହିଁ, ମାତ୍ର ସେମାନଙ୍କୁ ତାଙ୍କ ଭାବଧାରା ପ୍ରଦାନ କରିବାକୁ କହନ୍ତି, ପଦଟିକୁ କିପରି ବ୍ୟକ୍ତିଗତ କରି ପ୍ରୟୋଗ କରାଯାଇପାରିବ ।

ଆମ୍ଭେମାନେ ଯେତେବେଳେ ଏକ ବାଇବଲ ଅଧ୍ୟୟନରେ ଏକ ଦଳକୁ କଢ଼ାଇ ନେଉ, ଆମର ଲକ୍ଷ୍ୟ ହେଉଛି ଈଶ୍ୱର ତାହାଙ୍କ ବାକ୍ୟ ମାଧ୍ୟମରେ ସତ୍ୟ କହିବାର ଶୁଣିବା । ନେତା, ଏକ ଦଳର ନେତା ରୂପେ ତାହାର ଦଳ ସହିତ ସାକ୍ଷାତ କରିବା ପୂର୍ବେ ନିମ୍ନଲିଖିତ ପଦକ୍ଷେପ ମଧ୍ୟଦେଇ ନିଜେ ଏକାକୀ ଯିବା ଉଚିତ । ଏକାକୀ ବାଇବଲ ଅଧ୍ୟୟନ କରୁଥିବାବେଳେ ଈଶ୍ୱର ସତ୍ୟଗୁଡ଼ିକୁ ତୁମକୁ କହିବେ ଯାହା ଦଳକୁ କହିବାକୁ ସେ ଚାହିଁବେ । ବାଇବଲ ଅଧ୍ୟୟନ କିପରି କରିବ ଏହାର ଅଧିକ ବାଖ୍ୟା ପାଇଁ "ଈଶ୍ୱରଙ୍କ ସ୍ୱର ଶୁଣିବା" ବିଭାଗ ଏହି ବହିର ପାଠ କର ୬୨ ପୃଷ୍ଠାରେ ଅଛି ।

ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ମୁଁ ପ୍ରସ୍ତାବିତ କରିବାକୁ ଇଚ୍ଛା କରେ :

**୧ ପଦକ୍ଷେପ :** ଅଧ୍ୟୟନ ପାଇଁ ନେତା ଏକ ଅନୁଚ୍ଛେଦ ବା ପାରାଗ୍ରାଫ ମନୋନୀତ କରିବେ । ସେ ବହିର ପ୍ରଥମ ପଦରୁ ଆରମ୍ଭ କରିପାରନ୍ତି ଏବଂ ପ୍ରତ୍ୟେକ ଅଧ୍ୟାୟର ପ୍ରତ୍ୟେକ ପଦ ଅଧ୍ୟୟନ ମଧ୍ୟ କରିପାରନ୍ତି । ଉଦାହରଣ ସ୍ୱରୂପ, ତୁମେ ଯୋହନଙ୍କ ସୁସମାଚାର ପ୍ରଥମ ଅଧ୍ୟାୟର ପ୍ରଥମ ପଦରୁ ଆରମ୍ଭ କରିପାର ।

**୨ ପଦକ୍ଷେପ :** ନେତା ଦଳର କୌଣସି ଜଣକୁ ଦଳର, ପ୍ରଥମ ପଦ ପାଠ କରିବାକୁ କହିବେ ।

**୩ ପଦକ୍ଷେପ :** ନେତା ପୁନର୍ବାର ପଦଟିକୁ ଆଧୁନିକ ଓ ସରଳ ଭାଷା ବ୍ୟବହାର କରି ପାଠ କରିବେ । ଅନ୍ୟ ଭାଷାରେ ସେ ପଦର ଭାଷା ବିନ୍ୟାସ (ସରଳ ଭାଷାରେ) କରିବେ । ସେ ଏକ ଅତି ସରଳ ଆକାରରେ ପଦଟି ପୁନଃସ୍ଥାପିତ କରିବେ ।

**୪ ପଦକ୍ଷେପ :** ପଦଟି ପାଠ କରିବା ପରେ ନେତା ପଦରେ ଆତ୍ମିକ ସତ୍ୟଗୁଡ଼ିକର ଅନ୍ୱେଷଣ କରିବାକୁ ପ୍ରଶ୍ନ ପଚାରିବେ । ଏହିପ୍ରକାର ପ୍ରଶ୍ନ ପଚାର : କିଏ, କ'ଣ, କେତେବେଳେ, କାହିଁକି ଓ କିପରି ।

ଏହି ପ୍ରକାର ପ୍ରଶ୍ନମାନ ପଚାର :

୧. ଈଶ୍ୱରଙ୍କ ବିଷୟରେ ଏହି ପଦ କ'ଣ କହେ ?

୨. ଯୀଶୁଙ୍କ ବିଷୟରେ ଏହି ପଦ କ'ଣ କହେ ?

୩. ପାପ ବିଷୟରେ ଏହି ପଦ କ'ଣ କହେ ?

୪. ବାଧ୍ୟତା ବିଷୟରେ ଏହି ପଦ କ'ଣ କହେ ?

୫. ମୋ' ବିଷୟରେ ଏହି ପଦ କ'ଣ କହେ ?

୬. ଏହି ପଦରେ ଆତ୍ମିକ ସତ୍ୟ ବା ସତ୍ୟସମୂହ କ'ଣ ଅଛି ?

**୫ ପଦକ୍ଷେପ :** ନେତା ତାହାପରେ ଏହି ପଦରେ ଆବିଷ୍କୃତ ସତ୍ୟଗୁଡ଼ିକ ସହିତ ସମ୍ପୃକ୍ତ ବାଇବଲରେ ଥିବା ଅନ୍ୟ ଅନୁଚ୍ଛେଦମାନ ବା ପଦସବୁ ଦଳକୁ ଦେଖାଇବା ଉଚିତ । ଅନ୍ୟ କଥାରେ, ଦଳକୁ ଅନ୍ୟ ଶାସ୍ତ୍ରାଂଶ ବା ପଦ ଦେଖାଅ ଯାହା ଏହି ପଦରେ ଥିବା ସତ୍ୟକୁ ଉଦାହରଣ ସହ ବୁଝାଇ ଦେବ ଓ ଆଲୋକ ପ୍ରଦାନ କରିବ ।

**୬ ପଦକ୍ଷେପ :** ନେତା ତାହାପରେ ପଦକୁ ପ୍ରୟୋଗ କରିବା ଉଚିତ । ପଦରେ ନିଜ ନାମ ବସାଇବା ଦ୍ୱାରା ପଦଟିକୁ ବ୍ୟକ୍ତିଗତରେ ପରିଣତ କର । ପ୍ରତ୍ୟେକ ସତ୍ୟକୁ ଏକ ବ୍ୟକ୍ତିଗତ ଭାବରେ ଆଲୋଚନା କର ଓ ଏହାକୁ ଦଳର ପ୍ରତ୍ୟେକ ବ୍ୟକ୍ତି ପ୍ରତି ପ୍ରୟୋଗ କର । ଏହି ପ୍ରଶ୍ନ ପ୍ରତ୍ୟେକ ବ୍ୟକ୍ତିକୁ ପଚାର : ଏହି ପଦରେ ଥିବା ସତ୍ୟ ତୁମ ପ୍ରତି କିପରି ପ୍ରଯୁଜ୍ୟ । ବ୍ୟକ୍ତିଗତଭାବେ ଏହି ପଦ ତୁମକୁ କ'ଣ କହୁଅଛି ଏବଂ ତୁମ ଦଳର ପ୍ରତ୍ୟେକ ବ୍ୟକ୍ତିକୁ ପ୍ରତ୍ୟୁତ୍ତର ଦେବାକୁ ଅନୁମତି ଦିଅ ।

**୭ ପଦକ୍ଷେପ :** ଏହି ନିର୍ଦ୍ଧାରିତ କାର୍ଯ୍ୟ ପଦ୍ଧତି ଏହି ପ୍ରଥମ ପଦ ପାଇଁ ଅବଲମ୍ବନ କରିବା ପରେ ଦ୍ୱିତୀୟ ପଦରେ ଏହା ଚାଲୁ ରଖ ଏବଂ ସମୁଦାୟ ପୁସ୍ତକରେ ପ୍ରତ୍ୟେକ ପଦ ଅଧ୍ୟୟନ କରିବାକୁ ଏହି ପଦ୍ଧତି ବ୍ୟବହାର କର ।

**୮ ପଦକ୍ଷେପ :** ଅଧ୍ୟୟନ ଶେଷରେ ଦଳକୁ ପ୍ରାର୍ଥନାରେ ଚାଳନା ଦିଅ ଏବଂ ଅନୁଚ୍ଛେଦ ଅଧ୍ୟୟନରେ ଆବିଷ୍କୃତ ଆତ୍ମିକ ସତ୍ୟଗୁଡ଼ିକ ବିଷୟ ପ୍ରାର୍ଥନା କର ।

## ଉଦାହରଣ

**୧ ପଦକ୍ଷେପ :** ପୁସ୍ତକ ବା ଶାସ୍ତ୍ରାଂଶ ମନୋନୀତ କର । ଆମ୍ଭମାନଙ୍କ ଉଦ୍ଦେଶ୍ୟ ପାଇଁ, ଆମେ ଯୋହନଙ୍କ ସୁସମାଚାର ମନୋନୀତ କରିବା ।

**୨ ପଦକ୍ଷେପ :** ଦଳରେ କୌଣସି ଜଣକୁ ପ୍ରଥମ ପଦ ପଢ଼ିବାକୁ କୁହ । ଯୋହନ ୧:୧, "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।"

**୩ ପଦକ୍ଷେପ :** ପଦଟିର ପଦ ବିନ୍ୟାସ କର (ବୁଝାଇ ଦିଅ) । ଏହି ପଦ କହୁଅଛି ଯେ ଆଦ୍ୟରେ ସୃଷ୍ଟିକର୍ତ୍ତା ଥିଲେ ଏବଂ ସେ ଉଭୟ ଥିଲେ, ଈଶ୍ୱରଙ୍କ ସଙ୍ଗରେ ଥିଲେ ଓ ଈଶ୍ୱର ଥିଲେ ।

**୪ ପଦକ୍ଷେପ :** ପ୍ରଶ୍ନମାନ :

୧. ଈଶ୍ୱରଙ୍କ ବିଷୟରେ ପଦଟି କ'ଣ କହେ ? ସେ ଆଦ୍ୟରୁ ଅଛନ୍ତି । ସେ ଆଦ୍ୟ ଅଟନ୍ତି । ସେ ବାକ୍ୟ ଅଟନ୍ତି ।

୨. ଯୀଶୁଙ୍କ ବିଷୟରେ ଏହି ପଦଟି କ'ଣ କହେ ? ଯଦି ତୁମେ ୧୪ ପଦ ପଢ଼, ତୁମେ ଦେଖିବ ଯେ ବାକ୍ୟ ଯୀଶୁ ଅଟନ୍ତି । ସେଥିପାଇଁ ଯୀଶୁଖ୍ରୀଷ୍ଟ ଈଶ୍ୱର ଅଟନ୍ତି ।

**୫ ପଦକ୍ଷେପ :** ଅନ୍ୟ ସମ୍ପୃକ୍ତ ପଦମାନ ପଢ଼ । ଯୋହନ ୧:୧୪ କହେ, **"ଆଉ ସେହି ବାକ୍ୟ ଦେହବନ୍ତ ହେଲେ ଏବଂ ...ଆମ୍ଭମାନଙ୍କ ମଧ୍ୟରେ ବାସ କଲେ । ଆଉ ପିତାଙ୍କଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ ।"**

୧. କିଏ ଦେହବନ୍ତ ହେଲେ ? ଯୀଶୁ
୨. କିଏ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ ?
୩. କିଏ ତାହାଙ୍କ ମହିମା ଦେଖିଲେ ? ଯୋହନ, ଯେଉଁ ବ୍ୟକ୍ତି ଏହି ପୁସ୍ତକ ଲେଖିଅଛନ୍ତି ।
୪. ଯୋହନ ଯୀଶୁଙ୍କଠାରେ କ'ଣ ଦେଖିଲେ ? ତାହାଙ୍କ ମହିମା
୫. "ତାହାଙ୍କ ମହିମା" କହିଲେ କ'ଣ ବୁଝାଏ ? ଏହା ବୁଝାଏ ଯେ ସେ ଉଚ୍ଚୀକୃତ ଓ ଗୌରବାନ୍ୱିତ ଥିଲେ ।
୬. ଯୋହନ ଯୀଶୁଙ୍କଠାରେ ଅନ୍ୟ କେଉଁ ବିଷୟ ଦେଖିଲେ ? ସେ ତାହାଙ୍କ ପିତାଙ୍କଠାରୁ ଆଗତ ।
୭. ଯୋହନ ଯୀଶୁଙ୍କଠାରେ ଅନ୍ୟ କେଉଁ ବିଷୟ ଦେଖିଲେ ? ସେ ଅନୁଗ୍ରହରେ ପୂର୍ଣ୍ଣ ଥିଲେ ।
୮. ଅନୁଗ୍ରହ କ'ଣ ? ଅନୁଗ୍ରହ ହେଉଛି, ଈଶ୍ୱର ଆମ୍ଭମାନଙ୍କ ପାଇଁ ବିଷୟମାନ କରୁଅଛନ୍ତି, ଯେଉଁସବୁ ପାଇଁ ଆମେ ଯୋଗ୍ୟ ନୋହୁଁ । ଯୀଶୁ ହେଉଛନ୍ତି ଅନୁଗ୍ରହ ।
୯. ସତ୍ୟ କ'ଣ ? ସତ୍ୟ ହେଉଛି ମିଥ୍ୟାର ବିପରୀତ । ଯୀଶୁ ହେଉଛନ୍ତି ସଂପୂର୍ଣ୍ଣ ସତ୍ୟ, ଯାହାଠାରେ ସେ ଅଛନ୍ତି ଏବଂ ସେ ଯାହାକିଛି କହିଅଛନ୍ତି ସମସ୍ତ ହିଁ ସତ୍ୟ ।

**୬ ପଦକ୍ଷେପ :** ପଦଟି ପ୍ରୟୋଗ କର । ଏହି ପଦ ଆମ୍ଭମାନଙ୍କୁ କ'ଣ ଶିକ୍ଷା ଦିଏ ? ଏହି ପଦରେ କେଉଁ **ଆତ୍ମିକ ସତ୍ୟମାନ** ଅଛି ? ସେଗୁଡ଼ିକୁ ବ୍ୟକ୍ତିଗତରେ ପରିଣତ କର । ନେତା ତାଙ୍କ ଦଳକୁ ପ୍ରତ୍ୟୁତ୍ତର ଦେବାକୁ ଅନୁମତି ଦେବା ଉଚିତ ।

ପଦରେ କେତେକ ସତ୍ୟ :

୧. ଆଦ୍ୟରେ ଈଶ୍ୱର ଥିଲେ ।
୨. ତାହାଙ୍କର ଆରମ୍ଭ ବା ଆଦି ନାହିଁ କିଅବା ଶେଷ ବା ଅନ୍ତ ନାହିଁ ।
୩. ସେ ଅନନ୍ତକାଳୀନ ଅଟନ୍ତି ।
୪. ଯୀଶୁ ଈଶ୍ୱର ଅଟନ୍ତି ।
୫. ଯୀଶୁ ଜଗତର ସୃଷ୍ଟିକର୍ତ୍ତା ଅଟନ୍ତି ।
୬. ଯୀଶୁ ମୋତେ ସୃଷ୍ଟି କଲେ (ଏହା ବ୍ୟକ୍ତିଗତରେ ପରିଣତ କର) ।

୭. ଯୀଶୁ ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ । ମୁଁ ଯାହା ପାଇବାକୁ ଯୋଗ୍ୟ ନ ଥିଲେ ଯୀଶୁ ତାହା ମୋତେ ଦେଲେ । ସତ୍ୟ କ'ଣ ଯୀଶୁ ମୋତେ ଶିକ୍ଷା ଦେଲେ (ବ୍ୟକ୍ତିଗତ ସର୍ବନାମ ବ୍ୟବହାର କରିବାକୁ ସ୍ମରଣ ରଖ) ।

**୭ ପଦକ୍ଷେପ :** ପରବର୍ତ୍ତୀ ପଦ ପଢ଼ ଓ ଏହି ସମାନ ପଦ୍ଧତି ବ୍ୟବହାର କର । ଏହି ନିର୍ଦ୍ଦିଷ୍ଟ କାର୍ଯ୍ୟ ପଦ୍ଧତି ସପ୍ତାହ ପରେ ସପ୍ତାହ ସମୁଦାୟ ପୁସ୍ତକ ମଧ୍ୟରେ ବ୍ୟବହାର କର । ଯୋହନ ସମାପ୍ତ କଲାପରେ ତୁମେ ଅନ୍ୟ ଏକ ପୁସ୍ତକ ମନୋନୀତ କର ଓ ସମାନ କାର୍ଯ୍ୟପଦ୍ଧତି ବ୍ୟବହାର କର ।

**୮ ପଦକ୍ଷେପ :** ପ୍ରାର୍ଥନାରେ ଏହା ସମାପ୍ତ କର, ମାତ୍ର ଈଶ୍ୱର ତୁମକୁ ଓ ତୁମ ଦଳକୁ ଅଧ୍ୟୟନ କରିଥିବା ଶାସ୍ତ୍ରାଂଶ ମାଧ୍ୟମରେ ଯେଉଁ ଆତ୍ମିକ ସତ୍ୟ ପ୍ରକାଶ କଲେ, ସେଥିପାଇଁ ପ୍ରାର୍ଥନା କର ।

ଏକ ବାଇବଲ ଅଧ୍ୟୟନ ଚଳାଇବାବେଳେ ଚାଳନା ଦେବାକୁ ଥିବା ଅନେକ ଉତ୍ତମ ପୁସ୍ତକମାନ ବ୍ୟବହାର କରିବା ଉଚିତ । ମାତ୍ର ଏହା ମଧ୍ୟ ଉତ୍ତମ ବିଷୟ ଯେ କେବଳ ବାଇବଲ ବ୍ୟବହାର କରିବ, ଏଠାରେ ପ୍ରକାଶ କରାଯାଇଥିବା ପଦ୍ଧତିରେ ପ୍ରଶ୍ନମାନ ପଚାରିବା ସହିତ । ତେବେ ପବିତ୍ରଆତ୍ମା ସେମାନଙ୍କ ହୃଦୟମାନଙ୍କରେ ତାହା ରଖିବାକୁ ସେମାନଙ୍କୁ ସାହାଯ୍ୟ କରିବେ । ବାଇବଲ ଅଧ୍ୟୟନ କେବେହେଲେ ଚାଳିତ କର ନାହିଁ ଏହା କହି ଯେ, ଏହା ବୁଝାଇବାକୁ ଅନ୍ୟ କୌଣସି ପୁସ୍ତକ ଇତ୍ୟାଦି ମିଳିଲା ନାହିଁ । ପବିତ୍ରଆତ୍ମା ତାହାଙ୍କ ସତ୍ୟ ସବୁରେ ହୃଦୟକୁ ପ୍ରେରଣା ଦେବାକୁ ଓ ହୃଦୟରେ ଆଲୋକପାତ କରିବାକୁ ଅନୁମତି ଦେବାର ଆନନ୍ଦ ଆବିଷ୍କାର କର ।